କଟକ
ମଙ୍ଗଳବାର ୬ ଅକ୍ଟୋବର, ୨୦୨୬
ପ୍ରାତଃ ସଂସ୍କରଣ

October 6, 2026 Cuttack
Vol - XXIV, Issue - 186
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ସାଇବେରିଆରେ ନ୍ୟୁମୋନିକ ପ୍ଲେଗ୍ ଆତଙ୍କ

**ନୂଆଦିଲ୍ଲୀ,୫।୧୦(ନି.ପ୍ର):** ସାଇବେରିଆରେ ନ୍ୟୁମୋନିକ ପ୍ଲେଗ୍ ମହାମାରୀକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଇର୍କୁଟସ୍କ ଅଞ୍ଚଳରେ ଜଣେ ମହିଳା କର୍ମଚାରୀଙ୍କର ଏଥିରେ ମୃତ୍ୟୁ ହେବା ପରେ ଏହା ଭୟର ବାତାବରଣ ସୃଷ୍ଟି କରିଛି। ୨୦୦ଜଣଙ୍କ ଉପରେ ରୁଷ ପକ୍ଷରୁ କଡ଼ା ନଜର ରଖାଯାଇଛି। ନ୍ୟୁମୋନିକ ପ୍ଲେଗ୍ ହେଉଛି ପ୍ଲେଗ୍ ମହାମାରୀର ଏକ ଅତ୍ୟନ୍ତ ଗୁରୁତର ରୂପ।

ଟ୍ରେନିଂ ଏବଂ ନିଯୁକ୍ତି ବିଜ୍ଞାପନ
SAFETY & FIRE ENGINEERING COURSES
ଓଡ଼ିଶା ଏବଂ ଓଡ଼ିଶା ବାହାରେ ଥିବା STEEL PLANT, POWER PLANT, ALUMINUM, OIL REFINERY, PROJECT ଏବଂ CONSTRUCTION COMPANY ପାଇଁ ନିମ୍ନ ପଦବୀ ପାଇଁ ଆବଶ୍ୟକ।
ଯୋଗ୍ୟତା:- H.S.C PASS / +2 / ITI / Diploma / B. Tech / Any Graduate ▪ Age: 18 to 35 years
AFTER TRAINING SALARY : Rs. 18, 000/- to Rs. 25, 000/-
ଟ୍ରେନିଂ ପରେ ନିଶ୍ଚିତ ନିଯୁକ୍ତି
▪ FIREMAN ▪ FIRE SUPERVISOR ▪ FIRE OFFICER ▪ SAFETY STEWARD ▪ SAFETY SUPERVISOR ▪ SAFETY OFFICER ▪ SAFETY ENGINEER ▪ SAFETY MANAGER
100 % Job Limited Seats
INSTITUTE OF INDUSTRIAL SAFETY AND FIRE MANAGEMENT
(An ISO 9001:2015 & OHSAS Certified Institute)
B/48, 1st Floor, BDA Duplex Colony, Baramunda, Bhubaneswar, Odisha, Pin-751003
Cont.: 9337712395, Email: iisfm.educ@gmail.com, web: www.iisfm.co.in

## ୧୫ରେ ଛାତ୍ର ସଂସଦ ନିର୍ବାଚନ

# ବିଗୁଲ ବାଜିଲା, କ୍ୟାମ୍ପସ ଦୁଲୁକିଲା

### ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ୫ ହଜାର ଟପିବନି

### ସୋସିଆଲ ମିଡ଼ିଆ ଉପଯୋଗ ଉପରେ କଟକଣା

### ଏଆଇ ଆଧାରିତ ଫେକ୍ କଣ୍ଟେଣ୍ଟ ମନା

**ଭୁବନେଶ୍ୱର,୫।୧୦(ନି.ପ୍ର):** ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଗୁଲ ବାଜିଛି। କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଦୁଲୁକୁଛି। କ୍ୟାମ୍ପସରେ ଖୁସିର ଲହର। କେଉଁଠି ଛାତ୍ର ଛାତ୍ରୀ ମିଠା ବାଣ୍ଟିଛନ୍ତି ତ କେଉଁଠି ବିରିଆନୀ, କେଉଁଠି ବାଜା ବାଜିଛି ତ କେଉଁଠି ବାଣ ଫୁଟିଛି।

ଦୀର୍ଘ ୮ ବର୍ଷର ଅପେକ୍ଷାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା ୨୦୧୭ରେ। ଏହା ପରଠାରୁ ନିର୍ବାଚନରେ ରୋକ୍ ଲାଗିଥିଲା। ୨୦୨୪ନିର୍ବାଚନରେ ବିଜେପି ତା'ର ନିର୍ବାଚନ ଇସ୍ତାହାରରେ କହିଥିଲା ଯେ, ଦଳ କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ ହେବ। ସୋମବାର ଛାତ୍ର ସଂସଦ ନିର୍ବାଚନ ପାଇଁ ବିଗୁଲ ବାଜିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ସେ କହିଛନ୍ତି, ନିର୍ବାଚନରେ ଇସ୍ତାହାରରେ ଆମେ ଛାତ୍ର ସଂସଦ ନିର୍ବାଚନ ହେବା ପାଇଁ ଘୋଷଣା କରିଥିଲୁ। କ୍ୟାମ୍ପସରେ ରହିଥିବା ଅସୁବିଧାଗୁଡ଼ିକ ଦୂର କରାଯିବା ପରେ ଏବେ ନିର୍ବାଚନ ଘୋଷଣା କରୁଛୁ। ୨୦୧୭ରୁ ଏହି ନିର୍ବାଚନ ବନ୍ଦ କରାଯାଇଥିଲା, ଆମ ସରକାର ନିର୍ବାଚନ ଘୋଷଣା କରିଛନ୍ତି। ଛାତ୍ର ଛାତ୍ରୀ ଗଣତନ୍ତ୍ରର ଗୁରୁତ୍ୱ ବୁଝିବା ପାଇଁ, ଗଣତନ୍ତ୍ରର ଦାୟିତ୍ୱ ନେବା ପାଇଁ ଓ ଭବିଷ୍ୟତରେ ନେତୃତ୍ୱ ନେବାର ଅଭିଜ୍ଞତା ହାସଲ ପାଇଁ ଏ ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ।



ଘୋଷଣା ଅନୁଯାୟୀ, ୭ ଅକ୍ଟୋବରରେ କଲେଜ ପକ୍ଷରୁ ଏଥିପାଇଁ ନିଜସ୍ୱ ଆଧିକାରିକ ନୋଟିଫିକେସନ ଜାରି ହେବ। ପ୍ରାର୍ଥୀ ପତ୍ର ଦାଖଲ ଓ ସ୍କ୍ରୁଟିନି ୯ ତାରିଖରେ। ୧୦ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା। ୧୪ରେ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ମିଟିଂ। ୧୫ରେ ନିର୍ବାଚନ, ଗଣତି ଓ ଫଳାଫଳ ଘୋଷଣା। ୧୬ରେ ଶପଥ ଗ୍ରହଣ ସମାରୋହ। ଦଶହରା ଛୁଟି ପୂର୍ବରୁ ଶେଷ ହେବ ସମସ୍ତ ପ୍ରକ୍ରିୟା।

ଛାତ୍ର ସଂସଦ ନିର୍ବାଚନକୁ ନେଇ ମଧ ଆସିଛି ନିର୍ଦ୍ଦେଶାବଳୀ। ଏହାକୁ ପାଳନ କରିବାକୁ ପଡ଼ିବ। ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ୫ ହଜାର ଟଙ୍କା ଟପିବ ନାହିଁ। ୨ ସପ୍ତାହ ମଧ୍ୟରେ କଲେଜ ବା ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାର୍ଥୀ ହିସାବ ଦେବେ। କ୍ୟାମ୍ପସ ବାହାରେ ହେବ ନାହିଁ ଶୋଭାଯାତ୍ରା ଓ ବୈଠକ। କଲେଜରେ ଶୋଭାଯାତ୍ରା ଓ ବୈଠକ ପାଇଁ ଆଗୁଆ ଅନୁମତି ନେବାକୁ ହେବ। ଛପା ଯାଇଥିବା ପୋଷ୍ଟର ଓ ପାମ୍ଫ୍ଲେଟ ମନା କରାଯାଇଛି, କେବଳ ହାତ ତିଆରି ପୋଷ୍ଟର ବ୍ୟବହାର ହେବ। ନିର୍ବାଚନ ପ୍ରଚାର ସମୟରେ ସୋସିଆଲ ମିଡ଼ିଆ ଉପଯୋଗ ଉପରେ ଜାରି କରାଯାଇଛି କଟକଣା। ଆପତ୍ତିଜନକ ଓ ଅପମାନଜନକ ଭାଷା ସୋସିଆଲ ମିଡ଼ିଆରେ ବ୍ୟବହାର କରିପାରିବେ ନାହିଁ। ଏଆଇ ଆଧାରିତ ଫେକ୍ କଣ୍ଟେଣ୍ଟ ପ୍ରଚାରକୁ ମଧ ମନା କରାଯାଇଛି। କେହି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିପାରିବେ ନାହିଁ।

କେବଳ ଏତିକି ନୁହେଁ, ଗୋଟିଏ ପଦ ପାଇଁ ଥରେ ଲଢ଼ିପାରିବେ। ୟୁଜି ଛାତ୍ର ଛାତ୍ରୀଙ୍କ ବୟସ ୧୭ ରୁ ୨୨ ବର୍ଷ ଏବଂ ପିଜି ଛାତ୍ର ଛାତ୍ରୀଙ୍କ ସର୍ବାଧିକ ବୟସ ୨୫ ବର୍ଷ ସ୍ଥିର କରାଯାଇଛି। ଅତିକମ୍‌ରେ ୭୫% କ୍ଲାସ ଉପସ୍ଥାନ ଜରୁରୀ। ବ୍ୟାକ୍ ପେପର ନଥିବ ଏବଂ ଅପରାଧିକ ରେକର୍ଡ଼ ନଥିବ। ଯଦି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇଥିବ ତେବେ ପ୍ରାର୍ଥୀ ହୋଇପାରିବେ ନାହିଁ। ଭୋଟ୍ ଗ୍ରହଣ ଶେଷ ହେବାର ୪୮ ଘଣ୍ଟା ମଧ୍ୟରେ କ୍ୟାମ୍ପସ ସଫା କରିବେ। ସେଲ୍ଫ ଫାଇନାନ୍ସିଂ କୋର୍ସ ଛାତ୍ର ଛାତ୍ରୀ ନିର୍ବାଚନରେ ଭାଗ ନେଇପାରିବେ ନାହିଁ।

## ପ୍ରାକ୍ ନିର୍ବାଚନୀ ତାତି

**ଭୁବନେଶ୍ୱର,୫।୧୦(ନି.ପ୍ର):** ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ହେଉ ହେଉ କେତୋଟି କଲେଜରେ ମଧ ଦେଖିବାକୁ ମିଳିଛି ନିର୍ବାଚନୀ ତାତି। ଖଲିକୋଟ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ଘୋଷଣା ପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମିଷ୍ଟାନ ବଣ୍ଟନ ହୋଇଥିଲା, ବାଣ ମଧ ଫୁଟିଥିଲା। କିନ୍ତୁ ଏହା ପରେ ବଦଳି ଯାଇଥିଲା ମାହୋଲ। ଦୁଇ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିଲା ଉତ୍ତେଜନା। ଗେଟ୍ ବନ୍ଦ କରି ଦିଆଯାଇଥିଲା। ପୋଲିସ ଜଗି ରହିଥିଲା। ୯ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା।

ଯାଜପୁରରେ ଏନ୍‌ସି କଲେଜରେ ମଧ ସୃଷ୍ଟି ହୋଇଥିଲା ଉତ୍ତେଜନା। ଅଣ ଛାତ୍ରଙ୍କ ପ୍ରବେଶକୁ ନେଇ ଅସନ୍ତୋଷ ବଢ଼ିବା ପରେ ଏହି ଉତ୍ତେଜନା ସୃଷ୍ଟି ହୋଇଥିବା କୁହାଯାଉଛି। ଫଳରେ ପ୍ରାୟ ଦେଢ଼ ଘଣ୍ଟା ଧରି ଗେଟ୍‌ରେ ତାଲା ପଡ଼ିଥିଲା। ପୋଲିସ ପହଞ୍ଚିବା ପରେ ତାଲା ଖୋଲିଥିଲା।

## ଜଳଖିଆ ଦୋକାନରେ ପଶିଗଲା ହାଇୱା

## ଅଳ୍ପକେ ବର୍ତ୍ତିଲେ ୧୫ ଜଣ

**ଅନୁଗୁଳ,୫।୧୦(ନି.ପ୍ର):** ଅନୁଗୁଳରୁ ଛେଣ୍ଡିପଦା ଯାଇଥିବା ୬୩ ନମ୍ବର ରାଜ୍ୟ ରାଜପଥ ନିଶା ଶିଳ୍ପାଞ୍ଚଳ ଥାନା ନିଶା ଛକରେ ଘଟିଛି ଏକ ବଡ ଦୁର୍ଘଟଣା। ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ଟ୍ରକ୍ ଭାରସାମ୍ୟ ହରାଇ ଜଳଖିଆ ଦୋକାନ ଭିତରେ ପଶିଯାଇଛି। ଖବର ପାଇ ନିଶା ଶିଳ୍ପାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି। ଶୋଇଥିବା ଅବସ୍ଥାରେ ୧୫ ଜଣଙ୍କ ଜୀବନ ଅଳ୍ପକେ ବଞ୍ଚିଯାଇଥିବ ବେଳେ ହାଇୱା ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହାଇୱାଟି ଚଣ୍ଡିଖୋଲରୁ ଛେଣ୍ଡିପଦା ନୟନୀ କୋଇଲା ଖଣିକୁ କୋଇଲା ଲୋଡିଂ ପାଇଁ ଯାଉଥିଲା। ଦୁର୍ଘଟଣା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ୍ ଅଟକି ରହିଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଗତ ଏକ ମାସରେ ଏହି ରାସ୍ତାରେ ୧୦ଟି କୋଇଲା ଟ୍ରକ୍ ଦୁର୍ଘଟଣା ଓ ୧୫ରୁ ଅଧିକ ଗାଈଗୋରୁଙ୍କ ମୃତ୍ୟୁ ହୋଇଛି।

## ଖୁବ୍‌ଶୀଘ୍ର ପୋଲିସ ଏସ୍‌ଆଇ ପରୀକ୍ଷା

**ଭୁବନେଶ୍ୱର,୫।୧୦(ନି.ପ୍ର):** ପୋଲିସ ଏସ୍‌ଆଇ ପରୀକ୍ଷାକୁ ନେଇ ଦୀର୍ଘ ପ୍ରାୟ ଏକବର୍ଷ ଧରି ଲାଗି ରହିଥିବା ଅନିଶ୍ଚିତତା ଦୂର ହେବାକୁ ଯାଉଛି। ଖୁବଶୀଘ୍ର ପୋଲିସ ଏସ୍‌ଆଇ ପରୀକ୍ଷା ହେବ। ଏନେଇ ଆସନ୍ତା ସପ୍ତାହରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ରହିଛି। ଓଡ଼ିଶା ୟୁନିଫର୍ମଡ୍ ଷ୍ଟାଫ ସିଲେକ୍ସନ ସର୍ଭିସ(ଓୟୁଏସ୍‌ଏସ୍‌ଏସ୍) କମିଶନ ଅଧକ୍ଷ ରଶ୍ମୀରଞ୍ଜନ ସ୍ୱାଇଁଙ୍କ ଅନୁଯାୟୀ, ଏହାସହିତ ରାଜ୍ୟର ସମସ୍ତ ୟୁନିଫର୍ମ ସର୍ଭିସରେ ନିଯୁକ୍ତି ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବା ନିମନ୍ତେ ଏକକ ବା କମ୍ବାଇଣ୍ଡ ପରୀକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ସ୍ଥଗିତ ରହିଥିବା ପୋଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷାର ପ୍ରାର୍ଥୀମାନଙ୍କ ଡାଟା ପୂର୍ବରୁ ଫରେନସିକ୍ ଲ୍ୟାବ୍ ଓ କୋର୍ଟ ଇନଭେଷ୍ଟିଗେସନ୍ ଯୋଗୁ ଫସି ରହିଥିଲା। ଏବେ ଏହି ଆଇନଗତ ସମସ୍ୟାର ସମାଧାନ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ସପ୍ତାହ ମଧ୍ୟରେ ଅଫିସିଆଲ ୱେବସାଇଟ୍ ତଥା ବିଭିନ୍ନ ମିଡିଆ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯିବ।

ପ୍ରାର୍ଥୀମାନେ ନିଜର ପଞ୍ଜିକୃତ ମୋବାଇଲ୍ ନମ୍ବର ଓ ଇମେଲକୁ ଆସିବାକୁ ଥିବା ଓଟିପି ଜରିଆରେ ନିଜର ତଥ୍ୟ ବା କ୍ରେଡେନ୍ସିଆଲକୁ ରିଭାଲିଡେଟ୍ କରିବେ। ଏହି ତଥ୍ୟ ଯାଞ୍ଚ ପରେ ପରୀକ୍ଷାର୍ଥୀଙ୍କ ପାଇଁ ଆଡମିଟ୍ କାର୍ଡ ଜାରି କରାଯିବ। ପୂର୍ବ ନୋଟିଫିକେସନରେ ଥିବା ସମସ୍ତ ନିୟମ, ସର୍ତ୍ତାବଳୀ ଓ ସିଲାବସ୍ ଅନୁସାରେ ହିଁ ଏହି ପରୀକ୍ଷା ପରିଚାଳନା କରିବାକୁ ଶତପ୍ରତିଶତ ଚେଷ୍ଟା କରାଯାଉଛି। ପରୀକ୍ଷା କେବେ କରାଯିବ ସେନେଇ କମିଶନଙ୍କ ସାମୂହିକ ବୈଠକ ପରେ ତାରିଖ ଚୂଡ଼ାନ୍ତ କରାଯିବ ଓ କମିଶନଙ୍କ ବିଧିବଦ୍ଧ ବିଜ୍ଞପ୍ତି ଜରିଆରେ ଏହା ଘୋଷଣା ହେବ। ଚଳିତ ଶୀତ ଋତୁ ଶେଷ ହେବା ପୂର୍ବରୁ ଶାରୀରିକ ଦକ୍ଷତା ପରୀକ୍ଷା ସହିତ ସମସ୍ତ ପ୍ରକ୍ରିୟା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ବନ୍ଦ ହେଲା ହୀରାକୁଦର ସମସ୍ତ ଗେଟ୍

**ସମ୍ବଲପୁର,୫।୧୦(ନି.ପ୍ର):** ତିନିଦିନ ଧରି ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ରହିବା ପରେ ସୋମବାର ଜଳସ୍ତର ସାମାନ୍ୟ ହ୍ରାସ ପାଇଛି। ତେଣୁ ଜଳଭଣ୍ଡାରର ଖୋଲାଥିବା ଏକମାତ୍ର ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରିଦିଆଯାଇଛି। ସୂଚନା ଅନୁଯାୟୀ, ଜଳଭଣ୍ଡାରର ଜଳସ୍ତର ୬୨୯.୯୭ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨୧,୪୬୮ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୩୨,୩୦୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ପାୱାର ଚ୍ୟାନେଲରେ ୨୭,୩୯୪, ବରଗଡ଼ କେନାଲରେ ୪୦୮୬ ଘନଫୁଟ, ଶାସନ କେନାଲରେ ୫୦୦ ତଥା ସମ୍ବଲପୁର କେନାଲରେ ୧୦୫ ଘନଫୁଟ ଏବଂ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ୨୨୧ ଘନଫୁଟ ଜଳ ନିଷ୍କାସନ ହେଉଛି। ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ।

## ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଜନାଥ



**କୋରାପୁଟ, ୫।୧୦(ନି.ପ୍ର):** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓଡ଼ିଶା ଗସ୍ତରେ ଆସୁଥିବା ଜଣାଯାଇଛି। ମଙ୍ଗଳବାର ରାଜନାଥ କୋରାପୁଟ ଗସ୍ତ କରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଏଚ୍‌ଏଏଲ୍) ଏକ ସମାରୋହରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ଯୋଗଦେବେ।

ଦୀର୍ଘ ଛଅ ଦଶନ୍ଧି ଧରି କୋରାପୁଟର ଏଚ୍‌ଏଏଲ୍ ଭାରତର ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇ ଆସୁଛି। ସେନାବାହିନୀର ପରିଚାଳନାଗତ ପ୍ରସ୍ତୁତିରେ ମଧ ସହାୟକ ହେଉଛି ଏହି ପ୍ରତିଷ୍ଠାନ । ଏହି ସମାରୋହରେ ୨୧୮ କୋଟି ଟଙ୍କାର ନିବେଶ ସହିତ ଶକ୍ତି ଇଞ୍ଜିନର ଦ୍ୱିତୀୟ ନିର୍ମାଣ ଲାଇନର ଶୁଭାରମ୍ଭ କରାଯିବ। ଏହି ଅତିରିକ୍ତ କ୍ଷମତା ଧ୍ରୁବ ଅତ୍ୟାଧୁନିକ ହାଲୁକା ହେଲିକପ୍ଟର ଏବଂ ପ୍ରଚଣ୍ଡ ହାଲୁକା ଯୁଦ୍ଧ ହେଲିକପ୍ଟର ସମେତ ବିଭିନ୍ନ ସ୍ୱଦେଶୀ ହେଲିକପ୍ଟର ନିର୍ମାଣର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବ।

## ମେଡ଼ିସିନରେ କ୍ରାନ୍ତି ପାଇଁ ନୋବେଲ ପୁରସ୍କାର

**ଓସ୍‌ଲୋ,୫।୧୦(ଏଜେନ୍ସି):** ୨୦୨୬ ପାଇଁ ମେଡ଼ିସିନରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ୩ ଜଣ ସ୍ନାୟୁ ବିଜ୍ଞାନୀ ଆଲୋକ-ନିୟନ୍ତ୍ରିତ ଆୟନ ଚ୍ୟାନେଲ ଓ ଅପ୍ଟୋଜେନେଟିକ୍ସ ଉପରେ ସେମାନଙ୍କର ଆବିଷ୍କାର ପାଇଁ ଆମେରିକାର କାର୍ଲ ଡାଇସେରୋଥ, ଜର୍ମାନୀର ପିଟର ହେଗେମାନ ଓ ଜର୍ଜ ନାଗେଲ ପାଇବେ ଏହି ମର୍ଯ୍ୟାଦାଜନକ ପୁରସ୍କାର। ପାରମ୍ପରିକ ନ୍ୟୁରୋସାଇନ୍ସ ମସ୍ତିଷ୍କ ନ୍ୟୁରନଗୁଡ଼ିକୁ ଉତ୍ତେଜିତ କରିବା ପାଇଁ ଇଲେକ୍ଟ୍ରୋଡ୍ ବ୍ୟବହାର କରୁଥିଲା, ଯାହା ଅତ୍ୟନ୍ତ ଆକ୍ରମଣାତ୍ମକ ପଦ୍ଧତି ଥିଲା। ଏଥିରେ ଚାରିପାଖର ସୁସ୍ଥ ଟିସୁକୁ କ୍ଷତି ପହଞ୍ଚାଇବାର ଆଶଙ୍କା ରହୁଥିଲା।



ଏହି ତିନି ବୈଜ୍ଞାନିକଙ୍କୁ ଉଲ୍ଲେଖନୀୟ ପ୍ରଯୁକ୍ତିବିଦ୍ୟା ନ୍ୟୁରୋବାୟୋଲୋଜି ଓ ଭେଷଜ କ୍ଷେତ୍ରରେ ନୂତନ ସମ୍ଭାବନା ଖୋଲିଛି। ପୂର୍ବରୁ ବୈଜ୍ଞାନିକମାନଙ୍କ ପାଇଁ କେଉଁ ନିର୍ଦ୍ଦିଷ୍ଟ ମସ୍ତିଷ୍କ ସର୍କିଟ୍ କେଉଁ ଆଚରଣ, ଭାବନା କିମ୍ବା ରୋଗକୁ ନିୟନ୍ତ୍ରଣ କରେ ତାହା ବୁଝିବା ଅସମ୍ଭବ ଥିଲା। ବର୍ତ୍ତମାନ ଅପ୍ଟୋଜେନେଟିକ୍ସ ସାହାଯ୍ୟରେ ବୈଜ୍ଞାନିକମାନେ ପାର୍କିନସନ୍ସ ରୋଗ, ମାନସିକ ଅବସାଦ, ଅନ୍ଧତ୍ୱ ଓ ନିଶା ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସଠିକ୍ ଅଧ୍ୟୟନ କରିପାରିବେ।

## ଭିଜିଲାନ୍ସ ଜାଲରେ ପୁଣି ଜଣେ ଯନ୍ତ୍ରୀ

### ବହୁତଳ କୋଠା, ଦାମୀ ପ୍ଲଟ୍ ଓ ନଗଦ ଟଙ୍କା ଠାବ



**ବାରିପଦା,୫।୧୦(ନି.ପ୍ର):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଆର୍ ଆଣ୍ଡ ବି ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି। ବାଲେଶ୍ୱର, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲ୍ଲାରେ ତାଙ୍କର ୧୦ଟି ଠିକଣାରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ଚଢ଼ାଉ ବେଳେ ତାଙ୍କର ଆୟ ବହିର୍ଭୂତ ବିପୁଳ ସମ୍ପତ୍ତି ଠାବ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାଲେଶ୍ୱରର ଅଙ୍ଗରଗଡ଼ିଆରେ ତାଙ୍କର ତିନି ମହଲା କୋଠା, ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତାରେ ଦୁଇ ମହଲା କୋଠା ଏବଂ ବିଭିନ୍ନ ସ୍ଥାନରେ ୨୦ଟି ଦାମୀ ପ୍ଲଟ୍ ଠାବ ହୋଇଛି ଚଢ଼ାଉ ସମୟରେ। ଜଳେଶ୍ୱରସ୍ଥିତ ତାଙ୍କର ପୈତୃକ ଘରେ ମଧ ଚଢ଼ାଉ ହୋଇଛି। ପୁଳା ପୁଳା ଟଙ୍କା ବି ମିଳିଛି। କୁହାଯାଉଛି ଯେ, ସେ ଆଉ ଏକ ମାସ ପରେ ଚାକିରିରୁ ଅବସର ନେଇଥାଆନ୍ତେ। ଚଢ଼ାଉରେ ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି।

## ନାଇଡୁ କମିଶନ ଫାଇଲ ହଜିବା ମାମଲାରେ ୩ ଜଣଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର,୫।୧୦(ନି.ପ୍ର):** ପୂର୍ବ ସରକାର ସମୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାରେ ଜଷ୍ଟିସ ନାଇଡୁ କମିଶନଙ୍କ ତଦନ୍ତ ରିପୋର୍ଟ ସିଏମ୍‌ଓରୁ ଗାଏବ ହୋଇଯାଇଥିଲା। ଏହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ମାମଲାରେ ଏବେ ୩ଜଣଙ୍କ ବୟାନ ରେକର୍ଡ଼ ହୋଇଛି। ଏହି ୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଗତ ଜୁଲାଇ ୨୭ରେ ନାଇଡୁ କମିଶନ ରିପୋର୍ଟ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ଜୁଲାଇ ୨୮ରେ ମାମଲାର ପୁନଃ ପଞ୍ଜୀକରଣ କରି କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା।

## ୟୁପି ରାଜ୍ୟସଭା ନିର୍ବାଚନ

## ୮ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି

**ଲକ୍ଷ୍ନୌ,୫।୧୦(ଏଜେନ୍ସି):** ଉତ୍ତର ପ୍ରଦେଶରେ ହେବାକୁ ଥିବା ୨୦୨୬ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ୮ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ଏହି ନାମକୁ ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିଛି। ତାଲିକାରେ ୟୁପି କ୍ୟାବିନେଟ ମନ୍ତ୍ରୀ ଧର୍ମପାଲ ସିଂହ ସାମିଲ ଥିବାବେଳେ ରାମ ପ୍ରତାପ ସିଂହ ଚୌହାନଙ୍କୁ ମଧ ଦଳ ପ୍ରାର୍ଥୀ ଭାବେ ଘୋଷଣା କରିଛି।

ପ୍ରାର୍ଥୀ ତାଲିକାରେ ମଧ ରହିଛନ୍ତି ରାଧାକାନ୍ତ ଓଝା, ପ୍ରକାଶ ପାଲ, ବିଦ୍ୟାସାଗର ସୋନକର, ଗୋପୀ କ୍ରିଷ୍ଣ ପାଣ୍ଡେ, ପ୍ରିୟଙ୍କା ସିଂହ ରାୱତ, ଶ୍ରୁତି ଗଙ୍ଗୱାର। ପ୍ରାର୍ଥଙ୍କ ମଧ୍ୟରେ ୩ଜଣ ପଛୁଆବର୍ଗ (ଓବିସି), ୨ ଜଣ ଅନୁସୂଚିତ ଜାତି (ଏସ୍‌ସି) ଓ ୩ଜଣ ସାଧାରଣ ବର୍ଗରୁ ରହିଛନ୍ତି। ୮ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇଜଣ ମହିଳା। ୟୁପିର ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୬।

### ବାଦ୍ ପଡ଼ିଲେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ

ପ୍ରାର୍ଥୀ ତାଲିକାରେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନାମ ନାହିଁ ସେ ବାଦ୍ ପଡ଼ିଛନ୍ତି। କେବଳ ହରଦୀପ ପୁରୀ ନୁହନ୍ତି, କାର୍ଯ୍ୟକାଳ ଶେଷ ହେଉଥିବା ସମସ୍ତ ୮ ଜଣ ରାଜ୍ୟସଭା ସାଂସଦଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ବାଦ୍ ପଡ଼ିଥିବା ଅନ୍ୟ ସାଂସଦଙ୍କ ମଧ୍ୟରେ ରହିଛନ୍ତି ଅରୁଣ ସିଂହ, ସୀମା ଦ୍ୱିବେଦୀ, ବି ଏଲ୍ ବର୍ମା, ନୀରଜ ଶେଖର, ବ୍ରିଜଲାଲ, ଗୀତା ସାକ୍ୟ ଓ ଦୀନେଶ ଶର୍ମା।

# ନୂଆ ରୂପରେ କଳିଙ୍ଗ ଷ୍ଟୁଡିଓ କମ୍ପ୍ଲେକ୍ସର ଲୋକାର୍ପଣ

### ଏଣିକି ଆମ ଫିଲ୍ମ ନିର୍ମାତା ଅନ୍ୟ ରାଜ୍ୟମୁହାଁ ହେବେ ନାହିଁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୧୦(ନି.ପ୍ର):** ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ବିକାଶ ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଓଲିଉଡ଼ର ଗର୍ବ କୁହାଯାଉଥିବା କଳିଙ୍ଗ ଷ୍ଟୁଡ଼ିଓ କମ୍ପ୍ଲେକ୍ସର ଲୋକାର୍ପଣ ହୋଇଛି ନୂଆ ରୂପରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁନର୍ବିକଶିତ ଓ ନବୀକୃତ କଳିଙ୍ଗ ଷ୍ଟୁଡିଓ କମ୍ପ୍ଲେକ୍ସର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଥିଲେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଏକାମ୍ର ବିଧାୟକ ବାବୁ ସିଂହ। ଓଲିଉଡ଼ ଷ୍ଟାର ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ମଧ ଉପସ୍ଥିତ ଥିଲେ। ଏବେ ନବବଧୂ ରୂପେ ସଜେଇ ହୋଇଛି କଳିଙ୍ଗ ଷ୍ଟୁଡିଓ। ନୂଆ ରୂପ ରଙ୍ଗ ଓ ଝଲମଲ ଆଲୋକରେ ଝଟକୁଛି ତା'ର ନୂଆ ଚେହେରା। ଏହାର ପୁନର୍ବିକାଶ ଓ ନବୀକରଣ ପାଇଁ ୧୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ ହୋଇଛି।

ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡ଼ିଓ ଲୋକାର୍ପିତ ହେବା ସହ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି,, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବନାହିଁ। ଷ୍ଟୁଡିଓରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ। ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଇନ୍‌ଡୋର ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ।



ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରି କହିଛନ୍ତି,, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡ଼ିଓ ପ୍ରତିଷ୍ଠା ହୋଇଥିଲେ ମଧ ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା।

## ଜ୍ଞାନେଶ କୁମାରଙ୍କୁ ନିଲମ୍ବନ କରିବାକୁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୫।୧୦(ନି.ପ୍ର):** ଭାରତର ନିର୍ବାଚନ ଆୟୁକ୍ତ (ଇସିଆଇ)ଙ୍କୁ ନୋଟିସ ଜାରି କରିଛନ୍ତି ସୁପ୍ରିମକୋର୍ଟ। ନୋଟିସ ଜାରି କରାଯାଇ ତାଙ୍କୁ ଜବାବ ମଗାଯାଇଛି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ହଟାଇବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେବା ପାଇଁ ହୋଇଥିବା ଆବେଦନ ଉପରେ ପ୍ରଧାନମନ୍ତ୍ରୀ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠରେ ଏହାର ଶୁଣାଣି ହୋଇଛି। ସିଇସିଙ୍କୁ ହଟାଇବା ପାଇଁ ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ଆବେଦନର ଅନ୍ୟ ଦୁଇ କମିଶନରଙ୍କ ମତ ନନେଇ ସିଇସି ଏକପାଖିଆ ନିଷ୍ପତ୍ତି ନେଉଥିବା ମଧ ଉଲ୍ଲେଖ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ଠୋସ ସୂଚନା ଓ ପ୍ରମାଣ ଆବଶ୍ୟକ। କେବଳ ଖବର କାଗଜ ଓ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହେବ ନାହିଁ। ନୋଟିସ ଜାରି କରାଯାଇ ନିର୍ବାଚନ ଆୟୁକ୍ତଙ୍କୁ ମଧ ଜବାବ ମାଗିବାକୁ ପଡ଼ିବ।

# ମୋର କୌଣସି ବେନାମୀ ସମ୍ପତ୍ତି ନାହିଁ



ବଲିଉଡ୍ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂ ନିକଟରେ ଆୟକର ବିଭାଗର ଚଢ଼ାଉ ଓ ଟ୍ୟାକ୍ସ ଫାଙ୍କିବାକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋସିଆଲ୍ ମିଡିଆରେ ଏକ ବକ୍ତବ୍ୟ ଜାରି କରି ସେ ଏହି ସମସ୍ତ ଖବରକୁ ଭିତ୍ତିହୀନ ଓ ମିଥ୍ୟା ବୋଲି କହିବା ସହ ସ୍ପଷ୍ଟୀକରଣ ଦେଇଛନ୍ତି। ରକୁଲ୍ ଲେଖିଛନ୍ତି ଯେ, କିଛି ଅନଲାଇନ୍ ଓ ମୁଖ୍ୟସ୍ରୋତର ସାମ୍ବାଦିକ ବିନା ତଥ୍ୟ ଯାଞ୍ଚ କରି ଖବରକୁ ଏଭଳି ଭାବେ ଉପସ୍ଥାପନ କରୁଛନ୍ତି, ଯାହା ଅତ୍ୟନ୍ତ ଦୁଃଖଦାୟକ। ନିକଟରେ ହୋଇଥିବା ଆୟକର ଚଢ଼ାଉ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ନିଜ ସଂଘର୍ଷ ଓ ପରିବାର ବିଷୟରେ ଉଲ୍ଲେଖ କରି ଅଭିନେତ୍ରୀ କହିଛନ୍ତି, ମୁଁ ଏକ ଆର୍ମି (ସେନା) ପୃଷ୍ଠଭୂମିରୁ ଆସିଛି। ଫିଲ୍ମ ଇଣ୍ଡଷ୍ଟ୍ରିରେ ମୋର କୌଣସି ଗଡ୍‌ଫାଦର୍ ନଥିଲେ। ମୁଁ ନିଜ ପରିଶ୍ରମ ବଳରେ ଏଠାରେ ପହଞ୍ଚିଛି। ମୁଁ ଜଣେ ଦାୟିତ୍ୱବାନ୍ ନାଗରିକ ଏବଂ ୨୦ ବର୍ଷ ବୟସରୁ ନିୟମିତ ଭାବେ ଆୟକର ପରିଶୋଧ କରିଆସୁଛି। ବିଦେଶକୁ ଟଙ୍କା ପଠାଇବା ଏବଂ ବେନାମୀ ସମ୍ପତ୍ତି ରଖିବା ପ୍ରସଙ୍ଗରେ ସେ କହିଛନ୍ତି, ସେ ବ୍ୟକ୍ତିଗତ ଭାବେ କିମ୍ବା କୌଣସି ପ୍ରଡକ୍ସନ୍ ହାଉସ୍ ଜରିଆରେ କୌଣସି ବିଦେଶୀ କାରବାର ସହ ଜଡ଼ିତ ନୁହନ୍ତି। ଦେଶ କିମ୍ବା ବିଦେଶରେ ତାଙ୍କ ନାମରେ କିମ୍ବା ଅନ୍ୟ କାହା ନାମରେ କୌଣସି ବେନାମୀ ସମ୍ପତ୍ତି ନାହିଁ। ଏପରିକି ସେ କାହାଠାରୁ ମୂଲ୍ୟବାନ ଉପହାର ନିଅନ୍ତି ନାହିଁ କିମ୍ବା କେହି ତାଙ୍କୁ ସମ୍ପତ୍ତି ଉପହାର ଦେଇନାହାନ୍ତି। ରକୁଲ୍ ମିଡିଆ ହାଉସ୍‌ଗୁଡ଼ିକୁ ଅନୁରୋଧ କରିଛନ୍ତି, ଯେଉଁମାନେ ଏହି ମିଥ୍ୟା ଖବର ପ୍ରକାଶ କରିଛନ୍ତି, ସେମାନେ ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ସେ ମିଡିଆର କାର୍ଯ୍ୟଦକ୍ଷତା ଓ ଚାପକୁ ବୁଝନ୍ତି, କିନ୍ତୁ ସତ୍ୟ ଓ ତଥ୍ୟ ସହ ବୁଝାମଣା କରି କାହାର ସମ୍ମାନ ଓ ଜୀବିକା ଉପରେ ଆଘାତ ପହଞ୍ଚାଇବା ଉଚିତ୍ ନୁହେଁ।

**ଛୋଟ ଶିଶୁଙ୍କ କାନ୍ଦ ବନ୍ଦ କରିବା ଏବଂ ସେମାନଙ୍କୁ ଶୁଆଇବା ପାଇଁ ବାପା-ମା'ମାନେ କେତେ ପ୍ରକାରର ଉପାୟ ଆପଣାନ୍ତି। କେହି ନାନାବାୟା ଗୀତ ଗାଇ ତ ଆଉ କେହି କୋଳରେ ଧରି ଘଣ୍ଟା ଘଣ୍ଟା ବୁଲନ୍ତି। କିନ୍ତୁ ବିଦେଶ ମାଟିରେ 'ହନୁମାନ ଚାଳିଶା' ଶୁଣି ଚୁପ୍ ହୋଇଯାଉଛି କୁନି ପୁଅ। ଆସନ୍ତୁ ଜାଣିବା ଏ ସମ୍ପର୍କରେ...**




# ବିଦେଶ ମାଟିରେ ବଜରଙ୍ଗବଲୀଙ୍କ ମନ୍ତ୍ର

ବିଦେଶ ମାଟିରେ ବାଜୁଛି ବଜରଙ୍ଗବଲୀଙ୍କ ମନ୍ତ୍ର। କାନରେ ଶ୍ରୀଗୁରୁ ଚରଣ ସ୍ତୋତ୍ର ପଡ଼ିଲେ କାନ୍ଦ ବନ୍ଦ କରି ସୁନାପିଲାଟି ପରି ଶୋଇଯାଉଛି କୁନିପୁଅ। ଚୀନର ଏହି ଖବରକୁ ନେଇ ସୋସିଆଲ୍ ମିଡିଆରେ ଭାରି ଚର୍ଚ୍ଚା। କୁହନ୍ତି ଛୋଟ ପିଲାଙ୍କ ଜଞ୍ଜାଳ ଉଠାଇବା ଭାରି ମୁସ୍କିଲ୍। ଛୋଟ ଶିଶୁଙ୍କ କାନ୍ଦ ବନ୍ଦ କରିବା ଏବଂ ସେମାନଙ୍କୁ ଶୁଆଇବା ପାଇଁ ବାପା-ମା'ମାନେ କେତେ ପ୍ରକାରର ଉପାୟ ଆପଣାନ୍ତି, ସେମାନେ ହିଁ ଜାଣନ୍ତି। କେହି ନାନାବାୟା ଗୀତ ଗାଇ ତ ଆଉ କେହି କୋଳରେ ଧରି ଘଣ୍ଟା ଘଣ୍ଟା ବୁଲନ୍ତି। କିନ୍ତୁ ଆମେରିକାର ଲସ୍‌ଏଞ୍ଜେଲ୍‌ସରେ ରହୁଥିବା ୪୦ ବର୍ଷୀୟା ଚୀନ୍ ବ୍ୟବସାୟୀ ସାରା ଜେନ୍ ହୋ ନିଜ ୪ ମାସର ଶିଶୁ ପୁତ୍ର 'ବେବି ଜେ'କୁ ଶାନ୍ତ କରିବା ପାଇଁ ଯେଉଁ ଉପାୟ ଆପଣାଇଛନ୍ତି, ତାହା ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ସାରାଙ୍କ କହିବା ଅନୁଯାୟୀ, ଯେତେବେଳେ ତାଙ୍କ ପୁଅ ଅଧିକ ସମୟ ଧରି କାନ୍ଦେ କିମ୍ବା ଜିଦ୍ କରେ, ସେତେବେଳେ ସେ ମୋବାଇଲରେ 'ହନୁମାନ ଚାଳିଶା' ଚଲାଇ ଦିଅନ୍ତି ଏବଂ ମାତ୍ର ୫ ସେକେଣ୍ଡ ମଧ୍ୟରେ କୁନିପୁଅଟି ଶାନ୍ତ ହୋଇଯାଏ ଆଉ ୨ ମିନିଟ୍ ଭିତରେ ଶୋଇପଡ଼େ।

ସାରା ସୋସିଆଲ ମିଡିଆରେ ନିଜର ଏହି ଅନୁଭବକୁ ଶେୟାର କରିଛନ୍ତି। ସେ କହିଛନ୍ତି ଯେ 'ବର୍ଣ୍ଣିଂ ମ୍ୟାନ୍' ଉତ୍ସବରେ କିଛି ଭାରତୀୟ ଲୋକଙ୍କୁ ଭେଟି ସେ କଥାବାର୍ତ୍ତା କରିଥିଲେ। ସେହିମାନଙ୍କଠାରୁ ହିଁ ପ୍ରଥମ କରି ପବିତ୍ର ଭକ୍ତିପୂର୍ଣ୍ଣ ସ୍ତୋତ୍ର 'ହନୁମାନ ଚାଳିଶା' ବିଷୟରେ ଜାଣିବାକୁ ପାଇଥିଲେ। ସେ ଯେତେବେଳେ ପ୍ରଥମକରି ହନୁମାନ ଚାଳିଶା ଶୁଣିଲେ ତାଙ୍କୁ ଅପାର ଶାନ୍ତି ମିଳିଥିଲା। ତା'ପରଠାରୁ ପ୍ରତିଦିନ ସକାଳେ ନିଜ ଘରେ ସେ ଏହାକୁ ଲୁପରେ ଚଲାଉଛନ୍ତି। ଏହାଦ୍ୱାରା ଘରେ ସକରାତ୍ମକ ଶକ୍ତିର ଆଭାସ ତ ମିଳୁଛି କିନ୍ତୁ ତାଙ୍କ ପୁଅକୁ ମଧ୍ୟ ଗଭୀର ଶାନ୍ତି ମିଳୁଛି। ସାରାଙ୍କ ଏହି ପୋଷ୍ଟ ଭାଇରାଲ ହେବାପରେ ଭାରତୀୟ ୟୁଜରମାନେ ଅଧିକ ଖୁସି ହୋଇପଡ଼ିଛନ୍ତି। ଜଣେ ଚୀନ୍ ମହିଳାଙ୍କ ଘରେ ଭାରତୀୟ ସଂସ୍କୃତି ଓ ସନାତନ ଧର୍ମର ଏହି ପବିତ୍ର ସ୍ତୋତ୍ର ବାଜିବା ଏବଂ ଏହାଦ୍ୱାରା କୁନିପୁଅଟିକୁ ନିଦ ଆସିଯାଉଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। କିଛି ୟୁଜର୍ ସାରାଙ୍କୁ ପରାମର୍ଶ ଦେଇ ଲେଖିଛନ୍ତି, ଏହା କେବଳ ଗୋଟିଏ ଗୀତ ନୁହେଁ ବରଂ ଅତ୍ୟନ୍ତ ପବିତ୍ର ଓ ଶକ୍ତିଶାଳୀ ହିନ୍ଦୁ ମନ୍ତ୍ର। ନିଜ କୁନିପୁଅର ମସ୍ତିଷ୍କର ଦ୍ରୁତ ବିକାଶ ପାଇଁ ମମି ସାରା ପ୍ରତିଦିନ ୮ ମିନିଟ୍ ପାଇଁ କ୍ଲାସିକାଲ୍ ସଙ୍ଗୀତ ଏବଂ ହନୁମାନ ଚାଳିଶା ଚଲାଇଥାନ୍ତି।

୪୦ ବର୍ଷ ବୟସରେ ପ୍ରଥମ ଥର ପାଇଁ ମା' ହୋଇଥିବା ସାରା ଜେନ୍ ହୋ ସ୍ୱୀକାର କରିଛନ୍ତି ଯେ ସେ କୌଣସି ପାରମ୍ପରିକ ପୁସ୍ତକ ଅପେକ୍ଷା ନିଜର ମନୋଭାବକୁ ଅଧିକ ଗୁରୁତ୍ୱ ଦିଅନ୍ତି। ଭାରତର ପବିତ୍ର ସ୍ତୋତ୍ର 'ହନୁମାନ ଚାଳିଶା' ଆଜି ସାଂସ୍କୃତିକ ସୀମା ଡେଇଁ ଜଣେ ଚୀନ୍ ମା' ଓ ତାଙ୍କ ଶିଶୁର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି।

## ଅଦ୍ଭୁତ... ଅବିଶ୍ୱସନୀୟ... ଅକଳ୍ପନୀୟ

### ଚାରି ଚାରିଥର ଚେଷ୍ଟା ସତ୍ତ୍ୱେ ବି ଘୁଞ୍ଚୁନାହାନ୍ତି

# ଉଜ୍ଜୟିନୀର ଖଡ଼େ ହନୁମାନ



ରାସ୍ତା ଚଉଡ଼ା କରିବା ପାଇଁ ହନୁମାନ ମନ୍ଦିର ଭାଙ୍ଗି ହନୁମାନଙ୍କ ମୂର୍ତ୍ତି ହଟାଇବାକୁ ଚାରି ଚାରିଥର ପ୍ରଶାସନ ପକ୍ଷରୁ ଉଦ୍ୟମ ହେବା ସତ୍ତ୍ୱେ ହନୁମାନ ମୂର୍ତ୍ତି ଟିକିଏ ବି ଘୁଞ୍ଚିଲା ନାହିଁ। ଫେଲ୍ ମାରିଲା କ୍ରେନ୍। ଲୋକେ କହୁଛନ୍ତି ଏହା ହନୁମାନ ଆସ୍ଥାର ତାକତ୍। ପ୍ରଶାସନ କିନ୍ତୁ ଏହାର ବୈଜ୍ଞାନିକ କାରଣ ଜାଣିବା ପାଇଁ ବିଶେଷଜ୍ଞଙ୍କର ଏକ ଟିମ୍ ଗଠନ କରିଛି।

**ବୈଜ୍ଞାନିକ କାରଣ ଖୋଜୁଛନ୍ତି ବିଶେଷଜ୍ଞ ଟିମ୍**

ପ୍ରାୟ ୧୭୦ ବର୍ଷର ପୁରାତନ ଉଜ୍ଜୟିନୀର ଖଡ଼େ ହନୁମାନ ମନ୍ଦିର। ରାସ୍ତା ଚଉଡ଼ା କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରଥମେ କ୍ରେନ୍ ଲଗାଇ ହନୁମାନ ମନ୍ଦିର ଭଙ୍ଗା ଯାଇଥିଲା। ମନ୍ଦିର ଭାଙ୍ଗିଲା ସତ, କିନ୍ତୁ ଖଡ଼େ ହନୁମାନ ମୂର୍ତ୍ତି ଟିକିଏ ବି ଘୁଞ୍ଚିଲାନି। ପ୍ରଶାସନର ଚାରି ଚାରି ଥର ଉଦ୍ୟମ ବିଫଳ ହେଲା। ଏବେ ପ୍ରଶାସନ ପକ୍ଷରୁ ଏହାର କାରଣ ଅନୁଧ୍ୟାନ କରାଯାଉଛି। ଘଟଣାସ୍ଥଳରେ ପହଞ୍ଚିଛନ୍ତି ଆଇଆଇଟି ଇଞ୍ଜିନିୟର ଏବଂ ପ୍ରତ୍ନତତ୍ତ୍ୱବିଦ୍। ଏବେ ଖଡ଼େ ହନୁମାନଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଲାଇନ୍ ଲାଗିଛି।

ପୁରାଣର ଆଲୋଚନା କରି ଲୋକେ କହୁଛନ୍ତି, ତ୍ରେତୟା ଯୁଗରେ ଦେବୀ ସୀତା ହନୁମାନଙ୍କୁ ଅଜର ଅମର ବର ପ୍ରଦାନ କରିଥିଲେ। ପ୍ରଭୁ ଶ୍ରୀରାମ ମଧ୍ୟ ବୈକୁଣ୍ଠ ଯାତ୍ରା କରିବା ପୂର୍ବରୁ ହନୁମାନଙ୍କୁ ବର ପ୍ରଦାନ କରି କହିଥିଲେ, ଯେପର୍ଯ୍ୟନ୍ତ ମୋର ଗାଥା ରହିଥିବ ସେ ପର୍ଯ୍ୟନ୍ତ ତୁମେ ଜୀବିତ ରହିଥିବ। ବିଶେଷଜ୍ଞ କିନ୍ତୁ ମତ ଦେଉଛନ୍ତି ଯେ, ମାଟି ତଳେ ବୋଧହୁଏ ଶକ୍ତ ପଥରର ଚଟାଣ ରହିଛି ଏବଂ ଏହି ପଥର ଚଟାଣ ଉପରେ ୮ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି ଛିଡ଼ା ହୋଇଛନ୍ତି। ଏହା ମଧ୍ୟ ହୋଇପାରେ ଯେ, ଇଣ୍ଟର ଲକିଂ ସିଷ୍ଟମ୍‌ରେ ତତ୍କାଳୀନ ଜ୍ଞାନକୌଶଳରେ କାରିଗରମାନେ ମାଟିତଳେ ପଥରକୁ ପଥର ସହ ଏଭଳି ଭାବେ ଯୋଡ଼ି ରଖିଛନ୍ତି ଯେ ଏହା ଉପରେ ଛିଡ଼ା ହୋଇଥିବା ହନୁମାନ ମୂର୍ତ୍ତି ଟିକିଏ ଘୁଞ୍ଚୁନାହାନ୍ତି।

# ଦୈନନ୍ଦିନ ଚାଲିବା ଦ୍ୱାରା ମସ୍ତିଷ୍କ ରହେ ସୁସ୍ଥ



ପ୍ରତିଦିନ ସକାଳେ କିମ୍ବା ରାତିରେ ଚାଲିବା ଅଭ୍ୟାସ କରୁଛନ୍ତି କି? ଆପଣଙ୍କ ଦୈନନ୍ଦିନର ପାଦଚଲା କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ନାହିଁ, ବରଂ ଏହା ମସ୍ତିଷ୍କ ପାଇଁ ମଧ୍ୟ ଲାଭଦାୟକ। ସାଧାରଣ ଚାଲିବା ଅଭ୍ୟାସ ମଧ୍ୟ ଆପଣଙ୍କ ସ୍ନାୟୁଗତ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ। ଚାଲିବାକୁ ଅନେକ କମ୍ ପରିଶ୍ରମର କାମ ବୋଲି ଭାବିଥାଆନ୍ତି, କିନ୍ତୁ ଯେତେବେଳେ ଆପଣ ଚାଲନ୍ତି, ସେତେବେଳେ ମସ୍ତିଷ୍କ ଭିତରେ ବହୁତ କିଛି କାର୍ଯ୍ୟ ଚାଲୁ ରହିଥାଏ।

ନ୍ୟୁରୋଲୋଜିଷ୍ଟଙ୍କ କହିବା ଅନୁଯାୟୀ, ଯେତେବେଳେ ଆପଣ ଚାଲନ୍ତି ମସ୍ତିଷ୍କ ଏକ ସମୟରେ ଅନେକ କାମ କରିଥାଏ। ଯେପରି ଆପଣଙ୍କ ଆଖି, କାନ, ମାଂସପେଶୀ ଓ ଗଣ୍ଠିରୁ ସୂଚନା ଗ୍ରହଣ କରିଥାଏ। ପାଦ କେଉଁଠି ପଡ଼ିବ ତାହା ସ୍ଥିର କରିବା, ଭାରସାମ୍ୟ ରକ୍ଷା କରିବା ଓ ଗତି ନିୟନ୍ତ୍ରଣ କରିବାରେ ମସ୍ତିଷ୍କ କାମ କରେ। ରାସ୍ତାରେ ହଠାତ୍ କିଛି ଆସିଗଲେ ତୁରନ୍ତ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରେ। ନିୟମିତ ଚାଲିବା ଦ୍ୱାରା ହୃତ୍‌ପିଣ୍ଡ ଭଲ ରହିବା ସହିତ ରକ୍ତଚାପ, ରକ୍ତ ଶର୍କରା ଓ ଓଜନ ନିୟନ୍ତ୍ରଣରେ ରହିଥାଏ। ଏହିସବୁ କାର୍ଯ୍ୟ ମସ୍ତିଷ୍କର ରକ୍ତନଳୀଗୁଡ଼ିକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଯେଉଁମାନେ ଦିନସାରା ବସି କାମ କରନ୍ତି ଓ ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ପ୍ରାୟତଃ ମାନସିକ କ୍ଳାନ୍ତି, ଏକାଗ୍ରତାର ଅଭାବ କିମ୍ବା ପୂର୍ବପରି ଚଞ୍ଚଳ ନରହିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଚାଲିବା ଦ୍ୱାରା ଏହିସବୁ ସମସ୍ୟା ଦୂର ହୋଇଥାଏ। ପ୍ରତିଦିନ ଚାଲିବା ଦ୍ୱାରା ସ୍ମରଣ ଶକ୍ତିରେ ଉନ୍ନତି ଆସିଥାଏ ଓ ନିଷ୍ପତ୍ତି ନେବା ଭଳି ଜ୍ଞାନଗତ କ୍ଷମତା ବୃଦ୍ଧି ପାଇଥାଏ। ଏହା ଶିକ୍ଷା ଓ ସ୍ମୃତି ଶକ୍ତି ସହିତ ଜଡ଼ିତ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଚାଲିବା ସିଧାସଳଖ ସ୍ମୃତିଶକ୍ତି ବଢ଼ାଇବା ସହିତ ଜଡ଼ିତ ନଥିଲେ ମଧ୍ୟ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯଦି ଚାଲିବା ଶୈଳୀରେ ହଠାତ୍ ପରିବର୍ତ୍ତନ ହେତୁ ବାରମ୍ବାର ପଡ଼ିଯିବା କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦିଏ, ତେବେ ନ୍ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ।

# କିପରି କଟିବ ଆଜିର ଦିନ

୬ ଅକ୍ଟୋବର ୨୦୨୬

**ମେଷ:** ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ କଲେ ମଧ୍ୟ ସମସ୍ୟା ସମାଧାନ ସହ ରୋଜଗାର ପ୍ରତି ଧ୍ୟାନ ଦେବେ। ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ:** ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଖୁବ୍ ଟାଣ ରହିବ ଓ ଅଟକି ଥିବା କାମକୁ ଶେଷ କରିପାରିବେ। ପରିବାରରେ ସମସ୍ୟା ଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ରଖିବେ।

**ମିଥୁନ:** ବନ୍ଧୁ ଠିକ୍ ସମୟରେ ନଫେରିବାରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ:** ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ କଳହଜନିତ ମନ ଅଶାନ୍ତ ରହିବ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡିପାରନ୍ତି।

**ସିଂହ:** କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

**କନ୍ୟା:** ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଖୁସି ହେବେ। ଅର୍ଥ ସଙ୍କଟକୁ ସହକର୍ମୀ ଦୂରେଇ ନେବାର ପ୍ରତିଶ୍ରୁତି ଦେବେ।

**ତୁଳା:** ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ହୋଇପାରେ। ବନ୍ଧୁଙ୍କ ଆତ୍ମୀୟତାପୂର୍ଣ୍ଣ ମନୋଭାବ ନଥିବା ଅନୁଭବ କରିପାରନ୍ତି।

**ବିଛା:** କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ:** ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଭାସମିତିରୁ ଉପକୃତ ହେବେ। ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ।

**ମକର:** ବନ୍ଧୁଙ୍କ ସାହାଯ୍ୟରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲାରେ ତଥା ଜମିଜମା ବିବାଦରେ ଉପକୃତ ହେବେ।

**କୁମ୍ଭ:** କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଢି ବଡ ଆକାର ଧାରଣ କରିବାର ସମ୍ଭାବନା ରହିଛି। ଜଗିରଖି ଚଳିବାକୁ ପଡ଼ିବ।

**ମୀନ:** ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ଆକସ୍ମିକ ସ୍ଥାନ ପରିବର୍ତ୍ତନର ଆଭାସ ପାଇପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

### ଜିଲାରେ ପର୍ଯ୍ୟାପ୍ତ ବାଉଁଶ ଥିବା ସତ୍ତ୍ୱେ

# ହୋଇପାରୁନି କାଗଜ କଳ

ନୟାଗଡ଼, ୫।୧୦: ନୟାଗଡ଼ ଚିନିକଳ ବୁଡିବା ପରେ ନୟାଗଡ଼ ଜିଲ୍ଲା ଏବେ ଶିଳ୍ପ ବିହୀନ ଜିଲ୍ଲାରେ ପରିଣତ ହୋଇଛି। ଦେଖିବାକୁ ଗଲେ ନୟାଗଡ଼ ଜିଲାର ପାରିପାର୍ଶିକ ପରିସ୍ଥିତି ଅତି ଉଚ୍ଚ କୋଟିର ହୋଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ସବୁକ୍ଷେତ୍ରରେ ଏହା ଅବହେଳିତ ହୋଇ ରହିଛି। ପୂର୍ବରୁ ନୟାଗଡ଼ ସହର ନିକଟବର୍ତ୍ତୀ ପାଣିପୋଇଲାଠାରେ ବହୁ କୋଟି ଟଙ୍କା ବ୍ୟୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଆଖୁଚାଷୀଙ୍କ ହିତକୁ ଆଖି ଆଗରେ ରଖି ଏକ ଅତ୍ୟାଧୁନିକ ଚିନିକଳ ନିର୍ମାଣ କରିଥିଲେ। ତାହା ଏବେ ରାଜନୈତିକ ନେତାଙ୍କ ଛକାପଞ୍ଝା ଭିତରେ ପେଶି ହୋଇ ମାଟିରେ ମିଶିବାକୁ ବସିଛି। ଜିଲାରେ ଆଖୁଚାଷ ଲୋପ ପାଇବା ସହିତ ଚିନିକଳ କର୍ମଚାରୀ ଜୀବିକା ହରାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ ହେଲେଣି। ଅନ୍ୟ କୌଣସି ଶିଳ୍ପ ସଂସ୍ଥା ନଥିବାରୁ ଆଦିବାସୀ ବହୁଳ ଏହି ଜିଲାର



ଜନସାଧାରଣ ଓ ଯୁବକଯୁବତୀ କର୍ମସଂସ୍ଥାନ ନପାଇ ହତାଶରେ ଜୀବନ ବିତାଇ ଚାଲିଛନ୍ତି। ତୁରନ୍ତ ଜିଲାରେ ଅନ୍ୟାନ୍ୟ ଶିଳ୍ପ ସହ କାଗଜ କଳ ପ୍ରତିଷ୍ଠା ପାଇଁ ଦାବି ହେଉଛି।ବଣ, ପାହାଡ, ଜଙ୍ଗଲରେ ପରିପୂର୍ଣ୍ଣ ନୟାଗଡ଼ ଜିଲାର ପ୍ରାକୃତିକ ସମ୍ପଦ ଠିକ୍‌ଭାବେ ବିନିଯୋଗ କରାଯାଇ ପାରୁନାହିଁ। ଜିଲାର ଜଙ୍ଗଲ ସମ୍ପଦ ବାଉଁଶ, କାଠ ଓ ଅନ୍ୟାନ୍ୟ ସାମଗ୍ରୀ ବାହାର ରାଜ୍ୟକୁ ପଠାଯାଇ ସେଠାରେ ଚାଲିଥିବା କଳ କାରଖାନାକୁ ସମୃଦ୍ଧ କରାଯାଉଛି। ମାତ୍ର ଜିଲାବାସୀ ସେମାନଙ୍କର ହକ ପାଇବାରେ ଅସମର୍ଥ ହୋଇପଡୁଛନ୍ତି। ନୟାଗଡ଼ ଜଙ୍ଗଲରୁ କାଠ, ବାଉଁଶ କଟାଯାଇ ଅନ୍ୟ ରାଜ୍ୟର କାଗଜ କଳକୁ ବିକ୍ରି କରାଯାଉଛି। ମାତ୍ର ଜିଲାରେ ବହୁ ଦିନରୁ ଜନସାଧାରଣଙ୍କ ତରଫରୁ ଦାବି ହୋଇଆସୁଥିବା କାଗଜ କଳ ପ୍ରତିଷ୍ଠା ହୋଇପାରି ନାହିଁ । ଏପରିକି ନୟାଗଡ଼ ପାହାଡ଼ଗୁଡିକରୁ ଗ୍ରାନାଇଟ୍ ପଥର ଚାଲାଣ କରାଯାଇ ଆନ୍ଧ୍ର ପ୍ରଦେଶରେ ନୂତନ ରୂପ ଦିଆଯାଉଛି। ତାହା ଓଡ଼ିଶାବାସୀ ଉଚ୍ଚ ଦରରେ କିଣିବାକୁ ବାଧ ହେଉଛନ୍ତି। ଜିଲାର ବିକାଶ ପାଇଁ କାହାର ନିଘା ନଥିବା ଭଳି ମନେ ହେଉଛି। ଜିଲାର ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଶିଳ୍ପ ପ୍ରତିଷ୍ଠା ଓ କାଗଜକଳ ସ୍ଥାପନ ଦିଗରେ ପଦକ୍ଷେପ ନିଆଯିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜିଲ୍ଲାବାସୀଙ୍କ ତରଫରୁ ଦୃଢ଼ ଦାବି ହେଉଛି।

## ୧୦୮ ଆମ୍ବୁଲାନ୍ସର ବିକଳ ଅବସ୍ଥା



ଦଶପଲ୍ଲା, ୫।୧୦ (ନି.ପ୍ର): ସରକାର ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ମାତ୍ର ତାହାର ସଠିକ ରୂପାୟନ ହୋଇପାରୁନାହିଁ। କାରଣ ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଆମ୍ବୁଲାନ୍ସରେ ନାହିଁ ନ ଥିବା ବିକଳ ଅବସ୍ଥା। ବିଜେଡି ସରକାର ସମୟରେ ଦଶପଲ୍ଲାବାସୀଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ଲକ୍ଷ୍ୟ ରଖି ଆମ୍ବୁଲାନ୍ସ ସେବାର ଉଦଘାଟନ ଦଶପଲ୍ଲା ବିଧାୟକଙ୍କ ଦ୍ୱାରା କରାଯାଇଥିଲା। ତେବେ ପ୍ରଶାସନ ଏହାକୁ ସଠିକ ଭାବେ ରାକ୍ଷଣବେକ୍ଷଣ କରିପାରୁନାହାନ୍ତି। କାରଣ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଆମ୍ବୁଲାନ୍ସର ଏସି ବ୍ୟବସ୍ଥା ଅଚଳ ଓ ତତ ସହିତ ସାଇରନ ବାଜିବା ବ୍ୟବସ୍ଥା ଅଚଳ ବୋଲି ଶୁଣିବାକୁ ମିଳିଛି । ଯଦ୍ୱାରା ରାସ୍ତାରେ ଆମ୍ବୁଲାନ୍ସ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହେବା ସ୍ୱାଭାବିକ। ଏସି କାମ କରୁନଥିବାରୁ ରୋଗୀ ମଧ ହନ୍ତସନ୍ତ ହେବା ସ୍ୱାଭାବିକ କଥା। ଦେଖାଯାଉ କେବେ ସମସ୍ୟାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

## ମଣିଷ କାମ ମେସିନ କରି ଟଙ୍କା ହରିଲୁଟ

ଅସ୍ତରଙ୍ଗ, ୫।୧୦ (ନି.ପ୍ର): ସରକାରୀ କାମର ସ୍ୱଚ୍ଛତା ପାଇଁ ପ୍ରତି କାର୍ଯ୍ୟସ୍ଥଳରେ ସ୍ଥାୟୀ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଅଟେ। ଫଳକରେ କାମର ନାମ, ଅଟକଳ ମୂଲ୍ୟ, ଯୋଜନାର ନାମ, କାର୍ଯ୍ୟକାରୀ ସଂସ୍ଥା, ଆରମ୍ଭ ତାରିଖ, ଶେଷ ତାରିଖ ଏବଂ ମୋଟ ଖର୍ଚ୍ଚ ବିବରଣୀ ସର୍ବସାଧାରଣଙ୍କ ଜାଣିବା ପାଇଁ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା କଥା। ଏଥିପାଇଁ ସରକାର ପ୍ରତି କାମ ଫଳକ ପିଛା ପାଞ୍ଚ ଶହ ଟଙ୍କାରୁ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅନୁଦାନ ବରାଦ କରୁଛନ୍ତି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ପନ୍ଦର ଗୋଟି ପଞ୍ଚାୟତରେ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ବାସ୍ତବ ଫିଲ୍ଡରେ ଚାଲିଛି ମହା ଚୂନ ନାଟକ ଏବଂ ଖୋଲା ଲୁଟ୍। ପ୍ରତ୍ୟକ୍ଷ ଦୃଶ୍ୟ ଏପରି ଯେ ଫଳକ ବଦଳରେ ଘର କାନ୍ଥ, ସ୍କୁଲ ପାଚେରୀ, ଅଙ୍ଗନୱାଡି କାନ୍ଥ ଧଳା ଚୂନ ଓ ନୀଳ, କଳା ରଙ୍ଗରେ ତଥ୍ୟ ଲେଖା ଯାଇଛି। ଯାହାର ପ୍ରକୃତ ଖର୍ଚ୍ଚ ମାତ୍ର କୋଡିଏରୁ ତିରିଶ ଟଙ୍କା ହେବ। ବାକି ପୁରା ହଜାର ଟଙ୍କା ସିଧା ସିଧା ଆତ୍ମସାତ ହେଉଛି। ଚଳିତ ୨୦୨୫–୨୬ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ପାଚେରୀ ନିର୍ମାଣ, ମାଟି ରାସ୍ତା ନିର୍ମାଣ, ଖେଳ ପଡିଆ ଉନ୍ନତୀକରଣ, ପୋଖରୀ ଖନନ, ସିସି ରୋଡ, ଡ୍ରେନ ନିର୍ମାଣ ଭଳି ପାଞ୍ଚ ଶହ ରୁ ଅଧିକ କାମ ହୋଇଛି। ସବୁଠି ସମାନ ଫର୍ମୁଲା ଆପଣା ଯାଇଛି। ଅନେକ ସ୍ଥାନରେ ଗୋଟିଏ ଫଳକର ଦୁଇ ପାର୍ଶ୍ୱରେ ଦୁଇଟି କାମର ତଥ୍ୟ ଲେଖି ଦୁଇଟି ଫଳକର ଟଙ୍କା ଗୋଟିଏରେ ହଜମ କରାଯାଇଛି।




କେଉଁଠି ପ୍ରଥମ ବର୍ଷାରେ ଚୂନ ଲେଖା ଲିଭି ଯାଇଛି। ଠିକାଦାର ଏବଂ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଜେଇଙ୍କ ମଧ୍ୟରେ ଗଭୀର ସଲାସୁତୁରା ରହିଛି। ପ୍ରତି କାମରେ ହାରାହାରି ୩ ହଜାର ଟଙ୍କା ହିସାବରେ ୫ଶହ କାମରେ ୧୫ ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ ହୋଇଥିବା ଅନୁମାନ କରାଯାଉଛି। ବ୍ଲକର ମୁଖ୍ୟ ଭାବେ ସେ ପ୍ରତି କାର୍ଯ୍ୟସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା କଥା। ହେଲେ ଅସ୍ତରଙ୍ଗ ବିଡିଓ ମାସକୁ ଥରେ ବି ଫିଲ୍ଡ ଭିଜିଟ୍ କରୁନଥିବାରୁ ଦୁର୍ନୀତି ବଢିଚାଲିଛି। କେବଳ ଫାଇଲରେ ଦସ୍ତଖତ ହେଉଛି। ନଚେତ ଏପରି ଫଳକ କାହିଁକି ପ୍ରସ୍ତୁତ ହୋଇଥାନ୍ତା। ଜିଲ୍ଲାପାଳ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ଏବଂ ଭିଜିଲାନ୍ସ ତଦନ୍ତ ଦାବୀ ଜୋର ଧରିଛି।

## ସାପକାମୁଡ଼ାରେ ୯ମ ଶ୍ରେଣୀ ଛାତ୍ର ମୃତ

ଡେଲାଙ୍ଗ,୫।୧୦(ନି.ପ୍ର): କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ, ମୁନିନ୍ଦାରେ ଶନିବାର ଛାତ୍ରଛାତ୍ରୀମାନଙ୍କର ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ସନ୍ଧ୍ୟାରେ ଶେଷ ହୋଇଥିବା



ବେଳେ କେତେକ ଛାତ୍ର ଘରକୁ ନଯାଇ ବିଦ୍ୟାଳୟରେ ବିଶ୍ରାମ କରିଥିଲେ । ବିଳମ୍ବିତ ରାତ୍ରରେ ଛାତ୍ର ପି.କେ ଜ୍ଞାନରଂଜନଙ୍କ ହାତକୁ କୌଣସି ଜନ୍ତୁ କାମୁଡି ଦେଇଥିଲ । ଶିକ୍ଷକ କ୍ଷତସ୍ଥାନକୁ ଦେଖିବା ପରେ ହାତରେ ଏକ ସୁତାବାନ୍ଧି ପିଲାଟିକୁ ଡେଲାଙ୍ଗ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ସେହିପରି ରାତି ୧.୩୦ରେ ଶିକ୍ଷକ ସୂର୍ଯ୍ୟନାରାୟଣଙ୍କ ପୁଅ ତଥା ନବମ ଶ୍ରେଣୀ ଛାତ୍ର ସାଇସ୍ୱୟଂ ଜେନାଙ୍କ ଛାତି ଯନ୍ତ୍ରଣା ହେବା ସହିତ ମୁଣ୍ଡ ବୁଲାଉଥିବା ନେଇ ସେ ତାଙ୍କ ବାପାଙ୍କୁ କହିଥିଲେ । ଶିକ୍ଷକ ତଥା ସାଇଙ୍କ ବାପା ଶରୀରର ବିଭିନ୍ନ ସ୍ଥାନ ତଦାରଖ କରିବାରେ ସାଇଙ୍କ କାନରେ ଏକ ଦାନ୍ତ ଚିହ୍ନ ବସିଥିବା ଦେଖିବାକୁ ପାଇଥିଲେ । କାଳ ବିଳମ୍ବ ନକରି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ । ଡାକ୍ତରଙ୍କ କିଛି ସମୟ ଚିକିତ୍ସା ମଧ୍ୟରେ ସାଇସ୍ୱୟଂଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟତମ ଛାତ୍ର ଜ୍ଞାନରଞ୍ଜନ ଏବେ ଚିକିତ୍ସାଧିନ ଅଛନ୍ତି। ମୃତ ଛାତ୍ରଙ୍କ ପିତା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଓ ପରିବାର ଲୋକେ ସାଇଙ୍କ ଚକ୍ଷୁ ଦାନ କରିଥିବା ଦର୍ଶାଇ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି । କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ଓ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥି ଅପରାହ୍ନରେ ମୁନିନ୍ଦା ଗ୍ରାମରେ ପହଂଚି ପୀଡିତ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେବା ସହ ସମବେଦନା ଜଣାଇଛନ୍ତି ।ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ସହପାଠୀ, ଶିକ୍ଷକ ଶିକ୍ଷୟତ୍ରୀ, ଗ୍ରାମବାସୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ଭାରତରେ ଓପୋ କେ୧୪ ପ୍ଲସ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୫।୧୦ (ନି.ପ୍ର): ଓପୋ ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଏହାର ନୂତନ ସ୍ମାର୍ଟଫୋନ୍ ଓପୋ କେ୧୪ ପ୍ଲସ୍ ର ଶୁଭାରମ୍ଭ କରାଯାଇଛି । ଦମଦାର୍ କାର୍ଯ୍ୟଦକ୍ଷତା, ଦୀର୍ଘସ୍ଥାୟୀ ଗଠନ ଲକ୍ଷ୍ୟରେ ନିର୍ମିତ ଏହି ସ୍ମାର୍ଟଫୋନରେ ମିଡିଆଟେକ୍ ଡାଇମେନସିଟି ୭୩୬୦ ମ୍ୟାକ୍ସ ପ୍ରୋସେସର, ୧.୫କେ ୧୪୪ହର୍ଜ୍ଜ ଆମୋଲେଡ୍ ଅଲଟ୍ରା–ବ୍ରାଇଟ୍ ଡିସପ୍ଲେ, ୫୦୦୦ ବର୍ଗମିଲିମିଟରର ଭେପର ଚାମ୍ବର କୁଲିଂ ଏବଂ ୪କେ ଭିଡିଓ ରେକର୍ଡିଂ ସୁବିଧା ସହ ୫୦ ମେଗାପିକ୍ସେଲ ଓଆଇଏସ୍ ମୁଖ୍ୟ କ୍ୟାମେରା ରହିଛି । ଏହା ସହିତ ଫୋନରେ ୬ ବର୍ଷ ପର୍ଯ୍ୟନ୍ତ ଚାଲିପାରୁଥିବା ବିଶାଳ ୮,୦୦୦ ଏମଏଏଚ୍ ବ୍ୟାଟେରୀ ଓ ୪୫ ୱାଟ୍ ସୁପରଭୁକ୍ ଚାର୍ଜିଂ ସୁବିଧା ଦିଆଯାଇଛି, ଯାହା ଦୀର୍ଘସ୍ଥାୟୀ ବ୍ୟାଟେରୀ ବ୍ୟାକଅପ୍ ଓ ନିରବଚ୍ଛିନ୍ନ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରେ । ଏହି ଲଂଚ୍ ଅବସରରେ ଓପୋ ଇଣ୍ଡିଆର ଯୋଗାଯୋଗ ମୁଖ୍ୟ ଶ୍ରୀ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, ଆଜିର ତଥା ଭବିଷ୍ୟତର ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଓପୋ କେ୧୪ ପ୍ଲସ୍‌ରେ ଶକ୍ତିଶାଳୀ ହାର୍ଡୱେୟାର ସହିତ ଦୀର୍ଘସ୍ଥାୟୀ ସ୍ମୁଥନେସ୍ ଓ ମଜବୁତ ଗଠନର ସମନ୍ୱୟ ଘଟାଯାଇଛି ଯାହା ପ୍ରକୃତ କାର୍ଯ୍ୟଦକ୍ଷତା ଉପରେ ଦୀର୍ଘକାଳୀନ ଭରସା ଯୋଗାଇବ ।

ଓପୋ କେ୧୪ ପ୍ଲସ୍ ଦୁଇଟି ଆକର୍ଷଣୀୟ ରଙ୍ଗ, ସୋଲାର୍ ଅରେଞ୍ଜ୍ ଏବଂ ଷ୍ଟାର୍ ହ୍ୱାଇଟ୍‌ରେ ଉପଲବ୍ଧ ହେବ । ଏହାର ୬ଜିବି୧୨୮ଜିବି ଭାରିଆଂଟର ମୂଲ୍ୟ ମାତ୍ର ୨୯,୯୯୯, ୮ଜିବି୧୨୮ଜିବି ଭାରିଆଂଟର ମୂଲ୍ୟ ମାତ୍ର ୩୨,୯୯୯ ଏବଂ ୮ଜିବି୨୫୬ଜିବି ଭାରିଆଂଟର ମୂଲ୍ୟ ମାତ୍ର ୩୫,୯୯୯ ଟଙ୍କା ରଖାଯାଇଛି । ଆସନ୍ତା ୮ ଅକ୍ଟୋବର ୨୦୨୬ ମଧ୍ୟରାତ୍ରି ୧୨ଟାରୁ ଫ୍ଲିପକାର୍ଟର ବିଗ୍ ବିଲିୟନ ଡେଜ୍ ଏବଂ ଓପୋ ଇଣ୍ଡିଆ ଇ–ଷ୍ଟୋରରେ ଏହାର ବିକ୍ରି ଆରମ୍ଭ ହେବ । ଲଂଚ ଅଫର ଅଧୀନରେ ପ୍ରମୁଖ ବ୍ୟାଙ୍କ କାର୍ଡ ଉପରେ ୪,୦୦୦ ଟଙ୍କାର ତତକ୍ଷଣାତ ରିହାତି ଏବଂ ୬ ମାସ ପର୍ଯ୍ୟନ୍ତ ନୋ–କଷ୍ଟ ଇଏମଆଇ ସୁବିଧା ମିଳିବ ଫଳରେ ଗ୍ରାହକମାନେ ଏହି ଭାରିଆଂଟ ଗୁଡ଼ିକୁ ଯଥାକ୍ରମେ ୨୫,୯୯୯, ୨୮,୯୯୯ ଏବଂ ୩୧,୯୯୯ ର ପ୍ରଭାବୀ ପ୍ରାରମ୍ଭିକ ମୂଲ୍ୟରେ କ୍ରୟ କରିପାରିବେ ।

# ଆମାଜନରେ ସ୍ମାର୍ଟଫୋନ ଓ ଆକ୍‌ସେସରିଜ ଉପରେ ମେଗା ଡିଲ୍

ଭୁବନେଶ୍ୱର, ୫।୧୦ (ନି.ପ୍ର): ଆମାଜନ ଡଟ୍ ଇନରେ ସ୍ମାର୍ଟଫୋନ ଓ ଆକ୍‌ସେସରିଗୁଡିକ ଉପରେ ମେଗା ଡିଲ୍ ଏବେ ଲାଇଭ ରହିଛି ଯାହା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୬ ପୂର୍ବରୁ ଗ୍ରାହକଙ୍କୁ ପ୍ରମୁଖ, ମିଡ୍‌ରେଞ୍ଜ ଓ ଏଂଟ୍ରି ୫ଜି ଡିଭାଇସଗୁଡିକ ଉପରେ ବର୍ଷର ସର୍ବୋତମ ମୂଲ୍ୟ ପ୍ରଦାନ କରୁଛି । ଗେମିଂ, କ୍ୟାମେରା କାର୍ଯ୍ୟଦକ୍ଷତା, ବ୍ୟାଟେରୀ ଓ ସୁଲଭ ୫ଜି କ୍ଷମତାକୁ ନେଇ ନିକଟରେ ପରିଚାଳିତ ବେଷ୍ଟ ଇନ୍ ଟେକ୍ ଆୱାର୍ଡର ଗ୍ରାହକଙ୍କ ଦ୍ୱାରା ଚୟନ କରାଯାଇଥିବା ବିଜୟୀ ଡିଭାଇସଗୁଡିକ ସହିତ ଫ୍ଲାଗସିପ ସ୍ମାର୍ଟଫୋନ ଅଫ୍ ଦ ଇୟର– ସାମସଙ୍ଗ ଗ୍ୟାଲାକ୍ସି ଏସ୨୬ ଅଲଟ୍ରା, ଗେମିଂ ଲାପ୍‌ଟପ ଅଫ୍ ଦ ଇୟର – ଏଚପି ଓମେନ (ହାଇପରଏକ୍ସ, ଆରଟିଏକ୍ସ ୫୦୬୦) ଆଦିକୁ ଏହି ଶୃଙ୍ଖଳାରେ ସାମିଲ କରାଯାଇଛି । ଗ୍ରାହକମାନେ ସାମସଙ୍ଗ, ୱାନପ୍ଲସ, ସାଓମି, ରେଡ୍‌ମି ଭଳି ବ୍ରାଣ୍ଡଗୁଡିକର ଲୋକପ୍ରିୟ ସ୍ମାର୍ଟଫୋନ ଓ ଆକ୍‌ସେସରିଗୁଡିକ ଉପରେ ଚଳିତ ବର୍ଷର ସର୍ବନିମ୍ନ ମୂଲ୍ୟ ପାଇପାରିବେ । ଏଥିସହିତ ଏହି ସମୟରେ ଏସବିଆଇ କ୍ରେଡିଟ ଓ ଡେବିଟ କାର୍ଡ ଏବଂ କ୍ରେଡିଟ କାର୍ଡ ଇଏମଆଇ ଉପରେ ୧୦%ର ତତ୍କାଳ ରିହାତି ଉପଲବ୍ଧ ହେଉଛି । ସେହିପରି ପ୍ରାଇମ ସଦସ୍ୟମାନେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡରେ ୧୦% ପର୍ଯ୍ୟନ୍ତ ଅତିରିକ୍ତ ସଂଚୟ ଓ ଅନ୍‌ଲିମିଟେଡ ୫% କ୍ୟାଶବ୍ୟାକ ପାଇବେ ।

ଏହି ମେଗା ଡିଲ ଅଧିନରେ ଆମାଜନ ଡଟ୍ ଇନ୍ ଏହାର ବିଭିନ୍ନ ଏଆଇ ପରିଚାଳିତ ଟୁଲ୍ ଯେପରିକି ରୁଫସ୍, ଲେନ୍ସ ଏଆଇ,କ୍ୱିକ ଭ୍ୟୁ, ଏଆଇ ରିଭ୍ୟୁ ହାଇଲାଇଟ୍‌ସ, କ୍ୱିକ୍ ଲର୍ଣ୍ଣ, ବାୟିଙ୍ଗ ଗାଇଡ୍‌ସ ଆଦି ସହ ଗ୍ରାହକଙ୍କ ସପିଂକୁ ସରଳ ଓ ସୁବିଧାଜନକ କରୁଛି । ସ୍ମାର୍ଟଚଏସ ଫିଚର ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ସୁପାରିଶଗୁଡିକ ସହିତ ଏକ ସ୍ମାର୍ଟଫୋନ ଓ ଆକ୍‌ସେସରିଜ ଚୟନ କରିବା କାର୍ଯ୍ୟକୁ ସହଜ କରିଛି । ଏହା ମାଧ୍ୟମରେ ଗ୍ରାହକମାନେ ନିଜ ଆବଶ୍ୟକତା ସହ ମେଳ ଖାଉଥିବା ଫୋନ୍‌କୁ ସହଜରେ ସନ୍ଧାନ କରିପାରିବେ । ଅନ୍ୟପକ୍ଷରେ ପାର୍ବଣ ଋତୁ ପୂର୍ବରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୬ ପାଇଁ ଆମାଜନ ଇଣ୍ଡିଆ ସମ୍ପ୍ରସାରଣ ଘୋଷଣା କରିଛି ।

### କାର୍ଯ୍ୟକ୍ଷମ ହେଉନି ନୀଳମାଧବଙ୍କ ଲିଫ୍ଟ ସେବା

## କାଠ ଚୌକିରେ ବୁହା ହେଲେ ମହିଳା

କଣ୍ଟିଲୋ, ୫।୧୦ (ଏନ୍‌ଏନ୍‌ଏସ): ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ପ୍ରଭୁ ଶ୍ରୀ ନିଳମାଧବ ଜିଉ ଙ୍କ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ନିର୍ମିତ ଲିଫ୍ଟ ସେବାର ଆଉ ଏକ ଦୁଃଖଦ, ନିନ୍ଦନୀୟ ଓ ପ୍ରଶାସନର ଅପାରଗତା ଘଟଣା ଲୋକ ଲୋଚନକୁ ଆସିଛି। ସୂଚନାରୁ ପ୍ରକାଶ ଯେ,ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ମହାମହିମ ରାଷ୍ଟ୍ରପତିଙ୍କ ନିଳମାଧବ ଦର୍ଶନ ସମୟେ ଲିଫ୍ଟ ସେବା କାର୍ଯ୍ୟ କ୍ଷମ ହୋଇଥିଲା। କିନ୍ତୁ ତା ପରଠାରୁ ଆଜ ସୁଧା ଲିଫ୍ଟ ସେବା ଯୋଗାଇବା ପାଇଁ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ, ଓବିସିସି ବିଭାଗ ଓ ଦେବୋତ୍ତର ବିଭାଗର ମଧୁ ଚନ୍ଦ୍ରିକା ଯୋଗୁ ଆଜିକା ଦିନରେ ବରିଷ୍ଠ ପର୍ଯ୍ୟଟକ, ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଜନତା ଲିଫ୍ଟ ସେବା ନ ପାଇ କାଠ ଚଉକିରେ ବୁହା ହୋଇ ଯାଉଥିବା ଦେଖିବାକୁ ମିଳିଛି। ଲିଫ୍ଟ ବନ୍ଦ ଥିବା ହେତୁ ଜଣେ ୭୪ ବର୍ଷର ମହିଳା ଅସନ୍ତୋଷ ହୋଇ ଫେରି ଯିବାକୁ ବସିଥିବା ବେଳେ ସ୍ଥାନୀୟ କିଛି ଯୁବକ ତାଙ୍କୁ କାଠ ଚଉକିରେ ବସେଇ ଦୋଳା କରି ଟେକି ଟେକି ନେଇ ଶ୍ରୀ ଜିଉଙ୍କ ଦର୍ଶନ କରାଇଥିଲେ ଏବଂ ପୁଣି ପାହାଚ ତଳକୁ ଟେକି ଟେକି ଆଣିଥିବାର ନିନ୍ଦନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଲିଫ୍ଟ ସମ୍ପୂର୍ଣ୍ଣ ଭାବେ ସେବା ଉପଯୋଗୀ ହୋଇ ରହିଥିଲେ ମଧ କାହିଁକି ସର୍ବସାଧାରଣ ଜନତା, ବରିଷ୍ଠ ନାଗରିକ ଓ ଭିନ୍ନ କ୍ଷମ ବିକଳାଙ୍ଗ ପର୍ଯ୍ୟଟକଙ୍କ ପାଇଁ ନୁହେଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯଥାଶୀଘ୍ର ଲିଫ୍ଟ ସେବା କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ନୟାଗଡ଼ ଙ୍କ ନିକଟରେ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନେ ଦାବି କରିଛନ୍ତି।

## ବାଲୁଗାଁ ରେଳଷ୍ଟେସନରେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର

ଚିଲିକା, ୫।୧୦ (ନି.ପ୍ର): ସୋମବାର ବାଲୁଗାଁ ରେଳ ଷ୍ଟେସନ ଠାରେ ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ବାଲୁଗାଁ ରେଳବାଇ ପୋଲିସ ପ୍ରକାଶ କରିଛି । ସୂଚନା ଅନୁଯାୟୀ ବାଲୁଗାଁ ରେଳ ଷ୍ଟେସନରେ ୨ ଓ ୩ ନମ୍ବର ମଧ ଭାଗ ପ୍ଲାଟଫର୍ମରେ ଦିନ ୧୧ଟା ବେଳେ ଜଣେ ବୃଦ୍ଧା ବେଞ୍ଚ ଉପରେ ବସି ଥିବା ବେଳେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରି ସେଠାରେ ଶୋଇ ପଡିଥିଲେ। ଉକ୍ତ ଖବର



ପାଇ ରେଳବାଇ ପୋଲିସ ବାଲୁଗାଁ ସରକାରୀ ଡାକ୍ତରଖାନାକୁ ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବେଳେ ଏ ସମ୍ପର୍କରେ କେଶ ନମ୍ବର ୬୨/୨୬ ଏକ ଅପମୃତ ମାମଲା ରୁଜୁ କରିଥିବା ଜିଆରପି ଏସ ଆଇ ଦିଲୀପ ସାହୁ ପ୍ରକାଶ କରିଛନ୍ତି।

## ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସୁରକ୍ଷା ଓ ସେବା ପାଇଁ ୬ ଦଫା ଦାବି

କାକଟପୁର, ୫।୧୦ (ନି.ପ୍ର): କାକଟପୁର ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ କ୍ଷେତ୍ର କର୍ମଚାରୀଙ୍କ ସୁରକ୍ଷା ଓ କାର୍ଯ୍ୟ ପରିବେଶରେ ଉନ୍ନତି ଆଣିବା ଦାବିରେ ଟିପିସିଓଡିଏଲ୍ କାକଟପୁର ସବ୍‌ଡିଭିଜନ୍‌ର ଏସ୍‌ଡିଓଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ରାତ୍ରିକାଳୀନ ବ୍ରେକ୍‌ଡାଉନ୍ ଓ ଫଲ୍ଟ ଆଟେଣ୍ଡିଂ ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳ ଓ ଆବଶ୍ୟକ ଯାନବାହନ ଯୋଗାଇବା, ନିର୍ଦ୍ଧାରିତ ଡ୍ୟୁଟି ଆୱାର୍ଡ ଅନୁଯାୟୀ କର୍ମଚାରୀ ନିୟୋଜନ କରିବା, ପୂର୍ବ ନିର୍ଦ୍ଧାରିତ ନାଇଟ୍ ଡ୍ୟୁଟି ରୋଷ୍ଟର ପ୍ରସ୍ତୁତ କରିବା ଏବଂ ପର୍ଯ୍ୟାପ୍ତ ପିପିଇ ଓ ସୁରକ୍ଷା ସାମଗ୍ରୀ ଯୋଗାଇବା ଭଳି ଦାବି ରହିଛି। ଏଥିସହ ଗ୍ରାହକଙ୍କ ଅଭିଯୋଗ ଗ୍ରହଣ ପାଇଁ ଥିବା କଲ୍ ହ୍ୟାଣ୍ଡଲିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା, କର୍ମଚାରୀଙ୍କ ରୋଲ୍ ଓ ରେସପନ୍ସିବିଲିଟି ସ୍ପଷ୍ଟ କରିବା, ଆବଶ୍ୟକ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ସହ ଫଲ୍ଟ ରେସପନ୍ସ ଟାଇମ୍ କମାଇବାକୁ ଦାବି କରାଯାଇଛି। ଏହାଦ୍ୱାରା ବିଦ୍ୟୁତ ଗ୍ରାହକଙ୍କୁ ତ୍ୱରିତ ଓ ଉନ୍ନତମାନର ସେବା ମିଳିପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବର୍ତ୍ତମାନ ବିଦ୍ୟୁତ ବିଭାଗରେ କର୍ମଚାରୀ ଅଭାବ, ରାତ୍ରିକାଳୀନ ଫଲ୍ଟ ଆଟେଣ୍ଡିଂ ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନେଇ ଯେଉଁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ରାକେଶ ସାହୁ, ଉଲ୍ଲାସ ମଲ୍ଲ, ଅଖିଳ ନାୟକ, ସଞ୍ଜୟ ମହାନ୍ତି,ପ୍ରଶାନ୍ତ ତରାଇ,ସଦାନନ୍ଦ ଜେନା,ରାଜେଶ ପାତ୍ର,ବିଶ୍ୱଜିତ ଲେଙ୍କାଙ୍କ ସମେତ ସମସ୍ତ କର୍ମଚାରୀମାନେ ଅନୁରୋଧ କରିଛନ୍ତି।

## ସାଙ୍ଗ ପାଇଁ ସାଙ୍ଗମାନେ ବଢ଼ାଇଲେ ସାହାଯ୍ୟର ହାତ

ପିପିଲି, ୫।୧୦ (ନି.ପ୍ର): ପିପିଲି ବ୍ଲକର ହାଟସାହି ପଞ୍ଚାୟତ ର ପୋଡାଗୁଣ ଗ୍ରାମରେ ମନୋରଞ୍ଜନ ଦାସ (୪୮) ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିଲା । ସେ ଜଣେ ଦିନ ମଜୁରୀଆ ଭାବେ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ । ତାର ଅକାଳ ରେ ମୃତ୍ୟୁହେବା ଖବର ପାଇଁ ବନ୍ଧୁ, ବାନ୍ଧବ, ସମ୍ପର୍କୀୟ ଲୋକ ସାଙ୍ଗ ସାଥି, ଏବଂ ଅଞ୍ଚଳ ବାସୀ ଦୁଃଖ ପ୍ରକାଶ କରିଥିଲେ । ଏହି ଦୁଃଖ ଦ ସମୟ ରେ ସ୍ୱର୍ଗତ ମନୋରଞ୍ଜନ ଦାସ ଙ୍କ ପତ୍ନୀ ମନୋରମା ଦାସଙ୍କ ପିଲାଦିନରେ ପାଠ ପଢୁଥିବା ଗୋପବନ୍ଧୁ ମୋମୋରିଆଲ ହାଇସ୍କୁଲ ଦାଣ୍ଡମୁକୁନ୍ଦ ପୁର ୧୯୯୭ ମସିହା ବ୍ୟାଚ ର ସାଙ୍ଗ ସାଥି ମାନେ କିଛି କିଛି ଅର୍ଥ ସଂଗ୍ରହ କରି ଆର୍ଥିକ ସହାୟତା ପଡାଗୁଣ



ସ୍ଥିତ ବାସଭବନ ଠାରେ ପ୍ରଦାନ କରିଥିଲେ । ଉକ୍ତ ସ୍କୁଲ ର ସାଙ୍ଗ ମାନଙ୍କ ତରଫରୁ ବ୍ରହ୍ମାନନ୍ଦ ପ୍ରଧାନ, ନୃସିଂହ ଚରଣ ସାହୁ,ମୋହିତ ପଣ୍ଡା, ମନୋରଞ୍ଜନ ପ୍ରଧାନ, ଏବଂ ପ୍ରତାପ କୁମାର ବାରିକ ଏହି ସହାୟତା ରାଶି ସ୍କୁଲ ସାଙ୍ଗ ମନୋରମା ହାତରେ ଦେଇଥିଲେ ଏବଂ ପାଖରେ ଦୁଇ ପୁତ୍ର ଏବଂ ପରିବାର ସମ୍ପର୍କୀୟ ଥିଲେ । ତା ପରିବାର ପାଇଁ ସଦାବେଳେ ସୁ ସମୟରେ ସାଙ୍ଗ ମାନେ ଠିଆ ହେବାର ପ୍ରତିଶୃତି ମଧ ଦେଇଛନ୍ତି । ଏଭଳି ଦୁଃଖଦ ସମୟରେ ସାଙ୍ଗ ପାଇଁ ସାଙ୍ଗ ସାଥି ସହଯୋଗ ର ହାତ ବଢାଇ ଥିବାରୁ ସୁ ମହଲରେ ପ୍ରଶଂସା କରାଯିବା ସହିତ ସ୍କୁଲ ସମୟର ପାଠ ପଢା, ସାଙ୍ଗସାଥୀ ମାନଙ୍କ ସ୍ନେହ ମମତା ଏବେ ବଞ୍ଚିରହିଛି । ଏବଂ ପୁରୀ ଜିଲ୍ଲା ପିପିଲି ପ୍ରଶାସନ ପାଖରେ ଦାବି କରିଛନ୍ତି ସ୍ୱର୍ଗତ ମନୋରଞ୍ଜନ ପରିବାର କୁ ସରକାରୀ ସହାୟତା ଯୋଗାଇ ଦେବା ସହିତ ବିଭିନ୍ନ ସରକାରୀ ଯୋଜନା ଯୋଗାଇ ଦିଆଯିବା ପାଇଁ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ର ପୁରାତନ ଛାତ୍ର, ଛାତ୍ରୀ ମାନେ ଦାବି କରିଛନ୍ତି ।

## ନଭେମ୍ବର ୧୫ରେ ନାଟକ କୁଆଁରୀ କୋଠି

ନୟାଗଡ଼, ୫।୧୦ (ନି.ପ୍ର): ନୟାଗଡ଼ର ପ୍ରଗତିଶୀଳ ନାଟ୍ୟମଞ୍ଚ ତୃତୀୟ ନୟନ ପକ୍ଷରୁ ଚଳିତ ନଭେମ୍ବର ୧୫ ତାରିଖରେ ପଠାଣି ସାମନ୍ତ ଅଡିଟୋରିୟମରେ କମ୍ରେଡ ବିଶ୍ୱନାଥ ମହାପାତ୍ରଙ୍କ ରଚିତ ନାଟକ କୁଆଁରୀ କୋଠି ମଞ୍ଚସ୍ଥ କରିବାକୁ ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ନାଟ୍ୟକାର ଗଦାଧର ନନ୍ଦଙ୍କ ନିର୍ଦ୍ଦେଶନାରେ ଏହି ନାଟକ ଟି ଦର୍ଶକ ମାନଙ୍କ ପାଇଁ ବେଶ୍ ଉପଭୋଗ୍ୟ ହେବ ବୋଲି କଳାକାରମାନେ ଆଶାପୋଷଣ କରିଛନ୍ତି ! ଅକ୍ଟୋବର ୪ ସନ୍ଧ୍ୟାରେ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କଳାକାର ମିଷ୍ଟର କାଳିଆ, ଅନ୍ତର୍ଯ୍ୟାମୀ ମହାନ୍ତି, ପ୍ରଦୀପ୍ତ ଡାକୁଆ, ସୁଦର୍ଶନ ରାଉତ, ନିରଞ୍ଜନ ସାହୁ, ପ୍ରତାପ ସାହୁ, ଗୋପୀନାଥ ସେଠୀ, ସଞ୍ଜୟ ପରିଡା, ମିଷ୍ଟର ରବି, ରାଜେଶ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଦଶପଲ୍ଲା ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଦଶପଲ୍ଲା, ୫।୧୦(ନି.ପ୍ର): ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ମିଶନ ଶକ୍ତି ଗୃହ ଠାରେ ସୋମବାର ଦିନ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା , ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନା ଓ ଅନ୍ୟ ସମସ୍ତ ଯୋଜନା ସମ୍ବନ୍ଧରେ ସବିଶେଷ ଶୁଣାଣି କରାଯାଇଥିଲା। ଏ ସମୟରେ ଦଶପଲ୍ଲା ବିଡ଼ିଓ ଶରତ କୁମାର ମଲିକ, ଦଶପଲ୍ଲା ତହସିଲଦାର ସ୍ମିତିରଞ୍ଜନ ଶତପଥୀ, ଦଶପଲ୍ଲା ଏନ ଏ ସି କାର୍ଯ୍ୟନିବାହୀ ଅଧିକାରୀ ଅବିନାଶ ମହାନ୍ତି,ସି ଡି ପି ଓ ସଂଯୁକ୍ତା ସାମଲ ଉପସ୍ଥିତ ଥିଲେ ଓ ତତ ସହିତ ବିଭିନ୍ନ ବିଭାଗ ର ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୧୮ ଟି ଦରଖାସ୍ତର ଶୁଣାଣି ହୋଇଥିଲା।

## ବଡ଼କୁମାରୀ ପଞ୍ଚାୟତରେ ୩୩ ଅଭିଯୋଗ ସମାଧାନ

ବୋଲଗଡ଼, ୫।୧୦ (ନି.ପ୍ର): ବୋଲଗଡ ବ୍ଲକ ବଡ଼କୁମାରୀ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଅନୁଷ୍ଠିତ ହୋଇଛି.ବିଡିଓ ସୁଶ୍ରୀ ସୁମନ ସୁଧା କୁଣ୍ଡୁ, ଏବିଡ଼ିଓ ଡ଼. ରତିକାନ୍ତ ମିଶ୍ର, ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ଏଡିଓ ବ୍ରଜ କିଶୋର ପ୍ରଧାନ ପ୍ରମୁଖ ଉଦଘାଟନ କରିଥିଲେ. ଆଜିର କାର୍ଯ୍ୟକ୍ରମ ରେ ୪୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା. ତହିଁରୁ ୩୩ଟିର ତୁରନ୍ତ ସମାଧାନ କରାଯାଇଥିଲା. ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଯୋଗଦେଇ ସମସ୍ୟା ସମାଧାନ କରିବାକୁ ପ୍ରୟାସ କରିଥିଲେ. ଜନସାଧାରଣ ଙ୍କ ନିକଟରେ ପ୍ରଶାସନ କୁ ପହଂଚାଇବା ପାଇଁ ଏହି ଉଦ୍ୟମ ସଫଳତା ହାସଲ କରିଥିବା ଜନସାଧାରଣ ପ୍ରକାଶ କରିଛନ୍ତି. ପରିଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋର୍ଦ୍ଧାରେ ଓସାର ଦୁର୍ନୀତି ବିରୋଧୀ ସଚେତନତା

ଖୋର୍ଦ୍ଧା (ନିପ୍ର )ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଆୟୋଜିତ ଦୁର୍ନୀତି ବିରୋଧୀ ସଚେତନତା ଅଭିଯାନକୁ ଖୋର୍ଦ୍ଧା ସହରରେ ସାଧାରଣ ଲୋକଙ୍କ ପକ୍ଷରୁ ବ୍ୟାପକ ସମର୍ଥନ ମିଳିଛି । ଦୁର୍ନୀତି ବିରୋଧରେ ଜନସଚେତନତା, ସରକାରୀ ବ୍ୟବସ୍ଥାରେ ପାରଦର୍ଶିତା, ଜବାବଦେହିତା ଓ ଲୋକଙ୍କ ସୂଚନା ଅଧିକାରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆୟୋଜିତ ହୋଇଛି ।

ଓସା ପକ୍ଷରୁ ୫ ଅକ୍ଟୋବରରୁ ୯ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ସଦର ମହକୁମା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।ଏହି କ୍ରମରେ ସୋମବାର ଓସାର କର୍ମକର୍ତ୍ତା ଓ ସଦସ୍ୟମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମେତ କୋର୍ଟ, ମାର୍କେଟ, ବସ୍‌ଷ୍ଟାଣ୍ଡ ଓ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କୁ ଦୁର୍ନୀତି, ପ୍ରଶାସନିକ ଜବାବଦେହିତା ଓ ସରକାରୀ କାର୍ଯ୍ୟରେ ପାରଦର୍ଶିତା ସମ୍ପର୍କରେ ସଚେତନ କରିଥିଲେ । ଏହି ଅବସରରେ ପୂର୍ବତନ ଓ ବର୍ତ୍ତମାନ ସରକାରଙ୍କ




କାର୍ଯ୍ୟକଳାପ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ, ଅଭିଯୋଗ ଓ ସାର୍ବଜନୀନ ଆଲୋଚନାର ବିଷୟଗୁଡ଼ିକୁ ଲୋକଙ୍କ ସମ୍ମୁଖରେ ରଖାଯାଇଥିଲା । ଏଥିସହ ସଚେତନତାମୂଳକ ଲିଫଲେଟ୍ ବଣ୍ଟନ କରାଯାଇଥିଲା । ଅଭିଯାନ ସମୟରେ ଖୋର୍ଦ୍ଧା ସହରର ବିଭିନ୍ନ ବର୍ଗର ନାଗରିକ ଓ ସହରବାସୀଙ୍କ ସହ କର୍ମୀମାନେ ଆଲୋଚନା କରିଥିଲେ। ଦୁର୍ନୀତି ବିରୋଧରେ ଏପରି ଜନସଚେତନତାମୂଳକ ପଦକ୍ଷେପକୁ ଅନେକ ନାଗରିକ ସ୍ୱାଗତ କରିବା ସହ ସରକାରୀ ବ୍ୟବସ୍ଥାରେ ଅଧିକ ପାରଦର୍ଶିତା ଓ ଜବାବଦେହିତାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ ବରିଷ୍ଠ ସାମାଜିକ ତଥା ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ ।

ଓସା ପକ୍ଷରୁ ଆହୁରି ସ୍ପଷ୍ଟ କରାଯାଇଛି ଯେ, ଏହି ଅଭିଯାନ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଓ ତଥ୍ୟଭିତ୍ତିକ ଭାବରେ ଜାରି ରହିବ । କାର୍ଯ୍ୟକ୍ରମରେ ଶ୍ରୀ ପ୍ରକାଶ ଦାସ, ଶ୍ରୀ ସୁଧୀର ମାହାନ୍ତି, ହୃଦାନନ୍ଦ କୋଦମସିଂହ, ଜ୍ଞାନ ଦାସ, ସୀମାଞ୍ଚଳ ଜେନା, ସତ୍ୟବ୍ରତ ଜେନା, ବିକାଶ ନାୟକ, ପ୍ରକାଶ ସୁନ୍ଦରରାୟ ପ୍ରମୁଖଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ କର୍ମୀ ଓ ସଦସ୍ୟ ଯୋଗଦେଇଥିଲେ ।

**ପାଦଚିହ୍ନ**

ପ୍ରତ୍ୟେକ ବ୍ୟକ୍ତିର ଭଲପଣିଆ ପ୍ରଜାତନ୍ତ୍ରୀୟ ଶାସନର ସଫଳତାର ମୂଳ ସିଦ୍ଧାନ୍ତ ଅଟେ ।

## ସମ୍ପାଦକୀୟ

## ଅଟୋ ଡ୍ରାଇଭରଙ୍କ ମହତ କାର୍ଯ୍ୟ

ସିଲ୍କ ସିଟି ବ୍ରହ୍ମପୁରର ଅଟୋ ଡ୍ରାଇଭର ଗଗନ କୁମାର ପାତ୍ରଙ୍କର ଯେତେ ପ୍ରଶଂସା କଲେ ବି କମ୍ ହେବ । ଦୀର୍ଘ ୧୫ ବର୍ଷ ଧରି ସେ ଏଭଳି ମହତ କାର୍ଯ୍ୟ କରୁଛନ୍ତି ଯେଉଁଥିପାଇଁ ସମସ୍ତେ ତାଙ୍କୁ ସାବାସୀ ଦେଉଛନ୍ତି । ବିଭିନ୍ନ ସଂସ୍ଥା ପକ୍ଷରୁ ମଧ ତାଙ୍କୁ ସମ୍ମାନିତ କରାଯାଉଛି । ବ୍ରହ୍ମପୁରରେ ଏକ ଭଡ଼ା ଘରେ ରହୁଛନ୍ତି ଗଗନ । ପରିବାର ବୋଇଲେ ତାଙ୍କର ପତ୍ନୀ ଓ ଦୁଇ ପୁଅ । ଅଟୋ ଚାଳନା କରି ସେ ଯାହା ଉପାର୍ଜନ କରନ୍ତି ସେଥିରେ ପରିବାର ଚଳାନ୍ତି । ଏହା ସହ ମଧ ସେ କରିଚାଲିଛନ୍ତି ଏକ ମହତ କାର୍ଯ୍ୟ- ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଓ ଗୁରୁତର ଅସୁସ୍ଥ ରୋଗୀଙ୍କୁ ନିଜ ଅଟୋରେ ମାଗଣାରେ ନେଇ ମେଡ଼ିକାଲରେ ପହଞ୍ଚାଉଛନ୍ତି । ଦୀର୍ଘ ୧୫ ବର୍ଷ ମଧ୍ୟରେ ସେ ୫୦୦୦ରୁ ଅଧିକ ରୋଗୀଙ୍କୁ ଏହି ସେବା ଯୋଗାଇ ଦେଲେଣି । ସେମାନଙ୍କଠାରୁ ଟଙ୍କାଟିଏ ମଧ ନେଇନାହାନ୍ତି । କିନ୍ତୁ ପରିବାର



ଚଳାଇବା ପାଇଁ ଅନ୍ୟ ପାସେଞ୍ଜରଙ୍କଠାରୁ ସେ ଅଟୋ ଭଡ଼ା ନେଇଥାନ୍ତି। ୧୫ ବର୍ଷ ପୂର୍ବେ ତାଙ୍କର ଜଣେ ପୁତ୍ର ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ନେବା ପାଇଁ ଗାଡ଼ିଟିଏ ଖୋଜି ଖୋଜି ପାଇନଥିଲେ ଗଗନ। ଶେଷରେ ଜଣେ ଟ୍ରକ ଡାଇଭର ତାଙ୍କର ସହାୟତା କରିଥିଲେ । ପିତା-ପୁତ୍ରଙ୍କୁ ଟ୍ରକରେ ନେଇ ମେଡ଼ିକାଲରେ ଛାଡ଼ିଥିଲେ । ଗଗନ ଟ୍ରକ ଡ୍ରାଇଭରଙ୍କୁ ଏଥିପାଇଁ ଅର୍ଥ ମଧ ଦେବାକୁ ଚାହିଁଥିଲେ, ବହୁ ଅନୁରୋଧ ବି କରିଥିଲେ, କିନ୍ତୁ ଟଙ୍କା ନେବାକୁ ମନା କରିଦେଇଥିଲେ ଟ୍ରକ ଡ୍ରାଇଭର । ଏହି ଘଟଣା ପରେ ଗଗନ ଏକ ଅଟୋ-ରିକ୍ସା କିଣିଥିଲେ ଓ ଏହି ମହତ କାର୍ଯ୍ୟ ଆରମ୍ଭ କରିଥିଲେ । ସହାୟତା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ସେ ନିଜ ଅଟୋ ପଛରେ ନିଜର ଫୋନ୍ ନମ୍ବର ମଧ ଲେଖିଛନ୍ତି । ହ୍ୟାଣ୍ଡବିଲ୍ ଛାପି ସହାୟତା ନେବା ପାଇଁ ଲୋକଙ୍କୁ ବି ଅନୁରୋଧ କରୁଛନ୍ତି । ୧୫ ବର୍ଷ ଧରି ଜାରି ରହିଛି ତାଙ୍କର ସେବା ।

## ନୋବେଲ ଶାନ୍ତି ପୁରସ୍କାର

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ଘୋଷଣାର ଶୁଭାରମ୍ଭ ହୋଇଛି । ପ୍ରଥମେ ଆରମ୍ଭ ହୋଇଛି ମେଡ଼ିସିନ କ୍ଷେତ୍ରରୁ । ନୋବେଲ ଶାନ୍ତି ପୁରସ୍କାର ମଧ ଚର୍ଚ୍ଚାରେ ରହିଛି । ଏହା ୯ ଅକ୍ଟୋବରରେ ଓସ୍‌ଲୋରେ ଘୋଷଣା କରାଯିବ । ଗତ ବର୍ଷ ଏହି ପୁରସ୍କାରକୁ ନେଇ ହଇଚଇ ସୃଷ୍ଟି କରିଥିଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କାରଣ ଏହି ପୁରସ୍କାର ପାଇଁ ସେ ଯୋଗ୍ୟ ବୋଲି ନିଜ ପକ୍ଷରୁ ଦାବି କରିଥିଲେ । କିନ୍ତୁ ଏହି ପୁରସ୍କାର ତାଙ୍କୁ ମିଳିନଥିଲା । ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ସମ୍ଭାବ୍ୟ



ତାଲିକାରେ ରହିଛି ୨୮୭ ନାମ । ତାଲିକାରେ ଯୁଦ୍ଧ ଗ୍ରସ୍ତ ୟୁକ୍ରେନରେ ପିଲାଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି, ଦୁଇଟି ପ୍ରମୁଖ ଅନ୍ତଃରାଷ୍ଟ୍ରୀୟ ଅଦାଲତ, ସୁଦାନର ଇମର୍ଜେନ୍ସି ଟିମ୍, ଡୋନାଲ୍ଡ ଟ୍ରମ୍ପ, କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ନୀ ପ୍ରମୁଖଙ୍କ ନାମ ସ୍ଥାନ ପାଇଛି ତାଲିକାରେ । କିନ୍ତୁ ଅନ୍ତଃରାଷ୍ଟ୍ରୀୟ ସ୍ପେଶ୍ ଷ୍ଟେସନ (ଆଇଏସ୍ଏସ୍) ନାମକୁ ନେଇ ଜୋର ଧରିଛି ଚର୍ଚ୍ଚା । ଆଇଏସ୍ଏସ୍‌ର ନାମ ରହିଛି ସମ୍ଭାବ୍ୟ ତାଲିକାରେ। ଏହାକୁ ଅନ୍ତଃରାଷ୍ଟ୍ରୀୟ ସହଯୋଗର ଏକ ବିରଳ ଉଦାହରଣ ଭାବେ ଗ୍ରହଣ କରାଯାଇଛି । ନୋବେଲ ଶାନ୍ତି ପୁରସ୍କାର ପାଇଁ ସମ୍ଭାବିତ ନାମଗୁଡ଼ିକ ଉପରେ ନଜର ରଖିଥିବା ବିଶେଷଜ୍ଞଙ୍କ ମଧ୍ୟରେ ରହିଛନ୍ତି ଓସ୍‌ଲୋର ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ନିର୍ଦ୍ଦେଶକ ହାକୋନ ଜେରଲୋ । ତାଙ୍କ ଅନୁଯାୟୀ, ଅନ୍ତରୀକ୍ଷ ଅନୁଧାନରେ ଦେଶଗୁଡ଼ିକୁ ଯୋଡ଼ି କାର୍ଯ୍ୟ କରିବାର ଏକ ବିରଳ ଉଦାହରଣ ହେଉଛି ଆଇଏସ୍ଏସ୍ ବା ଏହାକୁ ସଞ୍ଚାଳିତ କରୁଥିବା ଅନ୍ତଃରାଷ୍ଟ୍ରୀୟ ସହଯୋଗ।

# ବିଶ୍ୱରେ ଭାରତର ଗୌରବ ବଢ଼ାଇଲେ ସ୍ମିତ୍

ଇଂ. ଅମର ବେହେରା

ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଚରମ ସୀମାରେ ପହଞ୍ଚିଥିବା ଆଧୁନିକ ବିମାନ ଚଳାଚଳ ଇତିହାସରେ କେବେ କେବେ ଏମିତି କିଛି ଅପ୍ରତ୍ୟାଶିତ ଘଟଣା ଘଟେ, ଯାହା ମାନବୀୟ ସାହସ, ତ୍ୟାଗ ଏବଂ ସାମୂହିକ ଦାୟିତ୍ୱବୋଧର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥାଏ। ନିକଟରେ ଦୁବାଇରୁ ଇସ୍ରାଏଲ୍ ଅଭିମୁଖେ ଯାଉଥିବା ଫ୍ଲାଇଦୁବାଇ ବିମାନ ଏଫ୍‌ଜେଡ୍ ୧୦୭୩ ଆକାଶ ମାର୍ଗରେ ଭୟଙ୍କର ସଂକଟର ସମ୍ମୁଖୀନ ହୋଇଥିଲା । ସେହି ସମୟରେ ବିମାନର ସହ-ପାଇଲଟ୍ ଜଣକ ହଠାତ ଉଗ୍ରବାଦୀ ମନୋଭାବ ପ୍ରଦର୍ଶନ କରି କକ୍‌ପିଟ ଭିତରେ ମୁଖ୍ୟ ପାଇଲଟ୍ କ୍ୟାପ୍‌ଟେନ ସ୍ମିତ ମଚ୍ଛାରଙ୍କ ଉପରେ ଏକ ଜରୁରୀକାଳୀନ କ୍ରାସ୍ ଆକ୍ସ (କୁରାଢ଼ି) ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ସଂଘର୍ଷ ଯୋଗୁଁ କ୍ୟାପ୍ଟେନ୍ ସ୍ମିତ ରକ୍ତ ଜୁଡୁବୁଡୁ ହୋଇ କକ୍‌ପିଟ ଚଟାଣରେ ପଡ଼ିଯାଇଥିଲେ ଏବଂ ବିମାନଟି ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ ହୋଇ ମାତ୍ର ୨୯ ସେକେଣ୍ଡରେ ୧୪,୦୦୦ ଫୁଟ୍ ତଳକୁ ଖସିବାକୁ ଲାଗିଥିଲା। ସେହି ମୃତ୍ୟୁସମ ପରିସ୍ଥିତିରେ ଜୀବନକୁ ପଛରେ ପକାଇ କ୍ୟାପ୍‌ଟେନ ସ୍ମିତ ସମସ୍ତ ଶକ୍ତି ଖଟାଇ ଭିତରୁ କକ୍‌ପିଟରେ କବାଟ ଖୋଲିବାରେ ସଫଳ ହୋଇଥିଲେ। ସେହି ସମୟରେ ବିମାନରେ ଯାତ୍ରୀ ଭାବେ ଯାଉଥିବା ଅନ୍ୟ ଦୁଇଜଣ ଅଫ୍-ଡ୍ୟୁଟି ପାଇଲଟ୍, କ୍ରୁ ସଦସ୍ୟ, ଜଣେ ପ୍ଲମ୍ବର ଓ ଡେଣ୍ଟିଷ୍ଟଙ୍କ ସମେତ କିଛି ସାହସୀ ଯାତ୍ରୀ ତୁରନ୍ତ ଭିତରକୁ ପଶି ଆକ୍ରମଣକାରୀକୁ କାବୁ କରିଥିଲେ। ସେହି ଦୁଇ ରିଜର୍ଭ ପାଇଲଟ୍ ତୁରନ୍ତ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେଇ ଅତି କୁଶଳତାର ସହ ସାଉଦି ଆରବର ତବୁକ୍ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରାଇଥିଲେ। କ୍ୟାପ୍ଟେନ୍ ସ୍ମିତ, ଅନ୍ୟ ପାଇଲଟ୍ ଓ ଯାତ୍ରୀମାନଙ୍କ ଯୋଗୁଁ ୧୭୪ ଯାତ୍ରୀଙ୍କ ଜୀବନ ରକ୍ଷା ପାଇପାରିଛି।

କ୍ୟାପ୍‌ଟେନ ସ୍ମିତ ସେହି ମରଣାନ୍ତକ ପରିସ୍ଥିତିରେ ଲଢ଼ିବା ପାଇଁ ମନେ ମନେ 'ହନୁମାନ ଚାଳିଶା' ପାଠ କରୁଥିଲେ, ଯାହା ତାଙ୍କୁ ଦୁର୍ଗମ ସ୍ଥିତିରେ ଅପାର ମନୋବଳ ପ୍ରଦାନ କରିଥିଲା। ଏହି ଅସାଧାରଣ ବୀରତ୍ୱ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ମିତ ମଚ୍ଛାର ଏବଂ ତାଙ୍କ ପିତାମାତାଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ଦୀର୍ଘ ସମୟ କଥା ହୋଇଥିଲେ। ଏହି ଆବେଗପୂର୍ଣ୍ଣ କଥୋପକଥନ ସମୟରେ କ୍ୟାପ୍ଟେନ୍ ସ୍ମିତ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଜୀବନର ସବୁଠାରୁ ବଡ଼ ଆଦର୍ଶ ଏବଂ ଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ଏଭଳି ସମୟରେ କଲ୍ ପାଇବା ତାଙ୍କ ପାଇଁ ସ୍ୱତନ୍ତ୍ର ଓ ଗର୍ବର ମୁହୂର୍ତ୍ତ। ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ମଚ୍ଛାରଙ୍କ ବିଶ୍ୱକୁ ଭାରତ ବିଷୟରେ ଏକ ମହାନ ସନ୍ଦେଶ ଦେଇଛି। ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଥିଲେ, ଆମେ ଭାରତୀୟମାନେ ଅନ୍ୟର ଜୀବନ ନେଉଥିବା ଲୋକଙ୍କ ମଧ୍ୟରେ ନାହୁଁ, ବରଂ ଆମେ ସେହିମାନଙ୍କ ମଧ୍ୟରୁ ଜଣେ ଯେଉଁମାନେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇବାକୁ ପ୍ରସ୍ତୁତ ଥାଆନ୍ତି। କ୍ୟାପ୍ଟେନ୍ ସତ ଏଥିପାଇଁ ୧୪୫ କୋଟିରୁ ଅଧିକ ଭାରତୀୟଙ୍କ ମଥା ଗର୍ବରେ ଉଚ୍ଚା କରିଛନ୍ତି।

ଅନ୍ୟପଟେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ କ୍ୟାପ୍ଟେନ୍ ସ୍ମିଙ୍କ ସହ କଥା ହୋଇ କହିଛନ୍ତି, ଆପଣ ସମଗ୍ର ବିଶ୍ୱର ପ୍ରକୃତ ହିରୋ। ଏଥିସହିତ ଇସ୍ରାଏଲ୍ ସରକାର ସ୍ମିତଙ୍କୁ ନିଜ ଦେଶର ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ପ୍ରଦାନ କରିବାକୁ ଯାଉଛନ୍ତି । କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କ ଏହି କାହାଣୀ ଭାରତର ଅନ୍ୟ ଜଣେ ଅସାଧାରଣ ବୀର କନ୍ୟା ନୀରଜା ଭାନୋଟ୍‌ଙ୍କ ତ୍ୟାଗକୁ ମନେ ପକାଇଦିଏ। ୧୯୮୬ ମସିହାରେ ଆତଙ୍କବାଦୀଙ୍କ ଦ୍ୱାରା ହାଇଜାକ୍ ହୋଇଥିବା ପାନ୍ ଆମ୍ (Pan Am Flight 73) ବିମାନରେ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଥିବା ନୀରଜା, ଆତଙ୍କବାଦୀଙ୍କ ଗୁଳିରେ ନିଜ ଜୀବନକୁ ବଳିଦାନ ଦେଇ ଶତାଧିକ ଯାତ୍ରୀଙ୍କୁ ବଞ୍ଚାଇଥିଲେ । ଆଜି କ୍ୟାପ୍ଟେନ୍ ସ୍ମିତଓ ଅନ୍ୟ ସହଯୋଗୀ ପାଇଲଟମାନେ ସେହି ପରମ୍ପରାକୁ ପୁନର୍ବାର ପ୍ରତିଷ୍ଠିତ କରିଛନ୍ତି ।

ଏହି ଆକାଶଚୁମ୍ବୀ ବୀରତ୍ୱ ଯୋଗୁଁ ବିଶ୍ୱରେ ପ୍ରତ୍ୟେକ ଭାରତୀୟ ପାଇଲଟ୍ ଓ ପ୍ରବାସୀ ଭାରତୀୟଙ୍କୁ ଏକ ଭିନ୍ନ ସମ୍ମାନର ସହ ଦେଖାଯାଉଛି। ବିଦେଶରେ ରହୁଥିବା ଜଣେ ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ କନୁପ୍ରିୟା ଅଗ୍ରୱାଲ୍ ନିଜର ଏକ ସାମ୍ପ୍ରତିକ ଅନୁଭୂତି ସେୟାର କରି କହିଛନ୍ତି, କ୍ୟାପ୍ଟେନ୍ ସ୍ମିତଙ୍କ କାହାଣୀ ପରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ପାଇଲଲଟମାନଙ୍କୁ ମିଳୁଥିବା ସ୍ୱୀକୃତି ଓ ଆଦର ବହୁ ଗୁଣା ବୃଦ୍ଧି ପାଇଛି। କନୁପ୍ରିୟା କହିଛନ୍ତି, ଯେତେବେଳେ ସ୍ମିତ ମଚ୍ଛାରଙ୍କ ଭଳି ଜଣେ ସାହସୀ ବ୍ୟକ୍ତି ଆପଣଙ୍କ ଦେଶକୁ ପ୍ରତିନିଧିତ୍ୱ କରନ୍ତି, ସେତେବେଳେ ବିଶ୍ୱ ଆପଣଙ୍କୁ ସ୍ୱତଃସ୍ଫୂର୍ତ୍ତ ଭାବେ ସମ୍ମାନ କରିବାକୁ ଲାଗେ । ଏହା ବିଦେଶରେ କାର୍ଯ୍ୟରତ ଏବଂ ବସବାସ କରୁଥିବା ସମସ୍ତ ଭାରତୀୟଙ୍କ ପାଇଁ ଏକ ପରମ ଗର୍ବ ଓ ଆତ୍ମସମ୍ମାନର ମୁହୂର୍ତ୍ତ ପାଲଟିଛି । ଏହି ଘଟଣା ପ୍ରମାଣ କରେ ଯେ ଜଣେ ବ୍ୟକ୍ତିର ସାହସିକ ନିଷ୍ପତ୍ତି କିଭଳି ଭାବରେ ଏକ ସମଗ୍ର ପେଶା ଏବଂ ନିଜ ମାତୃଭୂମିର ପ୍ରତିଛବିକୁ ବିଶ୍ୱରେ ସକାରାତ୍ମକ ଭାବରେ ବଦଳାଇ ଦେଇପାରେ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଏହି ସମ୍ପୂର୍ଣ୍ଣ ଘଟଣା କେବଳ ଜଣେ ବ୍ୟକ୍ତିର ସାହସ ନୁହେଁ, ବରଂ ଚରମ ସଂକଟ ସମୟରେ ଅପୂର୍ବ ସାମୂହିକ ବୀରତ୍ୱ, ଧୈର୍ଯ୍ୟ ଓ ମାନବିକତାର ଏକ ମହାନ ଜୟ। କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କ ପ୍ରାରମ୍ଭିକ ଧୈର୍ଯ୍ୟ, କବାଟ ଖୋଲିବାର ଦୃଢ଼ ସଂକଳ୍ପ, ସାହସୀ ଯାତ୍ରୀମାନଙ୍କର ତୁରନ୍ତ ପ୍ରତିରୋଧ ଏବଂ ସହଯୋଗୀ ଅଫ୍‌ଡ୍ୟୁଟି ପାଇଲଟମାନଙ୍କର ଅସାଧାରଣ ନିୟନ୍ତ୍ରଣ କ୍ରାସ୍ ହେବାକୁ ଯାଉଥିବା ବିମାନକୁ ସୁରକ୍ଷିତ ରଖିବା ସହ ୧୭୪ଟି ନିଷ୍ପାପ ପରିବାରକୁ ଉଜୁଡ଼ିଯିବାରୁ ରକ୍ଷା କରିପାରିଛି। ଏହି ଅଦମ୍ୟ ବୀରତ୍ୱ ଏବଂ ଜୀବନ ରକ୍ଷା କରିବାର ଅନନ୍ୟ ଆଦର୍ଶ ଆଗାମୀ ପିଢ଼ିର ସମସ୍ତ ବିମାନ ଚାଳକ ଓ ବିଶ୍ୱବାସୀଙ୍କ ପାଇଁ କର୍ତ୍ତବ୍ୟପରାୟଣତାର ଏକ ଚିରନ୍ତନ ଆଲୋକ ବର୍ତ୍ତିକା ହୋଇ ରହିଥିବ। ଭାରତମାତାର ଏହି ସଚ୍ଚା ସୁପୁତ୍ର, ତାଙ୍କ ସହଯୋଗୀ ବୀରମାନଙ୍କର ଅତୁଳନୀୟ ସେବା ଓ ସାହସକୁ ମାନବ ସମାଜ ସଦାସର୍ବଦା କୃତଜ୍ଞତାର ସହ ସ୍ମରଣ କରିବ ।

ମୋ: ୯୭୪୨୯୮୨୭୪୧

# ପାରିବାରିକ ପର୍ବରୁ ସାମାଜିକ ମହୋତ୍ସବ

ସୌର ଚନ୍ଦ୍ର ମହାପାତ୍ର

ଓଡ଼ିଶାରେ ଦଶହରାରେ ମୃଣ୍ମୟୀ ପୂଜାର ପରମ୍ପରା ଖୁବ ଲୋକପ୍ରିୟ,କିନ୍ତୁ ଏହା ସ୍ୱକୀୟ ଉତ୍କଳୀୟ ପରମ୍ପରା ନୁହେଁ। ରାଜ୍ୟର ପ୍ରାଚୀନ ସହର କଟକର ବଙ୍ଗୀୟ ଅଧିବାସୀ ଏହାର ମୂଳଦୁଆ ପକାଇଥିଲେ ବୋଲି କୁହାଯାଏ। ଇତିହାସ ଅନୁଧାନ କଲେ ଜଣାଯାଏ ବଙ୍ଗରେ ଦୁର୍ଗାପୂଜା ଧନୀ ଜମିଦାରଙ୍କ ପାରିବାରିକ ପର୍ବ ଭାବେ ପାଳନ କରାଯାଉଥିଲା। ତେବେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ଦୁର୍ଗାପୂଜା ଏକ ଗଣପର୍ବରେ ପରିଣତ ହୋଇ ଗୋଷ୍ଠୀଭିକ ଉତ୍ସବ ଭାବେ ଆଦୃତ ହୋଇଥିଲା। ୧୭୯୦ ମସିହାରେ ତତ୍କାଳୀନ ବଙ୍ଗ ପ୍ରଦେଶର ହୁଗୁଳି ଜିଲ୍ଲାରେ ପ୍ରଥମଥର ପାଇଁ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରାଯାଇଥିଲା। ଏହାକୁ ସ୍ଥାନୀୟ ଭାଷାରେ ବାରୋବାରୀ ପୂଜା କୁହାଯାଉଥିଲା। ବାରୋବାରୀ ଶବ୍ଦଟି ବାରୋ ବାରଜଣ ଏବଂ ୟାରି ବନ୍ଧୁରୁ ଆସିଛି। ବାରଜଣ ବନ୍ଧୁ ଜଣେ ଜମିଦାରଙ୍କ ଦାସତ୍ୱରୁ ମୁକ୍ତ ହୋଇ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରିଥିଲେ। ସାମୂହିକ ପୂଜାର ଏହି ପରିକଳ୍ପନା ସେ ସମୟରେ ବୈପ୍ଲବିକ ଥିଲା ଏବଂ ସାର୍ବଜନୀନ ଉତ୍ସବ ପାଳନର ମୂଳଦୁଆ ପକାଇଥିଲା। ପରେ ଏହି ଧାରା ସମଗ୍ର ବଙ୍ଗଳା ଓ ବଙ୍ଗୀୟମାନଙ୍କ ଦ୍ୱାରା ବାହାର ରାଜ୍ୟକୁ ପ୍ରସାରିତ ହୋଇଥିଲା।

ଏହାପରେ କୋଲକାତାର ଶୋଭାବଜାର ରାଜବାଡ଼ିର ଜଣେ ପ୍ରଭାବଶାଳୀ ଜମିଦାର ରାଜା ନବକୃଷ୍ଣ ଦେବ ସମ୍ଭ୍ରାନ୍ତ ପରିବାରର ପରିଧିରୁ ଊର୍ଦ୍ଧ୍ୱକୁ ଆସି ସାର୍ବଜନୀନ ଦୁର୍ଗାପୂଜାକୁ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୭୫୭ରେ ପଲାସି ଯୁଦ୍ଧରେ ବ୍ରିଟିସ ବିଜୟ ପରେ ନବକୃଷ୍ଣ ଦେବ ତାଙ୍କ ଦୁର୍ଗାପୂଜା ଉତ୍ସବକୁ ରବର୍ଟ କ୍ଲାଇଭଙ୍କ ସମେତ କେତେକ ବ୍ରିଟିସ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରି ଭାରତୀୟ ପରମ୍ପରା ଓ ଉପନିବେଶକ ପ୍ରଭାବର ଏକ ମିଶ୍ରଣ ସୃଷ୍ଟି କରିଥିଲେ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗ ଦର୍ଶନରେ ରାମକୃଷ୍ଣ ମିଶନ ମଧ ଦୁର୍ଗା ପୂଜାକୁ ବ୍ୟାପକ ଓ ସାର୍ବଜନୀନ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଜଣାଯାଏ। ରାମକୃଷ୍ଣ ମିଶନ ମାଧ୍ୟମରେ ଦୁର୍ଗାପୂଜା ଜାତୀୟତାବାଦୀ ଚେତନା ଓ ସାଂସ୍କୃତିକ ପରିଚୟ ସହ ଯୋଡ଼ି ହୋଇ ସମାଜ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲା। ସ୍ୱାମୀ ବିବେକାନନ୍ଦ ନିଜେ ୧୯୦୧ ମସିହାରେ ବେଲୁର ମଠରେ ଦୁର୍ଗାପୂଜା କରିଥିଲେ ଏବଂ ଏହି ଉତ୍ସବକୁ ଉଭୟ ଆଧ୍ୟାତ୍ମିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ଭାବେ ଅଭିହିତ କରାଇଥିଲେ।

କଟକରେ ଦୁର୍ଗାପୂଜା ଓ ସୁନାଚାନ୍ଦି ମେଢ଼ ପଡ଼ୋଶୀ ପଶ୍ଚିମବଙ୍ଗର ଅଧିବାସୀ ଓଡ଼ିଶାର ପୁରୁଣା ରାଜଧାନୀ କଟକରେ ଅବସ୍ଥାନ କରିବା ପରେ ଧୀରେ ଧୀରେ ସାର୍ବଜନୀନ ଦୁର୍ଗାପୂଜା ସେଠାରେ ପ୍ରସାର ଲାଭ କରିଥିଲା। ଶୁଣିବାକୁ ମିଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମାଆ ପୁତ୍ର ସନ୍ତାନ ଲାଭ ଲାଗି ମା'ଦୁର୍ଗାଙ୍କ ନିକଟରେ ମାନସିକ କରିଥିଲେ। ଏହି ମାନସିକ ସ୍ୱରୂପ ନେତାଜୀ ସୁଭାଷ ଜନ୍ମ ହେବା ପରେ ତାଙ୍କ ପରିବାରରେ ସାର୍ବଜନୀନ ଦୁର୍ଗାପୂଜା ପାଳନ କରା ଯାଇଥିଲା। ଆଜି ବି କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଘରେ ସେହି ପୂଜା ମଣ୍ଡପ ରହିଛି। ତେବେ କଟକର ବାଲୁବଜାର ଅନ୍ତର୍ଗତ ବିନୋଦବିହାରୀ ଦୁର୍ଗାପୂଜା ବହୁ ପ୍ରାଚୀନ ବୋଲି କୁହାଯାଏ। ଅନ୍ୟପକ୍ଷରେ ଚୌଧୁରୀ ବଜାରରେ ଦୁର୍ଗାପୂଜା ଓ ଚାନ୍ଦିମେଢ଼ ସଂସ୍ଥାପନ ୧୯୫୬ ମସିହାରେ ହେବାର ଇତିହାସ କଟକ ଦୁର୍ଗାପୂଜାର ପ୍ରାଚୀନତା ଏବଂ ସମୃଦ୍ଧ ଇତିହାସ ବୟାନ କରେ।

ସମୟ ସହିତ ତାଳ ଦେଇ କଟକର ଇତିହାସ ପ୍ରସିଦ୍ଧ ଦୁର୍ଗାପୂଜା ଏବେ ସମଗ୍ର ଦେଶରେ ଭିନ୍ନ ପରିଚିତି ହାସଲ କରିଛି। ଏକଦା କେବଳ ଚୌଧୁରୀ ବଜାରରେ ଚାନ୍ଦିମେଢ଼ ଥିବା ବେଳେ ବର୍ତ୍ତମାନ କଟକ ଚାନ୍ଦିମେଢ଼ର ସହର ପାଲଟିଛି। ଏତିକିରେ ଅଟକି ଯାଇନାହିଁ କଟକ। ଆଉ ଏକ ପାଦ ଆଗକୁ ଯାଇ ଇତିମଧ୍ୟରେ କଟକର ୯ଟି ପୂଜା ମଣ୍ଡପରେ ମା'ଦୁର୍ଗା ଓ ପାର୍ଶ୍ୱ ଦେବା ଦେବୀଙ୍କ ଗଣେଶ, କାର୍ତ୍ତିକ, ସରସ୍ୱତୀ ଓ ଲକ୍ଷ୍ମୀ ମୁକୁଟ ସାଙ୍ଗକୁ ଗହଣା ସବୁ ସୁନାରେ ଗଢ଼ା ହୋଇଛି। ସେହିପରି ଚୌଧୁରୀ ବଜାର, ଶେଖ୍ ବଜାର ଓ ମଙ୍ଗଳାବାଗ ନିଜର ଦୁର୍ଗାମେଢ଼ ସୁନାରେ କରିବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପ୍ରତି ବର୍ଷ ଦଶହରାରେ ବ୍ୟବହାର ହେଉଥିବା ସୁନା ମୁକୁଟ, ଅଳଙ୍କାର ଓ ମେଢ଼ରେ ବ୍ୟବହୃତ ସୁନାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୂଜା କମିଟିମାନେ ନିଜସ୍ୱ ଲକରରେ ସୁରକ୍ଷିତ କରି ରଖିଥାଆନ୍ତି। ଏଥିଲାଗି ଚବିଶ ଘଣ୍ଟିଆ ସୁରକ୍ଷାକର୍ମୀ, ସାଇରନ ଓ କ୍ୟାମେରା ଖଞ୍ଜା ଯାଇଛି। ଜନୈକ ପୂଜା କମିଟିର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ 'ଭକ୍ତମାନେ ଏହିସବୁ ସୁନା ଦାନ କରିଛନ୍ତି। ମା'ଙ୍କ ସମ୍ପତ୍ତିର ସୁରକ୍ଷାରେ କେବେ ଆଞ୍ଚ ଆସିନି। କିଲୋ କିଲୋ ସୁନାଗହଣାର ଇନ୍ସୁରାନ୍ସ କରିବା ସମ୍ଭବ ନୁହେଁ। ଏଥିପାଇଁ ଆଜି ସୁନାଚାନ୍ଦି ତାରକସି ସହର କଟକର ଦୁର୍ଗାପୂଜା ଭାରତରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏଭଳି ଅଳଙ୍କାରପୂର୍ଣ୍ଣ ଦୁର୍ଗାମଣ୍ଡପ ଭାରତରେ ଅନ୍ୟତ୍ର ଦେଖିବାକୁ ମିଳେନାହିଁ।

ସେହିପରି ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବିପଦ ସଂକ୍ରାନ୍ତ ସଚେତନତା ସୃଷ୍ଟି ଲାଗି ତୋରଣ ନିର୍ମାଣ ହେଉଛି । ଦୁର୍ଗାପୂଜା ମାଧ୍ୟମରେ ସାମାଜିକ ସମସ୍ୟା ସମାଧାନ କରିବାର ସଚେତନତା ମନ୍ତ୍ର ଦିଆଯାଇଥାଏ।

ମୋ: ୯୪୩୭୦୦୪୪୬୬

# ବିଲୁପ୍ତ ପ୍ରବାଳ ପ୍ରାଚୀର ବହୁ ସମସ୍ୟା ଆଣିବ

ପ୍ରଦୀପ୍ତ କୁମାର କର

ଗ୍ଲୋବାଲ ୱାର୍ମିଂ ଏବେ କେବଳ ସ୍ଥଳ ଭାଗ ନୁହେଁ ବରଂ ଜଳ ଭାଗରେ ବି ଅନେକ ବ୍ୟତିକ୍ରମ ସୃଷ୍ଟି କରୁଛି । ସମୁଦ୍ର ଜଳ ଏହାର ପ୍ରଭାବରେ କ୍ରମେ କେତେକ ଅଞ୍ଚଳରେ ଉତ୍ତପ୍ତ ହେବାରେ ଲାଗୁଛି। ଆମେ ସମୁଦ୍ରରେ ଢାଳି ଦେଉଥିବା ଅନେକ ଆବର୍ଜନା, ବିଷାକ୍ତ ପଦାର୍ଥ, ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ ଆବର୍ଜନାର ସଂସ୍ପର୍ଶରେ ଆସି ବହୁ ପ୍ରକାରର ଜଳଜୀବ ରୋଗଗ୍ରସ୍ତ ହେବାସହ ଅନେକ ବିଲୁପ୍ତ ପଥରେ ପାଦ ଦେଲେଣି। ଆନ୍ତର୍ଜାତିକ ପ୍ରାକୃତିକ ସଂଗଠନ ପକ୍ଷରୁ ଏକ ସର୍ଭେ ଅନୁଯାୟୀ ସମୁଦ୍ର ପ୍ରଦୂଷଣ ଦ୍ୱାରା ଅନେକ ଜଳଜୀବ ବିଲୁପ୍ତ ହେବାରେ ଲାଗିଛନ୍ତି। ଆମେରିକାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଗର ପ୍ରଦୂଷଣ ସମ୍ପର୍କିତ ଏକ ବୈଠକରେ ଯୋଗଦେଇ ଅନେକ ବୈଜ୍ଞାନିକ ମତ ପୋଷଣ ଓ ଉଦବେଗ ପ୍ରକାଶ କରିଛନ୍ତି ଯେ ସମୁଦ୍ର ଜଳରେ ଆମ୍ଳିୟ ଅଂଶ ବୃଦ୍ଧି ପାଉଥିବାରୁ ଅନେକ ପ୍ରବଳ ପ୍ରାଚୀର କ୍ଷତିଗ୍ରସ୍ଥ ହେଉଛି ଓ ଆଗକୁ ଆହୁରି ମଧ ହେବ । ପ୍ରବାଳ ପ୍ରାଚୀର ସମୁଦ୍ର ଗର୍ଭରେ ବାସ କରୁଥିବା ଏକ ଚତୁର୍ଥାଂଶ ଜଳଜୀବଙ୍କ ବାସସ୍ଥାନ ରୂପେ ସହଯୋଗ ଯୋଗାଇଥାଏ । ତେବେ ସମୁଦ୍ର ଜଳରେ ଆମ୍ଳୀୟ ଅଂଶ ବୃଦ୍ଧି ପାଇଁ ପ୍ରବାଳ ପ୍ରାଚୀରରେ କ୍ୟାଲସିୟମ ପରିମାଣ କମିଯିବାରୁ ଏହା ଛିଦ୍ର ଯୁକ୍ତ ହୋଇ ଦୁର୍ବଳ ହୋଇଯାଉଛି ଓ କ୍ରମେ ନଷ୍ଟ ହେବାରେ ଲାଗିଛି।ଗବେଷଣାରୁ ଜଣାପଡ଼ିଛି ଯେ ପ୍ରବାଳ ପ୍ରାଚୀରରେ ବାସ କରୁଥିବା ୨୩୧ ପ୍ରଜାତିର ବିଭିନ୍ନ ପ୍ରକାରର ମାଛ, ଏବେ ପ୍ରାୟ ବିଲୁପ୍ତ ହେବାର ଦ୍ୱାର ଦେଶରେ । ପ୍ରବାଳ ପ୍ରାଚୀରକୁ ସମୁଦ୍ର ଗର୍ଭର ରେନ୍ ଫରେଷ୍ଟ ବୋଲି କୁହାଯାଏ । ଜଳଜୀବ ପରିସଂସ୍ଥାନ ସମୁଦ୍ରରେ ଏହି ପ୍ରବାଳ ପ୍ରାଚୀରର ଅବଦାନ ସର୍ବାଧିକ ବୋଲି ରିପୋର୍ଟ ଦେଇଛନ୍ତି। ଏହାର ବିଲୁପ୍ତ ସହିତ ଅନେକ ଜଳ ଜୀବଙ୍କ ବିଲୁପ୍ତ ଏଥିରେ ଦ୍ୱିମତ ନାହିଁ। ପ୍ରବାଳ ପ୍ରାଚୀର ମଧ ଲୁଣା ଜଙ୍ଗଲ ଭଳି ଉପକୂଳ ଅଞ୍ଚଳରେ ମୃତ୍ତିକା ସଂରକ୍ଷଣ କରିଥାଏ । ଏହି ପ୍ରବାଳ ପ୍ରାଚୀର ସାମୁଦ୍ରିକ ଜୀବମାନଙ୍କ ଖାଦ୍ୟର ଭଣ୍ଡାର ଓ ସୋନ୍ଦର୍ଯ୍ୟର ଗନ୍ତାଘର ଯାହାର ତୁଳନା ନାହିଁ। ପୃଥିବୀର ଅନେକ ସ୍ଥାନରେ ପ୍ରବାଳ ପ୍ରାଚୀରକୁ ନେଇ ପର୍ଯ୍ୟଟନ କ୍ଷେତ୍ର ଗଢ଼ି ଉଠିଛି। ଅଙ୍ଗାରକାମ୍ଳର ମାତ୍ରାଧିକ ବୃଦ୍ଧି ଯୋଗୁଁ ସମୁଦ୍ର ଜଳରେ ରାସାୟନିକ ସ୍ଥିରତା ରକ୍ଷା ହୋଇ ପାରିନାହିଁ । କ୍ରମଶଃ ଏହା ଅଧିକ ଅମ୍ଳୀୟ ହେବାରେ ଲାଗୁଛି । ସମୁଦ୍ରକୁ କମ ପରିମାଣରେ ଆବର୍ଜନା ଛାଡ଼ିବା ସହ ଅଙ୍ଗାରକାମ୍ଳ ଉତ୍ପାଦନର ନିୟନ୍ତ୍ରଣ ଯଦି ନ କରାଯାଏ ତେବେ ପ୍ରକୃତିର ଏହି ସୁନ୍ଦର ବୈଚିତ୍ର୍ୟ ଲୋପ ପାଇବା ସହ ଲକ୍ଷ ଲକ୍ଷ ଜଳ ଜୀବଙ୍କ ବିଲୋପର କାରଣ ଆମେ ହିଁ ହେବା ଏଥିରେ ସନ୍ଦେହ ନାହିଁ। ଏହି ପ୍ରବାଳ ପ୍ରାଚୀର ସଂରକ୍ଷଣ ପାଇଁ ଉଭୟ ବ୍ୟକ୍ତିଗତ ଓ ସରକାରୀ ସ୍ତରରେ ପଦକ୍ଷେପ ନେବା ଜରୁରୀ ।ସମୁଦ୍ରକୁ ବିଭିନ୍ନ ପ୍ରକାରର ଅଳିଆ, ଆବର୍ଜନା, ପ୍ଲାଷ୍ଟିକ, କଳକାରଖାନାର ଦୂଷିତ ଜଳ ନ ଛାଡ଼ିବା ପାଇଁ କଡା ନିୟମ ହେବା ଉଚିତ। କୃଷି କ୍ଷେତ୍ରରେ କୀଟ ନାଶକ ଓ ରାସାୟନିକ ସାର ଯେତେ କମ୍ ବ୍ୟବହାର କରି ପ୍ରାକୃତିକ ପଦ୍ଧତି ଅବଲମ୍ବନ କରିବା ଉଚିତ ।କାରଣ ଚାଷ ଜମିରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ବର୍ଷା ପାଣିରେ ଧୋଇ ଯାଇ ବିଭିନ୍ନ ନଦୀ ମାଧ୍ୟମରେ ସମୁଦ୍ର ଜଳରେ ମିଶି ଦୂଷିତ ହୁଏ । ଗ୍ଲୋବାଲ ୱାର୍ମିଂ ବା ବୈଶିକ ଉତ୍ତାପ ବୃଦ୍ଧି ପ୍ରବାଳ ଗୁଡ଼ିକ ନଷ୍ଟ ହେଉଛି । ତେଣୁ କାର୍ବନ ନିର୍ଗମନ କମାଇବା ଦରକାର । ପ୍ରବାଳ ପ୍ରାଚୀର ଥିବା ଅଞ୍ଚଳକୁ ସୁରକ୍ଷିତ ଅଞ୍ଚଳ ଘୋଷଣା କରି ସେଠାରେ ବେଆଇନ ମାଛ ଧରିବା ଉପରେ ରୋକ୍ ଲଗାଇବା ଓ ପର୍ଯ୍ୟଟକ ମାନଙ୍କ ଗତିବିଧିକୁ ଲକ୍ଷ୍ୟ ରଖିବା ଉଚିତ।

ମୋ: ୯୮୬୧୦୭୫୪୦୪

## ଧନ୍ୟବାଦ

ଇସଲାମ ଧର୍ମରେ ସୁଫି ନାମକ ଏକ ସମ୍ପ୍ରଦାୟ ଅଛି । ଜଣେ ସୁଫି ସନ୍ୟାସୀ ଓ ତାଙ୍କର ଶିଷ୍ୟମାନେ ଜଙ୍ଗଲରେ ବୁଲୁଥିଲେ । ସୂର୍ଯ୍ୟ ତାପରେ ପ୍ରଚଣ୍ଡ ଗରମ ହେଉଥିଲା । ସେମାନେ ଖାଲି ପାଦରେ ଚାଲୁଥିଲାବେଳେ କଣ୍ଟାଗୁଡ଼ିକ ସେମାନଙ୍କୁ ଆଘାତ କରୁଥିଲା । ଏହି କଣ୍ଟଗୁଡ଼ିକ ପ୍ରତି ଧ୍ୟାନ ନଦେଇ ସନ୍ୟାସୀ ଆଗକୁ ଆଗକୁ ଚାଲିଲେ । ଦୂର ଦୂର ପର୍ଯ୍ୟନ୍ତ ଆଗକୁ କୌଣସି ଘର ଦେଖାଯାଉ ନଥିଲା । ଯେଉଁଠାରେ ସେ ଭିକ୍ଷା ମାଗିପାରନ୍ତେ କିମ୍ବା ତାଙ୍କର ତୃଷ୍ଣା ମେଣ୍ଟାଇ ପାରନ୍ତେ । ଶୀଘ୍ର ରାତି ହେଇଗଲା। ସାରା ଦିନ କିଛି ଖାଇନଥିବା କିମ୍ବା ପିଇ ନଥିବା ଅବସ୍ଥାରେ ସନ୍ୟାସୀ ଓ ତାଙ୍କ ଶିଷ୍ୟମାନେ ଶୋଇବା ପାଇଁ ପ୍ରସ୍ତୁତ ହେଲେ । ସନ୍ୟାସୀ ଉଚ୍ଚ ସ୍ୱରରେ ପ୍ରାର୍ଥନା କଲେ ହେ ଭଗବାନ ଆଜି ଆପଣ ଆମକୁ ଯାହା କିଛି ଦେଇଛନ୍ତି ସେଥିପାଇଁ ଆପଣଙ୍କୁ ଧନ୍ୟବାଦ । ଏହା ଶୁଣି ତାଙ୍କର ଶିଷ୍ୟମାନେ ଅନେକ ବିରକ୍ତ ହେଲେ ଏବଂ କହି ଉଠିଲେ ଭଗବାନ ଆମକୁ ଦରିଦ୍ରତା ଏବଂ ଭୋକ ବ୍ୟତିତ କ'ଣ ଦେଇଛନ୍ତି? ଆମେ ଭଗବାନଙ୍କ ପ୍ରତି କୃତଜ୍ଞ କାହିଁକି ହେବୁ। ତଥାପି ଆପଣ ତାଙ୍କୁ ଧନ୍ୟବାଦ ଦେଉଛନ୍ତି । ତେବେ ଆପଣଙ୍କର ପ୍ରାର୍ଥନାର ଅର୍ଥ କ'ଣ? ସୁଫି ସନ୍ୟାସୀ ହସି ହସି ଉତ୍ତର ଦେଲେ ଭଗବାନ ଆମକୁ କିଛି ଦେଇନାହାନ୍ତି ବୋଲି ତୁମକୁ କିଏ କହିଲା। ଯେପରି ଜଣେ ମାଆ ନିଜ ସନ୍ତାନକୁ କ'ଣ ଦେବା ଉଚିତ ଏବଂ କ'ଣ ଦେବା ଉଚିତ ନୁହେଁ ତାହା ଜାଣନ୍ତି ସେହିପରି ଭଗବାନ ମଧ ଆମକୁ କ'ଣ ଦେବା ଉଚିତ କ'ଣ ଉଚିତ ନୁହେଁ ତାହା ଭଲଭାବେ ଜାଣନ୍ତି । ଆଜି ସେ ଆମକୁ ଭୋକ ଦେଇଛନ୍ତି ଏହା ଦିନେ ଉପବାସ କରିବାର ଏକ ସୁଯୋଗ । ଏହା ଆମର ଶରୀର ପାଇଁ ହିତକାରକ। ସେ ଯାହା କରନ୍ତି ଠିକ୍ କରନ୍ତି । ତେଣୁ ମୁଁ ତାଙ୍କୁ ଧନ୍ୟବାଦ ଦେଲି ।

ଅମୃତ ଫଳ

# ସଫଳତାର ଶର୍ଟକଟ୍ ନାହିଁ

ଡ. ପ୍ରମୋଦ କୁମାର ପଣ୍ଡା

'ସଫଳତା' କଥା ପଡିଲେ ବିଶ୍ୱର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ମନେ ପଡ଼େ। ତାଙ୍କ ସଂଘର୍ଷମୟ ଜୀବନର ବେଦନା ରୋମାଞ୍ଚ ସୃଷ୍ଟି କରେ। ଶୂନ୍ୟରୁ ଶିଖରକୁ ଉଠିପାରିଥିବା ଏଭଳି ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ସରଳ ଅଥଚ ନିରଳସ ପ୍ରୟାସକୁ ପ୍ରଣାମ କରିବାକୁ ଇଛା ହୁଏ। ପଦାଙ୍କ ଅନୁସରଣ ପାଇଁ ମନ ବଳେ। ଏପିଜେ ଅବଦୁଲ କଲାମ ତାମିଲନାଡୁର ରାମେଶ୍ୱରମରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ଡଙ୍ଗା ଚାଳକ ଥିଲେ। ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ପିଲାଦିନେ ସେ ଖବରକାଗଜ ବିକ୍ରି କରୁଥିଲେ। ପାଞ୍ଚ ଟଙ୍କାରେ ତାଙ୍କର ଗୋଟିଏ ଦିନ ଚଳୁଥିଲା। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଏରୋସ୍ପେସ୍ ଇଞ୍ଜିନିୟରିଂ ପଢ଼ିଲେ। ଇସ୍ରୋ, ଡ଼ିଆରଡ଼ିଓ ଭଳି ପ୍ରସିଦ୍ଧ ସଂସ୍ଥାରେ ବୈଜ୍ଞାନିକ ହେଲେ। ସେଠି ମଧ ତାଙ୍କୁ ସଫଳତା ମିଳିନଥିଲା। ୧୯୭୯ ଏସ୍‌ଏଲ୍‌ଭି-୩ ପ୍ରଥମ ଉପଗ୍ରହ ଉତକ୍ଷେପଣ ବିଫଳ ହେବା ସତ୍ତ୍ୱେ ସେ ଭାଙ୍ଗି ପଡ଼ି ନଥିଲେ। ଦୈନିକ ଅଠର ଘଣ୍ଟା ପରିଶ୍ରମ କରି ନିଜ ଭୁଲ୍ ତ୍ରୁଟି ସୁଧାରିଲେ। ବର୍ଷେ ପରେ ରକେଟ୍ ଉତ୍କ୍ଷେପଣରେ ସଫଳ ହେଲେ। ଅନେକ ଘାତପ୍ରତିଘାତ ସତ୍ତ୍ୱେ ସେ ଅଟକିନଥିଲେ କିମ୍ବା ପଛକୁ ଫେରି ଚାହିଁନଥିଲେ। ପରିଶ୍ରମ ବଳରେ ଖବରକାଗଜ ବିକାଳୀରୁ ଭାରତର ରାଷ୍ଟ୍ରପତି ହୋଇପାରିଥିଲେ। ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ଚାରି ବର୍ଷ ବୟସ ପର୍ଯ୍ୟନ୍ତ କଥା କହିପାରୁ ନଥିଲେ। ସାତ ବର୍ଷ ବୟସ ଯାଏ ଠିକ ଭାବେ ପଢ଼ିପାରୁ ନଥିଲେ। କଲେଜ ପାଠ ପରେ ସେ ଜଣେ ସାଧାରଣ କିରାଣୀ ଭାବେ କାମ କଲେ, କିନ୍ତୁ ଖାଲି ସମୟରେ ପଦାର୍ଥବିଜ୍ଞାନରେ ତାଙ୍କ ଗବେଷଣା ଜାରି ରଖିଲେ। ନିରନ୍ତର ଉଦ୍ୟମ ବଳରେ ଆପେକ୍ଷିକ ତତ୍ତ୍ୱ ସମେତ ଚାରିଟି ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ସୂତ୍ର ଆବିଷ୍କାର କରିବାରେ ସମର୍ଥ ହେଲେ। ନୋବେଲ ପୁରସ୍କାର ପାଇଲେ।

ମାଉଣ୍ଟେନ୍ ମ୍ୟାନ୍ ଭାବେ ପରିଚିତ ବିହାରର ଦଶରଥ ମାଝୀ ନିଜ ଗ୍ରାମ ନିକଟସ୍ଥ ଏକ ବିରାଟ ପାହାଡ଼କୁ କେବଳ ହାତୁଡ଼ି ଓ ଛେଣି ସାହାଯ୍ୟରେ ଦୀର୍ଘ ୨୨ ବର୍ଷ ଏକାକୀ କାଟି ୩୬୦ ଫୁଟ ଲମ୍ବର ଏକ ରାସ୍ତା ତିଆରି କରିପାରିଥିଲେ। ତାଙ୍କ ପତ୍ନୀ ସେହି ପାହାଡ଼ରୁ ଖସିପଡ଼ି ଠିକ୍ ସମୟରେ ଡାକ୍ତରଖାନା ପହଞ୍ଚି ନପାରିବାରୁ ମୃତ୍ୟୁବରଣ କରିଥିଲେ। ଥୋମାସ୍ ଏଡିସନ୍ ୧୦୦୦ ତମ ପ୍ରୟାସରେ ବିଜୁଳିବତୀ ବଲ୍‌ବ ତିଆରି କରିବାରେ ସକ୍ଷମ ହୋଇଥିଲେ। ତାଙ୍କ ମତରେ ସେ ୯୯୯ ଥର ବିଫଳ ହୋଇ ନାହାନ୍ତି, ବରଂ ପ୍ରତି ବିଫଳତାରୁ ନୂଆ ଉପାୟ ଶିଖୁଥିଲେ। କର୍ଣ୍ଣେଲ ସାଣ୍ଡର୍ସ ଅବସର ନେବାବେଳେ ତାଙ୍କ ପାଖରେ କେବଳ ୧୦୫ ଡଲାର ଥିଲା। ବୃଦ୍ଧାବସ୍ଥାରେ ନିଜର ଚିକେନ୍ ରେସିପି ବିକ୍ରି କରିବାକୁ ସେ ୧୦୦୯ ଥର ବିଭିନ୍ନ ରେଷ୍ଟୁରାଣ୍ଟକୁ ଯାଇ ପ୍ରତ୍ୟାଖ୍ୟାତ ହେବା ପରେ ୧୦୧୦ତମ ପ୍ରୟାସରେ ସଫଳ ହୋଇଥିଲେ। ତାଙ୍କର ଅଦମ୍ୟ ସାହସ ନିରବଛିନ୍ନ ଉଦ୍ୟମ ଯୋଗୁଁ ଆଜି ବିଶ୍ୱର ସବୁଠାରୁ ବଡ଼ ଚିକେନ୍ ବ୍ରାଣ୍ଡ କେଏଫ୍‌ସି ପ୍ରତିଷ୍ଠିତ ହୋଇପାରିଛି। ଜେକେ ରୋଲିଂ 'ହ୍ୟାରୀ ପଟର' ପୁସ୍ତକ ରଚନା କରୁଥିବା ବେଳେ ଜଣେ ସିଙ୍ଗଲ୍ ମଦର୍ ଥିଲେ। ତାଙ୍କ ପାଖରେ ଟାଇପ୍ ରାଇଟର୍ କିଣିବାକୁ ପଇସା ନଥିଲା। ତେଣୁ ତାଙ୍କୁ ପୂରା ବହିଟିକୁ ନିଜ ହାତରେ ଲେଖିବାକୁ ପଡ଼ିଥିଲା। ପୁସ୍ତକ ପ୍ରକାଶନ ପାଇଁ ସେ ୧୨ ଜଣ ପ୍ରକାଶକଙ୍କୁ ଅନୁରୋଧ କରିଥିଲେ। ପାଣ୍ଡୁଲିପି ଦେଖାଇଥିଲେ, କିନ୍ତୁ ସମସ୍ତେ ତାଙ୍କୁ ମନା କରିଦେଇଥିଲେ। ଶେଷରେ ଏକ ଛୋଟିଆ ପ୍ରକାଶନ ସଂସ୍ଥା ତାଙ୍କ ପୁସ୍ତକ ଛାପିବାକୁ ସମ୍ମତି ପ୍ରକାଶ କରିଥିଲା। ଆଜି ହ୍ୟାରୀ ପଟର ଦୁନିଆର ସବୁଠାରୁ ଅଧିକ ବିକ୍ରି ହେଉଥିବା ପୁସ୍ତକ ଓ ରୋଲିଂ ବିଶ୍ୱର ସବୁଠୁ ସଫଳ ଲେଖିକା। ଥରେ ସ୍ପେନର ପ୍ରସିଦ୍ଧ ଚିତ୍ରକାର ପାବ୍ଲୋ ପିକାସୋଙ୍କୁ ଦେଖି ଜଣେ ମହିଳା ଦୌଡ଼ି ଦୌଡ଼ି ଯାଇ କହିଲେ, ''ସାର! ମୁଁ ଆପଣଙ୍କର ଜଣେ ବଡ଼ ଫ୍ୟାନ୍। ଆପଣଙ୍କ ଚିତ୍ର ମୋର ଭାରୀ ପସନ୍ଦ। ଦୟାକରି ମୋ ପାଇଁ ଖଣ୍ଡିଏ ଚିତ୍ର ଆଙ୍କିଦେଲ ପାରିବେ କି?'' ପିକାସୋ କିଛି କ୍ଷଣ ନୀରବ ରହି କହିଲେ, ''ମୁଁ ବର୍ତ୍ତମାନ ବ୍ୟସ୍ତ ଅଛି। ଏକ ଜରୁରୀ କାମରେ ଗୋଟିଏ ସ୍ଥାନକୁ ଯାଉଛି। ପରେ କେବେ ସାକ୍ଷାତ ହେଲେ ଆପଣଙ୍କ ପାଇଁ ଚିତ୍ରଟିଏ ନିଶ୍ଚୟ ଆଙ୍କି ଦେବି।'ମହିଳା ଜଣକ ଥିଲେ ନଛୋଡ଼ବନ୍ଧା। ପିକାସୋଙ୍କୁ ବାଧ କରୁଥାନ୍ତି ଚିତ୍ର ଆଙ୍କିଦେବା ପାଇଁ। ପିକାସୋ ତାଙ୍କୁ ଏଡ଼ାଇବା ପରିସ୍ଥିତିରେ ନଥାନ୍ତି। ମହିଳାଙ୍କ କଥା କାଟିନପାରି ସେ ନିଜ ପ୍ୟାଣ୍ଟ ପକେଟରୁ ଖଣ୍ଡିଏ ଛୋଟିଆ କାଗଜ ବାହାର କଲେ ଏବଂ ତା' ଦେହରେ କିଛି ରେଖା ଟାଣିବା ଆରମ୍ଭ କଲେ। ଦଶ ସେକେଣ୍ଡ ପରେ ମହିଳାଙ୍କ ହାତକୁ କାଗଜ ଖଣ୍ଡିକ ବଢ଼ାଇ ଦେଇ କହିଲେ, ''ନିଅନ୍ତୁ ମ୍ୟାଡ଼ାମ! ଆପଣଙ୍କ ଲକ୍ଷେ ଟଙ୍କାର ଚିତ୍ର।'' ମହିଳା ଆଶ୍ଚର୍ଯ୍ୟ ହେଲେ। ଚିତ୍ରଟିକୁ ନେଇ ଘରକୁ ଫେରିଲେ। କିଛି ଦିନ ପରେ ମହିଳା ଜଣକ ଚିନ୍ତା କଲେ ଦଶ ସେକେଣ୍ଡରେ ଆଙ୍କିଥିବା ପିକାସୋଙ୍କ ଲକ୍ଷ ଟଙ୍କା ଚିତ୍ରର ପ୍ରକୃତ ମୂଲ୍ୟ ବୁଝି ଦେଖିଲେ କିମିତି ହୁଅନ୍ତା। ସେ କିଛି ଚିତ୍ରକାରଙ୍କୁ ଚିତ୍ରଟି ଦେଖାଇଲେ। ଚିତ୍ରଟିକୁ ଦେଖି ସମସ୍ତେ ଖୁବ୍ ପ୍ରଶଂସା କଲେ। ମହିଳା ପିକାସୋଙ୍କ ଘର ଠିକଣା ସଂଗ୍ରହ କରି ଦିନେ ତାଙ୍କ ପାଖରେ ପହଞ୍ଚିଲେ। ଭୂୟସୀ ପ୍ରଶଂସା କରି କହିଲେ, ''ସାର୍! ଆପଣ ମାତ୍ର କେଇ ସେକେଣ୍ଡରେ କେତେ ସୁନ୍ଦର ଓ ମୂଲ୍ୟବାନ ଚିତ୍ର ଅଙ୍କନ କରିପାରୁଛନ୍ତି। ମୁଁ ଆପଣଙ୍କ ଠାରୁ ଚିତ୍ରକଳା ଶିଖି ଭବିଷ୍ୟତରେ ଆପଣଙ୍କ ଭଳି ଜଣେ ବିଶ୍ୱପ୍ରସିଦ୍ଧ ଚିତ୍ରକାର ହେବାକୁ ଚାହେଁ।''

ପିକାସୋ ଅଳ୍ପ ହସି କହିଲେ, ''ଯେଉଁ ଚିତ୍ରରେ ଆପଣଙ୍କୁ ଦଶ ସେକେଣ୍ଡ ସମୟ ଦେଖାଯାଉଛି ସେଥିରେ ମୋର ଦୀର୍ଘବର୍ଷର ପରିଶ୍ରମ ଓ ତପସ୍ୟା ନିହିତ ଅଛି।

ସତ କଥା। ସାଧନରୁ ସିଦ୍ଧି ମିଳେ। ସିଦ୍ଧିରୁ ସୁନ୍ଦର ସୃଷ୍ଟି ଜନ୍ମ ନେଇଥାଏ। ଅଧ୍ୟବସାୟ ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି। ସଫଳତାର କୌଣସି ସର୍ଟକଟ ନାହିଁ ।

ମୋ: ୭୯୭୮୨ ୮୩୧୯୦

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ପ୍ରେକ୍ଷାଳୟରେ ରିହାତି ପ୍ରଦାନ ପାଇଁ ଦାବିପତ୍ର



ବ୍ରହ୍ମପୁର,୫।୧୦(ନି.ପ୍ର): ସ୍ଥାନୀୟ ହିଲ୍ପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ରିହାତି ଏବଂ ରିହର୍ସାଲ୍ ପାଇଁ ସ୍ଥାନ ଯୋଗାଇଦେବା ଓ ଅନ୍ୟାନ୍ୟ ସରକାରୀ/ବେସରକାରୀ ସଂସ୍ଥାଗୁଡ଼ିକୁ ଏହି ସୁବିଧା ସମ୍ପ୍ରସାରିତ କରିବା ପାଇଁ ନିର୍ଦ୍ଦେଶ ଦେବା ସମ୍ବନ୍ଧରେ ବ୍ରହ୍ମପୁରର ୨୦ରୁ ଊର୍ଦ୍ଧ୍ୱ ନାଟକ ଓ ସାଂସ୍କୃତିକ ଅନୁଷ୍ଠାନର ମିଳିତ ମଞ୍ଚ ବ୍ରହ୍ମପୁର କଳାକାର ଏକତା ମଞ୍ଚର ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଜିଲ୍ଲାପାଳ ଅଭିଯୋଗ ଶୁଣାଣି କାଳରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପ୍ରଦାନ କରାଯାଇଛି। ପ୍ରକାଶଥାଉକି ବ୍ରହ୍ମପୁର କଳାକାର ଏକତା ମଞ୍ଚ ଗଞ୍ଜାମ ଜିଲ୍ଲାରେ କଳା ଓ ସଂସ୍କୃତିର ପ୍ରସାର ଏବଂ ବିକାଶ ଲକ୍ଷ୍ୟ ନେଇ ବିଗତ ତିନି ବର୍ଷ ଧରି ବ୍ରହ୍ମପୁରରେ କାର୍ଯ୍ୟ କରିଆସୁଛି। ବ୍ରହ୍ମପୁର ତଥା ସମଗ୍ର ଗଞ୍ଜାମ ଜିଲ୍ଲାରେ ଥିଏଟର, ନାଟକ ଏବଂ ଲୋକନୃତ୍ୟକୁ ଉତ୍ସାହିତ କରିବା ତାର ମୁଖ୍ୟ ଉଦ୍ଦେଶ୍ୟ। ନାଟ୍ୟମଣ୍ଡପନ ତଥା ପ୍ରେକ୍ଷାଳୟଗୁଡ଼ିକର ଅତ୍ୟାଧିକ ଭଡା ଯୋଗୁଁ ବ୍ରହ୍ମପୁରର ନାଟକ ଓ ଥିଏଟର ଅନୁଷ୍ଠାନଗୁଡ଼ିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଏହି ଅନୁଷ୍ଠାନଗୁଡ଼ିକୁ କୌଣସି ଆର୍ଥିକ ସହାୟତା ମିଳୁନାହିଁ। ଏହିସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅନୁଷ୍ଠାନଗୁଡ଼ିକ ସମାଜର ସମୃଦ୍ଧ କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ପ୍ରଚାର ପାଇଁ ଅକ୍ଳାନ୍ତ ପରିଶ୍ରମ କରିଆସୁଛନ୍ତି। ଗଞ୍ଜାମ ଜିଲ୍ଲା। ତାହାର ଗୌରବମୟ ଲୋକନୃତ୍ୟ ଓ ନାଟକ ପରମ୍ପରା ପାଇଁ ପ୍ରସିଦ୍ଧ, ଯାହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ଉପଯୁକ୍ତ ଅଭ୍ୟାସ ସ୍ଥାନର ଅଭାବ ଯୋଗୁଁ ସଙ୍ଗଠନଗୁଡ଼ିକ ମଧ୍ୟ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ନାଟକ ଗ୍ରୁପଗୁଡ଼ିକ ଅଭ୍ୟାସ କରିବା ଓ ନୂତନ ନାଟକ ପ୍ରସ୍ତୁତ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଉପଲବ୍ଧ ନାହିଁ। ତେଣୁ ବ୍ରହ୍ମପୁର ହିଲ୍ପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନକୁ ବ୍ରହ୍ମପୁର କଳାକାର ଏକତା ମଞ୍ଚ ସହ ଅନୁବନ୍ଧିତ ନାଟ୍ୟ ଅନୁଷ୍ଠାନଗୁଡ଼ିକୁ ଧାର୍ଯ୍ୟ ଭଡ଼ାରେ ୫୦ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବା ଏବଂ ଅନ୍ୟାନ୍ୟ ବେସରକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ଏହି ସୁବିଧା ସମ୍ପ୍ରସାରିତ କରିବାକୁ ନିର୍ଦ୍ଦେଶ ଦିଆଯିବା, ବ୍ରହ୍ମପୁରସ୍ଥିତ ଗଞ୍ଜାମ କଳା ପରିଷଦର ଓ ସଂସ୍କୃତି ଭବନ ପରିସରରେ କୌଣସି ଗୋଟିଏ କୋଠରୀ କିମ୍ବା ବ୍ରହ୍ମପୁରର କୌଣସି ଉପଯୁକ୍ତ ସରକାରୀ/ ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ପରିସରରେ ଅତି କମ୍‌ରେ ୧୫ ଦିନ ପାଇଁ ନାଟ୍ୟ ଅନୁଷ୍ଠାନଗୁଡ଼ିକୁ ଅଭ୍ୟାସ ନିମନ୍ତେ ଉପଯୁକ୍ତ ସ୍ଥାନ ସୁବିଧା ଯୋଗାଇଦେବା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଗଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର କଳାକାର ଏକତା ମଞ୍ଚର ସଭାପତି ରମେଶ ମହାରଣା, ସମ୍ପାଦକ ରାମଚନ୍ଦ୍ର ସାସମଲ ସହିତ ଅନୀଲ୍ ପାତ୍ର, କୈଳାଶ ପାଣିଗ୍ରାହୀ, ସୋମନାଥ ବେହେରା, ରାଜଗୋପାଳ ପାଢ଼ୀ, ନବୀନ କୁମାର ହୋତା ପ୍ରମୁଖ ଉପସ୍ଥିତଥିଲେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂଘର୍ଷ: ୯ ଅଟକ



ବ୍ରହ୍ମପୁର,୫।୧୦(ନି.ପ୍ର): ଅକ୍ଟୋବର ୧୫ ତାରିଖରେ ଓଡ଼ିଶାରେ ହେବ ଛାତ୍ର ସଂସଦ ନିର୍ବାଚନ। ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ପରେ ଏନେଇ ସୂଚନା ପ୍ରଦାନ କରିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଛାତ୍ର ସଂସଦ ନିର୍ବାଚନର ବିଜ୍ଞପ୍ତି ଆସିବାର କିଛି ଘଣ୍ଟା ମଧ୍ୟରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ଦେଖିବାକୁ ମିଳିଛି କିଛି ଛାତ୍ରଙ୍କ ଅରାଜକତା। ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ବ୍ରହ୍ମପୁର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ନେଇ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ବିଳମ୍ବ ନ କରି ଘଟଣାସ୍ଥଳରେ ପହଞ୍ଚିଥିଲେ। ମିନିଟ୍ କେଇଟା ମଧ୍ୟରେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ କାବୁ କରିଥିଲା। ଉଭୟ ପକ୍ଷରୁ ମୋଟ ୯ ଜଣଙ୍କୁ ବ୍ରହ୍ମପୁର ଟାଉନ୍ ଥାନାରେ ଅଟକ ରଖାଯାଇ ଯାଞ୍ଚ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନ୍ୟପଟେ ବ୍ରହ୍ମପୁର ପୋଲିସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଓ ଆଖପାଖ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିଛି। ଆଗକୁ ଏଭଳି ଘଟଣା ରୋକିବା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଭିତରେ ଫୁଟ୍ ପାଟ୍ରୋଲିଂ ବ୍ୟବସ୍ଥା ମଧ୍ୟ ଆରମ୍ଭ କରାଯାଇଛି। ସମସ୍ତ ଛାତ୍ର ଓ ସମ୍ପୃକ୍ତ ପକ୍ଷଙ୍କୁ ଶାନ୍ତି ବଜାୟ ରଖିବାକୁ, ସଂଯମତା ଅବଲମ୍ବନ କରିବା ଏବଂ ଜନ ଶୃଙ୍ଖଳା ଭଙ୍ଗ ବା ଉତ୍ତେଜନା ସୃଷ୍ଟି କରୁଥିବା କୌଣସି କାର୍ଯ୍ୟରୁ ଦୂରେଇ ରହିବାକୁ ପୋଲିସ ପରାମର୍ଶ ଦେଇଛି। ହିଂସା, ଧମକ, ବେଆଇନ ସମାବେଶ ବା ଅନ୍ୟ କୌଣସି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ହେଲେ ତୁରନ୍ତ ଓ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛି ପୋଲିସ। ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଶୃଙ୍ଖଳିତ କ୍ୟାମ୍ପସ୍ ପରିବେଶ ସୁନିଶ୍ଚିତ କରିବାପାଇଁ ବ୍ରହ୍ମପୁର ପୋଲିସ ପ୍ରତିବଦ୍ଧ ବୋଲି ସୂଚନା ପ୍ରଦାନ କରିଛି।

## କୀଟନାଶକ ବିଷ ଖାଇ ଦୋକାନୀ ମୃତ

ବୁଗୁଡା,୫।୧୦(ନି.ପ୍ର): ବୁଗୁଡ଼ା ସହର ହାଇସ୍କୁଲ ଛକ ରାସ୍ତାକଡରେ ଦୋକାନ କରିଥିବା ରବିନାରାୟଣ ପଣ୍ଡା( ୪୫) ନାମକ ଜନୈକ ଦୋକାନୀ କୀଟନାଶକ ବିଷ ଖାଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ସୋମବାର ଅପରାହ୍ଣରେ ରବି ପାରିବାରିକ ଅଶାନ୍ତି କାରଣରୁ ଚାଉଳ ପୋକମରା ବିଷ ଖାଇଦେଇ ତାଙ୍କର ଦୋକାନ ଆଗରେ ପାଟିରୁ ଫେଣ ବାହାର କରି ଅଚେତ ଅବସ୍ଥାରେ ପଡିରହିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ମାଡ଼ ମାରି ଟଙ୍କା ଲୁଟିଲେ ଦୁର୍ବୃତ୍ତ

ହିଞ୍ଜିଳିକାଟୁ,୫।୧୦(ନି.ପ୍ର): ଗତ ଶନିବାର ହିଞ୍ଜିଳି ଥାନା ଜାତୀୟ ରାଜପଥ ନଂ ୫୯ ପାର୍ଶ୍ୱ ଖଣ୍ଡରା ଛକଠାରେ ରାତ୍ର ପ୍ରାୟ ଆଠ ଘଣ୍ଟା ସମୟରେ ଦୁର୍ବୃତ୍ତ ମାନେ ଜଣେ ସ୍କୁଟି ଚାଳକଙ୍କୁ ମାଡ ମାରିଥିଲେ। ତାଙ୍କ ପାଖରେ ଥିବା ୧୧୦୦ ଟଙ୍କା ଲୁଟି ନେବା ପରେ ସେ ହାତରେ ପିନ୍ଧିଥିବା ସୁନାମୁଦିକୁ ଟାଣି ଓଟାରି ନେବା ପାଇଁ ଉଦ୍ୟମ କରିଥିଲେ। ସେହି ସମୟରେ କିଛି ଲୋକଙ୍କ ଗହଳି ଦେଖି ଦୁର୍ବୃତ୍ତମାନେ ଏକ ପଲସର ବାଇକରେ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିଲେ। ସ୍କୁଟି ଚାଳକ ଜଣକ ହିଞ୍ଜିଳି ଥାନା ପୌରାଞ୍ଚଳର ଜଣେ କଲେଜ ଛାତ୍ର ବୋଲି ଜଣାପଡିଛି। ଗତ କିଛି ଦିନ ଧରି ଖଣ୍ଡରା-ପିତଳ ରାସ୍ତା ମଧ୍ୟରେ ବିଭିନ୍ନ ଛୋଟ ବଡ଼ ଅସାମାଜିକ କାର୍ଯ୍ୟକଳାପ ଘଟିଥିବା ଜଣାପଡ଼ିଛି। ଛକଠାରେ ଥିବା ଏକ ପାନ ବିଡି ଦୋକାନ ଅସାମାଜିକ ଯୁବ ଗୋଷ୍ଠୀଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ନିଶା ଦ୍ରବ୍ୟ ସେବନ ସହ ଦୁର୍ବୃତ୍ତମାନେ ସୁଯୋଗ ଉଣ୍ଡି ଲୁଟ୍, ରାହାଜାନୀ କରି ପଲସର ବାଇକରେ ଘଟଣା ସ୍ଥଳରୁ ଫେରାର ହେବାରେ ସଫଳ ହେଉଥିବା ସୂଚନା ମିଳିଛି। ଏହା ବ୍ୟତୀତ ଅନ୍ଧାର ରାତିର ସୁଯୋଗ ନେଇ ସମ୍ପୃକ୍ତ ରାସ୍ତା ଦେଇ ବହୁ ବେଆଇନ କାର୍ଯ୍ୟକଳାପ, ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଏ ଦିଗରେ ପୁଲିସ ଅଧିକ ତତ୍ପରତା ପ୍ରକାଶ କରି ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଭରସା ଯୋଗ୍ୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଭଞ୍ଜନଗର,୫।୧୦(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅବକାରୀ ବିଭାଗକୁ ସଫଳତା। ଗୋଟିଏ ଥାର ଗାଡ଼ି ସହ ୪୦ କେଜି ଗଞ୍ଜେଇ ଜବତ ସହିତ ଜଣେ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲ୍ଲା ସୁଡୁରକୁମ୍ପା ଗାଁର ମହେନ୍ଦ୍ର ବେହେରା (୨)। ସୂଚନା ପ୍ରକାରେ ଭଞ୍ଜନଗର



ଅବକାରୀ ବିଭାଗ ଭଞ୍ଜନଗର ଥାନା ପହଣ୍ଡା ଛକରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଗୋଟିଏ ଥାର୍ ଗାଡ଼ିକୁ ଅଟକାଇ କରି ତଲାସୀ ନେବାବେଳେ ସେଥିରୁ ୪୦ କେଜି ଗଞ୍ଜେଇ ବାହାରିଥିଲା। ତେବେ ଅବକାରୀ ବିଭାଗ ସମ୍ପୃକ୍ତ ଗଞ୍ଜେଇ ଚାଲାଣକାରୀ ମହେନ୍ଦ୍ର ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ଗଞ୍ଜେଇ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୧୪ ଲକ୍ଷ୍ୟ ଟଙ୍କା ହେବ। ତେବେ କନ୍ଧମାଳରୁ ରାଜଧାନୀ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୂଚନା ଦେଇଛନ୍ତି ଭଞ୍ଜନଗର ଅବକାରୀ ଥାନା ଓଆଇସି ବିଭୁ ପ୍ରସାଦ ସାହୁ।

## ୫୦ ହଜାର ଲୋକଙ୍କ ଘରେ ସୋଲାର ସ୍ଥାପନ ଲକ୍ଷ୍ୟ : ଜିଲ୍ଲାପାଳ



ଛତ୍ରପୁର,୫।୧୦(ନିପ୍ର): ମାସବ୍ୟାପୀ ଚାଲୁଥିବା 'ସେବା ସେତୁ ଅଭିଯାନ' ଅବସରରେ ଟି.ପି.ଏସ୍.ଓ.ଡି.ଏଲ୍. ପକ୍ଷରୁ ଜିଲ୍ଲା ମହକୁମା ଛତ୍ରପୁରସ୍ଥ ସୋମବାର ଜିଲ୍ଲା ପରିଷଦ ଭବନର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ତଥା ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ 'ସେବା ସେତୁ' ଶିବିର ଅନୁଷ୍ଠିତ ହୋଇଯାଇଛି। 'ପିଏମ୍ ସୂର୍ଯ୍ୟ ଘର: ମୁକ୍ତ ବିଜୁଳି ଯୋଜନା'କୁ ଅଧିକ ବ୍ୟାପକ କରିବା ସହ ଘରୋଇ ସ୍ତରରେ ସୌର ଶକ୍ତିର ବ୍ୟବହାର ନେଇ ଜନସାଧାରଣଙ୍କୁ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଦେଶର ବିଦ୍ୟୁତ ଆବଶ୍ୟକତା ପୂରଣ ସହ ଘରୋଇ ସ୍ତରରେ ସୌର ଶକ୍ତିର ବ୍ୟବହାର ବଢ଼ାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ଯୋଜନା ଆରମ୍ଭ କରିଛନ୍ତି। ଛତ୍ରପୁର ଓ ଗଞ୍ଜାମ ବ୍ଲକର ୫ ହଜାରରୁ ଅଧିକ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇସାରିଛନ୍ତି। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାର ଅଧିକରୁ ଅଧିକ ପରିବାରକୁ ଯୋଜନାର ସୁଫଳ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ।

ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତ୍ତି ଭାସନ କହିଥିଲେ ଯେ, କିଛି ମାସ ପୂର୍ବରୁ ସୌର ପ୍ୟାନେଲ୍ ସ୍ଥାପନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ରାଜ୍ୟର ଶ୍ରେଷ୍ଠ ୫-୬ଟି ଜିଲ୍ଲା ମଧ୍ୟରେ ରହିଥିଲା। ସମସ୍ତଙ୍କ ମିଳିତ ପ୍ରୟାସରେ ଜିଲ୍ଲାରେ ୨୩ ହଜାରରୁ ଅଧିକ ସୌର ପ୍ୟାନେଲ୍ ସ୍ଥାପନ ହୋଇଥିବାବେଳେ ଗଞ୍ଜାମ ବର୍ତ୍ତମାନ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲ୍ଲାରେ ୫୦ ହଜାର ସୌର ପ୍ୟାନେଲ୍ ସ୍ଥାପନ କରିବାକୁ ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଜିଲ୍ଲାରେ 'ସୋଲାର ଭିଲେଜ୍' ବିକଶିତ କରିବା ନେଇ ଟିପିଏସ୍ଓଡିଏଲର ଲକ୍ଷ୍ୟ ରହିଥିବା ସେ ସୂଚନା ଦେଇଥିଲେ।

ଏହି ଯୋଜନା ଅଧୀନରେ ପ୍ରତି ଘର ପିଛା ୩ କିଲୋୱାଟ୍ ପର୍ଯ୍ୟନ୍ତ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ମୋଟ ୧ ଲକ୍ଷ ୩୮ ହଜାର ଟଙ୍କାର ସବ୍‌ସିଡି ବ୍ୟବସ୍ଥା ରହିଛି। ଏଥିରେ କେନ୍ଦ୍ର ସରକାରଙ୍କ ୭୮ ହଜାର ଟଙ୍କା ଏବଂ ରାଜ୍ୟ ସରକାରଙ୍କ ୬୦ ହଜାର ଟଙ୍କା ସାମିଲ ରହିଛି। ଏହାଦ୍ୱାରା ଉପଭୋକ୍ତାମାନେ ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ଉପରେ ଦେୟ ସଞ୍ଚୟ କରିପାରିବେ। ଇଚ୍ଛୁକ ହିତାଧିକାରୀମାନେ ପିଏମ୍ ସୂର୍ଯ୍ୟ ଘର ଅଧିକୃତ ପୋର୍ଟାଲରେ ପଞ୍ଜୀକରଣ କରି ଯୋଜନାର ସୁଫଳ ପାଇପାରିବେ।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ



ବୁଗୁଡା,୫।୧୦(ନି.ପ୍ର) : କଲେଜ କ୍ୟାମ୍ପସରେ ଅଶାନ୍ତ ବାତାବରଣ ଆଳକରି ଗତ ୮ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ରୋକ୍ ଲାଗିଥିଲା। ଆଜି ସରକାରଙ୍କ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ନେଇ ଘୋଷଣା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ପିପୁଲ୍ସ କଲେଜରେ ଗତ ୨୦୧୭ ମସିହାରେ ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ତେବେ ୨୦୧୮ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ଆଳକରି ନିର୍ବାଚନ ବନ୍ଦ କରିଦିଆଯାଇଥିଲା। ଏହା ପରେ କ୍ୟାମ୍ପସ ଅଶାନ୍ତ ବାହାନା କରି ଆଉ ଛାତ୍ର ସଂସଦ ନିର୍ବାଚନ କରାଯାଇନଥିଲା। ସରକାର ବଦଳି ନୂଆ ସରକାର ଆସିବାର ଦୁଇ ବର୍ଷ ବିତିଯାଇଥିଲେ ହେଁ ନିର୍ବାଚନ କରିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେବାରେ ଅହେତୁକ ବିଳମ୍ବ ହେତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା। ତେବେ ଛାତ୍ରଛାତ୍ରୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପରେ ପିପୁଲ୍ସ କଲେଜର ଛାତ୍ର ସଂସଦ ନିର୍ବାଚନର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ କଲେଜ ସମ୍ମୁଖରେ ଆତସବାଜି ଫୁଟାଇ ଖୁସି ଜାହିର କରିଥିଲେ। ଚଳିତ ମାସ ୭ ତାରିଖରେ ଶିକ୍ଷାଅନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ, ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ଯାଞ୍ଚ, ୧୦ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ତାଲିକା ପ୍ରକାଶ, ୧୪ ତାରିଖରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ, ୧୫ ତାରିଖରେ ଭୋଟ ଗ୍ରହଣ ଓ ଗଣନା ସହ ଫଳାଫଳ ପ୍ରକାଶ ଏବଂ ୧୬ ତାରିଖ ଦିନ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

## କେ. ନୂଆଗାଁ ପଞ୍ଚାୟତରେ ଜନଶୁଣାଣି ଶିବିର

ଚିକିଟୀ,୫।୧୦(ନି.ପ୍ର): ଚିକିଟୀ ବ୍ଲକ ଅନ୍ତର୍ଗତ କେ.ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଛି। ତହସିଲଦାର ବିଶ୍ୱରଞ୍ଜନ କହର, ଏବିଡିଓ ଚକ୍ରଧର ପ୍ରଧାନ, କୃଷି ଅଧିକାରିଣୀ ଚିନ୍ମୟୀ ସାହୁ, ଅତିରିକ୍ତ ଶ୍ରମ ଅଧିକାରୀ ସମିତ କୁମାର ସେଠ ଓ ସରପଞ୍ଚ ମହେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଶିବିରରେ ମୋଟ ୪୧ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୩ଟିର ତ୍ୱରିତ ସମାଧାନ କରାଯାଇଥିଲା। ଅବଶିଷ୍ଟ ୩୮ଟି ଅଭିଯୋଗ ମଧ୍ୟରୁ ୨ଟି ସାମୂହିକ ଓ ୩୬ଟି ବ୍ୟକ୍ତିଗତ ରହିଛି। ପିଇଓ ଜି. ବନମାଳୀ ରାଓଙ୍କ ସୁଚାରୁ ପରିଚାଳନାରେ ଶିବିର ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ଶିଶୁ କନ୍ୟାର ଚିକିତ୍ସା ପାଇଁ ସ୍କୁଲ ପିଲାଙ୍କ ମହତ ପ୍ରୟାସ

ହିଞ୍ଜିଳିକାଟୁ,୫।୧୦(ନି.ପ୍ର): ଦୁରାରୋଗ୍ୟ ଏସଏମଏ ଟାଇପ -୨ ରେ ଆକ୍ରାନ୍ତ ୧୨ ମାସର ଶିଶୁ କନ୍ୟା ତ୍ରିଶିକା ମନଭି ରାଏଙ୍କ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ହେତୁ, ଶିଶୁ କନ୍ୟାର ବାପା ଓ ମା' ସୋସିଆଲ ମିଡିଆର ସାହାରା ନେଇ ସାଧାରଣ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆକୁଳ ନିବେଦନ କରିଥିବା ବାର୍ତ୍ତା ଏବେ ସବୁଆଡେ ଘୁରି ବୁଲୁଛି। ଏହାକୁ ଦୃଷ୍ଟିରେ ରଖି ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ଗ୍ରାମର କିଛି ସ୍କୁଲ ପିଲା ପୀଡ଼ିତା ଶିଶୁ କନ୍ୟାର ଚିକିତ୍ସା ଲାଗି ଆର୍ଥିକ ସହାୟତା ପ୍ରଦାନ ପାଇଁ ସହଯୋଗର ହାତ ବଢାଇଛନ୍ତି। ଶନିବାର ସ୍କୁଲ ପିଲାମାନେ ସାହି ଓ ଗଳି ଗଳି ବୁଲି ବିଭିନ୍ନ ଲୋକଙ୍କୁ ଭେଟି କୁନି ଶିଶୁ କନ୍ୟାର ଚିକିତ୍ସା ସେବା ପାଇଁ ସାଧମତେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ସଂଗୃହୀତ ହୋଇଥିବା ସହାୟତା ରାଶିକୁ ୟୁପିଆଇ ମାଧ୍ୟମରେ ପଠାଇ ଥିଲେ।

## ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘର ୨ୟ ବାର୍ଷିକ ସମାରୋହ



ଗଞ୍ଜାମ,୫।୧୦(ନି.ପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ୟ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘର ସଭାପତି ସନତ କୁମାର ଜାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଗୋଷ୍ଠି ଶିକ୍ଷାଅଧିକାରୀ ସରୋଜ କୁମାର ସାହୁ, ବକ୍ତା ରୂପେ ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘ, ରାଜ୍ୟ ଉପଦେଷ୍ଟା ମନୋଜ କର, ସମ୍ମାନିୟ ଅତିଥି ରୂପେ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରି ସଂଯୁକ୍ତା ବେହେରା ଓ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷକ ସଂଘ ଜିଲ୍ଲା ସଂଯୋଜକ ଗଜାନନ ଦଳେଇ ଓ ରାଜ୍ୟ ଆଞ୍ଚଳିକ ସଂଯୋଜକ ସିଦ୍ଧାନ୍ତ ଶେଖର ପ୍ରଧାନ ମଞ୍ଚାସିନ ଥିଲେ। ଏହି ଅବସରରେ ଶିକ୍ଷା ବ୍ୟବସ୍ଥାରେ ନିଯୁକ୍ତି ପାଇଥିବା ଦୁଇ ବର୍ଷ ପୂର୍ତ୍ତି ଓ ଶିକ୍ଷା ବ୍ୟବସ୍ଥାକୁ ଆଗାମୀ ଦିନ ମାନଙ୍କରେ କିପରି ସଫଳ ଓ ଉଜ୍ଜୀବିତ କରାଯିବ ସେ ଦିଗରେ ଆଲୋଚନା ହୋଇଥିଲା। ସଙ୍ଘର ଆଭିମୁଖ୍ୟ, ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ପ୍ରତିବଦ୍ଧ ହେବା ପାଇଁ ମଧ ସଂକଳ୍ପ ଗ୍ରହଣ କରାଯାଇଥିଲା।

## ଚୋରି ମାମଲାରେ ୫ ଗିରଫ, ସାମଗ୍ରୀ ଉଦ୍ଧାର

ବ୍ରହ୍ମପୁର,୫।୧୦(ନି.ପ୍ର): ଗୋଳନ୍ଥରା ଥାନା ପକ୍ଷରୁ ଚୋରିରେ ସମ୍ପୃକ୍ତ ରହିଥିବା ୩ଜଣ ସମେତ ଚୋରି ସାମଗ୍ରୀ ରଖିଥିବା ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାସପୁରର ତପନ କୁମାର ବେହେରା, ବିଜୁନ୍ ବେହେରା, ଦୀପକ ବେହେରା ଏବଂ ଚୋରି ଜିନିଷ ରଖିଥିବା ଅଭିଯୋଗରେ ସୁବ୍ରତ ବେହେରା ଓ ଶାନ୍ତନୁ ବେହେରା ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ଠାରୁ ଚୋରି ଯାଇଥିବା ୪ଟି ଏମ୍ପ୍ଲିଫାୟାର ସମେତ ୨ଟି ବ୍ୟାଟେରୀ ଜବତ କରିଛି। ଅଭିଯୋଗ ଅନୁସାରେ ଗତ ୩ ତାରିଖ ଦିନ ଦାସପୁରରେ ଲାଇଟ୍ ଏବଂ ସାଉଣ୍ଡ ବ୍ୟବସାୟ କରୁଥିବା ଡ଼ି. ମୋହନ ରାଓ ଗାଁରେ ଦଶହରା ପର୍ବ ପାଳନ ନିମନ୍ତେ ଅନୁଷ୍ଠିତ ବୈଠକରେ ଯୋଗଦେବା ପରେ ଗାଁରେ ଥିବା ଲାଇଟ୍ ଏବଂ ସାଉଣ୍ଡ୍ ଗୋଦାମ୍ ଖୋଲିବା ସମୟରେ ୪ଟି ଏମ୍ପିଲଫାୟାର ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଘଟଣା ନେଇ ୪ ତାରିଖରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ତଦନ୍ତ ସମୟରେ ପ୍ରଥମେ ତପନକୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା ସମୟରେ ସେ ଆଉ ଦୁଇ ଜଣ ଏଥିରେ ସାମିଲ ରହିବା ସହ ଚୋରି ସାମଗ୍ରୀ ଗୁଡ଼ିକୁ ଗାଁର ଦୁଇଜଣଙ୍କୁ ବିକ୍ରି କରିଥିବା ପ୍ରକାଶ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।


**AFFIDAVIT**

By virtue of an affidavit sworn before Notary Public Titilagarh, dated 30.09.2026 I, Sudam Sahu, Adress At/Po- Khaprakhol, Ps- Khaprakhol, Dist- Balangir, Odisha, Pin- 767028 declare that I have changed my daughter's name from Sibrama Sahu to Simran Sahu. Henceforth, she shall be known as Simran Sahu for all purposes.

Sudam Sahu
Deponent

**AFFIDAVIT**

By virtue of an affidavit C.F No. 2557, Dt.09.04.2026, sworn before the Executive Magistrate, Balasore, I, Shambhu Nath Malik, S/o-Late Kanhei Malik, At-Badadeulabad, Po-Sahada, Ps-Chandipur, Dist-Balasore, Pin-756002, declare that I have changed the name of my minor son from Sai Suvam Malik (old name) to Samarth Kumar Malik (new name). Henceforth, he will be known as Samarth Kumar Malik for all future purposes.

**Shambhu Nath Malik**
Deponent

**AFFIDAVIT**

By virtue of an affidavit sworn before Notary Public Titilagarh, dated 05.10.2026 I, Satyanarayan Podh, Adress At-Sirekela, Po- Binekela, Ps-Titilagarh, Dist- Balangir, Odisha, Pin- 767033 declare that I have changed my son's name from Ketan Kumar Podha to Ayush Kumar Podh. Henceforth, he shall be known as Ayush Kumar Podh for all purposes.

Satyanarayan Podh
Deponent

**AFFIDAVIT**

By virtue of an affidavit sworn before Notary Public Kalahandi, dated 01.10.2026 I, Lingaraj Pradhan, Adress At/Po-Nuapada, Ps- Tusura, Dist-Balangir, Odisha, Pin- 767030 declare that I have changed my daughter's name from Prangya Parimita Padhan to Pragnya Pradhan. Henceforth, She shall be known as Pragnya Pradhan for all purposes.

Lingaraj Pradhan
Deponent

**AFFIDAVIT**

I, Bijay Jain, S/o- Rajkumar Jain, resident of Panchabati Complex, Barbil, VTC-Barbil, PO-Barbil, Dist.-Kendujhar, Pin-758035, Odisha, do hereby declare that by this affidavit no. 77AA831588, dtd. 05.10.2026, that now and onwards I shall be known as Vijay Kumar Jain for all future purposes.

Vijay Kumar Jain
Deponent


## ବିଦ୍ୟୁତ ବିଭାଗ ଠିକା କର୍ମଚାରୀଙ୍କ ଗଣଧାରଣା



ଆସିକା,୫।୧୦(ନି.ପ୍ର): ଗଞ୍ଜାମ ଜିଲ୍ଲାର ପ୍ରମୁଖ ବିଦ୍ୟୁତ୍ ସର୍କଲ ମଧ୍ୟରୁ ଅନ୍ୟତମ ଆସିକା ବିଦ୍ୟୁତ ବିଭାଗ ସର୍କଲ ଅଫିସ ସକାଳୁ ସରଗରମ ରହିଛି। ସର୍କଲ ଅଫିସ ସମ୍ମୁଖରେ ଶତାଧିକ ଠିକା କର୍ମଚାରୀଙ୍କ ଗଣଧାରଣା। ମୌଳିକ ସୁବିଧା ଓ ବିଭିନ୍ନ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି। ସକାଳ ୧୦ ଟାରୁ ଆରମ୍ଭ ହୋଇଥିବା ଏହି ଧାରଣା ଅପରାହ୍ନ ପର୍ଯ୍ୟନ୍ତ ଜାରି ରହିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଆସିକା ଇଲେକ୍‌ଟ୍ରିକାଲ ସର୍କଲ ଅନ୍ତର୍ଗତ ବିଭିନ୍ନ ଡିଭିଜନ ଏବଂ ସେକ୍ସନରେ ପ୍ରାୟ ୩୦୦ ରୁ ଅଧିକ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନେ ଲାଇନମ୍ୟାନ, ହେଲପର, ମିଟର ରିଡର, ଡାଟା ଏଣ୍ଟ୍ରି ଅପରେଟର ଭାବେ ଦୀର୍ଘ ୫ ରୁ ୧୦ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ ନିୟମ ଅନୁଯାୟୀ ମୌଳିକ ସୁବିଧା ମିଳିପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ପ୍ରତି ମାସର ୫ ତାରିଖ ସୁଦ୍ଧା ଦରମା ପ୍ରଦାନ କରାଯାଉ। ଇପିଏଫ୍ ଏବଂ ଇଏସଆଇ ତୁରନ୍ତ ଲାଗୁ କରାଯାଉ। କାର୍ଯ୍ୟ କରିବା ସମୟରେ ସୁରକ୍ଷା ଉପକରଣ ଯେପରିକି ହେଲମେଟ, ଗ୍ଲୋବସ, ସେଫ୍ଟି ବେଲ୍ଟ ଆଦି ସୁବିଧା ଯୋଗାଇ ଦିଆଯାଉ। କର୍ମଚାରୀଙ୍କ ଦୁର୍ଘଟଣା ବୀମା କରାଯାଉ। ବିନା କାରଣରେ ଛଟେଇ ବନ୍ଦ କରାଯାଉ ଏବଂ ନିଯୁକ୍ତି ସ୍ଥାୟୀ କରାଯାଉ। ସମାନ କାମକୁ ସମାନ ଦରମା ଦିଆଯାଉ। ଧାରଣାରେ ବସିଥିବା ଜଣେ କର୍ମଚାରୀ କହିଛନ୍ତି, ଆମେ ଦିନ ରାତି ଖରା ବର୍ଷାରେ ବିଦ୍ୟୁତ୍ ସେବା ଯୋଗାଉଛୁ। ଲୋକଙ୍କ ଘରେ ଆଲୁଅ ଜଳିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଖୁଣ୍ଟ ଉପରକୁ ଚଢୁଛୁ। କିନ୍ତୁ ଆମ ଜୀବନର କୌଣସି ମୂଲ୍ୟ ନାହିଁ। ଗତ ମାସରେ ଆମର ଜଣେ ସାଥୀ କରେଣ୍ଟ ଲାଗି ଆହତ ହେଲେ, କିନ୍ତୁ ବିଭାଗ ପକ୍ଷରୁ ଏକ ଟଙ୍କା ସହାୟତା ମିଳିଲା ନାହିଁ। ଆଉ ଜଣେ କର୍ମଚାରୀ କହିଛନ୍ତି, ଆମେ ୮ ହଜାର ଟଙ୍କା ଦରମାରେ କାମ କରୁଛୁ, ତାହା ପୁଣି ୩ ମାସରେ ଥରେ ମିଳୁଛି। ଏଥିରେ ପରିବାର କେମିତି ଚଳିବ? ଏ ନେଇ ସର୍କଲ ଅଫିସର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚରାଯିବାରୁ ସେ କହିଛନ୍ତି, ଠିକା କର୍ମଚାରୀଙ୍କ ଦାବି ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯାଇଛି, ଖୁବ ଶୀଘ୍ର ସମାଧାନ କରାଯିବ।

## ଜାତୀୟ ଏମ୍‌ଟିବି ସାଇକ୍ଲିଂ ଚାମ୍ପିଅନଶିପ୍ ଉଦ୍‌ଯାପିତ




ପାରଳାଖେମୁଣ୍ଡି,୫।୧୦(ନି.ପ୍ର): ଗଜପତି ଜିଲ୍ଲାର ମହେନ୍ଦ୍ରଗିରିସ୍ଥିତ କୋଇନପୁର ଗ୍ରାମରେ ଗତ ଚାରି ଦିନ ଧରି ଚାଲିଥିବା ୨୩ତମ ଜାତୀୟ ଏମ୍‌ଟିବି ସାଇକ୍ଲିଂ ଚାମ୍ପିଅନଶିପ୍ ୨୦୨୬ ସଫଳତାର ସହ ସମାପ୍ତ ହୋଇଛି। ମହେନ୍ଦ୍ରଗିରିର ଦୁର୍ଗମ ଓ ଚ୍ୟାଲେଞ୍ଜିଂ ପାହାଡ଼ିଆ ଟ୍ରାକ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସାଇକ୍ଲିଷ୍ଟମାନେ ନିଜର ଦକ୍ଷତା, ସାହସ ଓ ସହନଶୀଳତାର ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ତିମ ଦିନର କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ, ଆଇଏଏସ୍ ଉପସ୍ଥିତ ରହି କ୍ରୀଡ଼ାବିତ୍ମାନଙ୍କୁ ଉତ୍ସାହିତ କରିଥିଲେ।

ଚାମ୍ପିଅନଶିପର ସାମଗ୍ରିକ ଫଳାଫଳରେ ତାମିଲନାଡୁ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ମୋଟ ୧୪ଟି ପଦକ ଜିତି ଚାମ୍ପିଅନ୍ ହୋଇଛି। କର୍ଣ୍ଣାଟକ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ୧୩ଟି ପଦକ ପାଇ ରନର୍ସ-ଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୧ଟି କାଂସ୍ୟ ସହ ତୃତୀୟ ସ୍ଥାନ ହାସଲ କରିଛି। ବ୍ୟକ୍ତିଗତ ପ୍ରଦର୍ଶନରେ ତାମିଲନାଡୁର ମେନ୍ ଜୁନିୟର ସାଇକ୍ଲିଷ୍ଟ ଆଣ୍ଟୋନି ରାଜଙ୍କୁ ବେଷ୍ଟ ମେନ୍ ସାଇକ୍ଲିଷ୍ଟ ଭାବେ ଚୟନ କରାଯାଇଛି। ସେ ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଏହି ଜାତୀୟ ଆୟୋଜନ ପ୍ରତି ତାଙ୍କର ସମର୍ଥନ ଓ ସହଯୋଗ ପାଇଁ ବିଶେଷ କୃତଜ୍ଞତା ଜଣାଉଛି।

ଏହି ଚାରି ଦିନିଆ ଜାତୀୟ ଚାମ୍ପିଅନଶିପ୍‌କୁ ସଫଳ କରିବାରେ ସହଯୋଗ କରିଥିବା ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସମସ୍ତ ସଦସ୍ୟ, ବୈଷୟିକ ଅଧିକାରୀ ଓ ଆୟୋଜକ କମିଟିଙ୍କୁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି। ଏଥିସହ କୋଇନପୁର ଗ୍ରାମପଞ୍ଚାୟତର ସମସ୍ତ ସଦସ୍ୟ ଓ ଗ୍ରାମବାସୀ, ରେଡ୍ କ୍ରସ୍ ଟିମ୍, ଜିଲ୍ଲା ପ୍ରଶାସନ, ପୋଲିସ୍ ବିଭାଗ, ଚିକିତ୍ସା ଦଳ, ଅଗ୍ନିଶମ ବାହିନୀ, ମାର୍ଶାଲ୍, ସ୍ୱେଚ୍ଛାସେବୀ ଏବଂ ସମସ୍ତ ସହଯୋଗୀ ଦଳଙ୍କ ନିଷ୍ଠା ଓ ସହଯୋଗ ପାଇଁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ବିଶେଷ କୃତଜ୍ଞତା ଜଣାଇଛି।


**ପାତ୍ରୀ ଆବଶ୍ୟକ**

ରୋଷେଇ କରିବା, ଲେଡିସ୍ ଡ୍ରେସ୍ ଦୋକାନ ସମ୍ଭାଳିବା ସହିତ ଜଣେ ପୁରୁଷ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ୩୫ ବର୍ଷରୁ କମ୍ ବୟସର ଅବିବାହିତା କିମ୍ବା ବିଧବା ମହିଳା ଆବଶ୍ୟକ। ରହିବା ଓ ଖାଇବା ମାଗଣା। କାମ ଓ ଯୋଗ୍ୟତା ଦେଖି ଦରମା ଦିଆଯିବ।

**ଯୋଗାଯୋଗ: ରମେଶ ବାବୁ**
**ମୋ: ୯୧୨୪୪ ୦୨୧୪୬**

## ୨୪ ଘଣ୍ଟା ମେଡିକାଲରେ ପଡ଼ିଲା ଶବ



ଠାକୁରମୁଣ୍ଡା,୫।୧୦(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫ ତାରିଖ ସୋମବାର ଦିନ ଏକ ଅମାନବୀୟ ଚିତ୍ର ଦେଖିବାକୁ ମିଳିଛି। ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ହେଲାଣି ଜଣେ ମୃତ ବ୍ୟକ୍ତିଙ୍କ ଶବ ମେଡିକାଲ ଭିତରେ ପଡ଼ି ରହିଛି, ନା ଶବ ବ୍ୟବଚ୍ଛେଦ ପାଇଁ ଯାଇଛି ନା ମେଡିକାଲରୁ ଉଠିଛି। ମୃତକ ଜଣକ ହେଲେ ଶାମ ମାର୍ଣ୍ଡି (୪୦) ଘର ବହଳଦାର ତେନ୍ତଳା ଗ୍ରାମରେ । ସୂଚନା ଅନୁଯାୟୀ, ଗତ ୪ ତାରିଖ ଦିନ ୨ ଟା ରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଡମିଶନ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ବେଳକୁ ପରିସ୍ରା ପାଇଁ ବେଡ଼ରୁ ଉଠି ବାଥ ରୁମ ନଯାଇ ରାମ୍ପରେ ତଳକୁ ଯାଉଥିବା ବେଳେ ଖସି ପଡିଥିଲା । ସ୍ତ୍ରୀ ଏବଂ ସିକ୍ୟୁରିଟି ମିଶି ତାଙ୍କୁ ଟେକି ନେଇଥିଲେ ବେଡ଼କୁ । ସ୍ତ୍ରୀ ଶାମକୁ ପାଣି ପିଇବାକୁ ଦେଇଥିଲା । ପରେ ସନ୍ଧ୍ୟା ୫ ଟା ରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ସ୍ୱାମୀଙ୍କ ମୃତ୍ୟୁ ପରେ ସୋମବାର ସକାଳୁ ସ୍ତ୍ରୀ ସୁଶୀଳା ମାର୍ଣ୍ଡି ନିଜ ଛୁଆକୁ ଧରି ମେଡିକାଲରୁ ଫେରାର ହୋଇଯାଇଥିବା କୁହାଯାଉଛି। ଫଳରେ ଶବ ସେମିତି ପଡ଼ି ରହିଛି। ଏତେ ସମୟ ବିତିଯାଇଥିଲେ ମଧ୍ୟ ଥାନା, ପ୍ରଶାସନ କିମ୍ବା ମେଡିକାଲ କର୍ତ୍ତୃପକ୍ଷ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା କିମ୍ବା ପରିବାର ଲୋକଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛନ୍ତି। ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଠାକୁରମୁଣ୍ଡା ଥାନାକୁ ଖାତା ନେଇ ସିକ୍ୟୁରିଟି ଯାଇଥିଲେ ମଧ୍ୟ ଠାକୁରମୁଣ୍ଡା ଥାନାରୁ ସହଯୋଗ ମିଳିନଥିଲା । ପରେ ମହୁଲଡିହା ଥାନାକୁ ଅବଗତ କରିବା ପରେ ମହୁଲଡିହା ଥାନା ପୁଲିସ ପକ୍ଷରୁ ଡାକ୍ତରଖାନା ଆସି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଶାମର ପରିବାର ସନ୍ଧାନ ମିଳିଛି । ଘର ଲୋକ ୬ ତାରିଖ ମଙ୍ଗଳବାର ଆସି ପହଞ୍ଚିବେ ବୋଲି ମହୁଲଡିହା ଥାନା ପୋଲିସ ସୂଚନା ଦେଇଛି।

## ମନ୍ଦିର ନିର୍ମାଣକୁ ନେଇ ବିବାଦ
## ଯୁବକଙ୍କୁ ଧମକ ଅଭିଯୋଗ, ଥାନାରେ ମାମଲା

ଖୁଣ୍ଟା,୫।୧୦(ନି.ପ୍ର): ଖୁଣ୍ଟା ଥାନା କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମର ଜଣେ ଯୁବକଙ୍କୁ ସେହି ଗ୍ରାମର ଦୁଇ ଜଣ ବ୍ୟକ୍ତି ଗାଲିଗୁଲଜ ଓ ଧମକ ଦେଇଥିବା ଅଭିଯୋଗରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ଗୋପବନ୍ଧୁ ନଗର ବ୍ଲକ କୁସୁମିଆ ଗ୍ରାମର ଏକ ନୂତନ ମନ୍ଦିର କାର୍ଯ୍ୟ ହେଉଥିବା ବେଳେ ତାହା ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମର ତପନ କୁମାର ବାରିକ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ବିଡିଓ ଅଭିଯୋଗ ଅନୁସାରେ ମନ୍ଦିର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଆଦେଶ ଦେବା ପରେ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା। ମନ୍ଦିର କାର୍ଯ୍ୟ କରୁଥିବା ସମ୍ପୃକ୍ତ ଠିକାଦାରଙ୍କ ସହ ବିବାଦ ସୃଷ୍ଟି ହୋଇଥିଲା। ତେବେ ଠିକାଦାର କୁଆଡ଼େ ତପନ କୁ ଠେଲାପେଲା କରିବା ସହ ଗାଲିଗୁଲଜ ଓ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି ଥାନାରେ। ଅଭିଯୋଗ ଆଧାରରେ ୨୫୯/୨୬ ରେ ଏକ ମାମଲା ରୁଜୁ କରିବା ସହ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଯାଜପୁର,୫।୧୦(ନି.ପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ



ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୨୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୧ ଗୋଟି ଅଭିଯୋଗ ଓ ରେଡ୍ କ୍ରୋସ ପାଣ୍ଠିରୁ ସହାୟତା ନିମନ୍ତେ ୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଗାନ୍ଧୀ ଜୟନ୍ତୀରୁ ସରଗରମ ଗାଁ ରାଜନୀତି
## ଗାଁମୁହାଁ ୩ ଦଳ, ଘରେ ଘରେ ପହଞ୍ଚିବ ଦଳୀୟ ବାର୍ତ୍ତା

ଧାମନଗର,୫।୧୦(ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ରାଜ୍ୟରେ ରାଜନୈତିକ ତତ୍ପରତା ବଢ଼ିଛି। ଗାନ୍ଧୀ ଜୟନ୍ତୀରୁ ତିନି ପ୍ରମୁଖ ଦଳ ତଳସ୍ତରରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବିଜେଡିର ଜନସମ୍ପର୍କ ପଦଯାତ୍ରା, କଂଗ୍ରେସର ଗଣତନ୍ତ୍ର ବଞ୍ଚାଅ ସପ୍ତାହ ଏବଂ ବିଜେପିର ସେବା ସଂକଳ୍ପ ଅଭିଯାନ ଜରିଆରେ ନେତା ଓ କର୍ମୀମାନେ ଗାଁ ଓ ଘରଦ୍ୱାରକୁ ଯିବେ। ଏଥିସହ ପଞ୍ଚାୟତସ୍ତରରେ ରାଜନୈତିକ ଚର୍ଚ୍ଚା ଜୋର ଧରିବା ଆଶା କରାଯାଉଛି। ଧାମନଗର ବ୍ଲକ ବିଜେଡି ପକ୍ଷରୁ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ମାସେ ବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତ ଗାନ୍ଧୀ ଘାଟରୁ ଏହାର ଶୁଭାରମ୍ଭ ହୋଇଛି। ବିଜେଡ଼ିର ମହିଳା ଓ ଛାତ୍ର ସଙ୍ଗଠନ ସ୍ତରରେ ଏହି କାର୍ଯ୍ୟକ୍ରମ ହେବଛ ସରକାରଙ୍କ କାର୍ଯ୍ୟକଳାପ, ଜନସମସ୍ୟା ଓ ନିର୍ବାଚନୀ ପ୍ରତିଶ୍ରୁତିକୁ ନେଇ ଲୋକଙ୍କ ନିକଟରେ ପହଞ୍ଚିବାକୁ ପ୍ରସ୍ତୁତ ହୋଇଛି ଦଳ। ଅନ୍ୟପକ୍ଷରେ କଂଗ୍ରେସ ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ 'ଗଣତନ୍ତ୍ର ବଞ୍ଚାଅ ସପ୍ତାହ' ପାଳନ କରୁଛି। ଜିଲ୍ଲା ଓ ବ୍ଲକ ସ୍ତରରେ ପଦଯାତ୍ରା, ମାଲ୍ୟାର୍ପଣ, ସଭା ଓ ଲିଫ୍ଲେଟ୍ ବଣ୍ଟନ କରାଯିବ। ଅକ୍ଟୋବର ୬ରେ ଜିଲ୍ଲାସ୍ତରୀୟ ସମାବେଶ ଏବଂ ୮ରେ ଓଡ଼ିଶା ବନ୍ଦ ପାଇଁ ଦଳ ଡାକରା ଦେଇଛି। ସେହିପରି ବିଜେପି 'ସେବା ସଂକଳ୍ପ' ଅଭିଯାନ ମାଧ୍ୟମରେ ତଳସ୍ତରରେ ଜନସମ୍ପର୍କ ବଢ଼ାଇବାକୁ ଯୋଜନା କରିଛି। ସ୍ୱଚ୍ଛତା ଅଭିଯାନ ସହ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ହେବଛ ଯୁବ ଓ ବୃଦ୍ଧବର୍ଗଙ୍କୁ ଯୋଡ଼ିବା ସହ ପ୍ରତି ବୁଥ୍ରେ 'ବିକଶିତ ସଂକଳ୍ପ ଯାତ୍ରା' ଆୟୋଜନ ଉପରେ ଦଳ ଗୁରୁତ୍ୱ ଦେଇଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଓ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୋଜନା ରହିଛି। ଏହି ଅଭିଯାନ ମାଧ୍ୟମରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଓ ସଡ଼କ ସୁରକ୍ଷା ଆଦି ୧୩ ଭିନ୍ନ ଭିନ୍ନ ଜନସେବା କାର୍ଯ୍ୟକ୍ରମ ଜାରି ରଖିଛି ଦଳ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ତିନି ଦଳର ଏହି ଗ୍ରାଉଣ୍ଡ କ୍ୟାମ୍ପେନ୍ ତଳସ୍ତରୀୟ ରାଜନୀତିକୁ ଚଳଚଞ୍ଚଳ କରିଛି। ଦଳଗୁଡ଼ିକ ସଭା ଓ ମଞ୍ଚରୁ ବାହାରି ଏବେ ଗାଁ ଓ ଘରଦ୍ୱାରରେ ନିଜ ନିଜ ପ୍ରସଙ୍ଗ ରଖିବାକୁ ପ୍ରସ୍ତୁତ। ଫଳରେ ଆଗାମୀ ଦିନରେ ଗାଁ ରାଜନୀତିରେ ଏହି ତିନି ଅଭିଯାନକୁ ନେଇ ଚର୍ଚ୍ଚା ବଢ଼ିବା ସହ ନିର୍ବାଚନୀ ମାହୋଲ ଅଧିକ ସରଗରମ ହେବା ସମ୍ଭାବନା ରହିଛି।

## ଅବ୍ୟବସ୍ଥା ଘେରରେ ଛାତ୍ରାବାସ
# ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲା ମାସା ସଂଗଠନ



ରାଇରଙ୍ଗପୁର/ବିଶୋଇ,୫।୧୦(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ବଡ଼ାଯୋଡ଼ି ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଓ ହରିଜନ ଛାତ୍ରାବାସରେ ଅବ୍ୟବସ୍ଥା, ଛାତ୍ରମାନଙ୍କ ସୁରକ୍ଷା ପ୍ରତି ଅବହେଳା ଓ ପରିଚାଳନାରେ ଅନିୟମିତତା ନେଇ ଅଭିଯୋଗ ଉଠିଛି। ଏନେଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇ ନିରପେକ୍ଷ ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ମାସାର ଅଭିଯୋଗ ଅନୁଯାୟୀ, କେତେକ ଛାତ୍ର ବିନା ଅନୁମତିରେ ଛାତ୍ରାବାସରୁ ବାହାରକୁ ଯାଉଥିବା, ଦିନ ଓ ରାତିରେ ବାହାରେ ରହୁଥିବା ଏବଂ କେତେକ କ୍ଷେତ୍ରରେ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ହୋଷ୍ଟେଲ ବାହାରେ ରହୁଥିବା ଘଟଣା ଘଟୁଛି। କେତେକ ଛାତ୍ର ନିଶାଦ୍ରବ୍ୟ ସେବନ କରୁଥିବା ଓ ମୋବାଇଲ ଫୋନର ଅନୁଚିତ ବ୍ୟବହାର ଯୋଗୁଁ ପାଠପଢ଼ାରେ ଅବହେଳା କରୁଥିବା ନେଇ ମଧ୍ୟ ସଂଗଠନ ଅଭିଯୋଗ କରିଛି। ଅଭିଯୋଗରେ ୨୮ ସେପ୍ଟେମ୍ବର ୨୦୨୬ର ଏକ ଘଟଣାକୁ ଗୁରୁତ୍ୱ ଦିଆଯାଇଛି। ସଂଗଠନର ଦାବି ଅନୁସାରେ, ସେଦିନ ୬ ଜଣ ଛାତ୍ର ହୋଷ୍ଟେଲରୁ ବାହାରି ପୋଡ଼ସୀ ରାଜ୍ୟର ଜାମସେଦପୁରକୁ ଯାଇଥିଲେ। ଫେରିବା ସମୟରେ ସେମାନଙ୍କ ମଧ୍ୟରୁ ୩ ଜଣ ଚୋରି ମାମଲା ସମ୍ପର୍କିତ ଘଟଣାରେ ବହଳଦା ଥାନାରେ ଅଟକ ଥିବା ଏବଂ ଅନ୍ୟ ୩ ଜଣ ରାତିସାରା ବାହାରେ ରହିଥିବା ଅଭିଯୋଗ ହୋଇଛି। ପରଦିନ ସକାଳେ ସେମାନେ ଛାତ୍ରାବାସକୁ ଫେରିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଘଟଣା ସମୟରେ ହୋଷ୍ଟେଲ ପରିଚାଳକଙ୍କୁ ଛାତ୍ରମାନଙ୍କ ବାହାରକୁ ଯିବା ସମ୍ପର୍କରେ ଜଣାନଥିବା ଏବଂ ହାଜିରା ଖାତାରେ ସମ୍ପୃକ୍ତ ଛାତ୍ରମାନଙ୍କ ଉପସ୍ଥାନ ଦର୍ଶାଯାଇଥିବା ନେଇ ମାସା ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏଥିସହ ଛାତ୍ରମାନଙ୍କ ନାମରେ ଦିଆଯାଇଥିବା କେତେକ ଦରଖାସ୍ତର ସତ୍ୟତା ଓ ଉତ୍ସ ମଧ୍ୟ ଯାଞ୍ଚ କରିବାକୁ ଦାବି ହୋଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଏହି ଘଟଣାଗୁଡ଼ିକୁ କେବଳ ଛାତ୍ରମାନଙ୍କ ଦୁଷ୍ଟାମି ଭାବେ ଏଡ଼ାଇ ନଦେଇ ଛାତ୍ରାବାସର ନିରୀକ୍ଷଣ ବ୍ୟବସ୍ଥା, ହାଜିରା ରେକର୍ଡ ଓ ପରିଚାଳନା ଦାୟିତ୍ୱ ସମ୍ପର୍କରେ ମଧ୍ୟ ତଦନ୍ତ ହେବା ଆବଶ୍ୟକଛ ମାସା ପକ୍ଷରୁ ଛାତ୍ରାବାସର ସମସ୍ତ ରେକର୍ଡ, ହାଜିରା ଖାତା ଓ ଛାତ୍ରମାନଙ୍କ ଦରଖାସ୍ତ ଯାଞ୍ଚ କରି ନିରପେକ୍ଷ ତଦନ୍ତ କରିବାକୁ ଦାବି କରାଯାଇଛି। ତଦନ୍ତ ଦାୟିତ୍ୱରେ ଅବହେଳା ପ୍ରମାଣିତ ହେଲେ ସମ୍ପୃକ୍ତ ହୋଷ୍ଟେଲ ପରିଚାଳକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏବଂ ଆବଶ୍ୟକ ହେଲେ ତାଙ୍କୁ ଦାୟିତ୍ୱରୁ ହଟାଇ ଅନ୍ୟକୁ ଦାୟିତ୍ୱବାନ ଶିକ୍ଷକଙ୍କୁ ହୋଷ୍ଟେଲ ପରିଚାଳନା ଦାୟିତ୍ୱ ଦେବାକୁ ସଂଗଠନ ଦାବି କରିଛି। ଏହାସହ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ୭ ଦିନ ମଧ୍ୟରେ ଅନ୍ୟତ୍ର ବଦଳି କରିବା ସହ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଛାତ୍ରାବାସରେ ନିୟମିତ ନିରୀକ୍ଷଣ ଓ ଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସଂଗଠନ ଦାବି କରିଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୭ ଦିନ ମଧ୍ୟରେ ଦାବିଗୁଡ଼ିକ ଉପରେ ଦୃଢ଼ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ଦାବିପତ୍ର ପ୍ରଦାନ ସମୟରେ ମାସା ସଂଗଠନ ର ଜିଲ୍ଲା ସଭାପତି ରାମ ମୁର୍ମୁ, ଜିଲ୍ଲା ସହ-ସମ୍ପାଦକ ଲକ୍ଷ୍ମଣ ମାଝୀ, ବାମନଘାଟି ସମ୍ପାଦକ ମାସାଂ ହେମ୍ବ୍ରମ, କାନ୍ଦ୍ରା ମୁର୍ମୁ, ଟାକୁର ଦାସ ଟୁଡୁ, ଅନାଦି ଶିଙ୍କୁ, ସନାତନ ହାଁସଦା, ବଳରାମ ହାଁସଦା ଓ କିସୁନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡିଗଲା ପ୍ରଥମ ଶ୍ରେଣୀର ଛାତ୍ରୀ

ବନ୍ଧୁଗାଁ,୫।୧୦(ନି.ପ୍ର): ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ରାମଜୀପୁଟ ଗ୍ରାମର ଜଣେ ପ୍ରଥମ ଶ୍ରେଣୀର ଛାତ୍ରୀ ଘରକୁ ଫେରି ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ସୁଚନା ଅନୁଯାୟୀ ଆଜି ରାମଜୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଥମ ଶ୍ରେଣୀର ଛାତ୍ରୀ ରୋମା ମେଲେକା ୬ ବର୍ଷ ସ୍କୁଲକୁ ଆସି ଥିଲେ। ସ୍କୁଲ ଛୁଟି ହେବା ପରେ ଛାତ୍ରୀ ଜଣକ ସ୍କୁଲରୁ ପ୍ରାୟ ୨ କିମି ଦୂରରେ ଥିବା କୁଡ଼ିଆ ଘରକୁ ଯାଇ ଥିଲେ। କୁଡ଼ିଆରେ ଥିବା ମାଆ ଙ୍କ ପାଖରେ ବହି ରଖି ସାନ ଭାଇ ସହିତ ବାହାରକୁ ବାହାରି ଆସି ଥିଲେ। ଘରରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ପୋଖରୀ ହୁଡ଼ାକୁ ଛୋଟ ଭାଇକୁ ନେଇ ଭଉଣୀ ଗାଧେଇବାକୁ ଯାଇ ଥିଲେଛ ଗାଧେଇବା ସମୟରେ ହଠାତ ଭଉଣି ପାଣିରେ ବୁଡ଼ି ଯାଇ ଥିଲେଛ ସାନ ଭାଇ କାନ୍ଦି କାନ୍ଦି ଘରକୁ ଯିବା ପରେ ସଙ୍ଗେ ସଙ୍ଗେ ମାଆ ବୃନ୍ଦା ମେଲେକା କିଛି ଗାଁ ଲୋକଙ୍କ ସହାୟତାରେ ଝିଅକୁ ପୋଖରୀରୁ ବାହାର କରି ଆଣି ଥିଲେ। ପରେ ସଙ୍ଗେ ସଙ୍ଗେ ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେଛ ଗ୍ରାମବାସୀ ଓ ବାପା ଏଙ୍କୁଡ଼ା ମେଲେକା ବନ୍ଧୁଗାଁ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଆସନ୍ତା କାଲି ପୋଲିସ ଉପସ୍ଥିତରେ ଶବ କୁ ଡାକ୍ତର ନି ଦ୍ୱାରା ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

## ଫର୍ମ-୬ ଦାଖଲ ନେଇ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳଙ୍କ ସୂଚନା

କେନ୍ଦ୍ରାପଡ଼ା,୫।୧୦(ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପରେ ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକଙ୍କ ନାମ ପଞ୍ଜୀକରଣ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟର । ଜିଲ୍ଲାପାଳ କହିଛନ୍ତି ଯେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଭୋଟର ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ସମୟରେ କୌଣସି କାରଣରୁ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିଲେ ମଧ୍ୟ ଫର୍ମ-୬ ମାଧ୍ୟମରେ ପୁନର୍ବାର ନାମ ପଞ୍ଜୀକରଣ ପାଇଁ ଆବେଦନ କରିହେବ। ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଏଣିକି ଫର୍ମ-୬ ଦାଖଲ ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ଘୋଷଣାନାମା କିମ୍ବା ତଥ୍ୟ ଦେବା ଆବଶ୍ୟକ ନାହିଁ। ଏହାସହ ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା-ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦେବାକୁ ପଡ଼ିବ ନାହିଁ। ତେବେ ଜିଲ୍ଲାପାଳ ଜନସାଧାରଣଙ୍କୁ ସୂଚାଇଛନ୍ତି ଯେ, କେବଳ ଫର୍ମ-୬ ଦାଖଲ କରିଦେଲେ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ଆବେଦନକାରୀଙ୍କ ଯୋଗ୍ୟତା, ଆବେଦନରେ ଦିଆଯାଇଥିବା ତଥ୍ୟ ଓ ଆବଶ୍ୟକୀୟ ଦସ୍ତାବିଜର ନିର୍ଦ୍ଧାରିତ ଯାଞ୍ଚ ପରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଜିଲ୍ଲାପାଳ ଆହୁରି କହିଛନ୍ତି ଯେ, ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ନିଜର ନାମ ଭୋଟର ତାଲିକାରେ ରହିଛି କି ନାହିଁ ଯାଞ୍ଚ କରନ୍ତୁ। ନାମ ନଥିଲେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାନ୍ତୁ। ନିର୍ଭୁଲ, ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତିରେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ।

## ଅଧାରେ ଅଟକିଛି ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ
# ରାସ୍ତା ଖରାପ ଯୋଗୁଁ ମଢେଇକଚା ପଞ୍ଚାୟତକୁ ଆସିପାରୁନି ମୁଖ୍ୟମନ୍ତ୍ରୀ ବସ୍

ରାଇରଙ୍ଗପୁର/ବିଜାତଳା, ୫।୧୦(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ମଢେଇକଚା ପଞ୍ଚାୟତରେ ନିର୍ମାଣାଧୀନ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡର କାମ ଦୀର୍ଘଦିନ ଧରି ଅଧାରେ ଅଟକି ରହିଛି। ଠିକାଦାର ନିର୍ମାଣ କାମ ଆରମ୍ଭ କରିଥିଲେ ମଧ୍ୟ ଅଧା କାମ ପରେ ନିର୍ମାଣ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉଥିଲା। ହେଲେ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ ବର୍ଷା ଓ ଖରା ସମୟରେ ଯାତ୍ରୀ ଏବଂ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ମଢେଇକଚା ପଞ୍ଚାୟତକୁ ଯାଇଥିବା ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ଥିବାରୁ ମୁଖ୍ୟମନ୍ତ୍ରୀ ବସ୍



ସେବା ମଢେଇକଚା ପଞ୍ଚାୟତକୁ ଆସିପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମାଞ୍ଚଳର ଲୋକମାନଙ୍କ ଯାତାୟାତ ସୁବିଧା ପ୍ରଭାବିତ ହେଉଛି। ଅଧାରେ ପଡ଼ିଥିବା ବସ୍‌ଷ୍ଟାଣ୍ଡ ଓ ଖରାପ ରାସ୍ତାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଜନହିତକର ପ୍ରକଳ୍ପ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ତୁରନ୍ତ ବସ୍‌ଷ୍ଟାଣ୍ଡର ନିର୍ମାଣ କାମ ପୁନଃ ଆରମ୍ଭ କରି ସମ୍ପୂର୍ଣ୍ଣ କରିବା ସହ ମଢେଇକଚା ପଞ୍ଚାୟତକୁ ଯାଇଥିବା ରାସ୍ତାର ମରାମତି ଏବଂ ଉନ୍ନତିକରଣ ପାଇଁ ପ୍ରଶାସନ ଓ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ସାମ୍ବାଦିକ ଦିବାକର ପ୍ରଧାନ ଓ କବି ଶରତ ନାୟକଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା,୫।୧୦(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୁଲ୍ୟରେ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଦିବାକର ପ୍ରଧାନ ଓ କବି ଶରତ ଚନ୍ଦ୍ର ନାୟକଙ୍କ ବିୟୋଗରେ ଏକ ସ୍ମୃତି ଚାରଣ ସଭା ସାହିତ୍ୟ ସଂସଦର ସଭାପତି କରୁଣାକର ଦାସଙ୍କ ଅଧକ୍ଷତାରେ ଆଜି ସ୍ଥାନୀୟ ଶିବାନନ୍ଦ



ଆଶ୍ରମ, ଗରାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଉଭୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ପସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ, ଉପ-ସଭାପତି ପ୍ରଦୀପ କୁମାର ଦାଶ, ମନୋରଞ୍ଜନ ତ୍ରିପାଠୀ, ମନୋଜ ଦାସ, ଅଲେଖ ଚନ୍ଦ୍ର ଦାଶ, ରଜନୀକାନ୍ତ ଦାସ, ବରିଷ୍ଠ ଆଇନଜୀବୀ ସଞ୍ଜୟ ଜେନା, ସତ୍ୟବ୍ରତ ସିଂହ, ଧୀରେନ୍ଦ୍ର କୁମାର ଦାସ, ପୀତବାସ ବେହୁରା, ପଞ୍ଚାନନ ଗେରୁଆ ଇତ୍ୟାଦି ଯୋଗଦାନ କରି ସ୍ମୃତି ଚାରଣ କରିଥିଲେ।

## ବିଂଝାରପୁରରେ ବିଜେପି ଓ ବିଜେଡିର ମିଶ୍ରଣ ପ୍ରକ୍ରିୟାକୁ ନେଇ ରାଜନୀତି ସରଗରମ



ଦଶରଥପୁର,୫।୧୦(ନି.ପ୍ର): ଗୋଟିଏ ପଟେ ରାଜ୍ୟରେ ବିଜେପି ସରକାର ଥିବାବେଳେ ବିଂଝାରପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତ୍ରୀ ବବିତା ମଲ୍ଲିକ ଦଳକୁ ମଜଭୂତ ତଥା ସୁଦୃଢ଼ କରିବା ପାଇଁ ଆପ୍ରାଣେ ଉଦ୍ୟମ ଜାରି ରଖିଛନ୍ତି।ଏହି ପରିପ୍ରେକ୍ଷୀରେ ବିଜେପି ନେତ୍ରୀ ବବିତା ମଲ୍ଲିକ ଗୋଟିଏ ଦିନ ପୂର୍ବରୁ କିଛି ବିଜେଡି କର୍ମୀଙ୍କୁ ବିଜେପିରେ ମିଶାଇଛନ୍ତି।ମାତ୍ର ବିଜେପିର ଏହି ମିଶ୍ରଣର ଠିକ ଗୋଟିଏ ଦିନ ପରେ ବିଜେପିରେ ରହି ଯେଉଁମାନେ ଅଣ ନିଶ୍ୱାସୀ ହୋଇ ସାରିଲେଣି ସେମାନେ ଡବଲ ଇଂଜିନ ସରକାରର ଡବଲ ଧୋକା ତଥା ବିଜେପିର ମିଛ ପ୍ରତିଶୃତି ଉପରେ ଭରଷା ହରାଇବା ପରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଦଳର କିଛି କର୍ମୀ ବିଜେପି ଦଳ ପରିତ୍ୟାଗ କରି ପ୍ରମିଳା ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ତେବେ ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ଗୋଟିଏ ଦିନ ଅନ୍ତରରେ ଏଭଳି ମିଶ୍ରଣ ପ୍ରକ୍ରିୟାକୁ ନେଇ ପ୍ରମିଳାଙ୍କ ଉପରେ କର୍ମୀ ଓ ନେତାଙ୍କର ଭରଷା ବଢୁଥିବା ନେଇ ରାଜନୈତିକ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି।ସୂଚନା ଅନୁସାରେ ବିଂଝାରପୁର ବ୍ଲକ୍ ଆଉଁରି ପଂଚାୟତ କରପଦା ଗ୍ରାମସ୍ତ ସୁଶାନ୍ତ ପ୍ରଧାନ,ବିଶ୍ୱଜିତ ଜେନା,ଦେବାନନ୍ଦ ସ୍ୱାଇଁ,ସତ୍ୟନାରାୟଣ ସେଠୀ ଓ କମଳ ଲୋଚନ ସୂତାର ବିଜେପି ଛାଡ଼ି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ସମସ୍ତ ନୂତନ କର୍ମୀ ମାନଙ୍କୁ ଶ୍ରୀମତୀ ମଲ୍ଲିକ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଜୁ ଜନତା ଦଳ ପରିବାରକୁ ହାର୍ଦ୍ଦିକ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହିତ ଏକତା ଓ ସମର୍ପଣର ସହ ଭାଗିଦାରିତାରେ ଜନସେବାର ଯାତ୍ରାକୁ ଆହୁରି ଆଗକୁ ନେବା ପାଇଁ ପ୍ରମିଳା ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଦୁଇ ଦଳର ଏଭଳି ମିଶ୍ରଣ ପ୍ରକ୍ରିୟାକୁ ନେଇ ସାରା ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ରାଜନୀତି ସରଗରମ ହୋଇଉଠିଥିବା ବେଳେ ସରକାରରେ ନଥାଇ ମଧ୍ୟ ପ୍ରମିଳା ତାଙ୍କର ଦବ ଦବା ବଜାଇ ରଖିଛନ୍ତି ବୋଲି ଏବେ ସାଧାରଣରେ ଆଲୋଚନାର ବିଷୟ ସ୍ତୁ ସାଜିଛି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା: ପୂର୍ବାଞ୍ଚଳ ଆଇଜିଙ୍କୁ ଭେଟିଲା ଓଜେୟୁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍
# ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି



ବାରିପଦା/ଖୁଣ୍ଟା,୫।୧୦(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଜାମସୋଲା ଠାରେ ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ ପାଇଁ ଓଡ଼ିଶା ଜର୍ଣ୍ଣାଲିଷ୍ଟସ ୟୁନିଅନ (ଓଜେୟୁ) ପକ୍ଷରୁ ଗଠିତ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମର ସଦସ୍ୟ ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ମୟୁରଭଞ୍ଜ ଜିଲ୍ଲା ସଭାପତି ଅଭିଜିତ ମହାନ୍ତି ଓ ଜିଲ୍ଲା ସମ୍ପାଦକ ସାରଦା ପ୍ରସାଦ ବାରିକଙ୍କ ସହିତ ଅନ୍ୟତମ ସଦସ୍ୟ ସାମ୍ବାଦିକ ସୟେଦ ସିରାଜୁଦ୍ଦିନ ଏବଂ ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ଦାସ ପୂର୍ବଞ୍ଚଳ ଆଇଜି ବାଲେଶ୍ୱର ପିନାକ ମିଶ୍ରଙ୍କୁ ସାକ୍ଷାତ କରି ଘଟଣାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଓଡ଼ିଶା ଜର୍ଣ୍ଣାଲିଷ୍ଟସ ୟୁନିଅନ (ଓଜେୟୁ) ରାଜ୍ୟ ସଂଘ ପକ୍ଷରୁ ୩୦ ସେପ୍ଟେମ୍ବରରେ ଡିଜିପିଙ୍କୁ ଦିଆଯାଇଥିବା ଦରଖାସ୍ତରେ ଦର୍ଶାଯାଇଛି ଯେ, ସରସକଣା ବ୍ଲକର ପ୍ରଗତିବାଦୀ ଖବରକାଗଜର ବ୍ଲକ ପ୍ରତିନିଧି ତଥା ଓଜେୟୁ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ସେପ୍ଟେମ୍ବର ୨୭ ରାତିରେ ଜାମସୋଲା ଠାରେ ମାଫିଆଙ୍କ ଦ୍ୱାରା ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ଝାରପୋଖରିଆ ଥାନାରେ ଅଭିଯୋଗ ଦାଖଲ ହୋଇ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣାରେ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଓଜେୟୁ ଦାବି କରିଛିଛ ଆଇଜି ଶ୍ରୀ ମିଶ୍ରଙ୍କ ସହ ଆଲୋଚନା ସମୟରେ ଟିମ ପକ୍ଷରୁ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ଛୀନତାଇ ହୋଇଥିବା ମୋବାଇଲ ଫୋନକୁ ତୁରନ୍ତ ଠାବକରି ଫେରସ୍ତ ପାଇଁ ଦାବି କରାଯାଇଥିଲା। ଆଇଜି ଘଟଣାକୁ ଗୁରୁତର ସହ ନେଇ ବାରିପଦା ଏସପି ବରୁଣ ଗୁଣ୍ଟୁପାଲିଙ୍କୁ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ଆଇନାନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବାଇକ୍-ଟାଟା ଏସି ଧକ୍କା
## କାକଟ ମଙ୍ଗଳା କ୍ଲବର ପଦଭାଇଙ୍କ ମୃତ୍ୟୁ

କେନ୍ଦ୍ରାପଡା,୫।୧୦(ନି.ପ୍ର): କେନ୍ଦ୍ରାପଡ଼ା ସହର କାକଟ ମଙ୍ଗଳା କ୍ଲବର ପଦ୍ମଚରଣ ବେହେରା(୬୩)ଙ୍କ ବାଇକ ଓ ଟାଟା ଏସି ଧକ୍କା ହେବା ଫଳରେ ମୃତ୍ୟୁ ହୋଇଯାଇଛି । ସେ କ୍ଲବର ଉପଦେଷ୍ଟା ଥିଲେ । ଶ୍ରୀ ବେହେରା ଓ ତାଙ୍କ ପୁଅ ଚନ୍ଦନ ବାଇକ୍ ଯୋଗେ ଶନିବାର କଟକରୁ ଘରକୁ ଫେରୁଥିଲେ। ରାସ୍ତାରେଏକ ଟାଟା-ଏସି ପଛପଟରୁ ଧକ୍କା ଦେବା ଫଳରେ ପଦ୍ମଚରଣଙ୍କର ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ପୁଅ ଚନ୍ଦନ ଗୁରୁତର ଆହତ ହୋଇଥିଲେ। ରବିବାର କଟକ ବଡ ଡାକ୍ତରଖାନାରେ ପୋଷ୍ଟମଟମ ହେବା ପରେ କେନ୍ଦ୍ରାପଡା ସହରକୁ ଅଣାଯାଇଥିଲା । କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡରୁ କାକଟ ମଙ୍ଗଳା କ୍ଲବର ସଦସ୍ୟମାନେ ଏକ ଶୋଭାଯାତ୍ରାରେ କାକଟ ଗ୍ରାମ ବାସଭବନକୁ ଆଣିଥିଲେ।



ସେଠାରେ କେନ୍ଦ୍ରାପଡାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ପହଞ୍ଚି ଶ୍ରୀ ବେହେରାଙ୍କ ପାର୍ଥ ଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଳୀ ଅର୍ପଣ କରିଥିଲେ। ସେଠାରୁ କଜଳା ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା । ବଡପୁଅ ଆହତ ହୋଇ ଲଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଉଥିବାରୁ ସାନପୁଅ ସୁଧାଂଶୁ ବେହେରା ମୁଖାଗ୍ନି ଦେଇଥିଲେ । ରବିବାର ଦିନ ଶ୍ରୀ ବେହେରାଙ୍କ ସମ୍ମାନରେ କାକଟ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏହି ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ସମାଜସେବୀ ରିତ ସାହୁ, ଉମାକାନ୍ତ ସିଂ, ଅକ୍ଷୟ ପ୍ରିୟ ଦାସ, ନାରାୟଣ ପ୍ରସାଦ ସିଂଙ୍କ ସମେତ କ୍ଲବର ବହୁ ସଦସ୍ୟ ପହଞ୍ଚି ଶେଷକୃତ୍ୟ ସମ୍ପର୍ଣ୍ଣ କରିଥିଲେ ।

## ଜାତୀୟ ସ୍ତରରେ ଖେଳିବା ପାଇଁ ଆଇସିଏସଇ ଓଡ଼ିଶା ରିଜିଅନ ସ୍କେଟିଂ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର,୫।୧୦(ନି.ପ୍ର): ଜଳେଶ୍ୱର ସେଣ୍ଟ ଜେମ୍ସ କନଭେଣ୍ଟ ସ୍କୁଲର ୯ଜଣ ଛାତ୍ର ପ୍ରଥମ ଥର ପାଇଁ ଆଇସିଏସଇ ଓଡିଶା ରିଜିଅନ ସ୍କେଟିଙ୍ଗ ଟୁର୍ଣ୍ଣାମେଣ୍ଟରେ କୃତକାର୍ଯ୍ୟ ହୋଇ ଆସନ୍ତା ଅକ୍ଟୋବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର ରାଜ୍ୟର ଥାନେସ୍ଥିତ ହୀରା ନନ୍ଦିନୀ ଫାଉଣ୍ଡେସନ ସ୍କୁଲଠାରେ ହେବାକୁ ଥିବା ଜାତୀୟସ୍ତରୀୟ କ୍ରୀଡ଼ା



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଗତକାଲି ସନ୍ଧ୍ୟାରେ ଟ୍ରେନ୍ ଯୋଗେ ଥାନେ ଯାତ୍ରା କରିଛନ୍ତି। ୧୧ ବର୍ଷ କମ୍ ବାଳକ ବର୍ଗରେ ସେକ ରିହାନ, ଆରୋଜିତ ରାଉଳ ଓ ପ୍ରିୟାଂଶୁ ବେହେରା, ୧୪ ବର୍ଷ କମ୍ ବାଳକ ବର୍ଗରେ ଅଂଶୁମାନ ଦାଶ ଓ ପ୍ରତ୍ୟୁଷ ଦେ, ୧୭ ବର୍ଷ କମ୍ ବାଳକ ବର୍ଗରେ ଓମ୍ ଶଙ୍କର ପ୍ରଧାନ, ଦିବ୍ୟ ପ୍ରସାଦ ସାହୁ ଓ ଦୀପଙ୍କର ଜେନା , ୧୯ ବର୍ଷ କମ୍ ବାଳକ ବର୍ଗରେ ଆୟୁଷ କୁମାର ଜେନା ପ୍ରମୁଖ ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିବା ସେଣ୍ଟ ଜେମ୍ସ କନଭେଣ୍ଟ ସ୍କୁଲ ୯ ଜଣ ଛାତ୍ରଙ୍କୁ ପ୍ରିନ୍ସିପାଲ ସିଷ୍ଟର ପ୍ରୀତି ଭରଗିଜ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ଏହି ଛାତ୍ର ମାନେ ଜଳେଶ୍ୱରସ୍ଥିତ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀରେ ପ୍ରଶିକ୍ଷଣ ନେଉ ଥିବାରୁ ଏକାଡେମୀ ସଭାପତି ସୁକୁମାର ରଣାଙ୍କୁ ମଧ୍ୟ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ତଥା ଓଡ଼ିଶା ଟିମ୍ ମ୍ୟାନେଜର ଭୂପତି ଭୋଇ, କୋଚ୍ ରୋହିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଡକାୟତ ଗିରଫ, ୬ଲକ୍ଷ ୫୦ହଜାର ଟଙ୍କା ସହ ବନ୍ଧୁକ ଓ ଗାଡ଼ି ଜବତ






ଢେଙ୍କାନାଳ,୫।୧୦(ନି.ପ୍ର): ଢେଙ୍କାନାଳ ସଦର ଥାନା କଙ୍କଡାହାଡ ଗ୍ରାମ ଏସବିଆଇ ଗ୍ରାହାକ ସେବା କେନ୍ଦ୍ରରୁ ଗତ ସେପ୍ଟେମ୍ବର ୨୮ ତାରିଖ ଦିନ ହୋଇଥିବା ୩ଲକ୍ଷ ୫୦ହଜାର ଟଙ୍କା ଲୁଟ ଘଟଣାର ମୁଖ୍ୟ ଅଭିଯୁକ୍ତ ଓ ଡକାୟତ ଗ୍ୟାଙ୍ଗର ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛଇ ପୋଲିସ। ଏହା ସହିତ ସେମାନଙ୍କ ଠାରୁ ୬ଲକ୍ଷ ୫୦ହଜାର ଟଙ୍କା, ଗୋଟିଏ ଦେଶି ପିସ୍ତଲ, ୩ଟି ଜିବନ୍ତ ଗୁଳି, ୪ଟି ଖାଲି ଖୋକା,୨ଟି କଟୁରି, ଗୋଟିଏ ଟାଙ୍ଗିଆ, ଗୋଟିଏ ବେଣ୍ଟଲଗା ଛୁରି, ୨ଟି ମାକ୍ସ, ଗୋଟିଏ ହଳ ହ୍ୟାଣ୍ଡ ଗ୍ଲୋଭ, ଲଙ୍କା ଗୁଣ୍ଡ ପ୍ୟାକେଟ, ଗୋଟିଏ କଳା ରଙ୍ଗର ଟି ସାର୍ଟ, ଗୋଟିଏ କଳା ରଙ୍ଗର କାନ୍ଧ ବ୍ୟାଗ, ୧୨ଟି ମୋବାଇଲ ଫୋନ, ଓଡି -୦୨-ସିକେ -୬୪୨୮ ନମ୍ବର ଓଲା ସ୍କୁଟି, ଓଡି- ୦୬ପି-୦୩୫୪ ନମ୍ବର ଟିଭିଏସ ରାଇଡର ବାଇକ ଓ ଓଡି ୧୯-ୱାଇ - ୮୧୮୧ନମ୍ବର ମାରତି ସୁଜୁକି ବାଲେନୋ କାରକୁ ପୋଲିସ ଜବତ କରିଛଇ। ଡକାୟତ ଗ୍ୟାଙ୍ଗର ମୁଖ୍ୟ କଟକ ସଦର ଥାନା ଉରାଳି ଗ୍ରାମର ଅମର ସିଂ (ବଣ୍ଟି) ୨୬ ବର୍ଷ, ମୋଟଙ୍ଗ ଥାନା ହଳଦିଆବାହାଳ ଗ୍ରାମର ବିକାଶ ନାଏକ (ବିକା) ୨୪ ବର୍ଷ, ମିଳନ ନାଏକ ୨୮ ବର୍ଷ , ମୋଟଙ୍ଗା ଥାନା ପ୍ରଧାନସାହି ଗ୍ରାମର ବ୍ରିଜେଷ ପ୍ରଧାନ (ଜିତୁ) ୨୬ବର୍ଷ ଓ ସଦର ଥାନ କାଇମାଟି ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମର ଅମ୍ବିକା ପ୍ରସାଦ ଦାସ (ବାପି) ୨୧ବର୍ଷ କୁ ପୋଲିସ ଗିରଫ କରିଥିବା ଢେଙ୍କାନାଳ ଏସପି ଆଜ୍ୟାଙ୍କା ବାବୁରାଓ ମାନେ ସାମ୍ବାଦିକ ସମ୍ମିଳନୀ କରି ସୁଚନା ପ୍ରଦାନ କରିଛନ୍ତି। ଗିରଫ ହୋଇଥିବା ଅମର ସିଂ ନାମରେ ରାଜ୍ୟର ବିଭିନ୍ନ ଥାନାରେ ପ୍ରାୟ ୨୨ଟି ମାମଲା ରହିଥିବା ବେଳେ ମିଲନ ନାଏକ ନାମରେ ୧୫ଟିରୁ ଉର୍ଦ୍ଧ୍ୱ କେଶ, ବ୍ରିଜେଷ ନାମରେ ମୋଟଙ୍ଗା ଥାନାରେ ୬ଟି କେଶ, ବିକା ନାମରେ ୨ଟି କେଶ ରହିଥିବାର ଜଣାପଡିଛି। ଡକାୟତି ଗ୍ୟାଙ୍ଗକୁ ଧରିବା ପାଇଁ ଏସପିଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ରମେଶ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ସଦରଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଟାଉନ ଥାନା ଅଧିକାରୀ ଧିରେନ କୁମାର ବେହେରା, ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କାଙ୍କ ସମେତ ଟାଉନ ଥାନା ଏସଆଇ ଶକ୍ତିପ୍ରସାଦ ସାହୁ, ଏସଆଇ ପ୍ରତାପ କୁମାର ସାହୁ, ଏ ଏସଆଇ ସଞ୍ଜୟ କୁମାର ଦେହୁରୀ, ହାବିଲଦାର ସୁଧାଂଶୁ ଭୂଷଣ ପ୍ରଧାନ, କନେଷ୍ଟବଳ ଜିତୁ ରଞ୍ଜନ ପରିଡା, ଅମ୍ବୁଜ ସାହୁ, ଅଜୟ କୁମାର ସିଠ, ବିପିନି ବିହାରୀ ସ୍ୱାଇଁ ଓ ଦେବୀପ୍ରସାଦ ବରାଲଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା।

# ଅଘୋଷିତ ବିଦ୍ୟୁତ କାଟ, ଜନ ଜୀବନ ଅସ୍ତବ୍ୟସ୍ତ:ଜିଲ୍ଲାପାଳଙ୍କୁ ଦାବିପତ୍ର



କୁଜଙ୍ଗ,୫।୧୦(ନି.ପ୍ର):ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ରେ ଅଘୋଷିତ ବିଦ୍ୟୁ କାଟକୁ ନେଇ ଜନଜୀବନ ଅସ୍ତବ୍ୟସ୍ତଛ ଏହାର କରୁଣ ପରିଣତି ଭୋଗୁଛନ୍ତି ୩ ପଞ୍ଚାୟତର ପାଖାପାଖି ୪୦ହଜାରରୁ ଉର୍ଦ୍ଧ୍ୱ ଲୋକ। କୁଜଙ୍ଗ ବ୍ଲକ ସୂଚନା ଭବନ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ରେ ୩ ଗୋଟି ପଞ୍ଚାୟତ ତଥା ଫତେପୁର,ଗଣ୍ଡକିପୁର ଓ ଗୋପିଆକୁଦ ପଞ୍ଚାୟତ ବାସୀ ଝିମାଣୀ ଗ୍ରିଡରୁ ବିଦ୍ୟୁତ ସଂଯୋଗୀ କରଣ କରିବା ପାଇଁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଝିମାଣୀ ଗ୍ରୀଡରୁ ଏହି ୩ ପଞ୍ଚାୟତକୁ ବିଦ୍ୟୁତ ସଂଯୋଗୀ କରଣ କରାଗଲେ ଫତେପୁର,ଗଣ୍ଡକି ପୁର ଓ ଗୋପିଆକୁଦ ପଞ୍ଚାୟତର ପାଖାପାଖି ୪୦ହଜାର ଲୋକେ ଉପକୃତ ହେବା ସହ ଅଞ୍ଚଳ ବାସୀଙ୍କର ଦୀର୍ଘ ଦିନର ସମସ୍ୟାର ପୂର୍ଣ୍ଣଛେଦ ପଡିବ।ଏଥିସହ ଅଘୋଷିତ ବିଦ୍ୟୁ କାଟର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ମତ ରଖିଛନ୍ତି।

## ରଘୁନାଥପୁର ବ୍ଲକରେ ସେବା ସଂକଳ୍ପ ଦିବସ ପାଳନ ବେଳେ

# ନ୍ୟାୟ ପାଇଁ ନିର୍ଯ୍ୟାତିତ ମହିଳାଙ୍କ ଅନଶନ



ରଘୁନାଥପୁର,୫।୧୦(ନି.ପ୍ର): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ସୋମବାର ସେବା ସଙ୍କଳ୍ପ ଦିବସ ଅନୁଷ୍ଠିତ ହୋଉଥିବାବେଳେ ଅନ୍ୟପଟେ ନ୍ୟାୟ ପାଇଁ ମହିଳାମାନଙ୍କ ଧାରଣା ଦେଖିବାକୁ ମିଳିଥିଲା। ସରକାରଙ୍କ ନିର୍ଦେଶ କ୍ରମେ ସାରା ରାଜ୍ୟରେ ପଞ୍ଚାୟତ ସମିତି ମାନଙ୍କରେ ସେବା ସଂଙ୍କଳ୍ପ ଦିବସ ପାଳନ କରାଯାଉଛି। ଏହି ପରିପେକ୍ଷୀରେ ବ୍ଲକ ପରିସରରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଜନ କଲ୍ୟାଣମୂଳକ ସେବା ଓ ସଚେତନତା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ,ସିଡିପିଓ ତପ୍ତିମୟୀ ମହାନ୍ତି,ମେଡିକାଲ ସୁପରିଟେଣ୍ଟ ଡା ସୁକାନ୍ତ ଦଳାଇ, ଡା ପ୍ରଭାସ ଚନ୍ଦ୍ର ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ ମାନେ ସହଯୋଗ ପ୍ରଦାନ କରିଥିଲେ। ଏଠାରେ ଜନପ୍ରତିନିଧି ମାନଙ୍କ ଉପସ୍ଥିତି ବହୁତ କମଥିବାବେଳେ ପ୍ରଚାର ପ୍ରସାର ଅଭାବରୁ ଲୋକମାନଙ୍କ ଉପସ୍ଥିତ ମଧ୍ୟ ଅତି ନଗଣ୍ୟଥିବା ଦେଖିବାକୁ ମିଳିଥିଲା। ତେବେ ଗୋଟିଏପଟେ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କର ସମସ୍ୟା ସମାଧାନ ପାଇଁ ବ୍ଲକପ୍ରଶାସନ ସେବାସ ସଂଙ୍କଳ୍ପ ଦିବସ ପାଳନ କରୁଥିବା ସମୟରେ ଏହି ପ୍ରଶାସନର ନିର୍ଯ୍ୟାତନା ରେ ଅତିଷ୍ଠ ମହିଳାମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିବାକୁ ନେଇ ସରକାରଙ୍କ ଯୋଜନା ଏକପ୍ରକାର ପ୍ରହସନପରି ମନେ ହେଉଛି। ତେବେ ମହିଳାଙ୍କ ଧାରଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ପ୍ରଶାସନର ଅନୁମତି ନେଇଥିଲେ ବି ମହିଳା ମାନେ ବିକ୍ଷୋଭ ପଦର୍ଶନ କରି ଧାରଣାରେ ବସିବାପାଇଁ ଚେଷ୍ଟା କରୁଥିବା ବେଳେ ପୋଲିସ ଧମକରେ ଚୁପରହିବାକୁ ପଡିଲା ବୋଲି ଧାରଣାକାରୀ ମହିଳା ଅଭିଯୋଗ କରିଛନ୍ତି।

# ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ



ସାଲେପୁର,୫।୧୦(ନି.ପ୍ର): ସାଲେପୁର କଂଗ୍ରେସ ପକ୍ଷରୁ ଆସନ୍ତା ଅକ୍ଟୋବର ୮ ତାରିଖରେ ସକାଳ ୬ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେବାକୁ ଥିବା ଓଡ଼ିଆ ବନ୍ଦକୁ ସାଲେପୁରରେ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଙ୍ଗଠନ ଓଡ଼ିଶାର ଉପ ସଭାପତି ତଥା କଂଗ୍ରେସ ନେତା ହରିବନ୍ଧୁ ଶତପଥିଙ୍କ ଯୋଗଦେଇ ଗଣତନ୍ତ୍ର, ମତଦାତାଙ୍କ ଭୋଟ ଅଧିକାର, ରାଜ୍ୟର ଖଣିଜ ସମ୍ପଦ ଓ ରାଜସ୍ୱ ଅଧିକାର, ଶିକ୍ଷା ବ୍ୟବସ୍ଥା ଏବଂ ବନ୍ୟାପ୍ରଭାବିତ ଲୋକଙ୍କ ନ୍ୟାୟସଙ୍ଗତ ଦାବିକୁ କେନ୍ଦ୍ର କରି ଇଣ୍ଡିଆ ବ୍ଲକ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନର ଆହ୍ୱାନ ଦିଆଯାଇଛି।ଏହି ଆନ୍ଦୋଳନର ଚାରିଟି ପ୍ରମୁଖ ଦାବି ହେଉଛି- (୧) ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବହିଷ୍କାର, (୨) ଖଣି ଓ ଖଣିଜ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ, ୨୦୨୬ ତୁରନ୍ତ ରଦ୍ଦ କରିବା, (୩) ପାଠ୍ୟପୁସ୍ତକ ଯୋଗାଣରେ ଚରମ ଅରାଜକତା ପାଇଁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା,ଏବଂ (୪) ବନ୍ୟାକ୍ଷତିଗ୍ରସ୍ତ ସମସ୍ତଙ୍କୁ ପର୍ଯ୍ୟାପ୍ତ ଓ ଯଥୋଚିତ କ୍ଷତିପୂରଣ ଦେବା। ଏହି ବୈଠକରେ ସୁରେନ୍ଦ୍ର ନାଥ ମହାରଣା, ସୁଦାମ ଚରଣ ବାରିକ, ବୈକୁଣ୍ଠ ନାଥ ସ୍ୱାଇଁ, ବିଜ୍ଞାନନ୍ଦ ଭୂୟାଁ,ମାଧବ ପଲେଇ, ଶେଖ ନଜରୁଲ ହାସନ, ସିତୁ କର, ରଶ୍ମି ପ୍ରକାଶ କାଣ୍ଡି, ଚିତ୍ତରଞ୍ଜନ କାଣ୍ଡି, ସନ୍ତୋଷ ପରିଡା ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଯନ୍ତ୍ରୀଙ୍କୁ ଗାଳି କରି ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା,୫।୧୦(ନି.ପ୍ର): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅଧୀନରେ ଥିବା ଥାଇଲୋ ପଞ୍ଚାୟତରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଭଗତ ହେମ୍ବ୍ରମଙ୍କୁ ଗାଳି କରିବା ଏବଂ ମାଡ଼ ମାରିବା ଅଭିଯୋଗରେ ପ୍ରଫୁଲ କୁମାର ବାହାଲିଆଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି । କନିଷ୍ଠ ଯନ୍ତ୍ରୀ ଭଗତ ହେମ୍ବ୍ରମ ସରକାରୀ ଡିଉଟିରେ ଥିବା ସମୟରେ ପ୍ରଫୁଲ କୁମାର ବାହାଲିଆ ହଠାତ ଆସି ଯନ୍ତ୍ରୀଙ୍କୁ ଜାତିଆଣା ଆକ୍ଷେପ କରି ଅଶାଳୀନ ଭାଷାରେ ଗାଳି ଗୁଲଜ କରି ଆପତ୍ତିଜନକ କଥା କହି ବିଧା ଗୋଇଠା ମାରିବା ସହିତ ଯନ୍ତ୍ରୀ ପିନ୍ଧିଥିବା ସାର୍ଟକୁ ଚିରି ଯନ୍ତ୍ରୀଙ୍କ ତଣ୍ଟିକୁ ଚିପି ଜୀବନରେ ମାରି ଦେବାର ଧମକ ଦେଇଥିଲେ। ଯନ୍ତ୍ରୀ ଥାନାକୁ ଫୋନ କରିବାକୁ ମୋବାଇଲ ପକେଟରୁ ବାହାର କରିବାରୁ ପ୍ରଫୁଲ ବାହାଲିଆ ତାଙ୍କ ହାତରୁ ମୋବାଇଲକୁ ଛଡାଇ ନେଇ ତଳେ ବାଡେଇ ଦେଇଥିଲେ ।ଏହା ପରେ ଥାନାକୁ ଗଲେ ପରବର୍ତ୍ତୀ ସମୟରେ ବ୍ଲକକୁ ଆସିଲେ ତାଙ୍କ ଗୋଡ ହାତ ଭାଙ୍ଗିଦେବେ ନଚେତ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବାର ଯନ୍ତ୍ରୀ ଭଗତ ହେମ୍ବ୍ରମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିକ ଏହି ଅଭିଯୋଗକୁ ଗୁରୁତର ସହ ନେଇ ଏକ ମକଦମା ରୁଜୁ କରି ପ୍ରଫୁଲ କୁମାର ବାହାଲିଆକୁ କୋର୍ଟ ଚାଲାଣ କରିଥିବାର ଖବର ମିଳିଛି।

# କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



କୁଜଙ୍ଗ,୫।୧୦(ନି.ପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ପଞ୍ଜୀକୃତ ୧୮୧ଟି ଅଭିଯୋଗମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ ଟି,ଆବାସ ପାଇଁ ୨୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୦ ଟି, ଭତ୍ତା ପାଇବା ପାଇଁ ୨ ଟି, ପୋଲିସ ସହାୟତା ପାଇଁ ୯ ଟି ଏବଂ ଅନ୍ୟାନ୍ୟ ୭୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ନିରଞ୍ଜନ ବେହେରା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ,ଦିପକ ପ୍ରସାଦ ସ୍ୱାଇଁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଓଡ଼ିଶା ବନ୍ଦକୁ ସଫଳ କରିବାକୁ ଆହ୍ୱାନ




ଟାଙ୍ଗୀ-ଚୌଦ୍ୱାର,୫।୧୦(ନି.ପ୍ର): ଇଣ୍ଡିଆ ବ୍ଲକ ଓ ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଆସନ୍ତା ୮ତାରିଖରେ ଓଡିଶା ବନ୍ଦରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଛି । ସୋମବାର କମ୍ୟୁନିଷ୍ଟ ପାର୍ଟି ଓ କଂଗ୍ରେସର ଏକ ଦଳ ଚୌଦ୍ୱାର ପୌରପାଳିକାର ବିଭିନ୍ନ ଅଞ୍ଚଳ ରାଲି କରି ଏମ.ଏମ.ଡିଆର ସଂଶୋଧିତ ରଦ୍ଦ,ସିଇସି ଜ୍ଞାନେନ୍ଦ୍ର କୁମାରଙ୍କ ବହିଷ୍କାର,ଏସଆଇଆର ପ୍ରତ୍ୟାହାର,ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା,ବନ୍ୟା ବିପ୍ରାତ ଓ ସରକାରୀ ଉଦାସୀନତା ଆଦି ଦାବିରେ ଇଣ୍ଡିଆ ବ୍ଲକର ଅଁଶୀଦାର ଦଳ ସମୁହ ଓଡିଶାର ସମସ୍ତ ଜନସାଧାରଣ ଆସନ୍ତା ୮ତାରିଖ ରେ ହେବାକୁ ଥିବା ଶାନ୍ତିପୁର୍ଣ୍ଣ ବନ୍ଦକୁ ସମର୍ଥନ ଜଣାଇବା ପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ଜିଲ୍ଲା ସଂପାଦକ ବଦ୍ରିନାରାୟଣ ଦାଶ,ଚୌଦ୍ୱାର ନଗର କଂଗ୍ରେସ ସଭାପତି ହରିହର ପରିଡା,ରାଜୀବ ମହାନ୍ତି, ବିନୋଦ ବେହେରା,ପ୍ରତାପ ମହାପାତ୍ର,ପ୍ରସନ୍ନ ମହାପାତ୍ରଙ୍କ ସମେତ ବହୁ କର୍ମୀ ହାତରେ ପ୍ଲାକାର୍ଡ ଧରି ଅଞ୍ଚଳ ପରିକ୍ରମା କରିଥିଲେ ।

# ବାଜିଲା ବିଗୁଲ ଉତ୍ସାହିତ ଛାତ୍ରଛାତ୍ରୀ

ଟାଙ୍ଗୀ-ଚୌଦ୍ୱାର,୫।୧୦(ନି.ପ୍ର): ଆଜକୁ ଦୀର୍ଘ ୮ବର୍ଷ ଧରି ବନ୍ଦ ରହିଥିବା ଛାତ୍ରସଂସଦ ନିର୍ବାଚନ ପୁନର୍ବାର କରାଯିବା ନେଇ ରାଜ୍ୟ ସରକାର ଘୋଷଣା କରିବା ପରେ ସୋମବାର ବିଭିନ୍ନ କଲେଜ କ୍ୟାମ୍ପସ ଚଳଚଞ୍ଚଳ ହୋଇଉଠିଛି । କଲେଜ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଖାଦେଇଛି ଉତ୍ସାହ ଓ ଉନ୍ମାଦନା । ଏହିକ୍ରମରେ ଚୌଦ୍ୱାର ମହାବିଦ୍ୟାଳୟରେ ମଧ୍ୟ ଦେଖିବାକୁ ମିଳିଛି ରାଜନୈତିକ ଉଷ୍ମତା । ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଚାଲିଛି ଟୁପୁର ଟାପୁର ଆଲୋଚନା । ଅନ୍ୟପଟେ ପୁର୍ବରୁ କଲେଜ ରାଜନୀତିରେ ସଂଲିପ୍ତ ଥିବା ବିଭିନ୍ନ ରାଜନୈତିକ ଦଳର ସଂଗଠକ ମାନଙ୍କ ମଧ୍ୟରେ ମଧ୍ୟ ତତ୍ପରତା ପ୍ରକାଶ ପାଇଛି । କାହାକୁ ପ୍ରାର୍ଥୀ କରାଇବେ ବୋଲି ପ୍ରତିଦ୍ୱନ୍ଦିତା ହେଉଛି । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ୭ତାରିଖ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ,୯ତାରିଖ ପ୍ରାର୍ଥୀପତ୍ର ଦାଖଲ ଓ ସେହିଦିନ ଯୋଗ୍ୟ ପ୍ରର୍ଥୀପତ୍ର କାଏମ ରହିବା, ୧୦ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର,୧୪ତାରିଖ ପ୍ରାର୍ଥୀଙ୍କ ନିର୍ବାଚୀ ଇସ୍ତାହାର,୧୫ତାରିଖ ଭୋଟ ଗ୍ରହଣ ଏବଂ ଫଳାଫଳ ଘୋଷଣା ଏବଂ ୧୬ତାରିଖରେ ଶପଥ ପାଠ ଉତ୍ସବ ପାଇଁ ଦିନ ସ୍ଥିର କରାଯାଇଛି । ଚୌଦ୍ୱାର ମାବିଦ୍ୟାଳୟରେ ନିର୍ବାଚନ ପ୍ରକ୍ରୀୟା ସୁଚାରୁରୁପେ ପରିଚାଳନା ନିମନ୍ତେ ଅଧାପିକା ଡ. ସସ୍ମୀତା ଭୁୟାଁ ଏବଂ ଅଧାପକ ଯୁକ୍ତେଶ୍ୱର ଦାସ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧକ୍ଷା ହରପ୍ରୀୟା ମହାପାତ୍ର ସୁଚନା ଦେଇଛନ୍ତି ।

# ଯୋଗମାୟା ବେଶରେ ଦର୍ଶନ ଦେଲେ ମା' ଭଗବତୀ

ସାଲେପୁର,୫।୧୦(ନି.ପ୍ର): ସାଲେପୁର ବିଜ୍ଞାପିତ ଅଞ୍ଚଳ ବଟେଶ୍ୱର ଗ୍ରାମସ୍ଥିତ ମା' ଭଗବତୀଙ୍କ ପୀଠରେ ଚାଲିଥିବା ଷୋଡ଼ଶଦିନାତ୍ମକ ପୂଜାର ସୋମବାର ତୃତୀୟ ଦିବସରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା ପାରମ୍ପରିକ ରୀତିନୀତି ଓ ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିବା ବେଳେ ମା' ଭଗବତୀ ଯୋଗମାୟା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।



ବଡ଼ ପୂଜାପଣ୍ଡା ଦୁର୍ଗାପ୍ରସାଦ ଦୀକ୍ଷିତ ଓ ସାନ ପୂଜା ପଣ୍ଡା ପଦ୍ମଲାଭ ଦୀକ୍ଷିତ ସମେତ ସେବାୟତ ପର୍ଶୁରାମ ଦୀକ୍ଷିତ, ସରୋଜ କୁମାର ଦୀକ୍ଷିତ, ଜିତେନ୍ଦ୍ର ଦୀକ୍ଷିତ, ଦେବାଶିଷ ଦୀକ୍ଷିତ,ପ୍ରମୋଦ ଚନ୍ଦ୍ର ଦୀକ୍ଷିତ, କରୁଣାକର ଦୀକ୍ଷିତ, ସୁନୀଲ ଦୀକ୍ଷିତ ,ବିଶ୍ୱନାଥ ଦୀକ୍ଷିତ ଓ ରବୀନ୍ଦ୍ର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ନୀତିରୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମା'ଙ୍କ ଯୋଗମାୟା ବେଶ ଦର୍ଶନ ପାଇଁ ବଟେଶ୍ୱର ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା

# ଢିଙ୍କିଆ ଓ ମାହାଳରେ ଗ୍ରାମ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ



ଜଗତସିଂହପୁର,୫।୧୦(ନି.ପ୍ର):ତିନିଟି ଗ୍ରାମ ପଞ୍ଚାୟତରେ ଯୋଗାଯୋଗ ବ୍ୟବସ୍ଥା ଓ ଜୀବନଧାରଣର ମାନ ବୃଦ୍ଧି ପାଇଁ ସମୁଦାୟର ପ୍ରାଥମିକତା ଆଧାରରେ ବିକାଶମୂଳକ କାର୍ଯ୍ୟ ଆରମ୍ଭ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମୁଦାୟଗୁଡ଼ିକର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ଏବଂ ପ୍ରାଥମିକତା ଦିଆଯାଇଥିବା ଗ୍ରାମ ବିକାଶ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ରଗଘ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଆରମ୍ଭ କରିଛି।

ଗତ କିଛି ମାସ ଧରି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଏରସମା ବ୍ଲକର ଉକ୍ତ ତିନିଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ସାହିରେ ସ୍ଥାନୀୟ ସମୁଦାୟ ସହ ପରାମର୍ଶ ବୈଠକ ଆୟୋଜନ କରାଯାଇଥିଲା। ଢ଼ିଙ୍କିଆ, ମାହାଳ, ପଟଣା, ଗୋବିନ୍ଦପୁର, ନୂଆଗାଁ, ଗଡ଼କୁଜଙ୍ଗ, ନୋଳିଆ ସାହି ଓ ପୋଲଙ୍ଗ ସମେତ ବିଭିନ୍ନ ଗ୍ରାମ ଓ ହାମ୍ଲେଟରେ ଅନୁଷ୍ଠିତ ଏହି ବୈଠକଗୁଡ଼ିକରେ ମହିଳା, ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଗ୍ରାମବାସୀମାନେ ବିଭିନ୍ନ ବିକାଶମୂଳକ ଆବଶ୍ୟକତା ଓ ପ୍ରାଥମିକତା ଚିହ୍ନଟ କରିଥିଲେ।ଏଥିରେ ରାସ୍ତା ନିର୍ମାଣ ଓ ଉନ୍ନତିକରଣ, କମ୍ୟୁନିଟି ସେଣ୍ଟର ଓ ଏସ୍‌ଏଚ୍‌ଜି ବୈଠକ ଗୃହ ନିର୍ମାଣ, ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ, ଜୀବିକା ବିକାଶ ପାଇଁ ସହାୟତା, ଭାଗବତ ଟୁଙ୍ଗି ଭଳି ଉପଲବ୍ଧ ସାମୁଦାୟିକ ଢାଞ୍ଚାର ମରାମତି ଓ ନବୀକରଣ, ଶ୍ମଶାନ ଘାଟର ବିକାଶ, ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତି ଏବଂ ଗଡ଼କୁଜଙ୍ଗସ୍ଥିତ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଶ୍ରୀ ଗୁଣ୍ଡିଚା ମନ୍ଦିରର ବିକାଶ ସମେତ ଅନେକ ଆବଶ୍ୟକତା ସାମିଲ ଥିଲା।

# ଆଦିତ୍ୟ ବାହିନୀ ପାରାଦୀପ ଶାଖାର ଚତୁର୍ଥ ବାର୍ଷିକ ଉତ୍ସବ

ପାରାଦୀପ,୫।୧୦(ନି.ପ୍ର):ଆଦିତ୍ୟ ବାହିନୀ ପାରାଦୀପ ଶାଖାର ଚତୁର୍ଥ ବାର୍ଷିକ ଉତ୍ସବ ଆସନ୍ତା ଅକ୍ଟୋବର ୧୦ ତାରିଖ, ପବିତ୍ର ମହାଳୟା ଦିନ ପାରାଦୀପ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ।ଏଥିରେ ପୁରୀ ଗୋବର୍ଦ୍ଧନ ମଠର କର୍ମକର୍ତ୍ତା ବୃନ୍ଦ, ଇଂ ବିପିନ ବିହାରୀ ପାଣିଗ୍ରାହୀ ଏବଂ ଅନେକ ସାଧୁ ସନ୍ଥ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି।ଏହି ବାର୍ଷିକ ଉତ୍ସବ ଉପଲକ୍ଷେ ଅକ୍ଟୋବର ୪ ତାରିଖ ଦିନ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ୧୦ ତାରିଖ ଦିନ ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ଆଦିତ୍ୟ ବାହିନୀର ଏକ ପ୍ରସ୍ତୁତି ବୈଠକରେ ସିଦ୍ଧାନ୍ତ ନିଆଯାଇଛି।

## ୪ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ପ୍ରଗତିକୁ ଟାଟା ଷ୍ଟିଲର ନୂଆଗତି

# କଲ୍ୟାଣ, କ୍ୟାରିୟର, ସାମାଜିକ ସୁରକ୍ଷାକୁ ଗୁରୁତ୍ୱ




ହିନ୍ଦୋଳ,୫।୧୦(ନି.ପ୍ର):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ସ୍ଥିତ ଟାଟାଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡ୍ (ଟିଏସଟିଏସଏଲ୍) ଏବଂ ଟାଟା ଷ୍ଟିଲ୍ ସପୋର୍ଟ ସର୍ଭିସେସ୍ ଲିମିଟେଡ୍ (ଟିଏସଏସଏସଏଲ୍) ଅଧୀନରେ ମେରାମଣ୍ଡଳୀ ପ୍ଲାଣ୍ଟରେ କାର୍ଯ୍ୟରତ ପ୍ରାୟ ୪ହଜାର କର୍ମଚାରୀଙ୍କ ମଧ୍ୟରୁ ୩ହଜାର ପଦୋନ୍ନତି,୩ଶହରୁ ଅଧିକ କର୍ମଚାରୀ ମୂଳ ପେ-ରୋଲ୍‌କୁ ଉନ୍ନୀତ ହୋଇଛନ୍ତି।ମେ ୨୦୧୮ରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟର ପରିଚାଳନା ଭାର ଗ୍ରହଣ କରିବା ପରଠାରୁ, ଏହାର ଦୁଇ ଶତପ୍ରତିଶତ ସହଯୋଗୀ ସଂସ୍ଥା ଟିଏସଟିଏସଏଲ୍ ଓ ଟିଏସଏସଏସଏଲ୍ ପକ୍ଷରୁ କ୍ୟାରିୟର ବିକାଶ, କାର୍ଯ୍ୟଦକ୍ଷତା, କର୍ମଚାରୀ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ପର୍ଯ୍ୟାୟକ୍ରମେ ଔପଚାରିକ ନୀତି ନିୟମ ପ୍ରଣୟନ କରାଯାଇଛି। ଉନ୍ନତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ସହାୟତା ଏହି କର୍ମଚାରୀମାନଙ୍କ ଜୀବନଧାରଣ ମାନରେ ଉଲ୍ଲେଖନୀୟ ସୁଧାର ଆଣିପାରିଛି। ସେହିପରି ଟିଏସଏସଏସଏଲ୍ ପକ୍ଷରୁ ପରଫରମାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏମଏସ୍) ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ବାର୍ଷିକ ମୂଲ୍ୟାୟନ ଆଧାରରେ ବାର୍ଷିକ ଇନକ୍ରିମେଣ୍ଟ ଏବଂ ବୋନସ୍ ପ୍ରଦାନ କରାଯାଉଛି। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆର୍ଥିକ ପୁରସ୍କାର, ତୁରନ୍ତ ସ୍ୱୀକୃତି, ସିଇଓ ପ୍ରଶଂସା ପତ୍ର ଏବଂ ବିଭାଗୀୟ ସମ୍ମାନ ମଧ୍ୟ ପ୍ରଦାନ କରାଯାଉଛି।

କର୍ମଚାରୀ କଲ୍ୟାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇ ଟିଏସଟିଏସଏଲ ରମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସନ୍ଦୀପ ଧୀର କହିଛନ୍ତି, ଆମ କର୍ମଚାରୀମାନଙ୍କ ସୁରକ୍ଷା, କଲ୍ୟାଣ ଏବଂ ବିକାଶ ସର୍ବଦା ଆମର ପ୍ରମୁଖ ପ୍ରାଥମିକତା। ପ୍ରତ୍ୟେକ କର୍ମଚାରୀ ଯେପରି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିପାରିବେ। କାର୍ଯ୍ୟକ୍ଷେତ୍ର ବାହାରେ ମଧ୍ୟ ସୁରକ୍ଷାର ବଳୟ କର୍ମଚାରୀ କଲ୍ୟାଣ ନୀତି ଅଧୀନରେ ଭବିଷ୍ୟନିଧି (ପିଏଫ୍) ଏବଂ ଗ୍ରାଚ୍ୟୁଇଟି ସୁବିଧା ଉପଲବ୍ଧ କରାଯାଇଛି। କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଓପିଡି ଏବଂ ଡାକ୍ତରଖାନାରେ ଭର୍ତ୍ତି ସୁବିଧା ସହିତ ସମଗ୍ର ଭାରତର ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ କ୍ୟାସଲେସ୍ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି। ଅନ୍ୟାନ୍ୟ କଲ୍ୟାଣକାରୀ ପଦକ୍ଷେପ ମଧ୍ୟରେ ମାତୃତ୍ୱ ଓ ପିତୃତ୍ୱ କାଳୀନ ଛୁଟି, କର୍ମଚାରୀଙ୍କ ଅପ୍ରତ୍ୟାଶିତ ବିୟୋଗ କ୍ଷେତ୍ରରେ ପରିବାରକୁ ସାମାଜିକ ସୁରକ୍ଷା ସହାୟତା, ଏବଂ ଅସୁସ୍ଥତା, କାଜୁଆଲ୍, ପ୍ରିଭିଲେଜ୍, ପର୍ବପର୍ବାଣୀ ଛୁଟି ତଥା କମ୍ପେନସେଟୋରୀ ଅଫ୍ ବ୍ୟବସ୍ଥା ଉପଲବ୍ଧ ରହିଛି।

ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଂକଳ୍ପବଦ୍ଧ ଟିଏସଟିଏସଏଲ୍ ଏବଂ ଟିଏସଏସଏସଏଲ୍ ର କଲ୍ୟାଣକାରୀ ପଦକ୍ଷେପ କର୍ମଚାରୀମାନଙ୍କ ଦୈନନ୍ଦିନ ଆବଶ୍ୟକତାକୁ ମଧ୍ୟ ପୂରଣ କରୁଛି। 'ହମାରା ସମ୍ବାଦ' ମାଧ୍ୟମରେ କର୍ମଚାରୀମାନେ ନିଜ କାର୍ଯ୍ୟକ୍ଷେତ୍ର, ସୁରକ୍ଷା ଓ କଲ୍ୟାଣକାରୀ ପ୍ରସଙ୍ଗରେ ସିଧାସଳଖ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିପାରୁଛନ୍ତି। ଏହା ବ୍ୟତୀତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଜରିଆରେ କର୍ମଚାରୀଙ୍କ ମଧ୍ୟରେ ସାମୂହିକ ଭାବନାକୁ ଉତ୍ସାହିତ କରାଯାଛି। କର୍ମଚାରୀଙ୍କ କ୍ୟାରିୟର ଗଠନ, ସୁରକ୍ଷା ସୁଦୃଢ଼ୀକରଣ ଏବଂ ସେମାନଙ୍କ ପରିବାରର ଜୀବନଧାରଣ ମାନକୁ ଉନ୍ନତ କରିବା ପାଇଁ ଟିଏସଟିଏସଏଲ୍ ଏବଂ ଟିଏସଏସଏସଏଲ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛି।

# ଶ୍ରମିକ କାର୍ଡ କରାଇଦେବା ନାଁରେ ଦଲାଲ ସକ୍ରିୟ



ହାଟଡିହି,୫।୧୦(ନି.ପ୍ର): ନିର୍ମାଣ ଶ୍ରମିକମାନଙ୍କୁ ପ୍ରୋତ୍ସାହନ ଓ ସରକାରୀ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ସୁବିଧା ହାସଲ କରିବା ପାଇଁ ନିର୍ମାଣ ଶ୍ରମିକ କାର୍ଡ କରିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିଥିବା ବେଳେ ଏହାର ସୁଯୋଗ ନେଇ ହାଟଡିହିରେ କିଛି ଦଲାଲ ସକ୍ରିୟ ହୋଇଥିବା ଅଭିଯୋଗ ହୋଇଛି। ଶ୍ରମିକ କାର୍ଡ କରାଇଦେବା ନାଁରେ ଦଲାଲମାନେ ହିତାଧିକାରୀଙ୍କ ଠାରୁ ଏକ ହଜାରରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିବା ଅଭିଯୋଗ ରହିଛି। ଏପରିକି ଜାଲ କାଗଜପତ୍ର ମାଧ୍ୟମରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ମଧ୍ୟ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରାଯାଉଥିବା ଅଭିଯୋଗ ଉଠିଛି। ନିର୍ମାଣ କାମ ସହିତ ସଂପୃକ୍ତ ନଥିବା କିଛି ବ୍ୟକ୍ତି ମଧ୍ୟ ଏହି କାର୍ଡ ହାତେଇଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ସୋମବାର ହାଟଡିହି ବ୍ଲକ ପରିସରରେ ଏଭଳି ଏକ ଘଟଣା ଲୋକଲୋଚନକୁ ଆସିଥିଲା। ଜଣେ ଦଲାଲ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଶ୍ରମିକ କାର୍ଡ କରାଇଦେବା ନାଁରେ ବ୍ଲକ କାର୍ଯ୍ୟାଳୟକୁ ଡାକିଥିବା ଜଣାପଡ଼ିଥିଲା। ଏହାକୁ ନେଇ ସଂପୃକ୍ତ ଦଲାଲଙ୍କୁ କିଛି ଲୋକ ଘେରିଥିବା ଦେଖିବାକୁ ମିଳିଥିଲା। ଘଟଣା ସଂପର୍କରେ ଗଣମାଧ୍ୟମ ପ୍ରତିନିଧି ସଂପୃକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ତାଙ୍କୁ ଦୁଇରୁ ତିନି ହଜାର ଟଙ୍କା ହିତାଧିକାରୀ ମାନେ ସ୍ୱଇଚ୍ଛାରେ ଦେଉଥିବା ସେ ସ୍ୱୀକାର କରିଥିଲେ। ସଂପୃକ୍ତ ବ୍ୟକ୍ତିଙ୍କ ଘର ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟାଙ୍ଗର ଗ୍ରାମରେ ବୋଲି ଜଣାପଡ଼ିଛି। ଏ ସଂପର୍କରେ ବ୍ଲକ ଶ୍ରମ ଅଧିକାରୀ ଶାଶ୍ୱତ ପ୍ରୀତମ ପଲେଇଙ୍କୁ ପଚାରିବାରୁ ସେ ଘଟଣା ସଂପର୍କରେ ପୂର୍ବରୁ ଜାଣିନଥିଲେ, ଘଟଣା ସଂପର୍କରେ ଜାଣିବା ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ବ୍ଲକ ପରିସରରୁ ବାହାର କରିଦିଆଯାଇଛି ବୋଲି କହିଥିଲେ। ଏଥିସହ ଶ୍ରମିକ କାର୍ଡ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ କୌଣସି ଦଲାଲଙ୍କ ମାଧ୍ୟମରେ ନଆସି ସିଧାସଳଖ କାର୍ଯ୍ୟାଳୟକୁ ଆସି ସରକାରୀ ପ୍ରକ୍ରିୟାରେ ନିଜ କାର୍ଯ୍ୟ କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି। ଏ ସଂପର୍କରେ ହାଟଡିହି ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଭବିଷ୍ୟତରେ ଯଦି ଏଭଳି ଘଟଣା ପୁଣି ନଜରକୁ ଆସିଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୁଲିସରେ ଅଭିଯୋଗ କରାଯିବ।

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କେନ୍ଦୁଝର,୫।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ମୋଟ ୨୧୨ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୮୮ଟି, ସାମୂହିକ ଅଭିଯୋଗ ୨୪ଟି ଏବଂ ରେଡକ୍ରସ ସହାୟତା ପାଇଁ ୯ଟି ଆବେଦନ ଗ୍ରହଣ କରାଯାଇଛି। ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲପାଳ ବିଶାଳ ସିଂହ, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ ଏବଂ ଏସଡିପିଓ ସୁଦର୍ଶନ ଗଙ୍ଗୋଇଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ସୂଚନାଯୋଗ୍ୟ ଯେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଅକ୍ଟୋବର ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣି ୧୨.୧୦.୨୦୨୬ (ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ଝୁମ୍ପୁରା, ୨୬.୧୦.୨୦୨୬ (ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ପାଟଣା ଠାରେ ଅନୁଷ୍ଠିତ ହେବ।

# ଯୋଡ଼ା ଟ୍ରକ ଓନର୍ସ ଆସୋସିଏସନ ନିର୍ବାଚନ ପ୍ରଚାର ଜୋରଦାର

ଚମ୍ପୁଆ,୫।୧୦(ନି.ପ୍ର):ଯୋଡା ଟ୍ରକ ଓନର୍ସ ଆସୋସିଏସନ ନିର୍ବାଚନକୁ ନେଇ ପ୍ରଚାର ଜୋରଦାର ହୋଇଥିବା ବେଳେ ସଭାପତି ପଦ ପ୍ରାର୍ଥୀ ମାତା ଜୟସ୍ୱାଲ ଓ ସଂପାଦକ ପଦ ପ୍ରାର୍ଥୀ ସୁଶା' ବାରିକଙ୍କ ଟିମ୍ ପକ୍ଷରୁ ଚମ୍ପୁଆ ଧରଣୀଧର ଟାଉନ ହଲ୍‌ରେ ପ୍ରଚାର ସଭା ଅନୁଷ୍ଠିତ ହୋଇଛି। ସଭାରେ ସଂପାଦକ ପ୍ରାର୍ଥୀ ସୁଶାନ୍ତ ବାରିକ ଟ୍ରକ ମାଲିକମାନଙ୍କ ସମସ୍ୟା, ସଂଘର ଭବିଷ୍ୟତ ଓ ଏକତାକୁ ନେଇ ନିଜ ଆଭିମୁଖ୍ୟ ରଖିଥିଲେ। ସୁଶାନ୍ତ ବାରିକଙ୍କ ବକ୍ତବ୍ୟକୁ ନେଇ ସଭାରେ ଉପସ୍ଥିତ ଟ୍ରକ ମାଲିକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ସଂଘର ହିତ, ଟ୍ରକ ମାଲିକଙ୍କ ଦାବି ଓ ସମସ୍ୟା ସମାଧାନ ସହିତ ସମସ୍ତଙ୍କୁ ଏକାଠି ନେଇ ସଂଘକୁ ଆଗକୁ ନେବା ନେଇ ସେ ଗୁରୁତ୍ୱ ଦେଇଥିଲେ। ତାଙ୍କ ଆହ୍ୱାନକୁ ସମର୍ଥନ ଜଣାଇ ସଭାରେ ଉପସ୍ଥିତ ଟ୍ରକ ମାଲିକମାନେ ମାତା ଜୟସ୍ୱାଲ ଓ ସୁଶାନ୍ତ ବାରିକଙ୍କ ସମେତ ସମଗ୍ର ଟିମ୍‌କୁ ବହୁ ଭୋଟରେ ବିଜୟୀ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଟିମ୍‌ର ସହ ସଂପାଦକ ପ୍ରାର୍ଥୀ ଅଶୋକ କରୁଆ, ଉପସଭାପତି ପ୍ରାର୍ଥୀ ବିଜୁ ଆପଟ ଓ କୋଷାଧ୍ୟକ୍ଷ ପ୍ରାର୍ଥୀ ଲକ୍ଷ୍ମଣ ବାରିକ ମଧ୍ୟ ସଂଘର ଉନ୍ନତି ଓ ଟ୍ରକ ମାଲିକଙ୍କ ସ୍ୱାର୍ଥ ସୁରକ୍ଷା ନେଇ ନିଜ ମତ ରଖିଥିଲେ।

# ମଦନ ପାଢ଼ୀ ଆତ୍ମା ଅଧ୍ୟକ୍ଷ ନିର୍ବାଚିତ



ହାଟଡିହି,୫।୧୦(ନି.ପ୍ର):ହାଟଡିହି ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର (ଆତ୍ମା)ର ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ମଦନ ମୋହନ ପାଢ଼ୀ। ହାଟଡିହି ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ନିର୍ବାଚନ ପ୍ରକ୍ରିୟାରେ ମୋଟ ୨୦ ଜଣ ସଦସ୍ୟ ଉପସ୍ଥିତ ରହି ବଞ୍ଚୋ ଗ୍ରାମର ସଫଳ ଚାଷୀ ମଦନ ମୋହନ ପାଢୀଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରିଥିଲେ। ବ୍ଲକ କୃଷି ଅଧିକାରୀ ଭାମାରୀ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟାରେ ବିଡ଼ିଓ ରଞ୍ଜନ କୁମାର ପରିଡା, ଏଭିଓ ଅସିତ କୁମାର ଶତପଥୀ, ଏ.ଏଫ.ଓ ଶୁଭମ ପ୍ରଧାନ, ଏ.ଏଚ.ଓ ଅଙ୍କିତା ପ୍ରିୟଦର୍ଶନୀ ମିଶ୍ର, ବି.ଟି.ଏମ ଅଶୋକ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସଦସ୍ୟ ମୁରଲୀଧର ସାହୁ, ତାରିଣୀ ସେନାପତି, ଧନେଶ୍ୱର ଜେନା, ବନମାଳୀ ସାହୁ, ମନସ୍ୱିନୀ ଖଣ୍ଡେଇ, ଖୁଲଣା ମହନ୍ତ, ମମତା ରାଣୀ ଜେନା, ବିଜୟ ସାହୁ, ନିରାକାର ଜେନା, ନନ୍ଦିନୀ ସୟ, ବିଦ୍ୟୁଲତା ଜେନା, ସସ୍ମିତା ସାହୁ, ଅଭିନ୍ନ ଚନ୍ଦ୍ର ଦାସ, ସସ୍ମିତା ସ୍ୱାଇଁ, କଳ୍ପନା ମୟୀ ରାଉତ, ଦେବକି ଧଳ, ରାଜେଶ କୁମାର ଜେନା, ସୟ କୁମାର ମହାପାତ୍ର, ଦିଲ୍ଲୀପ କୁମାର ନାୟକ, ସୁଜାତା ନାୟକ, କୈଳାସ ଚନ୍ଦ୍ର ରାଉତ ପ୍ରମୁଖ 'ଆତ୍ମା'ର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ମଦନ ମୋହନ ପାଢ଼ୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବାପରେ ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାସିନି, ବୈଲୋଚନ ନାୟକ ପ୍ରମୁଖ ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# କଣ୍ଟିଆପଡ଼ାରେ ସେବା ସଂକଳ୍ପ ଅଭିଯାନ



ପାଟଣା,୫।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡ଼ା ପଂଚାୟତ କାର୍ଯ୍ୟାଳୟ ପରିସରରେ ସେବା ସଂକଳ୍ପ ଅଭିଯାନ-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କଣ୍ଟିଆପଡ଼ା, କେନ୍ଦେଇପଶି ଓ ଚାକୁଣ୍ଡାପାଳ ଏହି ତିନୋଟି ପଂଚାୟତର ଜନସାଧାରଣଙ୍କୁ ନେଇ ମିଳିତ ଭାବେ ଆୟୋଜିତ ଏହି ଶିବିରରେ ବିଭିନ୍ନ ଲୋକାଭିମୁଖୀ ସରକାରୀ ସେବା ସିଧାସଳଖ ଲୋକଙ୍କ ନିକଟରେ ପହଁଚା ଯିବା ସହ ଅଭିଯୋଗ ଓ ସମସ୍ୟାର ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ମାନସ ରଞ୍ଜନ ଦଣ୍ଡପାଟ ଏବଂ ମିତ୍ରଭାନୁ ମହାନ୍ତ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏଥିସହ ତିନୋଟି ପଂଚାୟତର ସରପଂଚ, ସମିତି ସଭ୍ୟ, ପଂଚାୟତ କର୍ମଚାରୀ, ଲୋକପ୍ରତିନିଧି ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ କୃଷି, ସ୍ୱାସ୍ଥ୍ୟ, ରାଜସ୍ୱ, ଶ୍ରମ ଓ ପଂଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇ ଲୋକଙ୍କୁ ଆବଶ୍ୟକୀୟ ସେବା ଯୋଗାଇ ଦିଆଯାଇଥିଲା। ବିଶେଷକରି ସାମାଜିକ ସୁରକ୍ଷା ଭତ୍ତା, ନୂତନ ରାସନ କାର୍ଡ ପାଇଁ ଆବେଦନ ଓ ତ୍ରୁଟି ସଂଶୋଧନ, ଆଧାର କାର୍ଡ ପଞ୍ଜିକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଂପର୍କିତ ତଥ୍ୟ ଯାଂଚ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ନିର୍ମାଣ ଶ୍ରମିକ କାର୍ଡ ପୀକରଣ ଭଳି ସୁବିଧା ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଗୋଟିଏ ଛାତ ତଳେ ବିଭିନ୍ନ ସରକାରୀ ସେବା ପାଇବା ସହ ଅଭିଯୋଗ ଶୁଣାଣିର ସୁଯୋଗ ମିଳିଥିବାରୁ ତିନି ପଂଚାୟତର ଶତାଧିକ ହିତାଧିକାରୀ ଉପକୃତ ହୋଇଛନ୍ତି। ପ୍ରଶାସନକୁ ଲୋକଙ୍କ ଦୁଆରମୁହଁରେ ପହଁଚାଇବା ସହ ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି ।

# ବନ୍ୟପ୍ରାଣୀ ସପ୍ତାହରେ ସଚେତନତା ର୍‍ୟାଲି



କରଞ୍ଜିଆ,୫।୧୦(ନି.ପ୍ର):ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ପରିବେଶ ସନ୍ତୁଳନ ସଂପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ କରଞ୍ଜିଆ ବନଖଣ୍ଡ ପକ୍ଷରୁ ୭୨ତମ ବନ୍ୟପ୍ରାଣୀ ସପ୍ତାହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ପ୍ରକୃତି, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ସାଧାରଣ ଲୋକଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଏହି ଅବସରରେ ବିଭିନ୍ନ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ପରିସରରୁ ଏକ ବିଶାଳ ସଚେତନତା ରାଲି ବାହାରିଥିଲା। ରାଲିରେ ବନ ବିଭାଗର କର୍ମଚାରୀ, ବନ ସୁରକ୍ଷା ସହଯୋଗୀ, ବିଭିନ୍ନ ବର୍ଗର ସଦସ୍ୟ ଓ ଅନ୍ୟମାନେ ସାମିଲ ହୋଇଥିଲେ। ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଓ ବ୍ୟାନର ଧରି ଅଂଶଗ୍ରହଣକାରୀମାନେ ସହର ପରିକ୍ରମା କରିଥିଲେ। ରାଲି ନେତାଜୀ ଛକ, କଚେରୀ ଛକ ଓ ମାଣିକ ଛକ ଦେଇ ଯାଇ ପୁନର୍ବାର କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ପହଁଚିଥିଲା। ରାଲି ମାଧ୍ୟମରେ ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନଷ୍ଟ ନକରିବା, ବନ୍ୟପ୍ରାଣୀଙ୍କ ବାସସ୍ଥାନ ସୁରକ୍ଷିତ ରଖିବା ସହିତ ପରିବେଶର ସନ୍ତୁଳନ ବଜାୟ ରଖିବା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷିତ ରହିଲେ ପରିବେଶ ସୁସ୍ଥ ରହିବ ଏବଂ ମଣିଷର ଜୀବନ ମଧ୍ୟ ସୁରକ୍ଷିତ ରହିବ ବୋଲି ଅଂଶଗ୍ରହଣକାରୀମାନେ ବାର୍ତ୍ତା ଦେଇଥିଲେ। ରାଲି ପରେ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କରଞ୍ଜିଆ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ସଂପର୍କରେ ନିଜର ମତ ରଖିଥିଲେ। ବନ୍ୟପ୍ରାଣୀ ସୁରକ୍ଷା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସଭାରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ଜଙ୍ଗଲ ଧ୍ୱଂସ ରୋକିବା, ବନାଗ୍ନି ନିୟନ୍ତ୍ରଣ, ବନ୍ୟପ୍ରାଣୀଙ୍କ ବାସସ୍ଥାନ ସୁରକ୍ଷା ଏବଂ ମଣିଷ-ବନ୍ୟପ୍ରାଣୀ ସଂଘର୍ଷକୁ କମାଇବା ଦିଗରେ ସଚେତନତାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ କଲ୍ୟାଣୀ ମାରାଣ୍ଡି, ଓକିଲ ସଂଘ ସଭାପତି ବିଶ୍ୱଜିତ ଚୌଧୁରୀଙ୍କ ସମେତ ବନ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ, ବନ ସୁରକ୍ଷା ସହଯୋଗୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ଘରୁ ଅଳଙ୍କାର ଚୋରି , ଦୁଇ ଅଭିଯୁକ୍ତ ଗିରଫ

ରାମଚନ୍ଦ୍ରପୁର,୫।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା କାଠପାଳ ଗ୍ରାମରେ ଘରେ ପଶି ସୁନା ଓ ରୁପା ଅଳଙ୍କାର ସହ ନଗଦ ଅର୍ଥ ଲୁଟ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଘସିପୁରା ପୋଲିସ। ସୂଚନା ଅନୁଯାୟୀ, କାଠପାଳ ଗ୍ରାମର ଯଦୁମଣି ଜେନା (୫୧) ଓ ତାଙ୍କ ପତ୍ନୀ ଗତ କାଲି ଦିନ ୧୦ଟା ସମୟରେ ଘରେ ତାଲା ପକାଇ ବିଦ୍ୟାଳୟକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟ୍‌ରେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଯାଂଚ କରିବା ପରେ ଟଙ୍କା ସହିତ ବିଭିନ୍ନ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ଯଦୁମଣି ଘଷିପୁରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧୭/୨୬ ରେ ଏକ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୩୧(୩)/୩୦୫(ଏ) ଅନୁଯାୟୀ ମାମଲା ରୁଜୁ କରି ତଦ' ଆରମ୍ଭ କରିଥିଲା। ତଦନ୍ତ ସମୟରେ ଚୋରି ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି।



# ରାଜ୍ୟ ହସ୍ତଶିଳ୍ପ ବିଭାଗ ନିର୍ଦ୍ଦେଶିକାଙ୍କ ଦକ୍ଷତା ବିକାଶ ପରିଦର୍ଶନ




ପଣ୍ଡାପଡା,୫।୧୦(ନି.ପ୍ର): କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶିକା ଡ଼ ନିବେଦିତା ପୃଷ୍ଟି ପ୍ରଥମେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସାରି, ଜିଲ୍ଲା ହସ୍ତତନ୍ତ, ବୟନ ଓ ହସ୍ତଶୀଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ, ଲଲାଟେନ୍ଦୁ ସର୍ଦ୍ଦାରଙ୍କ ସହଯୋଗରେ ଘଟଗାଁ ବ୍ଲକ ଅନ୍ତର୍ଗତ ବାଟହରିଚନ୍ଦନପୁରର ୨୩ଜଣ ମୃତ୍ତିକା କାରିଗର ଦ୍ୱାରା ପରିଚାଳିତ ପ୍ରତ୍ୟୁଷର ଗ୍ରୁପ ସହିତ ଉତ୍ପାଦିତ କଳାବସ୍ତୁ ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଏହାପରେ ଉକ୍ତ ବ୍ଲକର ପୁରୁମୁଣ୍ଡା ଠାରେ ଚାଲିଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ପରିଦର୍ଶନ କରି ୧୫ ଜଣ ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିଥିଲେ ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସଉରା ଚିତ୍ରକଳା ଗୁଡିକ ଦେଖି ଭୂୟସୀ ପ୍ରଂଶସା କରିଥିଲେ। ପ୍ରଶିକ୍ଷକ ନିପୁଣ ହସ୍ତ ଶିଳ୍ପୀ ଗୋରେଖ ଚନ୍ଦ୍ର ନାୟକଙ୍କୁ ଶୁଭେଚ୍ଛା ଜଣେଇ ନୂତନ ଡ଼ିଜାଇନ ପ୍ରସ୍ତୁତ ସଂପର୍କରେ ଆଲୋଚନା କରିଥିଲେ। କାରିଗର ମାନଙ୍କ ସଂଖ୍ୟା ଓ କ୍ଲଷ୍ଟର ଗୁଡିକର ବିକାଶ କରିବା ଦିଗରେ ଆଲୋଚନା କରି ପ୍ରଶିକ୍ଷଣ ପରେ କାରିଗର ମାନଙ୍କୁ ଯଥାଶୀଘ୍ର ପରିଚୟପତ୍ର ପ୍ରଦାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଶୋକ କୁମାର ହାଁସଦା, ଦିନେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ହାଟଡିହି,୫।୧୦(ନି.ପ୍ର):ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ ଭାବେ ଆଜି ଅତିରିକ୍ତ ଦାୟିତ୍ୱ ଦାୟିତ୍ୱ ଗ୍ରହଣ କରିଛନ୍ତି ଘସିପୁରା ବିଇଓ ସଦ୍ୟସ୍ନାନ ପଣ୍ଡା। ସୋମବାର ସକାଳ ୧୦ଟା ବେଳେ ହାଟଡିହି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଁଚିବା ପରେ କାର୍ଯ୍ୟାଳୟର ଏବିଇଓ ପ୍ରମୋଦ କୁମାର ନାୟକ, ଭାରପ୍ରାପ୍ତ ଏବିଇଓ ପୂର୍ଣଚନ୍ଦ୍ର ଜେନା, ମୁଖ୍ୟ କିରାଣୀ ଶିଶିର କୁମାର ଜେନା, ପ୍ରସନ୍ନ କୁମାର ବେହେରା ଓ ଅନ୍ୟ କର୍ମଚାରୀ ମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ଓଷ୍ଟା ସଂଘ ପକ୍ଷରୁ ଜିଲ୍ଲା ସଂପାଦକ ରଞ୍ଜନ ଘଡେଇ, ବ୍ଲକ ସଭାପତି ନବଘନ ନାୟକ, ବ୍ଲକ ସଂପାଦକ ଶିଶିର କୁମାର ବିଶ୍ୱାଳ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ ସେଠୀ, ଇଂପିଇସ ସଂଘର ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ପ୍ରଦୀପ କୁମାର ସାହୁ କର୍ମକର୍ତ୍ତାମାନେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ହାଟଡିହି ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଉପରେ ଗୁରୁତ୍ୱ ଦେବେ ବୋଲି ବିଇଓ କହିଛନ୍ତି।



# ଆୟୁଷ ଡାକ୍ତରାଣୀଙ୍କ ବିରୁଦ୍ଧରେ ଅଭିଯୋଗ, ସତ୍ୟତା ପରଖିଲା ଜିଲ୍ଲା ଟିମ୍




ରାମଚନ୍ଦ୍ରପୁର,୫।୧୦(ନି.ପ୍ର):ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଓଡ଼ପଡା ଆୟୁଷ୍ମାନ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଆୟୁଷ ଡାକ୍ତରାଣୀ ଇତିଶ୍ରୀ ଦାସ ରୋଗୀଙ୍କୁ ଛୁଁ ନାହାନ୍ତି କି ସଠିକ ସମୟରେ ମେଡିକାଲ ଆସୁନାହାନ୍ତି, ତାଙ୍କ ଡ୍ୟୁଟି ମଧ ସଠିକ ଢଙ୍ଗରେ କରୁନଥିବା ସ୍ଥାନୀୟ ଲୋକ ଜିଲ୍ଲାପାଳ ସମେତ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କ ଠାରେ ଅଭିଯୋଗ କରିବା ପରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଏହାକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ତିନିଜଣିଆ ଯାଂଚ କମିଟି ଗଠନ କରି ଘଟଣାର ସତ୍ୟତା ଯାଂଚ କରିବାକୁ ସୋମବାର ଟିମ୍ ଓଡପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚି ଆୟୁଷ ଡାକ୍ତରଖାନାରେ ଥିବା ଚିକିତ୍ସା ଅଧିକାରୀ ସ୍ମୃତିରଂଜନ ସାମଲ ଏବଂ ଆୟୁଷ ଡାକ୍ତର ଇତିଶ୍ରୀ ଦାସଙ୍କ ସମେତ ସ୍ଥାନୀୟ ଲୋକ ଓ ରୋଗୀ ସଂପର୍କୀୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସେମାନଙ୍କ ମତାମତ ଗ୍ରହଣ କରିଛନ୍ତି। ଘଟଣା ସଂପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସଂପୂର୍ଣ୍ଣ ତଥ୍ୟ ଦେବା ପରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ବଳିତ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯାଂଚ କମିଟି ମୁଖ୍ୟ ଡାକ୍ତର ନୀଲମ୍ ମହାନ୍ତି ପ୍ରକାଶ କରିଥିଲେ।

# କେଶରୀକୁଣ୍ଡ ମକର ମେଳା ପଡ଼ିଆର ସ୍ୱାଗତ ଫାଟକ ଉଦ୍‌ଘାଟିତ



ଚମ୍ପୁଆ,୫।୧୦(ନି.ପ୍ର):ରରୁଆଁ ବ୍ଲକ ଅନ୍ତର୍ଗତ ବୁଢ଼ାମରା ପଂଚାୟତର ମୁଖ୍ୟ ରାସ୍ତାରେ ନିର୍ମିତ ଶ୍ରୀ କେଶରୀଶ୍ୱର ମହାଦେବଙ୍କ ସ୍ୱାଗତ ଫାଟକର ଶୁଭ ଉଦଘାଟନ ହୋଇଯାଇଛି। ବୁଢ଼ାମରା ପଂଚାୟତ ସରପଂଚ ଶ୍ରୀମତୀ ଝୁନୁ ନାୟକଙ୍କ କରକମଳରେ ଏହି ଫାଟକର ଉଦଘାଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଉଦଘାଟନ ସଭାରେ ରରୁଆଁ ପଂଚାୟତ ସମିତି ଅଧ୍ୟକ୍ଷ ଅଜିତ କୁମାର ଡ୍ରିୟା, ରରୁଆଁ ବ୍ଲକ ବିଡିଓ ପ୍ରେମାନନ୍ଦ ବେହେରା, ଘାଗରବେଢ଼ା ମଣ୍ଡଳ ଭାଜପା ସଭାପତି ଭରତ ଚନ୍ଦ୍ର ମହାନ୍ତ, ରରୁଆଁ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀରାମ ମାରାଣ୍ଡି, ବୁଢ଼ାମରା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ କ୍ଷମାକର ଗିରି, ପୂର୍ବତନ ଶିକ୍ଷକ ଗୁଣନିଧି ରାଜ ଏବଂ ବୁଢ଼ାମରା ଗ୍ରାମ ପଂଚାୟତର ସମିତି ସଭ୍ୟ ବିଜୟାନ ହେସା ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନ ପୂର୍ବରୁ ଶ୍ରୀ କେଶରୀଶ୍ୱର ମହାଦେବଙ୍କ ନିକଟରେ ବିଧିବଦ୍ଧ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିରର ପୂଜକ ନିରନ ନନ୍ଦ, ଅଜୟ ନନ୍ଦ, ପ୍ରଦୀପ ନନ୍ଦ ଓ ପରମେଶ୍ୱର ନନ୍ଦ ପୂଜାର୍ଚ୍ଚନା ସଂପନ୍ନ କରିଥିଲେ। କେଶରୀ କୁଣ୍ଡ ମକର ମେଳା ପଡ଼ିଆ ସମ୍ମୁଖରେ ନିର୍ମିତ ଏହି ସ୍ୱାଗତ ଫାଟକ ଅଂଚଳର ଧାର୍ମିକ ଓ ସାଂସ୍କୃତିକ ପରିଚୟକୁ ଆହୁରି ମଜବୁତ କରିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ବୁଢ଼ାମରା ପଂଚାୟତର ବହୁ ସଂଖ୍ୟକ ଗ୍ରାମବାସୀ ଯୋଗଦେଇଥିଲେ।

# ସେବା ସଂକଳ୍ପ ଅଭିଯାନରେ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧନା



କରଞ୍ଜିଆ,୫।୧୦(ନି.ପ୍ର):ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପଶ୍ଚିମ ମୟୂରଭ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ' ଅବସରରେ କରଞ୍ଜିଅ ବ୍ଲକ ରସମତଳା ପଂଚାୟତ ଅନ୍ତର୍ଗତ କୁଡୁମା ଗ୍ରାମର ଅଙ୍ଗନୱାଡି ଓ କଳିକା ସେଣ୍ଟରରେ 'ଅଙ୍ଗନ ମିଳନ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶିଶୁମାନଙ୍କ ଯତ୍ନ, ପ୍ରାକ୍-ପ୍ରାଥମିକ ଶିକ୍ଷା ଓ ପୋଷଣ ସେବାରେ ନିୟୋଜିତ ସହାୟିକା ଶାନ୍ତିଲତା ପଧୁରିଆ, ଶ୍ରୀମତୀ ସେଠୀ, ପାଚିକା ଫୁଲମଣୀ ନାଏକ, ସୂର୍ଯ୍ୟକାନ୍ତି ସେଠୀଙ୍କ ସମେତ କଳିକା ସେଣ୍ଟରର ପ୍ରେମୀ ବେହେରା ଓ କାମିନୀ ପଇଦାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀଙ୍କ ଭୂମିକା ଓ ଶିଶୁମାନଙ୍କ ଯତ୍ନ, ପୋଷଣ ଏବଂ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଅବଦାନ ଉପରେ ଆଲୋଚନା ହୋଇଥିଲା। ଏଥିସହ ସ୍ଥାନୀୟ ଅଂଚଳରେ ଶିଶୁ ଓ ମହିଳାଙ୍କ ସେବାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଆଶିଷ କୁମାର ମହାନ୍ତ, ନାରୀନେତ୍ରୀ ତଥା ଗ୍ରାମୀଣ ମଣ୍ଡଳ ସଭାପତି ସୁନାମଣୀ ହୋ, ସୌମ୍ୟରଞ୍ଜନ ସେଠୀ, ଆରତୀ ନାଏକ, ମାମିନା ସେଠୀ, ସବିତା ସେଠୀ, ମନୋଜ କୁମାର ପାତ୍ରଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ମହିଳାମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକମାନେ କହିଛନ୍ତି।

# ରେମାଳ ନଦୀରୁ ଦିନ ଦ୍ୱିପ୍ରହରେ ବାଲି ଲୁଟ,ପ୍ରଶାସନ ନିରବଦ୍ରଷ୍ଟା



ରାମଚନ୍ଦ୍ରପୁର,୫।୧୦(ନି.ପ୍ର):ଘସିପୁରା ତହସିଲ ଅଧିନ କେଶଦୁରାପାଳ ରେମାଳ ନଦୀରୁ ଦିନ ଦ୍ୱିପ୍ରହରେ ଚାଲିଛି ବେଆଇନ ବାଲି ଲୁଟ। କେଶଦୁରାପାଳ ବଡକଇଁଆ ନିକଟ ରେମାଳ ନଦୀ ପଠାରୁ ପ୍ରତିଯୋଗିତା ଭିତ୍ତିରେ ଟ୍ରାକ୍ଟର ଯୋଗେ ହେଉଛି ବାଲି ଚୋରି। ସ୍ଥାନୀୟ ଲୋକେ ଟ୍ରାକ୍ଟର ପିଛା ୧୫୦୦ ରୁ ୨୦୦୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି। ବାଲି ମାଫିଆମାନେ ଖଣି ବିଭାଗ ଏବଂ ପୋଲିସ ଠାରୁ ବଂଚିବା ପାଇଁ ଘସିପୁରା ଥାନା, ରେକୁଟିଆ ଛକ, ନାରଙ୍ଗପୁର ଛକ ସମେତ ବିଭିନ୍ନ ଛକ ମାନଙ୍କରେ ପାଳି କରି ଜଗିରହୁଛନ୍ତି ।ଖଣି ବିଭାଗ କିମ୍ବା ପୋଲିସ ଆସିବା ଖବର ତୁରନ୍ତ ପହଞ୍ଚି ଯାଉଛି। ଯାହା ଫଳରେ ବାଲି ଘାଟରୁ ମାଫିଆମାନେ ଗାଡି ନେଇ ଚମ୍ପଟ ମାରୁଛନ୍ତି। ତେବେ ମାଫିଆ ମାନଙ୍କ ଚତୁର ପଣ ଆଗରେ ପ୍ରଶାସନ ଫେଲ ମାରିଥିବା ସାଧାରଣରେ ଆଲୋଚନା ମଧ୍ୟ ହେଉଛି। ବାଲି ମାଫିଆଙ୍କ ଯୋଗୁଁ ନଦୀ କୂଳ ଖାଇବା ସହିତ ଅନେକ ଜାଗାରେ ଗଭୀର ମଧ୍ୟ ହେଉଛି। ବିଗତ କିଛିଦିନ ତଳେ ହୋଇଥିବା ବନ୍ୟାରେ କେଶଦୁରାପାଳ ଗ୍ରାମର ଜଣେ ଯୁବତୀ ନଦୀ ସୁଅରେ ଭାସିଯାଇ ମୃତ୍ୟୁ ବରଣ କରିଥିଲେ। ଦୁଇ ଚାରି ମାସରେ ଥରେ ପୋଲିସ ଏବଂ ଖଣି ବିଭାଗ ଗୋଟେ ଦୁଇଟି ଟ୍ରାକ୍ଟରକୁ ଜବତ କରି ନିଜର କାମ ସାରିଦେଉଛି। ପୋଲିସ ବିଭିନ୍ନ ଉପାୟରେ ଦୁଇଚକିଆ ଯାନର ମାଲିକ ଠାରୁ ମୋଟା ଅାଙ୍କର ଜୋରିମାନା ଆଦାୟ କରୁଥିବା ବେଳେ ଏଠାରୁ ବାଲି ଲୁଟ କରୁଥିବା ନମ୍ବର ବିହୀନ ଟ୍ରାକ୍ଟର ଗୁଡିକୁ କିଭଳି ପୋଲିସ ଛାଡି ଦେଉଛି ତାହା ସାଧାରଣରେ ଆଲୋଚନା ହେଉଛି। ସ୍ଥାନୀୟ ଲୋକେ ଏ ସଂପର୍କରେ ପୋଲିସ, ତହସିଲ ଏବଂ ଖଣି ବିଭାଗକୁ ଅଭିଯୋଗ କରିଛନ୍ତି, ତେବେ ପ୍ରଶାସନ ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା।

## ହିଣ୍ଡାଲକୋର ବସୁଧା ପ୍ରକଳ୍ପ

# ଜୀବିକାର ମାଧ୍ୟମ ପାଲଟିଛି ଛେଳି ପାଳନ




ହୀରାକୁଦ, ୫/୧୦(ନିପ୍ର): ଗ୍ରାମୀଣ ପରିବାରଙ୍କ ଆୟ ବୃଦ୍ଧି ସହ ସ୍ଥାୟୀ ଜୀବିକା ସୃଷ୍ଟି ଲକ୍ଷ୍ୟରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଆରମ୍ଭ ହୋଇଥିବା 'ବସୁଧା' ପ୍ରକଳ୍ପ ହୀରାକୁଦ ଅଞ୍ଚଳରେ ଆଶାର ନୂଆ କିରଣ ସୃଷ୍ଟି କରିଛି। ମାତ୍ର ୪ଟି ଛେଳି ବଣ୍ଟନରୁ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଏବେ ଗ୍ରାମୀଣ ପରିବାରଙ୍କ ପାଇଁ ଏକ ସମ୍ଭାବନାମୟ ଜୀବିକାର ମାଧ୍ୟମ ଭାବେ ଉଭା ହୋଇଛି।ହିଣ୍ଡାଲକୋର ଆର୍ଥିକ ସହାୟତା ଏବଂ ବାଇଫ୍ ()ର କାର୍ଯ୍ୟ କାରିତା ରେ ଚାଲିଥିବା ଏହି ପ୍ରକଳ୍ପରେ କ୍ଷୁଦ୍ର ଓ ପ୍ରାନ୍ତିକ ଚାଷୀଙ୍କୁ ଛେଳି ପାଳନ ମାଧ୍ୟମରେ ଆୟବର୍ଦ୍ଧକ ଓ ସ୍ଥାୟୀ ଜୀବିକା ପ୍ରଦାନର ପ୍ରୟାସ କରା ଯାଉଛି। ଲପଙ୍କ, ବୁଡାକଟା, ଗଡ଼ଗୁଲା, ନୂଆଗୁଜାଟାଲ, ମହୁଲପଡ଼ା, ଲରଭାଙ୍ଗା ଓ ସିଲିପାଥର ଗ୍ରାମର ୧୪ ଜଣ ଚାଷୀଙ୍କୁ ପ୍ରତ୍ୟେକଙ୍କୁ ୪ଟି ଲେଖାଏଁ ଛେଳି ପ୍ରଦାନ କରାଯାଇଥିଲା। ଫଳରେ ମୋଟ ୫୬ଟି ଛେଳିଙ୍କୁ ନେଇ ପ୍ରାରମ୍ଭିକ ପଶୁ ସମ୍ପଦ ଗଠନ ହୋଇଥିଲା।ତେବେ ଏହି ପଦକ୍ଷେପର ସଫଳତା ଏବେ ସ୍ପଷ୍ଟ ହେବାରେ ଲାଗିଛି। ସର୍ବଶେଷ ତଥ୍ୟ ଅନୁଯାୟୀ, ଉପକୃତ ଚାଷୀଙ୍କ ଘରେ ଏପର୍ଯ୍ୟନ୍ତ ୩୪ଟି ଛେଳି ଛୁଆ ଜନ୍ମ ନେଇଛି। ଆରମ୍ଭରେ ୪ଟି ଛେଳି ପାଇଥିବା ପରିବାର ଗୁଡ଼ିକ ପାଇଁ ଏହି ଛୁଆଗୁଡ଼ିକ ଭବିଷ୍ୟତର ବଢ଼ୁଥିବା ସମ୍ପଦ ଓ ଆୟର ନୂଆ ସମ୍ଭାବନା ସୃଷ୍ଟି କରିଛି। ପ୍ରକଳ୍ପର ସଫଳତା ପଛ ରେ ରହିଛି ଏକ ସମନ୍ୱିତ ପଦ୍ଧତି ଚାଷୀ ମାନଙ୍କୁ ଉନ୍ନତ ଛେଳି ଗୁହାଳ ନିର୍ମାଣ ପାଇଁ ସହାୟତା ଦିଆ ଯାଉଥିବା ବେଳେ ନିୟମିତ ସ୍ୱାସ୍ଥ୍ୟ ଶିବିର ମାଧ୍ୟମ ରେ କୃମିନାଶକ ଔଷଧ, ଖଣିଜ ପୋଷକ ଓ ପଶୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏଥିସହ ନିଶ୍ଚିହ୍ନ କୃତ୍ରିମ ପ୍ରଜନନ ସେବା ଯୋଗାଇ ଦିଆଯାଉଥିବାରୁ ଛେଳି ପାଳନ ଅଧିକ ବୈଜ୍ଞାନିକ ଓ ଉତ୍ପାଦନମୁଖୀ ହେଉଛି।ଛେଳି ସଂଖ୍ୟା ବୃଦ୍ଧି ପାଇବା ସହ ଗ୍ରାମୀଣ ପରିବାର ଗୁଡ଼ିକର ଆର୍ଥିକ ସ୍ଥିରତା ମଧ୍ୟ ବଢ଼ିବାର ସମ୍ଭାବନା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷିରେ ନିବେଶ ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପୂରଣ ରେ ଏହି ପଶୁ ସମ୍ପଦ ଅତିରିକ୍ତ ଆୟର ଏକ ନିର୍ଭର ଯୋଗ୍ୟ ମାଧ୍ୟମ ହୋଇ ପାରିବ। ୩୪ଟି ଛେଳି ଛୁଆ ଜନ୍ମ ନେବା ଏହି ପ୍ରକଳ୍ପକୁ ଏକ ସ୍ୱୟଂ ନିର୍ଭରଶୀଳ ଛେଳି ପାଳନ ବ୍ୟବସ୍ଥା ଦିଗରେ ଆଗେଇ ନେଇଛି। ମାଦି ଛୁଆଙ୍କୁ ରଖି ଝୁଣ୍ଡ ବୃଦ୍ଧି କରିବା ସହ ଆବଶ୍ୟକ ସମୟରେ ଛେଳି ବିକ୍ରି କରି ଚାଷୀମାନେ ଆୟ କରିପାରିବେ। ଉପଯୁକ୍ତ ପ୍ରଶିକ୍ଷଣ, ପୋଷଣ, ସ୍ୱାସ୍ଥ୍ୟସେବା, ପ୍ରଜନନ ସହାୟତା ଓ ନିରନ୍ତର ମାର୍ଗ ଦର୍ଶନ ମିଳିଲେ ଅଳ୍ପ ପଶୁ ସମ୍ପଦ ମଧ୍ୟ ଗ୍ରାମୀଣ ପରିବାରଙ୍କ ଆର୍ଥିକ ସଶକ୍ତିକରଣର ଆଧାର ହୋଇ ପାରେ ବୋଲି ବସୁଧା ପ୍ରକଳ୍ପ ପ୍ରମାଣ କରୁଛି। ହୀରାକୁଦ ଅଞ୍ଚଳର ଏହି ପରିବାର ମାନଙ୍କ ପାଇଁ ଛେଳି ଏବେ କେବଳ ପଶୁ ନୁହେଁ ଏହା ବଢ଼ୁଥିବା ସମ୍ପଦ, ଅତିରିକ୍ତ ଆୟ ଓ ଏକ ସୁରକ୍ଷିତ ଭବିଷ୍ୟତର ଆଶାର ପ୍ରତୀକ ପାଲଟିଛି।

## ଦାଦନ ଶ୍ରମିକଙ୍କ ଶବ ଆଣିବା ପାଇଁ

# ଜିଲ୍ଲାପାଳଙ୍କ ସହଯୋଗ ଲୋଡ଼ିଲା 'ସ୍ୱାକ୍'



ଜି.ଉଦୟଗିରି, ୦୫।୧୦(ନିପ୍ର). କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଅନ୍ତର୍ଗତ କାଟିଙ୍ଗିଆ ପଞ୍ଚାୟତର ଆଡ଼ିବଙ୍ଗା ଗ୍ରାମର ଦାଦନ ଶ୍ରମିକ ସନ୍ତୋଷ ମଲ୍ଲିକ(୪୬) ଙ୍କ କେରଳରେ ହଠାତ୍ ମୃତ୍ୟୁ ଘଟିଛି ତାଙ୍କ ମରଶରୀର କେରଳର କନ୍ନୁର ଜିଲ୍ଲାର ଏକ ସରକାରୀ ହସ୍ପିଟାଲରେ ରହିଥିବା ଜଣାପଡ଼ିଛି ।ପରିବାରର ଜୀବିକା ନିର୍ବାହ ପାଇଁ ସନ୍ତୋଷ ଦୀର୍ଘଦିନ ଧରି କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ ତାଙ୍କ ପରିବାରରେ ସ୍ତ୍ରୀ ସ୍ନେହଲତା ମଲ୍ଲିକଙ୍କ ସମେତ ୫ ଜଣ ପୁଅଝିଅ ଅଛନ୍ତି ପରିବାରର ଏକମାତ୍ର ରୋଜଗାର ଙ୍କୁ ହରାଇ ପରିବାରଟି ଏବେ ଅତ୍ୟନ୍ତ ଦୁର୍ଦ୍ଦିନରେ ପଡ଼ିଛି।ମରଶରୀରକୁ କେରଳରୁ ନିଜ ଜନ୍ମମାଟି ଆଡ଼ିବଙ୍ଗାକୁ ଆଣିବା ପାଇଁ ଆବଶ୍ୟକ ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ପରିବାରର ନଥିବାରୁ ମୃତକ ଙ୍କ ସ୍ତ୍ରୀ ସ୍ନେହଲତା ମଲ୍ଲିକ ସାମାଜିକ ସଂଗଠନ ସୋସିଆଲ ୱର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ) ର ସଭାପତି ଆମନ ଚନ୍ଦ୍ର ନାୟକଙ୍କୁ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ଜଣାଇ ସହଯୋଗ ନିବେଦନ କରିଥିଲେ ଏହି ଘଟଣା ପୁଣିଥରେ କନ୍ଧମାଳ ର ଦାଦନ ଶ୍ରମିକଙ୍କ ଦୁଃଖଦ ପରିସ୍ଥିତିକୁ ସାମ୍ନାକୁ ଆଣିଛି ଗତ ଦୁଇ ମାସ ମଧ୍ୟରେ କନ୍ଧମାଳ ଜିଲ୍ଲାର ୧୬ ଜଣ ଦାଦନ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଛି। ଏହାକୁ ନେଇ ଜିଲ୍ଲାରେ ଚିନ୍ତା ପ୍ରକାଶ ପାଇଛି। ନିଜ ଅଞ୍ଚଳରେ ଅଧିକ ରୋଜଗାର ସୁଯୋଗ ସୃଷ୍ଟି କରାଯାଇପାରିଲେ ବାହାର ରାଜ୍ୟକୁ ଦାଦନ ଯିବା ଶ୍ରମିକଙ୍କ ସଂଖ୍ୟା କମିପାରିବ ବୋଲି ବୁଦ୍ଧିଜୀବୀ ମହଲ ରେ ମତ ପ୍ରକାଶ ପାଇଛି ଏଥିସହିତ ବାହାର ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କ ପଞ୍ଜୀକରଣ, ସୁରକ୍ଷା ଓ ଆପତ କାଳୀନ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ଘଟଣା ସମ୍ପର୍କରେ ଜାଣିବା ପରେ ସ୍ୱାକ୍ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୃତକଙ୍କ ମରଶରୀରକୁ କେରଳରୁ ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ତ୍ୱରିତ ସହାୟତା ନିମନ୍ତେ ଅନୁରୋଧ କରାଯାଇଥିଲା କନ୍ଧମାଳ ଜିଲ୍ଲା ପାଳ ଘଟଣାକୁ ଗୁରୁତ୍ୱ ଦେଇ ମାନବିକତାର ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦,୦୦୦/- ଟଙ୍କାର ସହାୟତା ଅନୁମୋଦନ କରିଛନ୍ତି।ଅନୁମୋଦିତ ସହାୟତା ରାଶିର ଚେକ୍‌କୁ ସ୍ୱାକର ସଭାପତି ଆମନ ଚନ୍ଦ୍ର ନାୟକ,କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଏବଂ ଜିଲ୍ଲା ମିଡିଆ ଫୋରମ୍ ସଭାପତି ସୁନୀଲ ବିଶ୍ୱାଳ ଗ୍ରହଣ କରିଥିଲେ ପରେ ସେମାନେ ମୃତକଙ୍କ ପରିବାରକୁ ସାକ୍ଷାତ କରି ଚେକ୍‌ଟି ପ୍ରଦାନ କରିଥିଲେ


### ଦ. ପୂ ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଂଜିନିୟର (ନିର୍ମାଣ), ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି। ଇ-ଟେଣ୍ଡର ଧାର୍ଯ୍ୟ ତାରିଖର ମଧ୍ୟାହ୍ନ ୧୨.୦୦ ଘଣ୍ଟାରେ ବନ୍ଦ ହେବ।

**ଇ-ଟେଣ୍ଡର ନୋଟିସ୍ ନଂ. :** EL-CON-KGP-SHM-TRIP-26-07, **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ରିଟ୍ରାକ୍ଟେବଲ୍ ଓଭରହେଡ୍ କଣ୍ଡକ୍ଟର-ରେଲ୍ ସିଷ୍ଟମ (ଆର୍‌ଓସିଏସ୍) ର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା, ଯେଉଁଥିରେ ପାରମ୍ପାରିକ ଓଏଚ୍‌ଇରୁ ରିଟ୍ରାକ୍ଟେବଲ୍ ଓଏଚ୍‌ଇକୁ ପରିବର୍ତ୍ତନ ବ୍ୟବସ୍ଥା ଏବଂ ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ଓ ବୈଦ୍ୟୁତିକ ସାଧାରଣ ସେବା କାର୍ଯ୍ୟ ଅନ୍ତର୍ଭୁକ୍ତ, ଏହି କାର୍ଯ୍ୟ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ୍ ଅଧୀନସ୍ଥ ଇଲେକଟ୍ରିକ୍ ଲୋକୋମୋଟିଭଗୁଡ଼ିକର ଯାଞ୍ଚ ଓ ରକ୍ଷଣାବେକ୍ଷଣ ପାଇଁ ଶାଲିମାର ଠାରେ ଟ୍ରିପ୍ ମେଣ୍ଟେନାନ୍ସ/ ଆଉଟାନ୍ସ ଇନ୍ସପେକ୍ସନ୍ ସେଣ୍ଟର ସ୍ଥାପନ ସହ ଜଡ଼ିତ ଅଟେ। **ମୂଲ୍ୟ:** ଟ. ୩,୫୬,୬୮,୭୪୪.୮୪, **ବିଡ୍ ସିକ୍ୟୁରିଟି :** ଟ. ୭,୧୩,୪୦୦.୦୦, **କାର୍ଯ୍ୟ ସମାପ୍ତି ଅବଧି:** ୬ ମାସ, **ନିର୍ଦ୍ଧାରିତ ତାରିଖ:** ୨୬.୧୦.୨୦୨୬. ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ନିର୍ଦ୍ଦିଷ୍ଟ ବିବରଣୀ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବିଶେଷ ସୂଚନା:** ''ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଆଶାୟୀ ବିଡରମାନେ ନିୟମିତ ଭାବେ www.ireps.gov.in. ପରିଦର୍ଶନ କରିପାରିବେ।''

**(PR-853)**


## ଲେଭେଲ୍ ୩ ପଦୋନ୍ନତି ଜନିତ ନିଯୁକ୍ତି ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କାଉନସେଲିଂ



କୋରାପୁଟ,୫।୧୦(ନି ପ୍ର):କୋରାପୁଟ ପିଏମ୍ ଶ୍ରୀ ସରକାରୀ ବିଦ୍ୟାଳୟ ସଭାଗୃହ ଠାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର କାଉନସେଲିଂ ଶେଷ ହୋଇଯାଇଛି।ଲେଭେଲ ୩ ପଦୋନ୍ନତି ଜନିତ ନିଯୁକ୍ତି ପାଇଁ ଶିକ୍ଷକମାନଙ୍କର କାଉନସେଲିଂ କରାଯାଇଥିଲା।କୋରାପୁଟ ଜିଲ୍ଲାରେ ଖାଲିଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଦବୀ ଗୁଡିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଚୟନ କରିଥିଲେ। ଯେଉଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପଦୋନ୍ନତି ପାଇଥିଲେ କିନ୍ତୁ ସଂପତ୍ତି ତାଲିକା ଦେଇ ନ ଥିବାରୁ ସେମାନଙ୍କୁ ଆଜିର ପ୍ରକ୍ରିୟାରେ ସାମିଲ କରାଯାଇ ନଥିଲା।ସେମାନେ ସମ୍ପତି ତାଲିକା ପ୍ରଦାନ କଲେ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପ ସଭାପତି ସୁରେନ୍ଦ୍ର କୁଲଦୀପ କହିଛନ୍ତି।।କୋରାପୁଟ ଜିଲ୍ଲାର ୫୦୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ତାଲିକାକୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ଅନୁମୋଦନ କରିଥିବାରୁ ରାଜ୍ୟ ସଂଘ ଉପ ସଭାପତି ସୁରେନ୍ଦ୍ର କୁଲଦୀପ ଏବଂ ଜିଲ୍ଲା ସଂଘ ସଂପାଦକ ଦିଲ୍ଲୀପ କୁମାର ଟାକ୍ରୀ ଧନ୍ୟବାଦ ଜଣାଇଛନ୍ତି। ଆଜିର କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ସଂପନ୍ନ ହୋଇଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ଏବଂ ଜିଲାସ୍ତରୀୟ ଚୟନ କମିଟିର ସଦସ୍ୟ ଓ ସଦସ୍ୟା ମାନେ ଯୋଗଦେଇ ପରିଚାଳନା କରିଥିଲେ।

# ରୋଟାରି ପକ୍ଷରୁ ମର୍ଚ୍ଚୁଆରି ଫ୍ରିଜର ଦାନ




ସମ୍ବଲପୁର, ୫/୧୦(ନିପ୍ର): ସମାଜ ଓ ମାନବ ସେବା ଉଦ୍ଦେଶ୍ୟ ରେ ସମ୍ବଲପୁର ମୋଦିପଡ଼ା ସ୍ଥିତ ଗୁରୁଦ୍ୱାରା ସାହିବ ପରିସର ରେ ସୋମବାର ସକାଳ ୧୦ଟା ୩୦ ମିନିଟ୍‌ରେ ଏକ ମର୍ଚ୍ଚୁଆରି ଫ୍ରିଜର ଗୁରୁଦ୍ୱାରା ପ୍ରବନ୍ଧକ କମିଟି କୁ ଦାନ କରାଯାଇଛି। ରୋଟାରି କ୍ଲବ୍ ଅଫ୍ ସମ୍ବଲପୁର ରୟାଲ୍ସର ଚାର୍ଟର ପ୍ରେସିଡେଣ୍ଟ ପିପି ରୋଟାରିଆନ୍ ବିଶାଲ ଭାଟିଆଙ୍କ ପକ୍ଷରୁ ଏହି ମର୍ଚ୍ଚୁଆରି ଫ୍ରିଜର ଗୁରୁଦ୍ୱାରା କୁ ପ୍ରଦାନ କରା ଯାଇଥିଲା। ଗୁରୁଦ୍ୱାରା ପକ୍ଷରୁ ଚାଲିଥିବା ଜନସେବା ମୂଳକ ବ୍ୟବସ୍ଥାକୁ ଏହା ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି।ଏହି ଅବସର ରେ ରୋଟାରି ଜିଲ୍ଲା ୩୨୬୧ର ପିଡିଜି ରୋଟାରିଆନ୍ ହରଜିତ ସିଂହ ହୁରାଙ୍କ ସମେତ । ରୋଟାରି କ୍ଲବ୍ ଅଫ୍ ସମ୍ବଲପୁର ରୟାଲ୍ସ ପକ୍ଷରୁ ଆନ୍ ରିଚା ଭାଟିଆ, ଗୁରୁଦୟାଲ ଭାଟିଆ, ଅଜୟ ସୁରୀ, ଶୀତଲ ସୁରୀ, ସୁଶାନ୍ତ ଦାଶ, ସୁଧାଂଶୁ ମହାନ୍ତି, ପ୍ରୀତପାଲ ସିଂହ, ଅରବିନ୍ଦ ସାହୁ ଓ ଆଲୋକ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରୋଟାରି କ୍ଲବ୍ ଅଫ୍ ସମ୍ବଲପୁରର ପୂର୍ବତନ ସଭାପତି ପ୍ରବୀଣ ସୁରୀ, ରାଜକିଶୋର ଦାଶ,ରଞ୍ଜିତ ସିଂଘ, ରଣଜିତ ସିଂହ ହୁରା, ସୁଶାନ୍ତ ମହାପାତ୍ର, ଓ ମନୋଜ ବୋହିଦାର ପ୍ରମୁଖ ଉପସ୍ଥିତ ଥିଲେ। 'ସର୍ଭିସ୍? ଅବଭ୍ ସେଲ୍ଫ' ଆଦର୍ଶକୁ ଆଧାର କରି ରୋଟାରି ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ସମାଜ ପାଇଁ ଏକ ଉପଯୋଗୀ ମାନବସେବାମୂଳକ ପ୍ରୟାସ ବୋଲି ଉପସ୍ଥିତ ଅତିଥି ମାନେ ମତପ୍ରକାଶ କରିଥିଲେ


### ପୂର୍ବ ତଟ ରେଳପଥ

**(1) ବିଜ୍ଞପ୍ତି ସଂ.: e-Tender-Elect-G-40-26**

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଣିଜ୍ୟିକ ବିଭାଗର ଫିଲ୍ଡ ୟୁନିଟ୍ ଗୁଡ଼ିକରେ ଏୟାର କଣ୍ଡିସନର୍ (Air Conditioner) ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 26,23,179.18, **EMD :** ₹ 52,500/-

**(2) ବିଜ୍ଞପ୍ତି ସଂ.: e-Tender-Elect-G-41-26**

**କାର୍ଯ୍ୟର ବିବରଣୀ :** C&W ଡିପୋ / ପାରାଦୀପ ଠାରେ କେନ୍ଦ୍ରୀକୃତ ଏୟାର୍ କମ୍ପ୍ରେସର୍ ଭବନ ଏବଂ 2 ଗୋଟି ରୋଲିଂ-ଇନ୍ ଶ୍ରମଟି ନିର୍ମାଣର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତିକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 68,44,156.30, **EMD :** ₹ 1,36,900/-

**(3) ବିଜ୍ଞପ୍ତି ସଂ.: e-Tender-Elect-G-42-26**

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ଷ୍ଟେସନର ବ୍ୟାପକ ଉନ୍ନତି କରଣ ସମ୍ବନ୍ଧୀୟ ବିଦ୍ୟୁତିକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,88,20,341.66, **EMD :** ₹ 15,76,400/-

**ଶେଷ ହେବା ଅବଧି :** 03 ମାସ (କ୍ରମ ସଂ. 1 ପାଇଁ) ଏବଂ 06 ମାସ (କ୍ରମ ସଂ. 2 ଏବଂ 3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 23.10.2026, 1500 ଘଡିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ : **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍

PR-480/R/26-27



### OFFICE OF THE SUPERINTENDING ENGINEER POTTERU CANAL DIVISION, M.V-79

e-mail Id:eepcdbhuba65@gmail.com

**e-Procurement Notice No. SE-PCD-MV79-02/ 2026-27 Dated.30.09.2026**

1. Type of Works : System Improvement works.
2. Total No. of Works : -Twenty one (21) Nos.
3. Estimated Cost : Varies from Rs.4.96 Lakhs to Rs.33.11 Lakhs
4. Period of Completion : - 150 (One hundred fifty) days

| ProcurementOfficer | Bid Identification No. | Bid Amount (Rs In Lakhs) | Availability Submission of Bid - online |
|---|---|---|---|
| Superintending Engineer, Protteru Cananl Division, M.V.-79 Malakangiri | SE-PCD-MV-79-02(1)/2026-27 to SE-PCD-MV-79-02(21)/ 2026-27 | Varies from Rs. 4.96Lakhs to Rs. 33.11 Lakhs | From05.10.2026 10 .00A.M. to 14.10.2026 5.00 P.M. |

Date of opening of the Tender / Bid: -15.10.2026 at 11.00 A.M.
Further details can be seen from the Govt. Website www.tendersodisha.gov.in.

Sd/-
Superintending Engineer
Protteru Canal . Division, M.V.-79

**Caption No: 32001/978/2627**


## ଗୌରୀ ଅନୁଷ୍ଠାନର ନୂଆଖାଇ ଭେଟଘାଟ

ବଣାଇ,୫।୧୦ (ନି.ପ୍ର.): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇକୁ ନେଇ ବଣାଇରେ ଦେଖିବାକୁ ମିଳିଛି ଉତ୍ସବମୁଖର ପରିବେଶ। ନୂଆଖାଇର ପରମ୍ପରା, ଲୋକକଳା, ଖାଦ୍ୟ ଓ ଭାଇଚାରାର ବାର୍ତ୍ତାକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଗୌରୀ ଅନୁଷ୍ଠାନ ପକ୍ଷରୁ ବଣାଇଗଡ଼ ରାଜା ଧରଣୀଧର ବହୁମୁଖୀ ଖେଳ ପଡ଼ିଆରେ ଦ୍ୱିତୀୟ ବର୍ଷର 'ନୂଆଖାଇ ଭେଟଘାଟ-୨୦୨୬' ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମର ଆରମ୍ଭରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି, ବଣାଇ ରାଜା ସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବ ସ୍ୱତନ୍ତ୍ର ଅତିଥି ଏବଂ ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ କୁମାର ପାତ୍ର ଓ ଗୌରୀ ଅନୁଷ୍ଠାନର ଅଧ୍ୟକ୍ଷ ଶିବ ଶଙ୍କର ପୃସେଠ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି ଯୋଗଦେଇଥିଲେ।ଭେଟଘାଟରେ ନୂଆଖାଇର ପୁରୁଣା ପରମ୍ପରାକୁ ଆଧୁନିକ ପିଢ଼ି ସହ ଯୋଡ଼ିବାର ଉଦ୍ୟମ କରାଯାଇଥିଲା। ପାରମ୍ପରିକ ପିଠା, ପଣା, ପାନ ଓ ଦେଶୀ ଖାଦ୍ୟର ବିଭିନ୍ନ ଷ୍ଟଲ୍? ସହ ସମ୍ବଲପୁରୀ ବସ୍ତ୍ର ଓ ପାରମ୍ପରିକ ସାମଗ୍ରୀର ପ୍ରଦର୍ଶନୀ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହା ମାଧ୍ୟମରେ ନୂଆଖାଇର ଗ୍ରାମୀଣ ଜୀବନ ଓ ଲୋକପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଥିଲା।


### ଶିବାଲିକ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ : ୫୦୧, ସାଲକନ ଔରମ, ଯାଶୋଲା ଜିଲ୍ଲା କେନ୍ଦ୍ର, ନୂଆଦିଲ୍ଲୀ –୧୧୦୦୨୫
CIN : U65900DL2020PLC366027

**ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ଶିବାଲିକ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ଋଣଗ୍ରହୀତାମାନଙ୍କୁ ସୂଚନା ଦିଆଯାଉଛି ଯେ, ସେମାନଙ୍କ ଦ୍ୱାରା ବ୍ୟାଙ୍କରୁ ନିଆଯାଇଥିବା ସ୍ୱର୍ଣ୍ଣ ଋଣ/ଗୁଡିକ ବ୍ୟାଙ୍କ ପକ୍ଷରୁ ବହୁବାର ଦାବି ଏବଂ ନୋଟିସ୍ ସହିତ ବ୍ୟକ୍ତିଗତ ନୋଟିସ୍ ଜାରି କରାଯିବା ସତ୍ତ୍ୱେ ମଧ୍ୟ ପରିଶୋଧ କରାଯାଇ ନାହିଁ। ଏତଦ୍ୱାରା ସମସ୍ତ ଋଣଗ୍ରହୀତାଙ୍କୁ ସୂଚନା ଦିଆଯାଉଛି ଯେ, ବ୍ୟାଙ୍କ ନିକଟରେ ସିକ୍ୟୁରିଟି ଭାବରେ ରହିଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ନିଲାମ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ଏବଂ ତଦନୁସାରେ ଶାଖା ପରିସରରେ ଯେଉଁଠାରୁ ସେମାନେ ଋଣ ଉପଲବ୍ଧ କରିଥିଲେ ସେହିଠାରେ ପୂର୍ବାହ୍ନ ୧୧:୦୦ ଘଣ୍ଟାରେ ନିଲାମ ପରିଚାଳନା କରାଯିବ । ସମସ୍ତେ, ଋଣଗ୍ରହୀତାମାନେ, ଆକାଉଣ୍ଟଧାରୀମାନେ ଏବଂ ବ୍ୟାପକ ଭାବେ ସର୍ବସାଧାରଣ ନିଲାମର ସର୍ତ୍ତାବଳୀ ଅନୁସାରେ ଏହି ନିଲାମରେ ଅଂଶଗ୍ରହଣ କରିପାରିବେ ।

**ନିଲାମ ତାରିଖ ୧୫-୧୦-୨୦୨୬ @ ପୂର୍ବାହ୍ନ ୧୧:୦୦ ଘଣ୍ଟା**

| କ୍ର. ନଂ. | ଶାଖା | ଆକାଉଣ୍ଟ ନଂ. | ଆକାଉଣ୍ଟଧାରୀଙ୍କ ନାମ |
|---|---|---|---|
| 1 | ଇନ୍ଦିରାପୁରମ୍ | 101942528585 | କୁମାରୀ ଏସ୍ ପଣ୍ଡା |

ପୂର୍ବରୁ କୌଣସି ସୂଚନା ନ ଦେଇ ନିଲାମରୁ କୌଣସି ଆକାଉଣ୍ଟକୁ ବାଦ ଦେବା କିମ୍ବା ନିଲାମକୁ ବାତିଲ କରିବା ଅଧିକାର ବ୍ୟାଙ୍କର ରହିଛି ।

କ୍ଷମତାପ୍ରାପ୍ତ ଅଧିକାରୀ, ଶିବାଲିକ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍



### ODISHA LIFT IRRIGATION CORPORATION LIMITED

(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER LIFT IRRIGATION DIVISION, BALESHWAR
E-mail - eelidvnbls@yahoo.com

**e - Procurement Notice**

**Bid Identification No: 04/2026-27 / DT. 24-09-2026**

1. Name of the Tender inviting Officer- Executive Engineer, L.I. Division, Baleshwar representing Odisha Lift Irrigation Corporation Ltd., Bhubaneswar.
2. Name of the Work: Revival of Defunct & BKVY New L.I.Ps 40 nos. (Revival -34 nos. & BKVY - 6nos. CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Baleshwar District.
3. No. of Package:-40Nos. - State Plan (Revival-2026-27) & 06Nos. - BKVY (2025-26 & 2021-22)
4. Cost of Tender Amount :- Varies from Rs.6.727 Lakhs to Rs.29.021 Lakhs.
5. Date and time of availability of bid document in portal for on-line bidding from 05.10.2026 at.11.00 hrs to dated. 16.10.2026 at 17.00 hrs.
6. Last date and time of receipt of bid in the portal dated 16.10.2026 upto 17.00 hrs.
7. Last date & time to seek clarification dated 13.10.2026 upto 17.00 hrs.
8. Date of opening of Technical bid (Cover-1) dated 22.10.2026 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent Corrigendum/addendum/Cancellation if required shall be available in above portal.

Sd/-
Er. N.C. Sethi
Executive Engineer
L.I. Division, BALESHWAR

**Caption No: 32001/967/2627**


## ଗୃହପାଳିତ ପଶୁ ଓ ଖାଦ୍ୟ ସାମଗ୍ରୀକୁ ସୁରକ୍ଷିତ ରଖିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୫।୧୦(ନି ପ୍ର):କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଚାନ୍ଦିଲି ପଞ୍ଚାୟତ ଅନ୍ତର୍ଗତ ବିକ୍ରମପୁର ଗ୍ରାମର ଗ୍ରାମବାସୀ ବନ୍ୟା ସମୟରେ ନିଜ ପରିବାର, ଗୋରୁଗାଈ, ଖାଦ୍ୟ ସାମଗ୍ରୀ ସହ ଗୃହ ପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଜାଗାରେ ରଖିବା ପାଇଁ ସମସ୍ତ ଗ୍ରାମବାସୀଙ୍କୁ ଏକ ଉଚ୍ଚତମ ସ୍ଥାନରେ ୪ ଡେଶିମିଲ ଲେଖାଏଁ ଘରବାରୀ ଜମି ଯୋଗେଇ ଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଦେଖାଯାଇଛି। ସେମାନେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ଭେଟି ଘରବାଡି ଜମି ପ୍ରଦାନ କରିବାକୁ ଲିଖିତ ଭାବେ ନିବେଦନ କରିଛନ୍ତି।ଉକ୍ତ ଗ୍ରାମବାସୀଙ୍କ କହିବା ପ୍ରକାରେ ବିକ୍ରମପୁର ଗ୍ରାମରେ ୨୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରି ଆସୁଥିବା ବେଳେ ଗ୍ରାମଟି ଇନ୍ଦ୍ରାବତୀ ନଦୀର ଅତି ନିକଟରେ ରହିଥିବାରୁ ନଦୀରେ ବନ୍ୟା ଆସିଲେ ଉକ୍ତ ଗ୍ରାମଟି ସମ୍ପୂର୍ଣ ବନ୍ୟା ଜଳରେ ବୁଡିଯାଏ। ଏପରିକି ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ହେଲେ ଇନ୍ଦ୍ରାବତୀ ନଦୀର ଗେଟ ଖୋଲିଦେଲେ ମଧ୍ୟ ଉକ୍ତ ଗ୍ରାମଟି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଏ।ଏହାଦ୍ୱାରା ଲୋକଙ୍କ ଚାଷବାସ ପ୍ରଭାବିତ ହେଉଥିବା ସହ ଘରେ ରଖାଯାଇଥିବା ଖାଦ୍ୟ ପଦାର୍ଥ, ଲୁଗାପଟା ସହ ଗୃହ ପାଳିତ ପଶୁପକ୍ଷୀ ମଧ୍ୟ ନଷ୍ଟ ହୋଇଯାଏ। ପ୍ରତିବର୍ଷ ଏଭଳି ହେଉଥିବାରୁ ଗ୍ରାମବାସୀ ବହୁ କ୍ଷତିର ସମ୍ମୁଖୀନ ହେଉଥିବା କହିଛନ୍ତି।ଏହାର ପ୍ରତିକାର ସ୍ୱରୂପ ଗ୍ରାମ ନିକଟରେ କୌଣସି ଏକ ଉଚ୍ଚ ଜାଗାରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଘରବାରୀ ଜମି ପ୍ରଦାନ କରାଗଲେ ସେମାନେ ସେଠାରେ ଘର ତିଆରି କରି ବନ୍ୟା ସମୟରେ ନିଜର ଧନ ଜୀବନ ସହ ପରିବାରକୁ ସୁରକ୍ଷିତ ରଖିପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବାରୁ ସେ କହିଲେ ଯେ ଉକ୍ତ ବିକ୍ରମପୁର ଗ୍ରାମବାସୀଙ୍କ ଜମିପଟ୍ଟା ରହିଛି। ସେଥିପାଇଁ ସେମାନଙ୍କୁ ସରକାରଙ୍କ ତରଫରୁ ଜମି ଦିଆଯାଇପାରିବନି।ସେମାନେ ଯେତେଦିନ ବନ୍ୟା ଘେରରେ ରହିବେ ସେମାନଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ପଶୁଙ୍କ ପାଇଁ ପଶୁଖାଦ୍ୟ ଯୋଗାଇ ଦିଆଯିବାପରେ ବନ୍ୟାର କ୍ଷୟକ୍ଷତି ଆକଳନ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିବା ସହ ଗ୍ରାମର ଭୂମିହୀନ ଲୋକ ଆବେଦନ କଲେ ସେମାନଙ୍କୁ ଜମି ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


### INVITATION FOR BIDS (IFB)

**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI - I7 0F 2026-27**
PH: (06752)251276 Fax - (06752)251276 E-mail - eerwsspuri@ gmail.com

The Executive Engineer RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement in on-line mode from eligible contractors.

| SL. No | Nature of work | Execution of electrical installation work for providing Power Supply to different RWSS Points for the purpose of supply of dirinking water in Puri district. |
|---|---|---|
| 1. | No of Works | 01 (one) |
| 2. | Estimated Cost | : Rs.7.83 Lakh(app.) |
| 3. | Time for completion | : 02(Two)Months |
| 4. | Cost of bidding document | : Rs.4000/- |
| 5. | Class of Contractors eligible | : Holder of HT Licenses of ELBO |
| 6. | Availability of bids on-line | : From 00 hour of 05.10.2026 to 17.00 hours of 15.10.2026 |
| 7. | Last date and time for seeking clarification | : 17.00 hours of 12.10.2026 |
| 8. | Date & time of opening of technical bids | : On dt 16.10.2026 at 11.30 Hours in the Office of the Superintending Engineer, RWS&S Division, Puri (All documents should be submitted in onoline only. No original documents shouls be dropped in dropping box before openingof technical bid in Division Office) |
| 9. | Date and timeof opening of financialbids | Does not arise |

Further details can be seen from https://www.tendersorissa.gov.in: subsequent corrigendum if any shall appear in the website.

Sd/-
Superintending Engineer
R.W.S&S Division, Puri

**Caption No: 25001/1261/2627**



### Chola — Enter a better life

### ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

କର୍ପୋରେଟ୍ କାର୍ଯ୍ୟାଳୟ: ''ଚୋଲା କ୍ରେଷ୍ଟ'', ସି୫୪ ଏବଂ ୫୫, ସୁପର ବି-୪, ଥିରୁ ଭି କା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଗୁଇଣ୍ଡି, ଚେନ୍ନାଇ-୬୦୦ ୦୩୨, ଭାରତ
ପ୍ରଥମ ଓ ଦ୍ୱିତୀୟ ମହଲା, ପ୍ଲଟ୍ ନଂ. ୩୯୪, ବୋମିଖାଲ, ସନ୍ତୋଷୀ ମା' ମନ୍ଦିର ନିକଟ, କଟକ ରୋଡ୍, ରସୁଲଗଡ, ଭୁବନେଶ୍ୱର, ପିନ୍-୭୫୧୦୧୦, ଓଡ଼ିଶା

ଯୋଗାଯୋଗ ନଂ. : ଶ୍ରୀ ବି. ହରିକ୍ରିଷ୍ଣ, ମୋ: ୯୯୩୭୪୯୦୯୭୫, ପିନାକି ଦତ୍ତ, ମୋ: ୯୪୩୭୪୭୯୪୨୧, ସୁମନ କଲ୍ୟାଣ ଶତପଥୀ, ମୋ: ୦୭୯୭୮୭ ୪୪୧୯୩

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୯(୧)ରେ ଥିବା ବିଧିବ୍ୟବସ୍ଥା ପାଠ କରି ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।
ଏତଦ୍ୱାରା ସର୍ବସାଧାରଣଙ୍କୁ ସାଧାରଣ ଭାବେ ଏବଂ ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ମଟ୍‌ଗେଜର ମାନଙ୍କୁ ସୂଚନା ଦିଆଯାଉଛି ଯେ, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଯାହା ସୁରକ୍ଷିତ ଋଣଦାତାଙ୍କୁ ବନ୍ଧକ ଦିଆଯାଇଛି, ତାହା ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍, ଯାହା ଏଠାରେ ଏବଂ ଏହାପରେ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍ ବୋଲି କୁହାଯିବ, ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସାଙ୍କେତିକ ଦଖଲକୁ ନିଆଯାଇଛି। ସୁରକ୍ଷିତ ସମ୍ପତ୍ତିଗୁଡ଼ିକ ''ଯେଉଁଠାରେ ଅଛି'', ''ଯାହା ଅଛି'', ''ସେଥିରେ ଯାହା ଅଛି'', ଆଧାରରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି ଯେ, ଆମ୍ଭେ ୱେବସାଇଟ୍ **https://bankauctions.in/** ମାଧ୍ୟମରେ ଏକ ସର୍ବସାଧାରଣ ଇ-ନିଲାମ ପରିଚାଳନା କରିବାକୁ ଯାଉଛୁ।

| ଆକାଉଣ୍ଟ ନଂ. ଏବଂ ଋଣଗ୍ରହୀତା/ ସହ-ଋଣଗ୍ରହୀତା/ମଟଗେଜରଙ୍କ ନାମ | ୧. ଡିମାଣ୍ଡ ନୋଟିସ୍ ତାରିଖ<br>୨. ଡିମାଣ୍ଡ ନୋଟିସ୍ ରାଶି<br>୩. ମୋଟ ବକେୟା ଋଣ<br>୪. ଦଖଲ ତାରିଖ | ସମ୍ପତ୍ତି/ ସମ୍ପତ୍ତି ଗୁଡ଼ିକର ବିବରଣୀ | କ) ସଂରକ୍ଷିତ ମୂଲ୍ୟ (ଆରପି)<br>ଖ) ଅମାନତ ରାଶି ଜମା (ଇଏମଡି)<br>ଗ) ବିଡ୍ ବର୍ଦ୍ଧିତ ରାଶି | କ) ଇ-ନିଲାମ ତାରିଖ ଓ ସମୟ<br>ଖ) ଅମାନତ ରାଶି ଜମା ଦେବା ଅନ୍ତିମ ତାରିଖ<br>ଖ) ଯାଞ୍ଚ ତାରିଖ |
|---|---|---|---|---|
| Loan A/c. No. : ML01FGH00000099331<br>୧. ରମେଶ କୁମାର ତ୍ରିପାଠୀ (ଆବେଦନକାରୀ) ପିତା-ହୃଷିକେଶ ତ୍ରିପାଠୀ ଅରଡା, ପୋ-ରାଣୀସରଡା, ଥାନା-ତରଭା, ଜିଲ୍ଲା-ସୋନପୁର, ପିନ୍-୭୬୭୦୨୦.<br>୨. ତପସ୍ୱିନୀ ତ୍ରିପାଠୀ (ସହ-ଆବେଦନକାରୀ) ସ୍ୱା-ହୃଷିକେଶ ତ୍ରିପାଠୀ ଅରଡା, ପୋ-ରାଣୀସରଡା, ଥାନା-ତରଭା, ଜିଲ୍ଲା-ସୋନପୁର, ପିନ୍-୭୬୭୦୨୦.<br>୩. ହରିପ୍ରିୟା ତ୍ରିପାଠୀ (ସହ-ଆବେଦନକାରୀ) ସ୍ୱା-ରମେଶ କୁମାର ତ୍ରିପାଠୀ ଅରଡା, ପୋ-ରାଣୀସରଡା, ଥାନା-ତରଭା, ଜିଲ୍ଲା-ସୋନପୁର, ପିନ୍-୭୬୭୦୨୦.<br>୪. ଆଦିତ୍ୟ ମାର୍କେଟ୍ କମ୍ପ୍ଲେକ୍ସ (ସହ-ଆବେଦନକାରୀ), ପ୍ଲଟ୍ ନଂ. ୧୫୫୩, ଖାତା ନଂ. ୧୦୬, ନାମିତ ହୋଇ ନ ଥିବା ରାସ୍ତା, ରାଣୀସରଡା, ଅରଡା, ସୋନପୁର, ପିନ୍-୭୬୭୦୨୦. | ୧. ୧୧.୦୨.୨୦୨୬<br>୨. ଟ.୫୨,୩୧,୧୮୬.୦୦/- ୧୧.୦୨.୨୦୨୬ ସୁଦ୍ଧା।<br>୩. ଟ.୫୮,୯୬,୪୦୪/- (ଅଠାବନ ଲକ୍ଷ ଛୟାନବେ ହଜାର ଚାରି ଶହ ଚାରି ଟଙ୍କା କେବଳ) ୩୦.୦୯.୨୦୨୬ ସୁଦ୍ଧା ଏହା ସହିତ ଏହା ଉପରେ ପରବର୍ତ୍ତୀ ସୁଧ, ଜୋରିମାନା ସୁଧ, ମୂଲ୍ୟ ଓ ଦେୟ ।<br>୪. ୨୬.୦୫.୨୦୨୬ (ସାଙ୍କେତିକ ଦଖଲ) | ସଂପତ୍ତିର ସମସ୍ତ ଅଂଶ: ଖାତା ନଂ. ୧୦୬, ପ୍ଲଟ୍ ନଂ. ୧୫୫୩, ଏରିଆ-ଏ ୦.୧୫୫୦ ଡେସିମିଲ, ପ୍ଲଟ୍ ନଂ. ୨୦୭୯, ଏରିଆ-ଏ ୦.୨୬୦୦ଡେସିମିଲ,ମୋଟ ଏରିଆ-ଏ ୦.୪୧୫୦ ଡେସିମିଲ, ମୌଜା-ଆରଡା ,ତହସିଲ-ତରଭା, ଥାନା-ତରଭା, ଜିଲ୍ଲା-ସୁବର୍ଣ୍ଣପୁର, ଓଡ଼ିଶା। | a) Rs. 94,00,000.00<br>b) Rs. 9,40,000.00<br>c) Rs. 1,00,000.00 | କ) ୦୩.୧୧.୨୦୨୬ ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୧.୦୦ ଘଣ୍ଟା (୩ ମିନିଟ୍‌ର ଅସୀମିତ ସଂପ୍ରସାରଣ ସହିତ)<br>ଖ) ୦୨.୧୧.୨୦୨୬ (ଅପରାହ୍ନ ୫.୩୦ ପର୍ଯ୍ୟନ୍ତ)<br>ଗ)୧୫.୧୦.୨୦୨୬ ଏବଂ ୧୬.୧୦.୨୦୨୬ (ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୧.୦୦ଘଣ୍ଟା) |
| Loan A/c. No. : HE01BHU00000086448<br>୧. ସୌଭାଗିନୀ ସ୍ୱାଇଁ (ଆବେଦନକାରୀ) ସ୍ୱା-ପ୍ରଦୀପ କୁମାର ସ୍ୱାଇଁ ଆନୁଆରୀ ଭିଟିସି, ଗୋପ, ମନ୍ଦିର ନିକଟ, ପୋ-ଆନୁଆରୀ, ଉପଜିଲ୍ଲା-ବାଙ୍କି, ଜିଲ୍ଲା-କଟକ, ଓଡ଼ିଶା, ପିନ୍-୭୫୪୦୦୯.<br>୨. ସ୍ୱାଧୀନ ସ୍ୱାଇଁ (ସହ-ଆବେଦନକାରୀ) ପିତା-ପ୍ରମୋଦ ସ୍ୱାଇଁ ଆନୁଆରୀ ଭିଟିସି, ଗୋପ, ମନ୍ଦିର ନିକଟ, ପୋ-ଆନୁଆରୀ, ଉପଜିଲ୍ଲା-ବାଙ୍କି, ଜିଲ୍ଲା-କଟକ, ଓଡ଼ିଶା, ପିନ୍-୭୫୪୦୦୯.<br>୩. ସୀତାରାମ ଏଣ୍ଟରପ୍ରାଇଜ୍ (ସହ-ଆବେଦନକାରୀ) ଆନୁଆରୀ ଭିଟିସି, ଗୋପ, ମନ୍ଦିର ନିକଟ, ପୋ-ଆନୁଆରୀ, ଉପଜିଲ୍ଲା-ବାଙ୍କି, ଜିଲ୍ଲା-କଟକ, ଓଡ଼ିଶା, ପିନ୍-୭୫୪୦୦୯.<br>୪. ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସହ-ଆବେଦନକାରୀ) ପିତା-ପ୍ରମୋଦ ସ୍ୱାଇଁ, ଏଲ୍-୨୯୨, ଫେଜ୍-୪, ଏଚ୍‌ବି କଲୋନୀ, ହାଇସ୍କୁଲ ନିକଟ, ଡୁମୁଡୁମା, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୯.<br>୫. ପ୍ରଦୀପ କୁମାର ସ୍ୱାଇଁ (ସହ-ଆବେଦନକାରୀ) ପିତା-ପ୍ରମୋଦ ସ୍ୱାଇଁ, ଆନୁଆରୀ ଭିଟିସି, ଗୋପ, ମନ୍ଦିର ନିକଟ, ପୋ-ଆନୁଆରୀ, ଉପଜିଲ୍ଲା-ବାଙ୍କି, ଜିଲ୍ଲା-କଟକ, ଓଡ଼ିଶା, ପିନ୍-୭୫୪୦୦୯. | ୧. ୧୭.୧୧.୨୦୨୫<br>୨. ଟ.୮୨,୪୪,୪୬୦.୦୦ ୧୫.୧୧.୨୦୨୬ ସୁଦ୍ଧା।<br>୩. ଟ. ୯୪,୯୩,୬୪୯.୦୦ (ଚଉରାନବେ ଲକ୍ଷ ତେୟାନବେ ହଜାର ଛଅ ଶହ ଅଣଚାଷ ଟଙ୍କା କେବଳ) ୩୦.୦୯.୨୦୨୬ ସୁଦ୍ଧା ଏହା ସହିତ ଏହା ଉପରେ ସୁଧ, ଜୋରିମାନା ସୁଧ, ମୂଲ୍ୟ ଓ ଦେୟ ପ୍ରକୃତ ପରିଶୋଧ ତାରିଖ ପର୍ଯ୍ୟନ୍ତ ।<br>୪. ୦୨.୦୨.୨୦୨୬ (ସାଙ୍କେତିକ ଦଖଲ) | ସଂପତ୍ତି ୧: ସଂପତ୍ତିର ସମସ୍ତ ଅଂଶ: ଖାତା ନଂ. ୨୨୭/୨୫୯, ପ୍ଲଟ୍ ନଂ. ୩୦୫, ଏରିଆ-ଏ ୦.୧୨୦ ଡେସିମିଲ, ସ୍ଥିତି: ଘରବାରି, ମୌଜା-ଗୋପ, ତହସିଲ-ବାଙ୍କି, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୦୯. ପରିସୀମା: ଉ-ରାସ୍ତା ଓ ପ୍ଲଟ୍ ନଂ. ୨୯୮, ଦ-ପ୍ଲଟ୍ ନଂ. ୩୦୬, ପୂ-ପ୍ଲଟ୍ ନଂ. ୩୦୪, ପ-ପ୍ଲଟ୍ ନଂ. ୨୬୯.<br>ସଂପତ୍ତି ୨: ସଂପତ୍ତିର ସମସ୍ତ ଅଂଶ: ଖାତା ନଂ. ୨୨୭/୨୪୬, ପ୍ଲଟ୍ ନଂ. ୨୬୯, ଏରିଆ ଏ୦.୨୨୦ ଡେସିମିଲ, ସ୍ଥିତି: ଘରବାରି, ମୌଜା-ଗୋପ, ତହସିଲ-ବାଙ୍କି, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୦୯. ପରିସୀମା: ଉ-ପ୍ଲଟ୍ ନଂ. ୨୭୦, ଦ-ପ୍ଲଟ୍ ନଂ. ୨୬୭, ପୂ-ରାସ୍ତା, ପ-ପ୍ଲଟ୍ ନଂ. ୨୬୭, ୨୬୮, ୨୭୦ ଏବଂ ୨୭୨. | a) Rs. 77,00,000.00<br>b) Rs. 7,70,000.00<br>c) Rs. 1,00,000.00 | କ) ୦୩.୧୧.୨୦୨୬ ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୧.୦୦ ଘଣ୍ଟା (୩ ମିନିଟ୍‌ର ଅସୀମିତ ସଂପ୍ରସାରଣ ସହିତ)<br>ଖ) ୦୨.୧୧.୨୦୨୬ (ଅପରାହ୍ନ ୫.୩୦ ପର୍ଯ୍ୟନ୍ତ)<br>ଗ)୧୫.୧୦.୨୦୨୬ ଏବଂ ୧୬.୧୦.୨୦୨୬ (ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୧.୦୦ଘଣ୍ଟା) |

୧. ସମସ୍ତ ଇଚ୍ଛୁକ ଅଂଶଗ୍ରହଣକାରୀ/ନିଲାମଧାରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ https://bankauctions.in ଏବଂ www.cholamandalam.com/news/auction-notices ଦେଖନ୍ତୁ। ସମ୍ପୂର୍ଣ୍ଣ ବିବରଣୀ, ସାହାଯ୍ୟ, ପ୍ରକ୍ରିୟା ଏବଂ ଇ-ନିଲାମ ଉପରେ ଅନ୍‌ଲାଇନ୍ ଟ୍ରେନିଂ ପାଇଁ ଆଶାୟୀ ନିଲାମଧାରୀମାନେ ଶ୍ରୀ ମୁହମ୍ମଦ ରହୀସ୍-ମୋ ନଂ. ୮୧୨୪୦ ୦୦୦୩୦/୬୩୭୪୮ ୪୫୬୧୬, ଏମ/ଏସ 4 closure: ରେଖା, ମୋ ନଂ. : ୮୧୪୨୦୦୦୦୬୨, ଇ-ମେଲ୍ : CholaAuctionLAP@chola.murugappa.com ରେ ଯୋଗାଯୋଗ କରିପାରିବେ।
୨. ଇ-ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ଦୟାକରି ସର୍ତ୍ତାବଳୀର ଅଧିକ ବିବରଣୀ ପାଇଁ https://bankauctions.in ଏବଂ www.cholamandalam.com/news/auction-notices ଦେଖନ୍ତୁ।

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ ରୁଲ୍ସ-୨୦୦୨) ର ରୁଲ ୯(୧) ଅନୁଯାୟୀ ଏହା ମଧ୍ୟ ୧୫ ଦିନର ଏକ ବୈଧାନିକ ବିକ୍ରୟ ବିଜ୍ଞପ୍ତି**

ତାରିଖ : ୦୬.୧୦.୨୦୨୬,
ସ୍ଥାନ : ସୋନପୁର, କଟକ (ଓଡ଼ିଶା)

କ୍ଷମତାପ୍ରାପ୍ତ ଅଧିକାରୀ
ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍

# ୧୦ରେ ସମ୍ବଲପୁର ଜିଲ୍ଲାବ୍ୟାପୀ ସ୍ୱଚ୍ଛତା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ



ସମ୍ବଲପୁର, ୫/୧୦(ନିପ୍ର): ସ୍ୱଚ୍ଛତା ଆମ ଜୀବନଶୈଳୀ, ସଂସ୍କାର ଓ ସାମାଜିକ ଦାୟିତ୍ୱର ଅଂଶ ଏହାକୁ ଜନ ଆନ୍ଦୋଳନ ରେ ପରିଣତ କରି ସମ୍ବଲପୁରକୁ ସ୍ୱଚ୍ଛ, ସୁନ୍ଦର, ଆବର୍ଜନାମୁକ୍ତ ଓ ସୁସ୍ଥ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। 'ସେବା ସଂକଳ୍ପ ଅଭିଯାନ' ଅବସର ରେ ଏକ ଭିଡିଓ ବାର୍ତ୍ତା ଜରିଆ ରେ ଶ୍ରୀ ପ୍ରଧାନ ଆସନ୍ତା ୧୦ ତାରିଖ ସକାଳେ ସମଗ୍ର ଜିଲ୍ଲାରେ ହେବାକୁ ଥିବା ସ୍ୱଚ୍ଛତା ଅଭିଯାନ ରେ ସମସ୍ତଙ୍କୁ ସାମିଲ ହେବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି, ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ସ୍ୱଚ୍ଛତା ଓ ପବିତ୍ରତାକୁ ସର୍ବଦା ପ୍ରାଥମିକତା ଦିଆଯାଇଛି। 'ଲକ୍ଷ୍ମୀ ପୁରାଣ'ରେ ମଧ୍ୟ ସ୍ୱଚ୍ଛତା ସହ ମା' ଲକ୍ଷ୍ମୀଙ୍କ ବାସକୁ ଯୋଡ଼ାଯାଇଛି। ପୂଜ୍ୟ ବାପୁ ମହାତ୍ମା ଗାନ୍ଧୀ ନିଜେ ସଫେଇ କାର୍ଯ୍ୟରେ ସାମିଲ ହୋଇ ଦେଶବାସୀଙ୍କୁ ସ୍ୱଚ୍ଛତାର ଆଦର୍ଶ ଦେଖାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସ୍ୱଚ୍ଛତା ହିଁ ସେବା' ଆହ୍ୱାନକୁ ସାକାର କରିବା ପାଇଁ ପ୍ରତ୍ୟେକ ନାଗରିକ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ଆବଶ୍ୟକ। ସମ୍ବଲପୁର ମା' ସମଲେଶ୍ୱରୀ ଙ୍କ ପବିତ୍ର କ୍ଷେତ୍ର, ବୀର ସୁରେନ୍ଦ୍ର ସାଏଙ୍କ ମାଟି ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାଧନା ପୀଠ। ଏହି ଐତିହ୍ୟସମ୍ପନ୍ନ ମାଟିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସମସ୍ତଙ୍କ ପରମ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଅଭିଯାନ ରେ ସମ୍ବଲପୁରର ପ୍ରତ୍ୟେକ ନାଗରିକ, ଯୁବବର୍ଗ, ମା' ଓ ଭଉଣୀ, ଜନପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇ ନିଜ ଗାଁ, ପଡ଼ା, ୱାର୍ଡ ଓ ସାଧାରଣ ସ୍ଥାନଗୁଡ଼ିକୁ ସଫା କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ସମସ୍ତଙ୍କ ସହ ଭାଗିତା ରେ ସ୍ୱଚ୍ଛତାକୁ ଜନ ଆନ୍ଦୋଳନର ରୂପ ଦେଇ ସମ୍ବଲପୁର କୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ଜିଲ୍ଲାରେ ପରିଣତ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

# ଜନ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୫.୦୯.(ନିପ୍ର):ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁଣ୍ଡ ଯୋଗଦେଇ ୪୬ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୩୮ ଟି ବ୍ୟକ୍ତିଗତ ଏବଂ ୮ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ରାସ୍ତା ନିର୍ମାଣ,ଜମି ବାଡ଼ି ବିବାଦ, ଜମିର ପଟ୍ଟା, ନୂତନ ବିଦ୍ୟାଳୟ ଗୃହ ନିର୍ମାଣ,୦.୦୪ ଜମିର ପଟ୍ଟା, ଇଲେଟ୍ରି ସମସ୍ୟା , ଓ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଜିନ୍ଦଲ ଷ୍ଟେନଲେସ୍–ଆଇଓସିଏଲ୍ ଲୁବ୍ରିକାଣ୍ଟ ସହଭାଗିତାର ନବୀକରଣ




ଭୁବନେଶ୍ୱର,୫।୧୦(ନିପ୍ର): ଜିନ୍ଦଲ ଷ୍ଟେନଲେସ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ସେମାନଙ୍କ ଲୁବ୍ରିକାଂଟ ଭେଣ୍ଡର ମ୍ୟାନେଜ୍ଡ ଇନଭେଣ୍ଟରି (ଭିଏମ୍ଆଇ) ସହଭାଗିତାକୁ ଆଉ ୫ବର୍ଷ ପାଇଁ ନବୀକରଣ କରିଛନ୍ତି। ଏହା ଦ୍ୱାରା ଉଭୟ ସଂସ୍ଥା ମଧ୍ୟରେ ସହଯୋଗ ଆହୁରି ମଜଭୁତ ହେବ। କମ୍ପାନୀର ହିସାର ୟୁନିଟରେ ଏକ ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷର ସମାରୋହ ଆୟୋଜିତ ହୋଇଥିଲା। ଇଣ୍ଡିଆନ୍ ଅଏଲର ଉତ୍ତରାଞ୍ଚଳ, ରାଜ୍ୟ ମୁଖ୍ୟ ଡିଏସଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେମନ୍ତ ରାଠୋର ଏବଂ ଜିନ୍ଦଲ ଷ୍ଟେନଲେସର ହିସାର ୟୁନିଟ ମୁଖ୍ୟ ବିଜୟ ବିନ୍ଦଲିଶ ଏହି ସମାରୋହକୁ ସମ୍ମାନିତ କରିଥିଲେ। ଏ ନେଇ ଜିନ୍ଦଲ ଷ୍ଟେନଲେସ୍ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଇଣ୍ଡିଆନ୍ ଅଏଲ ସହିତ ଆମର ନିରନ୍ତର ସହଯୋଗର ମୂଲ୍ୟକୁ ପ୍ରତିଫଳିତ କରେ। ଆଉ ୫ ବର୍ଷ ପାଇଁ ଏହି ବ୍ୟବସ୍ଥାର ନବୀକରଣ ଏହି ସମ୍ପର୍କକୁ ଆହୁରି ଦୃଢ଼ କରୁଛି। ଅଇଓସିଏଲ୍ର ଶ୍ରୀ ରାଠୋର କହିଛନ୍ତି, ଇଣ୍ଡିଆନ୍ ଅଏଲ କର୍ପୋରେସନ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ମଧ୍ୟରେ ଏକ ଦୀର୍ଘଦିନର ଏବଂ ମୂଲ୍ୟବାନ ସମ୍ପର୍କ ରହିଛି। ଆଉ ୫ ବର୍ଷ ପାଇଁ କଞ୍ଜ୍ୟୁମର୍ସ ଅପରେଟେଡ୍ ଲୁବ୍ ଡିପୋ (ସିଓଏଲଡି) ଚୁକ୍ତିର ନବୀକରଣ ଏହି ଦୀର୍ଘସ୍ଥାୟୀ ସହଭାଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପାରସ୍ପରିକ ବିଶ୍ୱାସ, ନିର୍ଭରଯୋଗ୍ୟତା ଓ ମିଳିତ ଲକ୍ଷ୍ୟ ଉପରେ ଆଧାରିତ ଏହି ସହଯୋଗ ଉଭୟ ସଂସ୍ଥା ପାଇଁ ଏକ ପ୍ରକୃତ ଲାଭଦାୟକ ବ୍ୟବସ୍ଥା।

# କେନ୍ଦ୍ରୀୟ ପୂଜା କମିଟିର ନିର୍ବାଚନ

## ବିରେନ୍ଦ୍ର ନାରାୟଣ ସ୍ୱାଇଁ ସାଧାରଣ ସଂପାଦକ

ରାଉରକେଲା ୫/୧୦(ନିପ୍ର) ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀ ପୂଜାର ସୁପରିଚାଳନା ନିମନ୍ତେ ଗଠିତ କେନ୍ଦ୍ରୀୟ ପୂଜା କମିଟି,(ସିପିସି) ରାଉରକେଲାର ୨୦୨୬–୨୭ ବର୍ଷ ପାଇଁ ନିର୍ବାଚନ ରବିବାର ଦିନ ପିଏଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।୨୦୨୬ /୨୭ ବର୍ଷ ପାଇଁ ସାଧାରଣ ସମ୍ପାଦକ ବିରେନ୍ଦ୍ର ନାରାୟଣ ସ୍ୱାଇଁ ଭାବରେ ନିର୍ବାଚିତ ହୋଇଛନ୍ତି ଶ୍ରୀ ସ୍ୱାଇଁ ୧୯୦ ଖଣ୍ଡ ଭୋଟ ପାଇ ବିଜୟ ହୋଇଛନ୍ତି ତାଙ୍କର ପ୍ରତିଦ୍ୱନ୍ଦୀ ବିରାଜ ମୋହନ ବିଶ୍ବାଳ ୮୩ ଖଣ୍ଡ ଭୋଟ ପାଇଥିବା ବେଳେ ୧୨ଟି ଭୋଟ ନାକଚ ହୋଇଛି ସେହିପରି ବିଶ୍ୱନାଥ ଦେ (ସିପିସି) କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ରବିବାର ସକାଳ ୯ ଘଟିକାରୁ ୩ ଘଟିକା ପର୍ଯ୍ୟନ୍ତ ଆଇଟିଡିଏ ସମ୍ମିଳନୀ କକ୍ଷରେ ମତଦାନ ହୋଇଥିଲା ସେଥିରେ ବିଭିନ୍ନ ପୂଜା କମିଟିର ମୋଟ ୨୯୮ଜଣ ସଦସ୍ୟ ଭୋଟ ଦେଇଥିଲେ। ଏହାପରେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡେପୁଟୀ କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା, (ସିପିସି) ରିଟର୍ଣ୍ଣିଂ ଅଧିକାରୀ ତଥା ରାଉରକେଲା ତହସିଲଦାର ସାଲମି ମାଝୀଙ୍କ ଉପସ୍ଥିତିରେ ଅପରାହ୍ନ ୪ଟା ସମୟରେ ଭୋଟ ଗଣତି କରାଯାଇଥିଲା।

# ରେଙ୍ଗାଲିରେ ନୂଆଁଖାଇ ଜୁହାର ଭେଟ



ରେଙ୍ଗାଲି, ୫/୧୦(ନିପ୍ର): ରେଙ୍ଗାଲି ଆମ୍ବେଦକର ବାଇପାସ ଛକ ଠାରେ ଜୁହାର ଭେଟ କମିଟି ପକ୍ଷରୁ ପ୍ରଥମଥର ପାଇଁ ନୂଆଁଖାଇ ଜୁହାର ଭେଟ ପର୍ବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। କମିଟି ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମା' ସମଲେଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇ ଥିଲା। ଭଜନ ପରିବେଷଣ ରେ ପରିବେଶ ଆଧ୍ୟାତ୍ମିକ ହୋଇ ଉଠିଥିଲା। ଶିକ୍ଷାବିତ୍ ସୁବାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ପୂର୍ବତନ ବିଧାୟକ ନାଉରି ନାୟକ, ଦୁର୍ଯ୍ୟୋଧନ ଗର୍ଡ଼ିଆ, ଆଦିତ୍ୟ ବିର୍ଲାର ମୁଖ୍ୟ ନିମାଇ ପଣ୍ଡା, ଅମରେଶ ପଣ୍ଡା, ଦିଲୀପ ତୁରିଆ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଓ ଡ. ନରେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନେ ଦଳମତ ନିର୍ବିଶେଷ ରେ ଏଭଳି ଜୁହାର ଭେଟ ଆୟୋଜନ କରାଯାଇ ଥିବାରୁ କମିଟିକୁ ପ୍ରଶଂସା କରିବା ସହ ଭାଷା, ସଂସ୍କୃତି ଓ ପରମ୍ପରା ର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସର ରେ କବି ଉତ୍ତମ ପ୍ରଧାନଙ୍କ ସମ୍ବଲପୁରୀ ପୁସ୍ତକ 'ଗାଁରେ ତ୍ରିନାଥ ମେଳା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟା ରେ ବରଗଡ଼ର ଦିବ୍ୟ ରୂପା କଳା ପରିଷଦର କଳାକାରଙ୍କ ପରିବେଷଣ ସହ ହାସ୍ୟକବି ଗୁନରଞ୍ଜନ ସାଲମା, ଦେବେନ୍ଦ୍ର ସାହୁ, ଭରତ ନାୟକ, ଲଳିତ ସାହୁ ଓ ଶ୍ରୀଷ୍ଟ ଦାସଙ୍କ ମେଲୋଡି ସଙ୍ଗୀତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏହାକୁ ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର କଳାପ୍ରେମୀ ଉପଭୋଗ କରିଥିଲେ। ମନୋଜ ନାୟକ ଓ ଗଗନ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ସୁରୁଚି ମହିଳା ଉଦ୍ୟୋଗୀଙ୍କୁ ଅଭିମୁଖୀକରଣ ଓ କିଟ୍ ଆବଣ୍ଟନ



ଭୁବନେଶ୍ୱର, ୫।୧୦(ନିପ୍ର): ମହିଳା ରାସ୍ତାକଡ ଉଠା ଦୋକାନୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଏଚ୍ବିଟି–ଅର୍ବାନ୍ କମ୍ୟୁନିଟି ଡେଭେଲପମେଣ୍ଟ ଆଣ୍ଡ୍ ଆକ୍ସନ ପ୍ରୋଗ୍ରାମ (ୟୁସିଡିଏପି) ଅଧୀନରେ ସୁରୁଚି ମହିଳା ଉଦ୍ୟୋଗୀ ଓରିଏଣ୍ଟେସନ (ଅଭିମୁଖୀକରଣ) ଏବଂ କିଟ୍ ଆବଣ୍ଟନ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ୱାର୍ଡ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। କିଟ୍ରେ ଛତା, ଦୁଇଟି ଡଷ୍ଟବିନ୍, ଦୁଇଟି ରୋଷେଇ ଆପ୍ରୋନ୍ ହେଡ୍ କ୍ୟାପ୍ର ଏକ ପ୍ୟାକ୍, ଦୁଇଟି ଡଷ୍ଟବିନ୍ ଟ୍ରାଶ୍ ବ୍ୟାଗ ପ୍ୟାକ୍, ହାତ ଗ୍ଲୋଭସ୍ର ଏକ ପ୍ୟାକ୍ ଏବଂ ଡିସ୍ପ୍ଲେ ବୋର୍ଡ ଆଦି ରହିଥିଲା। ହମାରା ବଚ୍ପନ ଟ୍ରଷ୍ଟ (ଏଚ୍ବିଟି) ଏକ ଅଣ ଲାଭଜନକ ସଂଗଠନ ଯାହା ସମସ୍ତଙ୍କ ପାଇଁ ନିରାପଦ, ସ୍ୱାସ୍ଥ୍ୟକର ଏବଂ ଅଧିକ ସମାନତାଭିତ୍ତିକ ଗୋଷ୍ଠୀ ନିର୍ମାଣ ଉପରେ ଦୃଷ୍ଟିନିବଦ୍ଧ ସହିତ ଶିଶୁ ଅଧିକାର, ମହିଳା ସଶକ୍ତିକରଣ, ସମାବେଶୀ ସହରାଞ୍ଚଳ ବିକାଶ ଏବଂ ଗୋପନ ଟ୍ରଷ୍ଟ ପକ୍ଷରୁ ମହିଳା ରାସ୍ତାକଡ ଉଠା ଖାଇବା ଦୋକାନୀଙ୍କ ନିମନ୍ତେ ଆରମ୍ଭ କରାଯାଇଥିବା ସୁରୁଚି ଇନିସିଏଟିଭ୍ ସାମର୍ଥ୍ୟ ନିର୍ମାଣ, ବ୍ରାଣ୍ଡିଂ, ଉନ୍ନତ ସ୍ୱାସ୍ଥ୍ୟରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଅଭ୍ୟାସସମୂହ ତଥା ବଜାର ସଂଯୋଗୀକରଣକୁ ସୁଗମ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି । ସିଏସ୍ଆର ପ୍ରୟାସ ଭାବରେ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ (ଡିଇଏସ୍ପିଏଲ) ସମର୍ଥନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ଜୀବିକା ଉପାର୍ଜନକୁ ସୁଦୃଢ଼ କରିବା, ବ୍ୟବସାୟିକ ଦୃଶ୍ୟମାନରେ ଉନ୍ନତି ଆଣିବା ଏବଂ ଗ୍ରାହକଙ୍କ ବିଶ୍ୱାସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ୨୦୨୬ ମାର୍ଚ୍ଚ ୩୧ ତାରିଖରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପରିଚୟ କରି ଗଢିତୋଳିବା ସୁନିଶ୍ଚିତ କରିବାକୁ ଚାହୁଁଛି। ଏହିପର୍ଯ୍ୟାୟରେ ଏଚ୍ବିଟି ସୁରୁଚି କାର୍ଯ୍ୟକ୍ରମ ଜରିଆରେ ୨୦୦ ମହିଳା ଉଦ୍ୟୋଗୀଙ୍କୁ ସମର୍ଥନ ଯୋଗାଇ ଦେଇଥିଲା।ପୂର୍ବ ପର୍ଯ୍ୟାୟଗୁଡିକରେ ସମର୍ଥନ ଲାଭ କରିଥିବା କିଛି ମହିଳା ସମ୍ପ୍ରତି ସମର୍ଥନ ଦିଆଯାଉଥିବା ମହିଳାମାନଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ପ୍ରେସିଡେଣ୍ଟ ରୋଟାରିଆନ୍ ସ୍ୱରାଜ ମହାନ୍ତି, ରୋଟାରୀ କ୍ଲବ ଅଫ ଭୁବନେଶ୍ୱରର ଡ.ନିବେଦିତା ପାଣି, ହମାରା ବଚ୍ପନ ଟ୍ରଷ୍ଟର ପ୍ରତିଷ୍ଠାତାସେକ୍ରେଟାରୀ ଧରିତ୍ରୀ ପଟ୍ଟନାୟକ, କର୍ପୋରେଟର ରାମ ଚନ୍ଦ୍ର ରଣସିଂହ ପ୍ରମୁଖ ଯୋଗଦେଇଥିଲେ। ଅତିଥିଗଣ ମହିଳା ଉଠା ଦୋକାନୀଙ୍କୁ ସେମାନଙ୍କ ପ୍ରୟାସ ପାଇଁ ପ୍ରଶଂସା କରିଥିଲେ।

# ଇନ୍ଦୋରରୁ ପୁରୀ ଆସୁଥିବା କାର ଦୁର୍ଘଟଣାଗ୍ରସ୍ତ: ବୃଦ୍ଧ ମୃତ, ୬ ଆହତ

ବିଜେପୁର,୫।୧୦(ନିପ୍ର): ଜଗନ୍ନାଥ ଦର୍ଶନ ପାଇଁ ଇନ୍ଦୋରରୁ ପୁରୀ ଯାଉଥିବା ଏକ ପରିବାର ବରଗଡ଼ ଜିଲ୍ଲା ସୋହେଲା–ମଧୁପୁର ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେମାନେ ଯାଉଥିବା କାର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିପଡ଼ିବାରୁ ଦେବେନ୍ଦ୍ର ଗିରି (୬୧)ଙ୍କର ମୃତ୍ୟୁ ଘଟିଛି। ଏଥିରେ ପରିବାରର ଜଣେ ଶିଶୁ ସମେତ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସୋହେଲାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଆହତଙ୍କ ମଧ୍ୟରୁ ୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବରଗଡ଼ ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଗାୟତ୍ରୀ ଗିରି (୫୨), ମିତେଶ ଗିରି (୩୧), ଖୁସି ଗୋସ୍ୱାମୀ (୨୫), ସମେରା ପାଦିଦାର (୭), ପୂଜା ଗୋସ୍ୱାମୀ (୨୧) ଏବଂ ଗ୍ରିଶିକ୍ସ ଗିରି(୧)।ଏହାକୁନେଇ ସୋହେଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି

# ବିଜେପିରେ ଯୋଗଦେଲେ ବିଜେଡି ନେତାଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ସମର୍ଥକ



ବରଗଡ଼,୫।୧୦(ନିପ୍ର): ଭାରତୀୟ ଜନତା ପାର୍ଟିର ନୀତି, ଆଦର୍ଶ ଓ କଲ୍ୟାଣମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତର ବିଜେଡି ଯୁବ ସଭାପତି ଦେବାଶିଷ ପଟ୍ଟନାୟକଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଯୁବକ ବିଜେପିରେ ଯୋଗଦାନ କରିଛନ୍ତି। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତିରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ନବାଗତମାନେ ଦଳରେ ସାମିଲ ହୋଇଥିଲେ। ଏହି ଅବସରରେ ସାଂସଦ ଶ୍ରୀ ପୁରୋହିତ ନବାଗତମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିବା ସହ ବିଜେପିକୁ ଆହୁରି ସୁଦୃଢ଼ କରିବା ଦିଗରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ବିନା ଅନୁମତିରେ ଗୋଦାମ ନିର୍ମାଣ

କଣ୍ଟାବାଞ୍ଜି, ୫।୧୦(ନିପ୍ର) ନିୟମ ରହିଛି ପଂଚାୟତ ଅଂଚଳରେ ଯେକୌଣସି ବଡ଼ ନିର୍ମାଣ କରିବା ପୂର୍ବରୁ ସ୍ଥାନୀୟ ପଂଚାୟତ ସମିତି କିମ୍ବା ସମ୍ବନ୍ଧିତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ହୋଇଥାଏ କିନ୍ତୁ କୌଣସି ନିୟମ ଆଇନ ନମାନି ନିଜ ସ୍ୱାର୍ଥପରତା ଉଦ୍ଦେଶ୍ୟକୁ ଆଗକୁ ରଖି ପଂଚାୟତ ଟିକସ ଫାଙ୍କିବା ଭଳି ଅଭିଯୋଗ ହୋଇଛି। ଗୋଦାମ ଗୃହ ପଂଚାୟତ ଅନୁମତି ନଥାଇ ନିର୍ମାଣ ହୋଇଥିବାରୁ ବେଆଇନ ବୋଲି କହିଛନ୍ତି ସରପଞ୍ଚ ପ୍ରତିନିଧି ପପି ସୁନା।

# ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରାକୁ ସଫଳ କରିବାକୁ ନେଇ ପ୍ରସ୍ତୁତି ବୈଠକ



ବଲାଙ୍ଗୀର ୦୫/୧୦ ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରାକୁ ସଫଳ କରିବା କୁ ନେଇ ଆସନ୍ତା ୭ ତାରିଖ ପାଇଁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଏବଂ ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।ସେବା ଜ୍ୟୋତି ଯାତ୍ରା ଉପଲକ୍ଷେ ପଥରଚେପା ଛକକୁ ସେବା ଜ୍ୟୋତି ଛକ ଭାବେ ନାମକରଣ କରାଯିବା ସହ ଏକ ଭବ୍ୟ ବାଇକ୍? ରାଲି ଓ ମଶାଲ ପଦଯାତ୍ରା ଅନୁଷ୍ଠିତ ହେବ । ଏହି ରାଲି କୋଶଳ କଳା ମଣ୍ଡଳ ପର୍ଯ୍ୟନ୍ତ ଆୟୋଜିତ ହେବ । କୋଶଳ କଳା ମଣ୍ଡଳରେ ରାଲି ପହଞ୍ଚିବା ପରେ ଆଭାସୀ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ମଶାଲ ଯାତ୍ରା ବଲାଙ୍ଗୀର ଜିଲ୍ଲାର ପ୍ରମୁଖ ୫ଟି ନିର୍ବାଚନ ମଣ୍ଡଳୀରୁ ବାହାରି ଆସିବ ।ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରି ଓମ୍ ଶମ୍ଭୁ ନାରାୟଣ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, କ୍ରୀଡ଼ା ଛାତ୍ରାବାସ ଅଧିକ୍ଷକ ପରାଶର ବାଗ, ପୌରପାଳିକା ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତିଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନର କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଯୋଗଦେଇ ଯାତ୍ରାର ରୂପରେଖ, ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

# ଇଣ୍ଡିମେଣ୍ଟ ପକ୍ଷରୁ ସିଇସିଙ୍କ ଗିରଫ ଦାବି




ରାୟଗଡ /ଗୁଣୁପୁର ୫।୧୦(ନିପ୍ର): ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଗିରଫ ଦାବିରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆସନ୍ତା ୮ରେ ବନ୍ଦ ପାଳନ କରାଯାଉଛି। ଏଥିପାଇଁ ଗୁଣୁପୁର ସଦର ଡାକ ବଙ୍ଗଳା ଠାରେ ସୋମବାର ଇଣ୍ଡିମେଣ୍ଟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଅବିଳମ୍ବେ ବହିଷ୍କାର ଓ ଗିରଫ ସହିତ ଏସଆଇଆର ବନ୍ଦ, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କ ଭୋଟ ଦାନ ଅଧିକାର ପୁନଃ ସ୍ଥାପିତ କରିବା, ନିର୍ବାଚନ ଆୟୋଗର ସ୍ୱାଧୀନ ଏବଂ ଗଣତାନ୍ତ୍ରିକ କାର୍ଯ୍ୟ ପ୍ରଣାଳୀକୁ ପୁନଃ ସ୍ଥାପିତ କରିବା ଇତ୍ୟାଦି ନେଇ ଦାବି କରାଯାଇଛି। ଏଥିର ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସିପିଆଇ (ଏମ୍ଏଲ)ର ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଅନାସିମ ଶବର, ଜଗନ୍ନାଥ ଶବର, କଂଗ୍ରେସ ନେତା ଶଙ୍କର ସେନ ମଙ୍ଗରାଜ, ସନ୍ତୋଷୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ଓଡିଶା ବନ୍ଦ ସଫଳ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି।

# ଶାରଦୀୟ ଦୁର୍ଗା ପୂଜା ପାଇଁ ଜୋରଦାର ପ୍ରସ୍ତୁତି

## ମୂର୍ତ୍ତି ଗଢୁଛନ୍ତି ବଙ୍ଗୀୟ କାରିଗର, କାର୍ଯ୍ୟସୂଚୀ ଚୂଡାନ୍ତ



ଜି.ଉଦୟଗିରି,୫।୧୦(ନିପ୍ର): ପାଖେଇ ଆସୁଛି ଦୁର୍ଗାପୂଜା।ବହୁ ପୁରାତନ ସ୍ଥାନୀୟ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। କମିଟି ସଭାପତି ଅରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି। ମା ଙ୍କ ମୂର୍ତ୍ତି ବଙ୍ଗୀୟ କାରିଗରଙ୍କ ଦ୍ୱାରା ଗଢ଼ା ଚାଲିଥିବା ବେଳେ ସୁଉଚ୍ଚ ତୋରଣ ନିର୍ମାଣ କରାଯାଉଛି। ଜି.ଉଦୟଗିରି ଅଞ୍ଚଳରେ ଏକମାତ୍ର ଉକ୍ତ ପୂଜା କମିଟି ପକ୍ଷରୁ ଦୁର୍ଗା ପୂଜା ଆୟୋଜିତ ହୋଇଆସୁଛି। ଅଧିଷ୍ଠାତ୍ରୀ ଦେବୀ ମାଆ ବରାଳିନୀଙ୍କୁ ଆବାହନ କରାଯିବା ପରମ୍ପରା ଥିବାରୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥାନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ମୁଖ୍ୟ ଆକର୍ଷଣ ହୋଇଥାଏ। ଶାରଦୀୟ ଦୁର୍ଗା ପୂଜା ପାଇଁ ନୀତି ନିର୍ଘଣ୍ଟ ପ୍ରକାଶ କରାଯାଇଛି। ଚଳିତ ମାସ ୧୬ ତାରିଖରେ ବିଲ୍ୱବରଣ ଏବଂ ଷଷ୍ଠୀ ପୂଜା, ୧୭ରେ ମହାସପ୍ତମୀ,୧୮ ମହାଅଷ୍ଟମୀ ପୂଜା , ୧୯ ରେ ମହାନବମୀ ପୂଜା, ୨୦ ରେ ଦଶହରା ଓ ଘଟ ବିସର୍ଜନ ହେବ। ୨୧ ଓ ୨୨ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୩ ତାରିଖରେ ମାଆଙ୍କୁ ଶୋଭାଯାତ୍ରାରେ ନିଆଯାଇ ଭସାଣି କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଭଉଣୀକୁ ଏମକେସିଜି ମେଡିକାଲ ନେଇ ଯାଇଥିବା ଭାଇ ନିଖୋଜ



ବନ୍ଧୁଗାଁ,୫।୧୦(ନିପ୍ର): ବନ୍ଧୁଗାଁ ବ୍ଲକ ଗାଡ଼ିଡି ପଞ୍ଚାୟତ ଉଡୁକାପାଡୁ ଗ୍ରାମର ଜଣେ ଯୁବକ ଭଉଣୀକୁ ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ନେଇ ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଗତ ମାସ ୨୦ ତାରିଖରେ ଭଉଣୀର ଅଧିକ ଚିକିତ୍ସା ପାଇଁ ସାନ ଭାଇ ସନ୍ତୋଷ ବିଡ଼ିକା (୨୨ ) ଓ ବଡ ଭାଇ ବିଜୟ ପିଡିକା (୩୪) ବ୍ରହ୍ମପୁର ଏମକେସିଜି ମେଡିକାଲକୁ ନେଇଥିଲେ। ଭଉଣୀର ଚିକିତ୍ସା ଚାଲିଥିବ ବେଳେ ୨୧ ତାରିଖ ମଧ୍ୟାହ୍ନ ୨.୩୦ରୁ ବିଜୟ ନିଖୋଜ ହୋଇ ଯାଇଛନ୍ତି। ପରିବାର ସଦସ୍ୟମାନେ ମେଡିକାଲ ଓ ଅନେକ ସ୍ଥାନରେ ଖୋଜା ଖୋଜି କରିବା ପରେ ବିଜୟକୁ ପାଇ ନ ଥିଲେ। ସାନ ଭାଇ ସନ୍ତୋଷ ବିଡିକା ଏ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ ବିଜୟ ବିଡିକାଙ୍କର ଖୋଜ ଖବର ନ ଥଇବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ପରିବାର ପକ୍ଷରୁ ପୁଣି ବନ୍ଧୁଗାଁ ଥାନାରେ ଅଭିଯୋଗ କରାଯାଇଛି। କେହି ଯଦି ବିଜୟଙ୍କର ସନ୍ଧାନ ପାଆନ୍ତି ତେବେ ଫୋନ ନଂ ୯୮୬୧୫୬୩୫୦୭ ଓ ୯୩୪୮୧୧୨୩୭୪ କିମ୍ବା ନିକଟସ୍ଥ ଥାନାରେ ଜଣାଇବା ପାଇଁ ପରିବାରବର୍ଗ ଅନୁରୋଧ କରିଛନ୍ତି।

# ପାର୍ବଣ ପୂର୍ବରୁ କୁଟିଆ ବିଦେଶୀ ମଦ ମହଜୁଦ

## ଆଖି ବୁଜି ବସିଛନ୍ତି ଅବକାରୀ ଓ ପୋଲିସ ବିଭାଗ

ବୌଦ୍ଧ,୫।୧୦(ନିପ୍ର): ଦଶହରା ପାଖେଇ ଆସୁଥିବା ବେଳେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଅଞ୍ଚଳରେ ବେଆଇନ ମଦ ବେପାର ଶିଖର ଛୁଇଁବାରେ ଲାଗିଛି। ଶାନ୍ତିପ୍ରିୟ ଅଞ୍ଚଳ ଭାବେ ପରିଚିତ ବାଉଁଶୁଣୀରେ ଏବେ ଅସାମାଜିକ ତତ୍ତ୍ୱ ଓ ମଦୁଆଙ୍କ ଉପଦ୍ରବ ବୃଦ୍ଧି ପାଇବା ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛକ ବଜାର, ଢାବାରୁ ଗଳିକନ୍ଦି ପର୍ଯ୍ୟନ୍ତ କୁଟିଆ ବେପାରୀମାନେ ପାର୍ବଣ ବେପାର ପାଇଁ ବିପୁଳ ବିଦେଶୀ ମଦ ମହଜୁଦ କରି ରଖୁଛନ୍ତି। ବିଦେଶୀ ମଦ ଦୋକାନୀମାନେ ବିଭିନ୍ନ ଢାବା ଓ କୁଟିଆ ଦୋକାନୀମାନଙ୍କୁ ବିଦେଶୀ ମଦ ଯୋଗାଉଛନ୍ତି। ହେଲେ ଅବକାରୀ ଓ ପୋଲିସ ବିଭାଗ ସବୁ ଜାଣିଶୁଣି ଆଖିବୁଜି ବସିଥିବା ଅଭିଯୋଗ ହେଉଛି। ସରକାରୀ ଗାଇଡଲାଇନ୍ ଅନୁଯାୟୀ, କୌଣସି ବିଦେଶୀ ମଦ ଦୋକାନ ଜାତୀୟ ରାଜପଥର ୫୦୦ ମିଟର ପରିସର ମଧ୍ୟରେ ରହିବା ଅନୁଚିତ। ମାତ୍ର ବାଉଁଶୁଣୀରେ ଏହି ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଜାତୀୟ ରାଜପଥର ମାତ୍ର ୧୦୦ ମିଟର ଭିତରେ ହିଁ ବିଦେଶୀ ମଦ ଦୋକାନ ନିର୍ଭୟରେ ଚାଲିଛି। ଏତେ କମ୍ ଦୂରତାରେ ମଦ ଦୋକାନ କିପରି ଅନୁମତି ପାଇଲା, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହି ସ୍ଥାନରୁ ମଦ ଦୋକାନକୁ ହଟାଇବା ସହ ନୂତନ ଭାବେ ଅନୁମତି ପାଇଥିବା ମଦ ଦୋକାନକୁ ଅନ୍ୟ ସ୍ଥାନରେ ଖୋଲିବା ପାଇଁ ଜୁଲାଇ ୩ ତାରିଖ ଦିନ ସ୍ଥାନୀୟ ବାସିନ୍ଦା ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳ ମିଳିଲାନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ସ୍କୁଲ କଲେଜ ଯାଉଛନ୍ତି। ମଦ ଦୋକାନରେ ସକାଳୁ ରାତି ପର୍ଯ୍ୟନ୍ତ ମଦୁଆଙ୍କ ଭିଡ଼ ଜମୁଛି। ମଦ୍ୟପଙ୍କ ଅଶାଳୀନ ଆଚରଣ ଓ ଗାଳିଗୁଲଜ ଯୋଗୁଁ ବିଶେଷକରି କଲେଜ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ପୋଲିସ୍ ଓ ଅବକାରୀ ବିଭାଗ ଏଠାରୁ ବିଦେଶୀ ମଦ ଦୋକାନ ହଟାଇବା ସହ ଢାବା ଓ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା କୁଟିଆ ମଦକୁ କେବେ ବନ୍ଦ କରିବାକୁ ଦାବି ହୋଇଛି।

# ସ୍ୱାମୀ ରାମଦେବଙ୍କ ଦ୍ୱାରା ସମ୍ମାନିତ ଯୋଗାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି,୫।୧୦(ନିପ୍ର): ହରିଦ୍ୱାରଠାରେ ସ୍ୱାମୀ ରାମଦେବଙ୍କ ଦ୍ୱାରା ସମ୍ମାନିତ ହୋଇ ଫେରିଥିବା ଯୋଗାଚାର୍ଯ୍ୟ ଉମାକାନ୍ତ ଆର୍ଯ୍ୟଙ୍କୁ ଡୁଙ୍ଗୁରିପାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପତଞ୍ଜଳି ଯୋଗ ପରିବାର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଋଷିକୁଳ ଯୋଗାଶ୍ରମର ଆଚାର୍ଯ୍ୟ ସୁମନ୍ତ ଆର୍ଯ୍ୟଙ୍କ ଦ୍ୱାରା ଏକ ଆର୍ଯ୍ୟ ଯଜ୍ଞ ସମ୍ପନ୍ନ ହୋଇଥିଲା। ପରେ ଶିଶୁମନ୍ଦିର ଗୁରୁଜୀ ରାମେଶ୍ୱର ପଧାନ, ପତଞ୍ଜଳି ଯୋଗ ପରିବାରର ପ୍ରଫୁଲ୍ଲ ବାରିକ, ଭଦ୍ରସେନ ସାହୁ, ସୁଶୀଲ ସାହୁ, ସମାଜସେବୀ ଭରଦ୍ୱାଜ ଦୀପ ପ୍ରମୁଖ ଶୁଭେଚ୍ଛୁମାନେ ଶ୍ରୀ ଆର୍ଯ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯୋଗ କ୍ଷେତ୍ରରେ ତାଙ୍କର ଅବଦାନ ଓ ନିଷ୍ଠା ପାଇଁ ଉପସ୍ଥିତ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ଆର୍ଯ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଆର୍ଯ୍ୟ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଯୋଗକୁ ଅଧିକ ବ୍ୟାପକ କରିବା ପାଇଁ ସହଯୋଗ କାମନା କରିଥିଲେ

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗୀର,୦୫/୧୦(ନିପ୍ର) ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଗାଁରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ।ଏହି ଶିବିରରେ ମୋଟ ୮୯ଟି ଅଭିଯୋଗପତ୍ର ପଞ୍ଜୀକୃତ ହେଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୮୪ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୦୫ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବେଳେ ୦୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଭାରତୀୟ ଆଥଲେଟଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ଦଳର ପ୍ରଦର୍ଶନ ପାଇଁ ଆଥଲେଟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୃଢ଼ ସଂକଳ୍ପ, ଉତ୍ସାହ ଏବଂ ଉଲ୍ଲେଖନୀୟ କ୍ରୀଡ଼ା-ଭାବନା ସହ ଦେଶର ପ୍ରତିନିଧିତ୍ୱ କରିଥିବାରୁ ସେ ଖେଳାଳିମାନଙ୍କର ପ୍ରଶଂସା କରିଛନ୍ତି।

ଆଇଚି-ନାଗୋୟା କ୍ରୀଡ଼ାରେ ଭାରତ ମୋଟ ୮୫ଟି ପଦକ (୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଏବଂ ୩୭ଟି ବ୍ରୋଞ୍ଜ) ହାସଲ କରି ଚତୁର୍ଥ ସ୍ଥାନ ଅଧିକାର କରିଛି ଏହା ଏସୀୟ କ୍ରୀଡ଼ାର ଇତିହାସରେ ଦେଶର ଦ୍ୱିତୀୟ ସର୍ବାଧିକ ପଦକ ବିଜୟ ।

ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ଏସୀୟ କ୍ରୀଡ଼ା ୨୦୨୬ର ସମାପ୍ତି ଅବସରରେ, ଦୃଢ଼ ସଂକଳ୍ପ, ଉତ୍ସାହ ଏବଂ ଉଲ୍ଲେଖନୀୟ କ୍ରୀଡ଼ା-ଭାବନା ସହ ଆମ ଦେଶର ପ୍ରତିନିଧିତ୍ୱ କରିଥିବା ଭାରତୀୟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ହୃଦୟଭରା ଅଭିନନ୍ଦନ।'

ପ୍ରଧାନମନ୍ତ୍ରୀ ଦେଶର ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ସେମାନଙ୍କ ପ୍ରଦର୍ଶନ ଦେଶ ପାଇଁ ଅପାର ଆନନ୍ଦ ଆଣିଦେଇଛି। ଆମର ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ, ଯାହାଙ୍କ ପ୍ରଦର୍ଶନ ଦେଶ ପାଇଁ ଅପାର ଆନନ୍ଦ ଆଣିଦେଇଛି।'

# ଅଧିକ ଶତକ ହାସଲ ପାଇଁ ରୋହିତଙ୍କୁ ଗାଭାସ୍କରଙ୍କ ଟିପ୍ସ

ନୂଆଦିଲ୍ଲୀ, ୫।୧୦(ଏଜେନ୍ସି): ପୂର୍ବତନ ମହାନ ଖେଳାଳି ସୁନୀଲ ଗାଭାସ୍କର କହିଛନ୍ତି ଯେ, ଅବସର ନେବା ପୂର୍ବରୁ ସେ ରୋହିତ ଶର୍ମାଙ୍କୁ ତାଙ୍କ ବୟସଠାରୁ ଅଧିକ ଶତକ ହାସଲ କରୁଥିବାର ଦେଖିବାକୁ ଚାହାଁନ୍ତି । ରୋହିତ ଏପର୍ଯ୍ୟନ୍ତ ଏକଦିବସୀୟ କ୍ରିକେଟରେ ୩୫ଟି ଶତକ ହାସଲ କରିଛନ୍ତି । ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚରେ ରୋହିତ ଶତକରୁ ମାତ୍ର ୮ ରନ୍ ଦୂରରେ ଆଉଟ୍ ହେବାରୁ ସେ ନିରାଶ ହୋଇଥିଲେ । ରୋହିତ ୯୨ ରନରେ ଆଉଟ୍ ହେବାରୁ ମୋତେ ନିରାଶା ଲାଗିଥିଲା, କାରଣ ସେ ଶତକ କରିପାରିଲେ ନାହିଁ । ୨୦୨୭ ପୁରୁଷ କ୍ରିକେଟ୍ ବିଶ୍ୱକପ୍ ପରେ ସେ ହୁଏତ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇପାରନ୍ତି। ମୁଁ ବ୍ୟକ୍ତିଗତ ଭାବେ ଚାହେଁ ଯେ ଯେତେବେଳେ ସେ ସନ୍ୟାସ ନେବେ,



ସେତେବେଳେ ତାଙ୍କ ଦିନିକିଆ ଶତକ ସଂଖ୍ୟା ତାଙ୍କ ବୟସଠାରୁ ଅଧିକ ହୋଇଥାଉ।

ସେ ଆହୁରି କହିଛନ୍ତି, ଯଦି ସେ ତୃତୀୟ ଦିନିକିଆରେ ଶତକ କରିଥାନ୍ତେ, ତେବେ ସେ ନିଜର ୩୬ତମ ଶତକ ସହ ଏହି ସଫଳତାର ଆହୁରି ନିକଟତର ହୋଇପାରିଥାନ୍ତେ । ମୋ ପାଇଁ, ଜଣେ ଖେଳାଳିଙ୍କ ଅବସର ସମୟରେ ଶତକ ସଂଖ୍ୟା ତାଙ୍କ ବୟସଠାରୁ ଅଧିକ ହେବା ଏକ ବଡ଼ କଥା ।ଏହା ତାଙ୍କ କ୍ୟାରିୟର୍ ଏବଂ ମାନଦଣ୍ଡକୁ ଦର୍ଶାଏ । ନିଜ ଆନ୍ତର୍ଜାତୀୟ କ୍ରିକେଟର ଶେଷ ବର୍ଷରେ, ମୁଁ ମଧ୍ୟ ମୋ ବୟସ (୩୮) ସହ ସମାନ ସଂଖ୍ୟକ ଟେଷ୍ଟ ଶତକ କରିବାକୁ ଚାହୁଁଥିଲି, କିନ୍ତୁ ମୁଁ ତିନିଥର ୯୦ ରନରେ ଆଉଟ୍ ହୋଇଯାଇଥିଲି। ୨୦୨୩ ବିଶ୍ୱକପରେ ସେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳୁଥିଲେ, ଯେଉଁଥିରେ ଶୀଘ୍ର ଆଉଟ୍ ହେବାର ରିସ୍କ ଥିଲା ।ଏବେ ସେ ବୁଝିପାରୁଛନ୍ତି ଯେ ତାଙ୍କ ୱିକେଟ୍ କେତେ ମୂଲ୍ୟବାନ । ସେ କେବଳ ୩୦-୪୦ ରନ୍ କରିବା ଭଳି ବ୍ୟାଟର ନୁହଁନ୍ତି, ସେ ବଡ଼ ଶତକ ମାରୁଥିବା ଖେଳାଳି ! ତେଣୁ ସେ ବଡ଼ ରନ୍ କଲେ ମୋତେ ଖୁସି ଲାଗେ । ଯଦି ସେ ବଡ଼ ସ୍କୋର୍ କରନ୍ତି, ତେବେ ୭୦-୮୦ ବଲରେ ଶତକ କରିନିଅନ୍ତି, ଯାହା ୫୦ ଓଭର ମ୍ୟାଚରେ ଟିମ୍ ପାଇଁ ଖୁବ୍ ଫାଇଦାଯୁକ୍ତ ହୋଇଥାଏ ।

## ବାଣିଜ୍ୟ ଖବର

# ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀଙ୍କ ପିପିଏ ପରିଦର୍ଶନ

ପାରାଦୀପ,୫।୧୦(ନି.ପ୍ର): ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ ସରକାରୀ ଓଡ଼ିଶା ଗସ୍ତ ସମୟରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ପରିଦର୍ଶନ କରିଥିଲେ। ଡକ୍ଟର ଲାହିରୀଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଆର୍ଥିକ ପରାମର୍ଶଦାତା ଏବଂ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ (ଏଫଏ ଏବଂ ସିଏଓ) ଅଶୋକ କୁମାର ସାହୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିଥିଲେ।

ପରେ ସେ ହେଲିକପ୍ଟର ଯୋଗେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ୍ ହେଲିପ୍ୟାଡରେ ପହଞ୍ଚିବା ପରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଉପାଧ୍ୟକ୍ଷ ଟି. ଭେଣୁ ଗୋପାଳ ତାଙ୍କୁ ସ୍ୱାଗତ କରିଥିଲେ। ତାପରେ ସେ ଓଦା ବେସିନ୍‌କୁ ଯିବା ପରେ ସିଆଇଏସଏଫ, ୟୁନିଟ୍ ପାରାଦୀପ ବନ୍ଦର ଦ୍ୱାରା ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଆନୁଷ୍ଠାନିକ ସ୍ୱାଗତ ପରେ, ଡକ୍ଟର ଲାହିରୀ, ଟି. ଭେଣୁ ଗୋପାଳଙ୍କ ସହିତ ପାରାଦୀପ ବନ୍ଦର ବନ୍ଦର ଦେଇ ଏକ ଲଞ୍ଚ ଯାତ୍ରା କରିଥିଲେ। ବନ୍ଦର ପରିଦର୍ଶନ ସମୟରେ, ସେ ବନ୍ଦରର ସାମୁଦ୍ରିକ କାର୍ଯ୍ୟ, ଜାହାଜ ଚଳାଚଳ ଏବଂ ମାଲ ପରିବହନ କାର୍ଯ୍ୟକଳାପ ଦେଖିଥିଲେ।ପରିଦର୍ଶନ ସମୟରେ, ପିପିଏର ବରିଷ୍ଠ ଅଧିକାରୀମାନେ ଡକ୍ଟର ଲାହିରୀଙ୍କୁ ବନ୍ଦରର ମାଲ ପରିବହନ କ୍ଷମତା, ଆଧୁନିକ ଯାନ୍ତ୍ରିକ ପ୍ରଣାଳୀ, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସାମଗ୍ରିକ ସାମୁଦ୍ରିକ କାର୍ଯ୍ୟ ବିଷୟରେ ସୂଚନା ଦେଇ ଭାରତର ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମରେ ଦକ୍ଷତା ବୃଦ୍ଧି ଏବଂ ଏହାର ଭୂମିକାକୁ ସୁଦୃଢ଼ କରିବାରେ ପାରାଦୀପ ବନ୍ଦରର ନିରନ୍ତର ପ୍ରଗତି ଉପରେ ଆଲୋକପାତ କରାଯାଇଥିଲା।। ଅଧିକାରୀମାନେ ଡକ୍ଟର ଲାହିରୀଙ୍କୁ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ସଫଳତା ଏବଂ ଭାରତର ପୂର୍ବ ଉପକୂଳରେ ଏକ ଅଗ୍ରଣୀ ମେଗା ବନ୍ଦର ଭାବରେ ଏହାର ଉଦୟ ବିଷୟରେ ମଧ୍ଯ ଅବଗତ କରାଇଥିଲେ।ପାରାଦୀପ ବନ୍ଦରର ଭବିଷ୍ୟତ ବିକାଶ ରୋଡମ୍ୟାପ୍ ମଧ୍ୟ ଉପସ୍ଥାପିତ ହୋଇଥିଲା



ଡକ୍ଟର ଅଶୋକ କୁମାର ଲାହିରୀ କହିଥିଲେ ଯେ ସେ ପାରାଦୀପ ବନ୍ଦର ପରିଦର୍ଶନ କରିବାର ସୌଭାଗ୍ୟ ଅନୁଭବ କରିଛି । ବନ୍ଦରର କାର୍ଯ୍ୟକ୍ଷମତାକୁ ପ୍ରତ୍ୟକ୍ଷ ଭାବରେ ଦେଖିବା ପାଇଁ ଦୀର୍ଘ ଦିନ ଧରି ଇଚ୍ଛା ପ୍ରକାଶ କରିଥିଲି। ବନ୍ଦରର କାର୍ଯ୍ୟଦକ୍ଷତା ଏବଂ ବିକାଶ ପଦକ୍ଷେପ ପାଇଁ ପ୍ରଶଂସା ପ୍ରକାଶ କରି ସେ କହିଥିଲେ ଯେ ପାରାଦୀପ ବନ୍ଦର ଯାହା କରୁଛି, ବିଶେଷକରି ଏହାର ବିବିଧ ବର୍ଥ ଏବଂ ଆଧୁନିକ ଭିତ୍ତିଭୂମି ପାଇଁ ବହୁତ ଗର୍ବିତ। ପ୍ରତିଦିନ ପ୍ରାୟ ୧୩ଟି ଜାହାଜ ବନ୍ଦରରେ ପହଞ୍ଚୁଛି ଓ ପ୍ରସ୍ଥାନ କରୁଛି, ଏବଂ ବନ୍ଦରର ୧୬.୫ ମିଟରରୁ ଅଧିକ ଉଚ୍ଚତାର ଆଧୁନିକୀକରଣ ଏବଂ ନାଭିଗେସନ ଡ୍ରାଫ୍ଟକୁ ପ୍ରଶଂସା କରି କହିଛନ୍ତି ଯେ ପାରାଦୀପ ବନ୍ଦରର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ରହିଛି ଏବଂ ଭବିଷ୍ୟତ ପ୍ରୟାସରେ ବନ୍ଦରର ସଫଳତା କାମନା କରୁଛି। ବନ୍ଦରର ଭିତ୍ତିଭୂମି ଏବଂ ବିକାଶର ଗୁରୁତ୍ୱ ଉପରେ ପ୍ରତିଫଳିତ କରି ଡକ୍ଟର ଲାହିରୀ ମନ୍ତବ୍ୟ ଦେଇଥିଲେ ଯେ ଏପରି ଆଧୁନିକ ଭିତ୍ତିଭୂମି ଦେଶ ପାଇଁ ସ୍ଥାୟୀ ସମ୍ପତ୍ତି ହେବ, ସେଗୁଡ଼ିକୁ ଆଧୁନିକ ତାଜମହଲ ପରି ଏହା ଦେଶ ପାଇଁ ଏକ ଐତିହ୍ୟ ଭାବରେ ରହିବ। ସେ ତାଙ୍କ ସହକର୍ମୀଙ୍କ ସହିତ ପାରାଦୀପ ବନ୍ଦର ପରିଦର୍ଶନ କରିବା ଏବଂ ଏହାର କାର୍ଯ୍ୟ ଦେଖିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରିଥିଲେ।

ଏହି ଅବସରରେ ସୁନ୍ଦରା ମାଧବା ପାଢ଼ୀ,ମୁଖ୍ୟ ପରିଚାଳନା ଅଧିକାରୀ , ଓଡ଼ିଶା ମେରିଟାଇମ୍ ବୋର୍ଡ ,ପ୍ରଫେସର ପ୍ରଭାକର ସାହୁ, ପ୍ରୋଗ୍ରାମ ନିର୍ଦ୍ଦେଶକ, ଅର୍ଥନୀତି ଏବଂ ଅର୍ଥ ଏବଂ ନୀତି ଆୟୋଗ, ଓଡିଶାର ନୋଡାଲ ଅଫିସର ମଧ୍ୟ ଉପସ୍ଥିତ ଥିଲେ।

# ଦକ୍ଷିଣ ପୂର୍ବ ରେଳପଥ ଅଧୀନସ୍ଥ ସେତୁର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ



କୋଲକାତା,୫।୧୦(ଏଜେନ୍ସି):ମିଶନ୍-୩୦୦୦ ମେଟ୍ରିକ୍ ଟନ୍ ଅଧୀନରେ ମାଲ ପରିବହନ କ୍ଷମତା ବୃଦ୍ଧି କରିବା ପାଇଁ ଭାରତୀୟ ରେଳବାଇର ଲକ୍ଷ୍ୟକୁ ଦୃଷ୍ଟିରେ ରଖି, ଦକ୍ଷିଣ ପୂର୍ବ ରେଳବାଇ ନିଜ ଅଧୀନରେ ଥିବା ଚିହ୍ନଟ ହୋଇଥିବା ସେତୁଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ହାତକୁ ନେଇଛି। ସେତୁଗୁଡ଼ିକର ପୁନରୁଦ୍ଧାର, ସୁଦୃଢ଼ୀକରଣ, ରେଟ୍ରୋଫିଟିଂ (ଆଧୁନିକୀକରଣ) ଏବଂ ପୁନଃନିର୍ମାଣ କାର୍ଯ୍ୟ ପାଇଁ ଅନୁମୋଦନ ମିଳିସାରିଛି।ଏହି କ୍ରମରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୫୦୦ କୋଟି ଟଙ୍କାର ସେତୁ କାର୍ଯ୍ୟ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି।

୨୫-ଟନ୍ ଆକ୍ସେଲ୍ ଲୋଡିଂ (ଚକ ଉପରେ ଭାର) ପାଇଁ ଉପଯୁକ୍ତ କରିବା ନିମନ୍ତେ ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ହାତକୁ ନିଆଯାଇଥିବା କାର୍ଯ୍ୟଗୁଡ଼ିକ ନିମ୍ନଲିଖିତ ଅଟେ:

❖ ମେଗା ଏବଂ ବୃହତ ସେତୁଗୁଡ଼ିକର ବିଦ୍ୟମାନ ଷ୍ଟିଲ୍ ଗିର୍ଡରଗୁଡ଼ିକୁ ୨୫ଟି-୨୦୦୮ ଲୋଡିଂ' କ୍ଷମତା ବିଶିଷ୍ଟ ନୂତନ ଷ୍ଟିଲ୍ ଗିର୍ଡର ଦ୍ୱାରା ବଦଳାଇବା ଏବଂ ସେତୁର ନିମ୍ନ ଭାଗକୁ ସୁଦୃଢ଼ କରିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ। ବର୍ତ୍ତମାନ ସୁଦ୍ଧା ୪୧ଟି ସେତୁରେ ରି-ଗିର୍ଡରିଂ (ଗିର୍ଡର ବଦଳାଇବା) କାର୍ଯ୍ୟ ପାଇଁ ଅନୁମୋଦନ ମିଳିଛି।

❖ ମେଗା ଏବଂ ବୃହତ ସେତୁଗୁଡ଼ିକର ବିଦ୍ୟମାନ ଷ୍ଟିଲ୍ ଗିର୍ଡରଗୁଡ଼ିକୁ ୨୫ଟି-୨୦୦୮ ଲୋଡିଂ କ୍ଷମତା ବିଶିଷ୍ଟ ନୂତନ ବାଲାଷ୍ଟେଡ୍ ଡେକ୍ କମ୍ପୋଜିଟ୍ ଗିର୍ଡର ଦ୍ୱାରା ବଦଳାଇବା ଏବଂ ସେତୁର ନିମ୍ନ ଭାଗକୁ ସୁଦୃଢ଼ କରିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ। ବର୍ତ୍ତମାନ ସୁଦ୍ଧା ୩୮ଟି ସେତୁକୁ କମ୍ପୋଜିଟ୍ ଗିର୍ଡରରେ ପରିବର୍ତ୍ତନ କରିବା ପାଇଁ ଅନୁମୋଦନ ମିଳିଛି।

❖ ରେଳବାଇ ବୋର୍ଡର ଇଣ୍ଡିଆନ୍ ରେଲୱେ ବ୍ରିଜ୍ ମାନୁଆଲ୍-୨୦୨୪ ନିର୍ଦ୍ଦେଶାବଳୀ ଅନୁଯାୟୀ, ୧୨.୨ ମିଟର ପର୍ଯ୍ୟନ୍ତ ହାଓ୍ୱଡା-ଖଡଗପୁର ବିଭାଗରେ ରୂପନାରାୟଣ ନଦୀ ଉପରେ ଥିବା ଦକ୍ଷିଣ-ପୂର୍ବ ରେଳପଥର ସବୁଠାରୁ ଦୀର୍ଘତମ ମେଗା (ବୃହତ୍) ସେତୁଗୁଡ଼ିକୁ ଏକ ପରିବର୍ତ୍ତିତ ପଥରେ ପୁନଃନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି।

❖ ଛୋଟ ସେତୁ ଏବଂ ସୁଡ଼ଙ୍ଗଗୁଡ଼ିକର ସୁଦୃଢ଼ୀକରଣ/ନବୀକରଣ/ପୁନଃନିର୍ମାଣ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୫୫୦ଟି ଛୋଟ ସେତୁ ଏବଂ ୪ଟି ସୁଡ଼ଙ୍ଗର ନବୀକରଣ ପାଇଁ ଅନୁମୋଦନ ମିଳିଛି।

ଦକ୍ଷିଣ-ପୂର୍ବ ରେଳପଥର ସେତୁ ବିଭାଗ ଗାର୍ଡର ସେତୁଗୁଡ଼ିକରେ ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥା ଗ୍ରହଣ କରିବା ଦିଗରେ ମଧ୍ୟ ପଦକ୍ଷେପ ନେଇଛି ଯେପରିକି ପାର୍ଶ୍ୱ ଚଲାପଥ ନିର୍ମାଣ ଏବଂ ସେତୁ ଉପରେ ମ୍ୟାନ୍ ରିଫ୍ୟୁଜ୍ (କର୍ମଚାରୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ) ସଂଖ୍ୟା ବୃଦ୍ଧି କରିବା। ଦକ୍ଷିଣ-ପୂର୍ବ ରେଳପଥରେ ବର୍ତ୍ତମାନ ସୁଦ୍ଧା ୧୯୯ଟି ସେତୁରେ ପାର୍ଶ୍ୱ ଚଲାପଥର ବ୍ୟବସ୍ଥା କରାଯାଇଛି। ୩୫ଟି ସେତୁରେ ଏହି କାର୍ଯ୍ୟ ଚାଲୁ ରହିଛି।

# ଓଡ଼ିଶାରେ 'ସବୁଜ ଶକ୍ତି ଉତ୍କର୍ଷ କେନ୍ଦ୍ର' ସ୍ଥାପନ ପାଇଁ ଓଏଚପିସି-ବିଶ୍ୱ ଦକ୍ଷତା କେନ୍ଦ୍ର ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୫।୧୦(ନି.ପ୍ର):ସବୁଜ ଶକ୍ତି କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରିବା




ଲକ୍ଷ୍ୟରେ ୧.୪୯ କୋଟି ଟଙ୍କାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ସବୁଜ ଶକ୍ତି କ୍ଷେତ୍ରରେ ଦକ୍ଷତା ବିକାଶକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ଉପଯୁକ୍ତ କର୍ମଜୀବୀ ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏକ 'ସବୁଜ ଶକ୍ତି ଉତ୍କର୍ଷ କେନ୍ଦ୍ର' ସ୍ଥାପନ ପାଇଁ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ ଲିମିଟେଡ୍ (ଓଏଚପିସି) ଏବଂ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି।

ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର କ୍ୟାମ୍ପସର 'କୌଶଳ ଭବନ'ରେ ସ୍ଥାପନ କରାଯିବ। ଏଥିପାଇଁ ମୋଟ ୧,୪୮,୭୫,୦୦୯ ଟଙ୍କା ବ୍ୟୟ ହେବ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ଓଏଚପିସିର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ନିର୍ମିତ ହେବ।

ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଶିଳ୍ପ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ),ସମ୍ପଦ ଚନ୍ଦ୍ର ସ୍ୱାଇଁ, ,ବିଶାଳ କୁମାର ଦେବ (ଆଇଏଏସ), ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଓ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଓଏଚପିସି ଭୁପେନ୍ଦ୍ର ସିଂହ ପୁନିଆ (ଆଇଏଏସ), କମିଶନର-ତଥା-ଶାସନ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କର ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।ଏହି ଅବସରରେ ଓଏଚପିସି ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଓଏଚପିସି ପକ୍ଷରୁ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ରଶ୍ମି ରଞ୍ଜନ ମହାପାତ୍ର, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ।

ପ୍ରାୟ ୩,୦୦୦ ବର୍ଗ ଫୁଟ୍ ପରିମିତ ସ୍ଥାନରେ ବ୍ୟାପିଥିବା ଏହି କେନ୍ଦ୍ର, ରୁଫଟପ୍ ସୋଲାର୍ (ଛାତ ଉପରେ ସୌର ପ୍ୟାନେଲ୍), ଭାସମାନ ସୌର ପ୍ରକଳ୍ପ ଏବଂ ସୋଲାର୍-ଟ୍ରାକର୍ ଜ୍ଞାନକୌଶଳ ସହିତ ପିଏଲସି ଓ ଏସସିଏଡିଏ, ଇଣ୍ଡଷ୍ଟ୍ରିଆଲ୍ ଆଇଓଟି, ରିମୋଟ୍ ମନିଟରିଂ, ଡିଜିଟାଲ୍ ଜ୍ଞାନକୌଶଳ, ପ୍ରିଡିକ୍ଟିଭ୍ ମେଣ୍ଟେନାନ୍ସ (ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ), ଶକ୍ତି ପରିଚାଳନା ଏବଂ ସଂରକ୍ଷଣ ବ୍ୟବସ୍ଥା ଭଳି ଅତ୍ୟାଧୁନିକ କ୍ଷେତ୍ରରେ ତାଲିମ ଓ ପ୍ରଦର୍ଶନ ସୁବିଧା ଯୋଗାଇବ।ଏହି କେନ୍ଦ୍ର ବାର୍ଷିକ ପ୍ରାୟ ୩୦୦ ଯୁବକଯୁବତୀଙ୍କୁ ସୋଲାର୍ ପିଭି ଟେକ୍ନିସିଆନ୍, ପରିଚାଳନା ଓ ରକ୍ଷଣାବେକ୍ଷଣ ଟେକ୍ନିସିଆନ୍, ସାଇଟ୍ ସୁପରଭାଇଜର୍ ଏବଂ ଏନର୍ଜି ଅଡିଟର୍ ଭଳି ନୂତନ କ୍ଷେତ୍ର ପାଇଁ ତାଲିମ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।ଏହା ସହିତ ସୌର ପ୍ରକଳ୍ପ ସ୍ଥାପନ ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଉଦ୍ୟୋଗୀ ହେବାର ସୁଯୋଗ ମଧ୍ୟ ସୃଷ୍ଟି କରିବ।

# ଦୁର୍ଗାପୂଜା ଉପଲକ୍ଷେ ଚାନ୍ଦି ଭଣ୍ଡାରର 'ଅରଣ୍ୟ' ଏଡିଟ୍

ଭୁବନେଶ୍ୱର, ୫।୧୦ (ନି.ପ୍ର): ଓଡ଼ିଶାରେ ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ, ଏହା ରାଜ୍ୟର ସାଂସ୍କୃତିକ ଫ୍ୟାବ୍ରିକ୍ସରେ ବୁଣାଯାଇଥିବା ଏକ ଉତ୍ସବ। ପାର୍ବଣ ଋତୁ ରାଜ୍ୟକୁ ବିଶ୍ୱାସ ଏବଂ କଳାର ଏକ ସ୍ପନ୍ଦନଶୀଳ ସେଲିବ୍ରେଶନରେ ପରିଣତ କରେ, ଯେଉଁଠି ଭକ୍ତି ଏବଂ ଆନନ୍ଦରେ ଏକତ୍ରିତ ହୁଅନ୍ତି ସମସ୍ତେ। ଏହି ଉତ୍ସବର ମୂଳରେ ରହିଥାନ୍ତି ମା' ଦୁର୍ଗା। ୯ ଦିନ ପର୍ଯ୍ୟନ୍ତ ନିଜର ୯ଟି ଦିବ୍ୟ ରୂପରେ ମା' ପୂଜା ପାଇଥାନ୍ତି। ପ୍ରତ୍ୟେକ ରୂପ ଏକ ଅନନ୍ୟ ସାରକୁ ପ୍ରତିଫଳିତ କରେ । ତାହା ହେଲା ଶକ୍ତି, ଭକ୍ତି, ସାହସ, କରୁଣା, ପବିତ୍ରତା ଏବଂ ଆଶୀର୍ବାଦ।ଏଣୁ ନବରାତ୍ରି ରଙ୍ଗ, ପରମ୍ପରା ଏବଂ ମା' ଦୁର୍ଗାଙ୍କ ଉଜ୍ଜ୍ୱଳ ଆତ୍ମାକୁ ପାଳନ କରିବାର ଏକ ପର୍ବ ପାଲଟିଥାଏ।

ଏକ ଦିବ୍ୟ କାହାଣୀ ଦ୍ୱାରା ଅନୁପ୍ରାଣିତ ହୋଇ ଚାନ୍ଦି ଭଣ୍ଡାର ଚଳିତ ପାର୍ବଣରେ ଆଣିଛି ଅକ୍ସିଡାଇଜ୍ଡ ରୁପା ଗହଣା ସମ୍ଭାର 'ଅରଣ୍ୟ'। ନବରାତ୍ରି ଏବଂ ଦୁର୍ଗା ପୂଜା ଅବସରରେ ଚିନ୍ତନଶୀଳ ଭାବେ ଏହି ସମ୍ଭାରକୁ ଏକତ୍ର କରାଯାଇଛି। ଅରଣ୍ୟ ଅର୍ଥାତ ଜଙ୍ଗଲର ସାରରୁ ଅରଣ୍ୟ ସମ୍ଭାର ପ୍ରେରିତ। ପ୍ରକୃତି ସହ ଗଭୀର ଭାବେ ଏହା ଜଡ଼ିତ।ଏହା ଏଭଳି ଏକ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରେ, ଯାହା ସହଜ ଏବଂ ତ୍ରିକଚ୍ଛ ସୁନ୍ଦର ଅକ୍ସିଡାଇଜ୍ଡ ଫିନିସ୍ ପ୍ରତ୍ୟେକ ପିସ୍କୁ ଆର୍ଟିକ୍ କରି ତୋଳୁଛି। ଅନ୍ୟପକ୍ଷରେ, ଏହାର ଜଟିଳ ରୂପଗୁଡ଼ିକ ପାରମ୍ପରିକ କାରିଗରୀର ସମୃଦ୍ଧିକୁ ସହଜରେ ଏକ ସମସାମୟିକ ଆକର୍ଷଣ ସହ ଏକତ୍ରିତ କରେ।୯୨.୫ ଷ୍ଟର୍ଲିଂ ରୁପା ଏବଂ ଅକ୍ସିଡାଇଜ୍ ଫିନିସରେ ପ୍ରସ୍ତୁତ ଅରଣ୍ୟନ ଏଡିଟ୍ ଷ୍ଟେଟ୍ମେଣ୍ଟ ପିସ୍ ଏବଂ ଦୈନନ୍ଦିନ ପିନ୍ଧିବା ଉପଯୋଗୀ ଗହଣା ପିସ୍କୁ ଏକତ୍ରିତ କରିଛି। ଏହା



ଅକ୍ସିଡାଇଜ ରୁପାର ଗଭୀରତା, ଚରିତ୍ର ଏବଂ ବିବିଧତାକୁ ପାଳନ କରୁଛି।ଅରଣ୍ୟନ ଏଡିଟ୍ ସହିତ ପୁରୁଷମାନେ ଚାନ୍ଦି ଭଣ୍ଡାରର ଆମୋଘ କଲେକ୍ସନକୁ ଦେଖିପାରିବେ, ଯେଉଁଥିରେ ବ୍ୟାପକ ରେଞ୍ଜ୍ ରୁପା ଆସେସରିଜ୍ ଯଥା ଚେନ୍, ପେଣ୍ଡେଣ୍ଟ, ମୁଦି ଏବଂ ବ୍ରେସ୍ଲେଟ୍ ଆଦି ରହିଛି। ଫେଷ୍ଟିଭ୍ ସିଲେକ୍ସନ ମଧ୍ୟ ୯୨.୫ ଷ୍ଟର୍ଲିଂ ରୁପା ଗହଣାର ବ୍ୟାପକ ସମ୍ଭାର ପ୍ରଦାନ କରୁଛି, ଯେଉଁଥିରେ ରହିଛି କାନଫୁଲ, ଚୁଡ଼ି, ମୁଦି, ବ୍ରେସ୍ଲେଟ୍ ଏବଂ ଆଙ୍କ୍ଲେଟ୍ ଇତ୍ୟାଦି, ଯାହା ପ୍ରତ୍ୟେକ ଷ୍ଟାଇଲ ଏବଂ ସେଲିବ୍ରେଶନ ପାଇଁ ଉପଲବ୍ଧ ।ପିଲାଙ୍କ ପାଇଁ ଏକ୍ସକ୍ଲୁସିଭ୍ 'ଟ୍ରେଜର୍ସ' ସମ୍ଭାର ରହିଛି, ଯେଉଁଥିରେ ଚିନ୍ତନଶୀଳ ଭାବେ ପ୍ରସ୍ତୁତ ଗହଣା ପିସ୍ ରହିଛି।


## ଆଇଆରଇଏଲ (ଇଣ୍ଡିଆ) ଲିମିଟେଡ
(Formerly INDIAN RARE EARTHS LIMITED)
ଓଡିଶା ସ୍ୟାଣ୍ଡସ କଂପ୍ଲେକ୍ସ, ମାଟିଖାଲ, ଛତ୍ରପୁର ଜିଲ୍ଲା: ଗଞ୍ଜାମ (ଓଡିଶା), ୭୬୧୦୪୫
**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ମାଟିଖାଲସ୍ଥିତ ଭାରତୀୟ ବିରଳ ମୃତ୍ତିକା ସଂସ୍ଥା ଖଣିଜ ପଦାର୍ଥ ଉତ୍ତୋଳନ ନିମନ୍ତେ ନିମ୍ନଲିଖିତ ରୟତି ଜମିକୁ ସ୍ୱଳ୍ପମିଆଦି ଲିଜ ସୂତ୍ରରେ ଗ୍ରହଣ କରିବାକୁ ଯାଉଅଛି । ଉକ୍ତ ଜମିଜମାର ମାଲିକାନା ସତ୍ତ୍ୱ ଉପରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଭିଯୋଗ ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବାକୁ ଅନୁରୋଧ। ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

**ମୌଜା : ହୁମୁରିବଣ**

| ଖତିୟାନର କ୍ରମିକ ନଂ | ପ୍ଲଟ ନଂ | ପଟ୍ଟାଦାରଙ୍କ ନାମ ଓ ଠିକଣା | କିସମ | ସମ୍ପୂର୍ଣ୍ଣ ରକବା (ଏକରରେ) | ଅଧିକୃତ ରକବା (ଏକରରେ) |
|---|---|---|---|---|---|
| ୧୯/୩୦୭ | ୨୦ | ପାଡାଲା ଦୁର୍ଗା ସାଇନନ୍ଦ କିଶୋର, ପାଡାଲା ଶ୍ୟାମ ସୁନ୍ଦର ପି: ପାଡାଲା ତୁଳସୀ ଦାସ, ପାଡାଲା ତୁଳସୀ ଦାଶ ପି: ପାଡାଲା କବୀର ଦାସ ଜା: ତେଲଙ୍ଗା ବା: ଛତ୍ରପୁର ବର୍ତ୍ତମାନ ନିବାସ ନୂଆ ବାକ୍ରାମ୍, ଗାନ୍ଧିନଗର, ହାଇଦ୍ରାବାଦ। | ବଗାୟତ-୩ | ୩୫,୨୪୦ | ୩୫,୨୪୦ |
| ୧୯/୩୦୭ | ୬୩ | ପାହାଲା ଦୁର୍ଗା ସାଇନନ୍ଦ କିଶୋର, ପାଡାଲା ଶ୍ୟାମ ସୁନ୍ଦର ପି: ପାଡାଲା ତୁଳସୀ ଦାସ, ପାଡାଲା ତୁଳସୀ ଦାଶ ପି: ପାଡାଲା କବୀର ଦାସ ଜା: ବେଲଙ୍ଗା ବା: ଛତ୍ରପୁର ବର୍ତ୍ତମାନ ନିବାସ ନୂଆ ବାକ୍ରାମ୍, ଗାନ୍ଧିନଗର, ହାଇଦ୍ରାବାଦ | ବଗାୟତ-୨ | ୧,୧୨୦ | ୧,୧୨୦ |
| ୧୯/୨୩୫ | ୨୦/୩୯୯ | କାପୁଲା ନଳିନୀ ସ୍ୱା:କାପୁଲା ରାଜନାଥ ଜା: ତେଲଙ୍ଗା ବା: ବା, ହାଇଦ୍ରାବାଦ ହା. ବା. କପିଳସାହିଁ, ଛତ୍ରପୁର | ବଗାୟତ-୩ | ୧୯,୩୯୦ | ୧୯,୩୯୦ |
| ୧୯/୩୦୬ | ୨୦/୪୪୭ | ପୋତମ୍ ସେଟି ରବିନ୍ଦ୍ରନାଥ, କୋପୁଲା ନଳୀନି, କୋଣ୍ଡାପୁଡି ଉଜ୍ୱାଲା, ମୁଲମ୍ ଉଷ ନାଇଡୁ ପି: ପୋତମ୍ ସେଠି ରାମେୟା ନାଇଡୁ ଜା: ତେଲଙ୍ଗା ବା: ଛତ୍ରପୁର ବର୍ତ୍ତମାନ ନିବାସ କାର୍ତ୍ତିକେୟ ନଗର, ନାଚାରାମ୍, ହାଇଦ୍ରାବାଦ | ବଗାୟତ-୩ | ୫୩,୫୩୦ | ୫୩,୫୩୦ |

CBC 48146/11/0014/2627 — ମହାପ୍ରବନ୍ଧକ ଓ ପ୍ରକଳ୍ପ ମୁଖ୍ୟ, ଓସକମ ମାଟିଖାଲ



Chola
Enter a better life

## ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍

କର୍ପୋରେଟ୍ କାର୍ଯ୍ୟାଳୟ : "ଚୋଲା କ୍ରେଷ୍ଟ", ସି୫୪ ଏବଂ ୫୫, ସୁପର ବି-୪, ଥିରୁ ଭି କା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଗୁଇଣ୍ଡି, ଚେନ୍ନାଇ-୬୦୦ ୦୩୨, ଭାରତ
ଆଞ୍ଚଳିକ କାର୍ଯ୍ୟାଳୟ : ୧ମ ଓ ୨ୟ ଫ୍ଲୋର, ପ୍ଲଟ ନଂ ୩୯୪, ବୋମିଖାଲ, ସନ୍ତୋଷୀ ମା ମନ୍ଦିର ନିକଟ, କଟକ ରୋଡ୍, ରସୁଲଗଡ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୦

**ବାସ୍ତବ ଦଖଲ ବିଜ୍ଞପ୍ତି ରୁଲ୍ ୮ (୧) ଅନୁଯାୟୀ**

ଶାଖା କାର୍ଯ୍ୟାଳୟ : ୩ୟ ମହଲା, ଶ୍ରୀମା କନଷ୍ଟ୍ରକସନ୍ ବିଲ୍ଡିଂ, ନୟା ଚୌକ, ମଧୁପାଟଣା, କଟକ, ଓଡିଶା, ପିନ୍ – ୭୫୩ ୦୧୦

ଯେହେତୁ:
ନିମ୍ନସ୍ୱାକ୍ଷରକାରୀ ଏମ୍/ଏସ୍ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ ଯାହା ଏଠାରେ ଏବଂ ଏହାପରେ ଆଇନ ବୋଲି ବିବେଚିତ ହେବ, ତାହାର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ସ ୩ ପାଠ କରାଯାଇ ଧାରା ୧୩ (୧୨) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତାବଳରେ ପ୍ରତ୍ୟେକ ଆକାଉଣ୍ଟ ନିମନ୍ତେ ଉଲ୍ଲେଖିତ ତାରିଖରେ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ ଜାରି କରାଯାଇଥିଲା, ସେଥିରେ କୁହାଯାଇଥିଲା ଯେ, ସେମାନଙ୍କ ଉପରେ ବାକି ଥିବା ରାଶି ସୁଧ ସହିତ ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବେ।
ଋଣଗ୍ରହୀତାମାନେ ଉକ୍ତ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ସୂଚନା ଦିଆଯାଉଛି ଯେ, ନିମ୍ନସ୍ୱାକ୍ଷରକାରୀ କମ୍ପାନୀକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତି ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି, ସେଥିରେ ଥିବା ରୁଲଗୁଡିକର ରୁଲ ୮ ପାଠ କରାଯାଇ ଆଇନର ଧାରା ୧୩ (୪) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ ଆକାଉଣ୍ଟ ପାଇଁ ଉଲ୍ଲେଖିତ ତାରିଖରେ ବାସ୍ତବ ଦଖଲକୁ ନେଇଛନ୍ତି।
ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ନିମ୍ନବର୍ଣ୍ଣିତ ସମ୍ପତ୍ତି ଉପରେ କୌଣସି କାରବାର କରିବେ ନାହିଁ। ଯଦି ଏପରି କରନ୍ତି ତେବେ ସେମାନଙ୍କୁ ଏମ୍/ଏସ୍ ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍‌ଙ୍କୁ ପ୍ରତ୍ୟେକ ଆକାଉଣ୍ଟରେ ଉଲ୍ଲେଖିତ ରାଶି ସହିତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଦେବାକୁ ପଡିବ।
ସିକ୍ୟୁରିଟାଇଜେସନ ଆଇନର ଧାରା ୧୩ (୮) ଅନୁଯାୟୀ ଋଣଗ୍ରହୀତାମାନେ ବକେୟା ଥିବା ସମସ୍ତ ଦେୟ ମୂଲ୍ୟ, ଚାର୍ଜେସ, ବ୍ୟୟ ସହିତ ଜମା ଦେଇ ସେମାନଙ୍କ ସୁରକ୍ଷିତ ସମ୍ପତ୍ତିଗୁଡିକୁ ବିକ୍ରୟ ନିମନ୍ତେ ବିଜ୍ଞପ୍ତି ପୂର୍ବରୁ ମୁକୁଳାଇ ପାରିବେ।

| | | |
|---|---|---|
| Loan Account No. HE01XBE00000078815<br>୧. ଜଗନ୍ନାଥ ପଣ୍ଡା (ଆବେଦନକାରୀ), ପିତା-କୃଷ୍ଣ ଚନ୍ଦ୍ର ପଣ୍ଡା ହାଉସ୍ ନଂ. ୧୭୨, ସାର୍ଥା, ସିଙ୍ଗଲା ମେନ୍ ରୋଡ୍, ସାର୍ଥା, ବ୍ରଜମୋହନ ମନ୍ଦିର ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୨୭.<br>୨. ରଞ୍ଜିତା ପଣ୍ଡା, (ସହ-ଆବେଦନକାରୀ), ସ୍ୱା-ଜଗନ୍ନାଥ ପଣ୍ଡା, ହାଉସ୍ ନଂ. ୧୭୨, ସାର୍ଥା, ସିଙ୍ଗଲା ମେନ୍ ରୋଡ୍, ସାର୍ଥା, ବ୍ରଜମୋହନ ମନ୍ଦିର ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୨୭.<br>୩. ପଣ୍ଡା ଟ୍ରେଡର୍ସ (ସହ-ଆବେଦନକାରୀ), ଏହାର ପ୍ରୋପ୍ରାଇଟର ଜଗନ୍ନାଥ ପଣ୍ଡାଙ୍କ ମାଧ୍ୟମରେ, ହାଉସ୍ ନଂ. ୧୭୨, ସାର୍ଥା, ସିଙ୍ଗଲା ମେନ୍ ରୋଡ୍, ସାର୍ଥା, ବାଲେଶ୍ୱର, ଓଡ଼ିଶା-୭୫୬୦୨୭.<br>୪. ରଞ୍ଜିତା ଫାଷ୍ଟଫୁଡ୍ (ସହ-ଆବେଦନକାରୀ), ଏହାର ପ୍ରୋପ୍ରାଇଟର ରଞ୍ଜିତା ପଣ୍ଡାଙ୍କ ମାଧ୍ୟମରେ, ମାର୍ଫତଃ ବାପି ମଲ୍ଲିକ, ସାର୍ଥା, ସିଙ୍ଗଲା ମେନ୍ ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୨୭. | ଜମିର ସମସ୍ତ ଅଂଶ: ଖାତା ନଂ. ୨୬୧୦/୫୮୩୮, ପ୍ଲଟ ନଂ. ୨୭୯୯/୧୭୦୬୬, ସଂପର୍କିତ ଖାତା ନଂ. ୨୬୧୦/୫୦୭୮, ପ୍ଲଟ୍ ନଂ.୨୭୯୯/୧୭୦୬୬, ଏରିଆ-ଏ ୧୨.୭୫ ଡେସିମିଲ, ମୌଜା-ସାର୍ଥା, ତହସିଲ-ବାଲେଶ୍ୱର, ଏସ୍.ଆର୍.ଓ-ବସ୍ତା, ଜିଲ୍ଲା-ବାଲେଶ୍ୱର, ଓଡ଼ିଶା। | ଦାବି ବିଜ୍ଞପ୍ତି ତାରିଖ : ୦୮.୧୦.୨୦୨୫<br>ବକେୟା ରାଶି : ଟ. ୭୬, ୫୫, ୬୫୭.୦୦ (ଛଅସ୍ତରୀ ଲକ୍ଷ ପଞ୍ଚାବନ ହଜାର ଛଅ ଶହ ସତାବନ ଟଙ୍କା କେବଳ) ୦୮.୧୦.୨୦୨୫ ସୁଦ୍ଧା ଏବଂ ଏହା ଉପରେ ସୁଧ।<br>ବାସ୍ତବ ଦଖଲ ତାରିଖ: ୦୩.୧୦.୨୦୨୬ |

ତା : ୦୬.୧୦.୨୦୨୬
ସ୍ଥାନ : ବାଲେଶ୍ୱର (ଓଡ଼ିଶା)
କ୍ଷମତାପ୍ରାପ୍ତ ଅଧିକାରୀ
ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍

### ରୁଷରେ ବ୍ୟାପୁଛି ପ୍ଲେଗ୍ ରୋଗ

# ଗବେଷଣା କେନ୍ଦ୍ର କର୍ମଚାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ରୁଷିଆର ସାଇବେରିଆ ଅଞ୍ଚଳରେ ନ୍ୟୁମୋନିକ୍ ପ୍ଲେଗକୁ ନେଇ ଆତଙ୍କ। ଇର୍କୁଟସ୍କ ଅଞ୍ଚଳର ଏକ ପ୍ଲେଗ୍ ଗବେଷଣା କେନ୍ଦ୍ରରେ କାମ କରୁଥିବା ଜଣେ ଯୁବତୀ କର୍ମଚାରୀଙ୍କ ମୃତ୍ୟୁ ପରେ ସତର୍କତା ବଢ଼ାଇଛନ୍ତି ରୁଷିଆ କର୍ତ୍ତୃପକ୍ଷ। ମୃତ ମହିଳା ପ୍ଲେଗ୍ ଜୀବାଣୁରେ ସଂକ୍ରମିତ ହୋଇଥାଇପାରନ୍ତି ବୋଲି କେତେକ ରିପୋର୍ଟରେ ଆଶଙ୍କା କରାଯାଇଛି। ମୃତ କର୍ମଚାରୀଙ୍କ ବୟସ ପ୍ରାୟ ୨୮ ବର୍ଷ। ଗୁରୁତର ନିମୋନିଆ ହେବା ପରେ ସେପ୍ଟେମ୍ବର ୨୯ରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କୃତ୍ରିମ ଶ୍ୱାସକ୍ରିୟା ସହାୟତାରେ ରଖାଯାଇଥିଲା। ତେବେ ଅକ୍ଟୋବର ୨ରେ ତାଙ୍କର ମୃତ୍ୟୁ ଘଟିଥିଲା।




ରିପୋର୍ଟ ଅନୁସାରେ, ପରୀକ୍ଷାଗାରରେ କାମ କରୁଥିବା ସମୟରେ ପ୍ଲେଗ୍ ସୃଷ୍ଟିକାରୀ ୟର୍ସିନିଆ ପେଷ୍ଟିସ୍ ଜୀବାଣୁ ସହ ସେ ସଂସ୍ପର୍ଶରେ ଆସିଥାଇପାରନ୍ତି। ଏହା ପରେ ସେ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ତେବେ ପରୀକ୍ଷାଗାରରେ କୌଣସି ଦୁର୍ଘଟଣା ଯୋଗୁଁ ସେ ସଂକ୍ରମିତ ହୋଇଥିଲେ କି ନାହିଁ, ତାହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ଘଟଣା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରାୟ ୨୦୦ ଜଣଙ୍କୁ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ ନିରୀକ୍ଷଣରେ ରଖାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଲଗାତାର ନଜର ରଖାଯାଉଛି। ତେବେ ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ପ୍ଲେଗ୍ ସଂକ୍ରମଣର କୌଣସି ବଡ଼ ଧରଣର ପ୍ରମାଣ ମିଳିନାହିଁ। ମହିଳା କର୍ମଚାରୀଙ୍କ ମୃତ୍ୟୁ ନ୍ୟୁମୋନିକ୍ ପ୍ଲେଗରେ ହୋଇଥିବା ନେଇ ଏପର୍ଯ୍ୟନ୍ତ ସରକାରୀ ଭାବେ ସ୍ପଷ୍ଟ ନିଶ୍ଚିତତା ମିଳିନାହିଁ। ରୁଷିଆର ସ୍ୱାସ୍ଥ୍ୟ ନିରୀକ୍ଷଣ କର୍ତ୍ତୃପକ୍ଷ ଏହାକୁ ଅଜଣା କାରଣରୁ ହୋଇଥିବା ଗୁରୁତର ନିମୋନିଆ ବୋଲି କହିଛନ୍ତି। ତେଣୁ ପ୍ଲେଗ୍ ସଂକ୍ରମଣ ନେଇ ଚାଲିଥିବା ଆଶଙ୍କାର ସତ୍ୟତା ଜାଣିବା ପାଇଁ ତଦନ୍ତ ଓ ପରୀକ୍ଷା ଜାରି ରହିଛି।

ନ୍ୟୁମୋନିକ୍ ପ୍ଲେଗ୍ ହେଉଛି ପ୍ଲେଗ୍‌ର ଏକ ଅତ୍ୟନ୍ତ ଗୁରୁତର ରୂପ। ୟର୍ସିନିଆ ପେଷ୍ଟିସ ନାମକ ଜୀବାଣୁ ଯୋଗୁଁ ଏହି ରୋଗ ହୋଇଥାଏ। ଏହା ସିଧାସଳଖ ଫୁସଫୁସକୁ ପ୍ରଭାବିତ କରିଥାଏ। ସଂକ୍ରମିତ ବ୍ୟକ୍ତିଙ୍କ କାଶ କିମ୍ବା ଶ୍ୱାସପ୍ରଶ୍ୱାସରୁ ବାହାରୁଥିବା ସୂକ୍ଷ୍ମ କଣିକା ମାଧ୍ୟମରେ ଏହା ଅନ୍ୟ ଜଣଙ୍କୁ ବ୍ୟାପିପାରେ। ତେବେ ଠିକ୍ ସମୟରେ ରୋଗ ଚିହ୍ନଟ ହୋଇ ଜୀବାଣୁନାଶକ ଔଷଧରେ ଚିକିତ୍ସା ଆରମ୍ଭ ହେଲେ ରୋଗୀଙ୍କୁ ସୁସ୍ଥ କରାଯାଇପାରେ।

## ରିୟଲ ହିରୋ କ୍ୟାପ୍ଟେନ୍ ସ୍ମିତ୍‌ଙ୍କୁ ମିଳୁଛି କୋଟିକୋଟି ଟଙ୍କାର ପୁରସ୍କାର

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ଫ୍ଲାଇଦୁବାଇର ଫ୍ଲାଇଟ୍ ଏଫଜେଡ୍‌୧୦୭୩ରେ ନିଜ ଜୀବନକୁ ବିପଦରେ ପକାଇ ୧୮୦ ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବା ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କ ସାହସ ଚର୍ଚ୍ଚାର ବିଷୟ ପାଲଟିଛି। କଠିନ ପରିସ୍ଥିତିରେ ବିମାନକୁ ନିୟନ୍ତ୍ରଣରେ ରଖିଥିବା ସ୍ମିତଙ୍କୁ ଏବେ ପ୍ରଶଂସା ଓ ସମ୍ମାନ ସହିତ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ପ୍ରଦାନ କରାଯାଉଛି। ସ୍ମିତଙ୍କ ସାହସ, ଧୈର୍ଯ୍ୟ ଏବଂ ବିପଦ ସମୟରେ ନେଇଥିବା ନିଷ୍ପତ୍ତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି।




ମ୍ୟାନକାଇଣ୍ଡ ଫାର୍ମା ସହିତ ଗୁଜରାଟ ସରକାର ଏବଂ ଜଣେ ରାଜ୍ୟସଭା ସାଂସଦ ମଧ୍ୟ ତାଙ୍କ ପାଇଁ ନଗଦ ପୁରସ୍କାର ଘୋଷଣା କରିଛନ୍ତି।

ସ୍ମିତ ମଚ୍ଛାରଙ୍କୁ ସବୁଠାରୁ ବଡ଼ ନଗଦ ପୁରସ୍କାର ମ୍ୟାନକାଇଣ୍ଡ ଫାର୍ମା ପକ୍ଷରୁ ମିଳିଛି। କମ୍ପାନି ତାଙ୍କ ଏବଂ ତାଙ୍କ ପରିବାର ପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। କମ୍ପାନି କହିଛି ଯେ ସ୍ମିତ ନିଜ ଜୀବନର ଚିନ୍ତା ନକରି କ୍ରୁ ସଦସ୍ୟ ଏବଂ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି। ଏହା ତାଙ୍କ ଦାୟିତ୍ୱବୋଧର ଏକ ଉଦାହରଣ। ସ୍ମିତ ମଚ୍ଛାର ମୂଳତଃ ଗୁଜରାଟର ବାସିନ୍ଦା। ତାଙ୍କ ସାହସକୁ ଦୃଷ୍ଟିରେ ରଖି ଗୁଜରାଟ ସରକାର ତାଙ୍କୁ 'ବିଶିଷ୍ଟ ଗୁଜରାଟ ଗରିମା ପୁରସ୍କାର' ଦେବାକୁ ଘୋଷଣା କରିଛନ୍ତି। ଏହା ସହିତ ସରକାର ତାଙ୍କୁ ୨୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଅକ୍ଟୋବର ୧ ତାରିଖରେ ଏନେଇ ସୂଚନା ଦେଇଛନ୍ତି।

ଏହା ବ୍ୟତୀତ ରାଜ୍ୟସଭା ସାଂସଦ ବିକ୍ରମଜିତ ସିଂହ ସାହନୀ (ସନ୍ ଫାଉଣ୍ଡେସନ୍) ମଧ୍ୟ ସ୍ମିତ ମଚ୍ଛାରଙ୍କ ପାଇଁ ୨୫ ଲକ୍ଷ ଟଙ୍କାର 'ସ୍ମିତ ମଚ୍ଛାର ଶୌର୍ଯ୍ୟ ପୁରସ୍କାର' ଘୋଷଣା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ମିତଙ୍କୁ ଜାତୀୟ ସ୍ତରର ବୀରତା ପୁରସ୍କାର ଦେବାକୁ ମଧ୍ୟ ଦାବି କରିଛନ୍ତି। ଏହା ସହିତ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ ଏବଂ ଅନ୍ୟ ଜନପ୍ରତିନିଧିମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସ୍ମିତଙ୍କୁ ଜାତୀୟ ବୀରତା ପୁରସ୍କାର କିମ୍ବା ଅଶୋକ ଚକ୍ର ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

### ଇମ୍ରାନ ଖାନ୍‌ଙ୍କ ମୁକ୍ତି ପାଇଁ ଆନ୍ଦୋଳନ

## ଇସଲାମାବାଦରେ ୧୪୪ ଲାଗୁ, ପାର୍ଟିର ୨୦୦୦ କର୍ମୀ ଗିରଫ

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ପାକିସ୍ତାନରେ ପୁଣିଥରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମୁକ୍ତି ଦାବି ନେଇ ବିକ୍ଷୋଭ ଆରମ୍ଭ ହୋଇଛି। ଇମ୍ରାନ ଖାନଙ୍କ ପାର୍ଟି ପାକିସ୍ତାନ ତେହରିକ୍-ଏ-ଇନସାଫ୍ ପକ୍ଷରୁ ଖୈବର ପଖତୁନଖ୍ୱାରୁ ଇସ୍ଲାମାବାଦ ଅଭିମୁଖେ ଏକ ଶୋଭାଯାତ୍ରା ବାହାରିଛି। ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ଏହି ଶୋଭାଯାତ୍ରା ଆରମ୍ଭ କରାଯାଇଛି। ତେଣୁ ଇସଲାମାବାଦରେ ୧୪୪ ଧାରା ଲାଗୁ କରାଯାଇଛି। ଇସଲାମାବାଦରେ ପ୍ରବେଶ ପାଇଁ କଟକଣା ଲାଗୁ ହୋଇଛି। ସରକାରୀ ଆଲୋଚନାକାରୀ ଓ ଇମ୍ରାନ ଖାନଙ୍କ ଦଳର ନେତାମାନଙ୍କ ମଧ୍ୟରେ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ଶନିବାର ସନ୍ଧ୍ୟା ୪ଟାରେ ଆରମ୍ଭ ହୋଇଥିଲା। ଏହି ଆଲୋଚନା ରାତିସାରା ଚାଲିଥିଲେ ମଧ୍ୟ ରବିବାର ଭୋର ସମୟରେ କୌଣସି ସହମତି ବିନା ଶେଷ ହୋଇଥିଲା। ତେଣୁ ପିଟିଆଇ ସମର୍ଥକମାନେ ଖୈବର ପଖତୁନଖ୍ୱାର ଲକ୍କି ମରୱତରୁ ଶୋଭାଯାତ୍ରା ଆରମ୍ଭ କରିଛନ୍ତି। ଅକ୍ଟୋବର ୪ରୁ ଆରମ୍ଭ ହୋଇଥିବା ଏହି ମାର୍ଚ୍ଚରେ ବହୁ ସଂଖ୍ୟକ ପିଟିଆଇ ସମର୍ଥକ ଗାଣ୍ଡି ଚୌକରେ ଏକାଠି ହୋଇଥିଲେ।




ଏହା ନେଇ ପ୍ରାୟ ୨ ହଜାର କର୍ମୀଙ୍କୁ ଗିରଫ କରାଯାଇଥିବା ପିଟିଆଇ ଅଭିଯୋଗ କରିଛି। ଇସ୍ଲାମାବାଦରେ ସଂସଦ ଓ ରାଜପଥର ସୁରକ୍ଷା ବଢ଼ାଯାଇ ଅନେକ ରାସ୍ତାକୁ କଣ୍ଟେନର ଲଗାଇ ବନ୍ଦ କରାଯାଇଛି। ପିଟିଆଇ ଗତ ମାସରେ ସେପ୍ଟେମ୍ବର ୨୭ରେ ଇସ୍ଲାମାବାଦ ଅଭିମୁଖେ ଶୋଭାଯାତ୍ରା କରିବାକୁ ଘୋଷଣା କରିଥିଲା। କିନ୍ତୁ ବିରୋଧ ପ୍ରଦର୍ଶନ ରୋକିବା ପାଇଁ ଶେହବାଜ ସରକାରଙ୍କ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ପରେ ଏହାକୁ ଅକ୍ଟୋବର ୪ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ପିଟିଆଇ ନେତାମାନଙ୍କ ମୁଖ୍ୟ ଦାବି ହେଉଛି, ଜେଲରେ ଥିବା ଇମ୍ରାନ ଖାନଙ୍କ ସହ ତାଙ୍କୁ ଭେଟିବାକୁ ଅନୁମତି ଦିଆଯାଉ। ଏହା ସହ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଘରୋଇ ଡାକ୍ତରଙ୍କୁ ଅନୁମତି ଦିଆଯାଉ। ୨୦୨୩ରୁ ଜେଲରେ ବନ୍ଦ ରହିଛନ୍ତି ୭୩ ବର୍ଷୀୟ ପୂର୍ବତନ କ୍ରିକେଟର ତଥା ରାଜନେତା ଇମ୍ରାନ ଖାନ। ତାଙ୍କ ବିରୋଧରେ ଭ୍ରଷ୍ଟାଚାର ଏବଂ ହିଂସା ଉସୁକାଇବା ଭଳି ୧୦୦ରୁ ଅଧିକ ମାମଲା ରୁଜୁ ହୋଇଛି। ଇମ୍ରାନ ଏବେ ରାୱଲପିଣ୍ଡିର ଆଦିୟାଲା ଜେଲରେ ବନ୍ଦ ରହିଛନ୍ତି।

## ସମାଜବାଦୀ ପାର୍ଟି ମୁସଲମାନଙ୍କୁ ଭଲ ପାଏ ନାହିଁ: ଓୱେସି

ଲକ୍ଷ୍ନୌ,୫।୧୦(ଏଜେନ୍ସି): ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ୨୦୨୭କୁ ନେଇ ରାଜନୈତିକ ଦଳଗୁଡ଼ିକର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ମଧ୍ୟରେ ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ ମଧ୍ୟ ନିଜ ରଣନୀତି ଉପରେ କାମ କରୁଛି। ଦଳ ବିରୋଧୀ ଦଳଗୁଡ଼ିକ ସହ ସମ୍ଭାବ୍ୟ ମେଣ୍ଟ ପାଇଁ ପ୍ରସ୍ତୁତି ଚଳାଇଛି। ଏହି କ୍ରମରେ ଦଳର ମୁଖ୍ୟ ଅସଦୁଦ୍ଦିନ ଓୱେସି ଲକ୍ଷ୍ନୌ ଗସ୍ତରେ ପହଞ୍ଚିଛନ୍ତି। ଏହି ସମୟରେ ଏକ ସଭାକୁ ସମ୍ବୋଧିତ କରି ସେ ସମାଜବାଦୀ ପାର୍ଟି (ସପା) ମୁଖ୍ୟ ଅଖିଳେଶ ଯାଦବ ଏବଂ ତାଙ୍କ ରାଜନୀତିକୁ ନେଇ ତୀବ୍ର ଆକ୍ରମଣ କରିଛନ୍ତି। ସପା ମୁସଲମାନମାନଙ୍କୁ କେବଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବା ଓୱେସି ଅଭିଯୋଗ କରିଛନ୍ତି।



ଓୱେସି ସ୍ପଷ୍ଟ ଭାବେ କହିଛନ୍ତି ଯେ ତାଙ୍କ ଦଳ ଏବେ ଅନ୍ୟ କୌଣସି ଦଳ ପାଇଁ ଲାଲ୍ କାର୍ପେଟ୍ କିମ୍ବା ଦରି ବିଛାଇବା କାମ କରିବ ନାହିଁ। ମୁସଲମାନମାନଙ୍କୁ କେବଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ସେ ଜୋର ଦେଇଛନ୍ତି। ଶ୍ରାବସ୍ତୀରେ ଏକ ଜନସଭାକୁ ସମ୍ବୋଧିତ କରି ଓୱେସି କହିଛନ୍ତି, ଗତ ୭୦-୭୫ ବର୍ଷ ଧରି ମୁସଲିମ୍ ସଂଖ୍ୟାଲଘୁ ସମ୍ପ୍ରଦାୟକୁ କେବଳ ଭୋଟର ଭାବେ ରଖିବା ପାଇଁ ଏକ ସୁଚିନ୍ତିତ ଉଦ୍ୟମ ହୋଇଆସୁଛି। କିନ୍ତୁ ଏବେ ଆମକୁ ନିଜର ସ୍ୱର ନିଜେ ଉଠାଇବାକୁ ପଡ଼ିବ।

ମଦ୍ରାସା ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ଓୱେସି କହିଛନ୍ତି, ଆପଣମାନଙ୍କ ଆଖି ସାମ୍ନାରେ ୨୦୦ରୁ ଅଧିକ ମଦ୍ରାସାକୁ ସିଲ୍ କରିଦିଆଯାଇଛି। ସମାଜବାଦୀ ପାର୍ଟି, ବିଜେପି କିମ୍ବା କୌଣସି ତଥାକଥିତ ଧର୍ମନିରପେକ୍ଷ ଦଳ ଆମର ସାହାଯ୍ୟ ପାଇଁ ହାତ ବଢ଼ାଇନାହାନ୍ତି। ୧୮ରୁ ଅଧିକ ମଦ୍ରାସା ଭାଙ୍ଗି ଦିଆଯାଇଛି। ସପାର ଲୋକମାନେ କେଉଁଠି ଥିଲେ? ମୁଁ ସେମାନଙ୍କୁ କହିବାକୁ ଚାହୁଁଛି-ଆପଣମାନେ ମୁସଲମାନମାନଙ୍କୁ ଭଲ ପାଆନ୍ତି ନାହିଁ, ଆପଣମାନେ କେବଳ ସେମାନଙ୍କ ଭୋଟକୁ ଭଲ ପାଆନ୍ତି। ଆପଣମାନେ ମୁସଲମାନମାନଙ୍କୁ ନ୍ୟାୟ ଦେବାକୁ ଚାହୁଁନାହାନ୍ତି ବରଂ ସେମାନଙ୍କୁ ଦୁର୍ବଳ କରିବାକୁ ଚାହୁଁଛନ୍ତି। ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ ଏବଂ ସପା ମଧ୍ୟରେ ଏହା ହିଁ ପାର୍ଥକ୍ୟ।

ଓୱେସିଙ୍କ ଏହି ଅଭିଯୋଗ ସହ କ୍ୟାବିନେଟ୍ ମନ୍ତ୍ରୀ ଓମ୍ ପ୍ରକାଶ ରାଜଭର ମଧ୍ୟ ସହମତି ପ୍ରକାଶ କରିଛନ୍ତି। ରାଜଭର କହିଛନ୍ତି, ସେ ଠିକ୍ କହିଛନ୍ତି। କଂଗ୍ରେସ ମଧ୍ୟ ଦରି ବିଛାଇଥିଲା। ଯେତେବେଳେ ମୁଖ୍ୟମନ୍ତ୍ରୀ କରିବା କଥା ଆସିଲା, ସେତେବେଳେ ମୁସଲମାନମାନଙ୍କୁ ଅଣଦେଖା କରାଗଲା। ମୁସଲମାନମାନଙ୍କ ସମର୍ଥନରେ ସମାଜବାଦୀ ପାର୍ଟି ମଧ୍ୟ ଚାରିଥର ସରକାର ଗଠନ କରିଛି, କିନ୍ତୁ ସେମାନେ ମଧ୍ୟ ଦରି ବିଛାଇବା କାମ କରିଛନ୍ତି। ଥରେ ହେଲେ ମଧ୍ୟ ମୁସଲମାନଙ୍କୁ ମୁଖ୍ୟମନ୍ତ୍ରୀ କରିବା କଥା କହିନାହାନ୍ତି। ସରକାର ଗଠନ ହେବା ପରେ ଅଖିଳେଶଜୀ ନିଜ ସମ୍ପ୍ରଦାୟର ଲୋକଙ୍କୁ ଆଗକୁ ବଢ଼ାଇଲେ ଏବଂ ମୁସଲମାନମାନଙ୍କୁ ଛାଡ଼ିଦେଲେ। କଂଗ୍ରେସ ସରକାର ଗଠନ କରିଥିବା ବେଳେ ସେମାନେ ମଧ୍ୟ ନିଜ ସ୍ୱାର୍ଥରେ ବ୍ୟସ୍ତ ରହିଲେ। ତେଣୁ ଓୱେସିଜୀ ଯାହା କହୁଛନ୍ତି, ତାହା ଠିକ୍।

## ଚୀନର ମହିଳା ଗୁପ୍ତଚରଙ୍କୁ ଗିରଫ କଲା ଏଫ୍‌ବିଆଇ

ୱାସିଂଟନ,୫।୧୦(ଏଜେନ୍ସି): ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ, ଏଫବିଆଇ ଜଣେ ଚୀନ୍ ଗୁପ୍ତଚର ମହିଳାଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଆମେରିକାରେ ଚୀନ୍ ପାଇଁ ଗୁପ୍ତଚରୀ କାର୍ଯ୍ୟ କରିବାର ଅଭିଯୋଗ ଆସିଛି। କାଲିଫର୍ନିଆର ଇରଭାଇନର ୩୪ ବର୍ଷୀୟା ୱାନିଙ୍ଗ୍ ଜେଡ୍‌ଙ୍କୁ ଲସ୍ ଆଞ୍ଜେଲସ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅଟକ ରଖାଯାଇଥିଲା। ସେ ଚୀନ୍ ଯିବାକୁ ଏକ ବିମାନରେ ଚଢ଼ିବାକୁ ଯାଉଥିଲେ। ତାଙ୍କ ବିରୋଧରେ ଆମେରିକାରେ ଚୀନ୍ ପାଇଁ ଜଣେ ପଞ୍ଜିକୃତ ବିଦେଶୀ ଏଜେଣ୍ଟ ଭାବରେ କାର୍ଯ୍ୟ କରିବାର ଅଭିଯୋଗ ହୋଇଛି। ଆମେରିକାର ଆଇନଜୀବୀ ବିଲ୍ ଏସ୍ସଲିଙ୍କ ଅନୁଯାୟୀ, ମହିଳା ଜଣକ ୨୦୨୫ ମସିହାରେ ସିଆଟେଲ ଯାତ୍ରା କରିଥିଲେ। ଚୀନ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ତାଙ୍କ ଉପରେ ତାଇୱାନର ଜଣେ ସରକାରୀ ଅଧିକାରୀଙ୍କ ନିକଟ ସମ୍ପର୍କୀୟଙ୍କ ଉପରେ ନଜର ରଖିବାର ଅଭିଯୋଗ ରହିଛି। ତଦନ୍ତକାରୀମାନେ କହିଛନ୍ତି ଯେ, ସେ ଚୀନ୍ କର୍ତ୍ତୃପକ୍ଷଙ୍କୁ ଫଟୋଗ୍ରାଫ୍, ଭିଡିଓ ଏବଂ ଯାନବାହାନ ଲାଇସେନ୍ସ ପ୍ଲେଟ୍‌ର ସୂଚନା ପଠାଇଥିଲେ। ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ସେ ଜଣେ ସହଯୋଗୀଙ୍କ ସହିତ ଯାତ୍ରା ଯୋଜନା କରିଥିଲେ ଏବଂ ତାଙ୍କର କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ବିଶେଷ ପଦ୍ଧତିର ବ୍ୟବହାର କରିଥିଲା ଅଭିଯୋଗ ହୋଇଛି।




## ରିପୋର୍ଟର ଆବଶ୍ୟକ

'ପ୍ରତିଦିନ' ଖବରକାଗଜ ଏବଂ 'ପ୍ରତିଦିନ ଟିଭି' ନିମନ୍ତେ କଟକ ଜିଲ୍ଲାର ବାରଙ୍ଗ, ନିଆଳି, କଣ୍ଠାପଡ଼ା, ତିଗିରିଆ ଆଦି ସ୍ଥାନ ପାଇଁ ରିପୋର୍ଟର ଆବଶ୍ୟକ। ରିପୋର୍ଟିଂରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଅଭିଜ୍ଞତା ନଥିବା କିନ୍ତୁ ଖବର ପଢ଼ିବା ଏବଂ ଲେଖିବାରେ ରୁଚି ରଖୁଥିବା ପ୍ରାର୍ଥୀ ମଧ୍ୟ ଆବେଦନ କରିପାରିବେ। ଇଚ୍ଛୁକ ପ୍ରାର୍ଥୀ ଅକ୍ଟୋବର ୨୬ ତାରିଖ ସୁଦ୍ଧା ପ୍ରତିଦିନ କାର୍ଯ୍ୟାଳୟ ନମ୍ବରରେ ବାୟୋଡାଟା ଏବଂ ଆଧାର କାର୍ଡ଼ ପଠାଇପାରିବେ।

କାର୍ଯ୍ୟାଳୟ ହ୍ୱାଟ୍ସଆପ୍ ନମ୍ବର
୮୦୯୩୫୪୫୩୦୦/୭୭୮୯୯୩୦୫୩୨


## ଗ୍ୟାସ୍ ସିଲିଣ୍ଡରରେ ମଦ ଚୋରାଚାଲାଣ, ୧୨୭ ବୋତଲ ଜବତ

ପାଟନା,୫।୧୦(ଏଜେନ୍ସି): ବିହାରର ଗୋପାଳଗଞ୍ଜରୁ ମଦ ଚୋରାଚାଲାଣର ଏକ ଅଭିନବ ଉପାୟ ସାମ୍ନାକୁ ଆସିଛି। ତସ୍କରମାନେ ଏଥର ସାଧାରଣ ଗ୍ୟାସ୍ ସିଲିଣ୍ଡରକୁ ମଦ ଚୋରାଚାଲାଣର ମାଧ୍ୟମ କରିଥିବା ଜଣାପଡ଼ିଛି। ବାହାରୁ ସିଲିଣ୍ଡରଟି ସାଧାରଣ ଦେଖାଯାଉଥିଲେ ମଧ୍ୟ ଏହା ଭିତରେ ମଦ ଲୁଚାଇ ରଖିବା ପାଇଁ ଗୁପ୍ତ ସ୍ଥାନ ତିଆରି କରାଯାଇଥିଲା। ସୂଚନା ଅନୁସାରେ, ଜଣେ ବ୍ୟକ୍ତି ବାଇକ୍‌ରେ ଗ୍ୟାସ୍ ସିଲିଣ୍ଡର ନେଇ ଯାଉଥିବା ବେଳେ ତାଙ୍କ ଉପରେ ପୁଲିସର ସନ୍ଦେହ ହୋଇଥିଲା। ଯାଞ୍ଚ ସମୟରେ ସିଲିଣ୍ଡରରେ କିଛି ଅସ୍ୱାଭାବିକତା ଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ସିଲିଣ୍ଡରକୁ ଭଲ ଭାବେ ଯାଞ୍ଚ କରାଯାଇଥିଲା।




ଯାଞ୍ଚରୁ ଜଣାପଡ଼ିଥିଲା ଯେ, ସିଲିଣ୍ଡରକୁ ଏଭଳି ଭାବେ କାଟି ପ୍ରସ୍ତୁତ କରାଯାଇଥିଲା, ଯାହା ଭିତରେ ମଦ ଲୁଚାଇ ନିଆଯାଇପାରିବ। ବାହାରୁ ଏହାର ପରିବର୍ତ୍ତନ ସହଜରେ ଜଣାପଡୁନଥିଲା। ତେବେ ସିଲିଣ୍ଡର ଖୋଲିବା ପରେ ଭିତରେ ଲୁଚାଇ ରଖାଯାଇଥିବା ମଦ ଦେଖି ପୁଲିସ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲା। ପୁଲିସ ଏହି ସିଲିଣ୍ଡରରୁ ୨୦୦ ଏମ୍ଏଲ୍‌ର ୧୨୭ ପିସ୍ ଦେଶୀ ମଦ ଜବତ କରିଛି। ଘଟଣାରେ ଜଣେ କଥିତ ମଦ ତସ୍କରଙ୍କୁ ଗିରଫ କରାଯାଇଥିବା ସହ ବାଇକ୍‌ଟିକୁ ମଧ୍ୟ ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କୁ ପଚରାଉଚରା କରି ମଦ କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ପଠାଯାଉଥିଲା, ସେନେଇ ତଦନ୍ତ ଚାଲିଛି।


## ପ୍ରକାଶ ଅପେକ୍ଷାରେ

## ଭବ୍ୟ ପ୍ରୀତା

ପୂଜା ସଂଖ୍ୟା- ୨୦୨୬




ମୂଲ୍ୟ: ୫୦ ଟଙ୍କା ମାତ୍ର

ଯୋଗାଯୋଗ
'ପ୍ରତିଦିନ' କାର୍ଯ୍ୟାଳୟ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ମୋବାଇଲ ନଂ- ୮୦୯୩୫୪୫୩୦୦/୭୭୮୯୯୩୦୫୩୨
Email: bhabyaprita@gmail.com


# ରାତି ୧୦ଟାରେ ବି ମହିଳା ନିଜକୁ ସୁରକ୍ଷିତ ମଣନ୍ତୁ

### ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରାଯାଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ମହିଳାଙ୍କ ସୁରକ୍ଷା ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଜାରି କରିଛନ୍ତି। ଶୀର୍ଷ କୋର୍ଟ କହିଛନ୍ତି , ଦିଲ୍ଲୀର ପ୍ରତ୍ୟେକ ମହିଳା ସାର୍ବଜନୀନ ସ୍ଥାନ ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବା ସମୟରେ ନିଜକୁ ସୁରକ୍ଷିତ ଅନୁଭବ କରିବା ଆବଶ୍ୟକ। ଜାତୀୟ ରାଜଧାନୀରେ ସୁରକ୍ଷା ଚିନ୍ତାର ସମାଧାନ ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ-ଏନସିଆରରେ ସାମ୍ପ୍ରତିକ ଦୁଷ୍କର୍ମ ଏବଂ ଯୌନ ନିର୍ଯାତନା ଘଟଣା ସମ୍ପର୍କରେ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରି ବିଚାରପତି ଜେବି ପାରଦିୱାଲାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି, ଆମକୁ ନିଶ୍ଚିତ କରିବାକୁ ପଡିବ ଯେ, ଏନସିଟି ଦିଲ୍ଲୀର ପ୍ରତ୍ୟେକ ମହିଳା ରାତି ୧୦ଟାରେ ମେଟ୍ରୋ କିମ୍ବା ରାସ୍ତାରେ ଯାତ୍ରା କରିବା ସମୟରେ ଯେପରି ନିଜକୁ ସୁରକ୍ଷିତ ଅନୁଭବ କରିବେ।



ଶୁଣାଣି ସମୟରେ ଖଣ୍ଡପୀଠ କହିଛନ୍ତି, ଯେପର୍ଯ୍ୟନ୍ତ ଆପଣ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବେ ନାହିଁ ଯେ, ଏପରି କିଛି କଲେ ସେମାନଙ୍କୁ ହତ୍ୟା କରାଯିବ, ଆପଣ ଏପରି ଅପରାଧକୁ ବନ୍ଦ କରିପାରିବେ ନାହିଁ। ଯେଉଁମାନଙ୍କର ଏପରି ଅପରାଧ କରିବାର ପ୍ରବୃତ୍ତି ଅଛି, ସେମାନଙ୍କ ମନରେ ଆପଣଙ୍କୁ ଭୟ ସୃଷ୍ଟି କରିବାକୁ ପଡିବ। ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସକୁ ଅପରାଧ ରୋକିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ କହିଛନ୍ତି। ଜାତୀୟ ରାଜଧାନୀ ଅଞ୍ଚଳରେ ମହିଳା ଏବଂ ନାବାଳିକାଙ୍କ ସହିତ ଜଡିତ ଅନେକ ମାମଲା ମଧ୍ୟରେ କୋର୍ଟ ହସ୍ତକ୍ଷେପ କରିଛନ୍ତି। ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୮ ତାରିଖରେ କାଲକାଜି ନିକଟସ୍ଥ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ଝିଅଙ୍କ ସହ ଗଣଦୁଷ୍କର୍ମ, ସ୍ୱରୂପ ନଗରରେ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଏବଂ ଗ୍ରେଟର ନୋଏଡାରୁ ଦିଲ୍ଲୀ ଯାଉଥିବା ଏକ ବସ୍ ଭିତରେ ୧୬ ବର୍ଷୀୟା ଝିଅଙ୍କ ସହ ଯୌନ ନିର୍ଯାତନା ଭଳି ଘଟଣାଗୁଡ଼ିକର ସ୍ୱତଃପ୍ରବୃତ୍ତ ତଦନ୍ତ କରିଥିଲେ।

ଖଣ୍ଡପୀଠ କହିଛନ୍ତି ଯେ, ପାର୍କ, ରାସ୍ତା ଏବଂ ବସ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକୁ ଅଧିକ ବିପଦ ଆଶଙ୍କା ଅଞ୍ଚଳ ହେବାକୁ ଦିଆଯାଇପାରିବ ନାହିଁ। ୨୦୧୨ ନିର୍ଭୟା ମାମଲାରୁ ଆମେ ଶିକ୍ଷା ଗ୍ରହଣ କରିବେ କି ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ସମ୍ବିଧାନର ଧାରା ୨୧ ସମ୍ମାନର ସହିତ ଏବଂ ହିଂସା ବିନା ବଞ୍ଚିବାର ମୌଳିକ ଅଧିକାର ସହିତ ସାଧାରଣ ସୁରକ୍ଷା ପ୍ରସଙ୍ଗକୁ ମଧ୍ୟ ଯୋଡ଼ିଛି। ସେପ୍ଟେମ୍ବର ୨୧ ତାରିଖରେ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ହୋଇଥିବା ଗଣଦୁଷ୍କର୍ମ ଘଟଣା ବ୍ୟାପକ ବିରୋଧ ପ୍ରଦର୍ଶନ କରାଯାଇଥିଲା ଏବଂ ଦିଲ୍ଲୀର ପାର୍କଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପୁନଃ ଯାଞ୍ଚ ହୋଇଥିଲା। ପରବର୍ତ୍ତୀ ଡିଡିଏ ସୁରକ୍ଷା ଅଡିଟରେ ଜଣାପଡିଥିଲା ଯେ ୭୩୬ ଡିଡିଏ ପରିଚାଳିତ ପାର୍କ ମଧ୍ୟରୁ କେବଳ ୧୬ଟିରେ ସିସିଟିଭି କ୍ୟାମେରା ଥିଲା। ପ୍ରାୟ ୧୯୦ ପାର୍କକୁ ଉଚ୍ଚ ବିପଦପୂର୍ଣ୍ଣ ଭାବରେ ବର୍ଗୀକୃତ କରାଯାଇଥିଲା। ଯେତେବେଳେ ୫୨୦ ପାର୍କର ଅତିରିକ୍ତ ଆଲୋକୀକରଣ ଆବଶ୍ୟକ ଏବଂ ୩୨୩ ପାର୍କ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଆବଶ୍ୟକ ବୋଲି ଚିହ୍ନଟ କରାଯାଇଥିଲା।

ଅଡିଟରେ ସୀମା ସୁରକ୍ଷା, ଫାଟକ, ଶୌଚାଳୟ ଏବଂ ଅନେକ ପାର୍କରେ ପରିତ୍ୟକ୍ତ ନିର୍ମାଣ ସହିତ ସମସ୍ୟା ମଧ୍ୟ ଚିହ୍ନଟ କରାଯାଇଥିଲା। ଆସ୍ଥା କୁଞ୍ଜରେ ୩୦ରୁ ଅଧିକ ସ୍ଥାନକୁ ସିସିଟିଭି କ୍ୟାମେରା ସ୍ଥାପନ ପାଇଁ ଚିହ୍ନଟ କରାଯାଇଛି। ଅଧିକାରୀମାନେ ଉଲ୍ଲେଖ କରିଛନ୍ତି ଯେ ପାର୍କରେ ଏକାନ୍ତ ସ୍ଥାନ ଏବଂ ଜଙ୍ଗଲିଆ ଅଞ୍ଚଳ ଅଛି ଯାହା ଉପରେ ନଜର ରଖିବା କଷ୍ଟକର ହୋଇଥାଏ। ସୁପ୍ରିମକୋର୍ଟ କହିଛନ୍ତି, ଦିଲ୍ଲୀ ସରକାର ଏବଂ ପୁଲିସ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବ୍ୟବସ୍ଥାଗତ ଭାବେ ବିଫଳ ରହିଛନ୍ତି।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida